# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 18/2026 Page 16 ₹ 7.00

୫୨ଶ ଭାଗ ୧୪୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 143 ମୂଲ୍ୟ ₹୭/-







ବ୍ୟବସ୍ଥାପିକାରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ୨୦୨୯ରୁ ଲାଗୁ କରିବା ପାଇଁ ସରକାର ଆଣିଥିବା ସମ୍ବିଧାନ ସଂଶୋଧନ ବିଲ୍ ଶୁକ୍ରବାର ଲୋକ ସଭାରେ ନାକଚ ହେବା ପରେ ଏନ୍‌ଡିଏର ମହିଳା ଏମ୍‌ପିମାନେ ବର୍ଷା ସତ୍ତ୍ୱେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

# ଦୁର୍ଘଟଣାରେ କାର୍ ଜଳିଗଲା: ପରିବାରର ୯ ମୃତ

**ୟାଦ୍‌ଗିର (କର୍ନାଟକ),୧୭।୪(ପି.ଟି.)**

କର୍ନାଟକର ସୁରପୁର ତାଲୁକ୍‌ରେ ଶୁକ୍ରବାର ଏକ କାର୍ ଘରୋଇ ବସ୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଜଳିଯିବାରୁ ସେଥିରେ ଥିବା ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ଶନ୍ତପୁରା କ୍ରସ୍ ନିକଟରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମୃତକମାନେ ହେଲେ କ୍ରିଷ୍ଣା ନାୟକ (୫୨), ସ୍ତ୍ରୀ ଅନନ୍ତକଳା(୪୫), ଶରନପ୍ପା(୩୬) ଏବଂ ସ୍ତ୍ରୀ ନିସର୍ଗ(୩୦), ସେମାନଙ୍କ ପିଲା ସିଦ୍ଧାର୍ଥ (୩), ଆଦଭିକ(୫) ଏବଂ ଶ୍ରୀନିଧି (ଦେଢ଼ବର୍ଷ), ଶଶୀକଳା (୩୦) ଓ ତାଙ୍କ ପୁଅ ଚନ୍ଦନ(୮)। ଶଶୀକଳାଙ୍କ ଅନ୍ୟ ଏକ ପୁଅ ବିରାଟ(୧୦) ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାକୁ ଆଧାର କରି ଏସ୍‌ପି ପୃଥ୍ୱିକ୍ ଶଙ୍କର କହିଛନ୍ତି, କାର୍‌ର ଚକ ଫାଟିଯିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇ ବିପରୀତ ଦିଗରୁ ଆସୁଥିବା ବସ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ କାର୍ ଜଳିଯିବାରୁ ସେଥିରେ ଥିବା ୯ ଜଣଙ୍କର ମୃତ୍ୟୁ ଘଟିଥିଲା। କାର୍‌ରେ ମୋଟ ୧୦ ଜଣ ଯାତ୍ରା କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଛୋଟ ପିଲା। ସମସ୍ତ ଯାତ୍ରୀଙ୍କୁ ୟାଦ୍‌ଗିର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ୯ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏକମାତ୍ର ଜୀବିତ ଥିବା ବିରାଟଙ୍କୁ ସେଠାରେ ଚିକିତ୍ସା କରାଯାଉଛି। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ, ଉଭୟ କାର୍ ଓ ବସ୍ ସମ୍ପୂର୍ଣ୍ଣ ଜଳିଯାଇଥିଲେ। ତେବେ ବସ୍‌ରେ ଥିବା ୨୦ ଜଣ ଯାତ୍ରୀଙ୍କୁ ଠିକ୍ ସମୟରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

# ଖେରାଙ୍କ ଆଗୁଆ ଜାମିନ ଅବଧି ବଢ଼ାଇବା ଆବେଦନ ଖାରଜ

**ନୂଆଦିଲ୍ଲୀ,୧୭।୪(ପି.ଟି.)**

## ପାସ୍‌ପୋର୍ଟ ବିବାଦ

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ଏକାଧିକ ପାସ୍‌ପୋର୍ଟ ରଖିଥିବା ନେଇ କଂଗ୍ରେସ ନେତା ପଓ୍ୱନ ଖେରା ଅଭିଯୋଗ କରିଥିଲେ। ଏହା ବିରୋଧରେ ଦାଏର ମାମଲାରେ ଏପ୍ରିଲ ୨୦ ପର୍ଯ୍ୟନ୍ତ ଗିରଫଦାରିରୁ ବର୍ତ୍ତିବା ପାଇଁ ଖେରା ଆଗୁଆ ଜାମିନ ଅବଧି ବଢ଼ାଇବା ନିମନ୍ତେ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଉକ୍ତ ମାମଲାରେ ଆଗୁଆ ଜାମିନ ପାଇବା ପାଇଁ ଆସାମର କୌଣସି ଅଦାଲତକୁ ଯିବା ଲାଗି ସୁପ୍ରିମକୋର୍ଟ ଖେରାଙ୍କୁ କହିଛନ୍ତି। ଏହି ଅଦାଲତ ତଥା ତେଲଙ୍ଗାନା ହାଇକୋର୍ଟ ଯଦି କୌଣସି ପ୍ରତିକୂଳ ମନ୍ତବ୍ୟ ଦେଇଥାନ୍ତି, ତେବେ ତାହାକୁ ଦୃଷ୍ଟିରେ ନ ରଖି ସେଠାର ଅଦାଲତ ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଆସାମ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ରିକିକି ଭୂୟାଁ ଶର୍ମାଙ୍କର ଏକାଧିକ ପାସ୍‌ପୋର୍ଟ ଏବଂ ବିଦେଶରେ ସମ୍ପତ୍ତି ଥିବା ନେଇ ଗତ ୫ ତାରିଖରେ ଖେରା ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ହିମନ୍ତ ବିଶ୍ୱଶର୍ମା ଗତ ୯ ତାରିଖରେ ବିଧାନସଭା ନିର୍ବାଚନ ପାଇଁ ସତ୍ୟପାଠ ଦାଖଲ ବେଳେ ତାହା ଘୋଷଣା କରି ନ ଥିଲେ ବୋଲି ଖେରା କହିଥିଲେ। ଉକ୍ତ ଅଭିଯୋଗକୁ ହିମନ୍ତ ଓ ତାଙ୍କ ସ୍ତ୍ରୀ ମିଥ୍ୟା ଓ ମନଗଢ଼ା କହି ଖଣ୍ଡନ କରିଥିଲେ। ତେଲଙ୍ଗାନା ହାଇକୋର୍ଟ ଖେରାଙ୍କୁ ଗୋଟିଏ ସପ୍ତାହ ଆଗୁଆ ଜାମିନ ପ୍ରଦାନ କରିଥିବାବେଳେ ଗତ ୧୫ରେ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ଆସାମ ସରକାରଙ୍କ ଆବେଦନକୁ ବିଚାରକୁ ନେଇ ଏହା ଉପରେ ସ୍ଥଗିତାଦେଶ ଲଗାଇଥିଲେ।

# ହରିବଂଶ ୩ୟ ଥର ରାଜ୍ୟ ସଭା ଉପାଧ୍ୟକ୍ଷ



ହରିବଂଶ ନାରାୟଣ ସିଂ

**ନୂଆଦିଲ୍ଲୀ,୧୭।୪(ପି.ଟି.)**

ହରିବଂଶ ନାରାୟଣ ସିଂ ଶୁକ୍ରବାର ତୃତୀୟ ଥର ପାଇଁ ରାଜ୍ୟ ସଭା ଉପାଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗତ ୯ ତାରିଖରେ ହରିବଂଶଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ରାଜ୍ୟ ସଭାର ଉପାଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ହରିବଂଶଙ୍କୁ ଉପାଧ୍ୟକ୍ଷ ନିର୍ବାଚିତ କରାଇବା ଲାଗି କେନ୍ଦ୍ରମନ୍ତ୍ରୀ ତଥା ଗୃହର ନେତା ଜେ.ପି. ନଡ୍ଡା ପ୍ରସ୍ତାବ ଆଣିଥିଲେ। ହରିବଂଶ ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଥମ ଥର ପାଇଁ ଜଣେ ମନୋନୀତ ସଦସ୍ୟ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ନବନିର୍ବାଚିତ ଉପାଧ୍ୟକ୍ଷ ହରିବଂଶଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲାବେଳେ ଦଳମତ ନିର୍ବିଶେଷରେ ସବୁ ସଦସ୍ୟ ତାଙ୍କର ତୃତୀୟ ଥର ନିର୍ବାଚନକୁ ନେଇ ଅଭିନନ୍ଦନ ଜଣାଇଛନ୍ତି।

# ରାହୁଲଙ୍କ ବିରୋଧରେ ମାମଲା ନିର୍ଦ୍ଦେଶ

**ଲକ୍ଷ୍ନୌ,୧୭।୪**

## ହାଇକୋର୍ଟରେ ଦ୍ୱୈତ ନାଗରିକତ୍ୱ ବିବାଦ

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କର ୨ଟି ନାଗରିକତ୍ୱ ରହିଥିବା ଅଭିଯୋଗ ଉପରେ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ୍ ଶୁକ୍ରବାର ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ନିଜେ ଏହାର ତଦନ୍ତ କରିବେ କିମ୍ବା ଏହାକୁ କୌଣସି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପାଖକୁ ପଠାଇବେ। କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦାଏର ପାଇଁ ଭାଜପା କର୍ମୀ ଏସ୍. ବିଗ୍ନେଶ ଶିଶିର କରିଥିବା ଆବେଦନକୁ



ରାହୁଲ ଗାନ୍ଧୀ

ଗତ ଜାନୁଆରୀ ୨୮ରେ ଲକ୍ଷ୍ନୌର ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ଖାରଜ କରିଦେବା ପରେ ସେ ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଥିଲେ। ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଏବଂ ସରକାରୀ ଗୋପନୀୟତା ଆଇନ, ବିଦେଶୀ ଆଇନ ଏବଂ ପାସ୍‌ପୋର୍ଟ ଆକ୍ଟର ବ୍ୟବସ୍ଥା ଅନୁଯାୟୀ ରାହୁଲଙ୍କ ବିରୋଧରେ ଏତଲା ଦାଏର କରାଯିବା ସହ ସବିଶେଷ ତଦନ୍ତ ପାଇଁ କର୍ନାଟକର ଆବେଦନକାରୀ ଅଦାଲତଙ୍କୁ ନିବେଦନ କରିଥିଲେ। ପିଟିଶନରଙ୍କ ଅଭିଯୋଗ ଅନୁଯାୟୀ, ବ୍ରିଟେନ୍ କମ୍ପାନୀ 'ବ୍ୟାକପ୍ସ ଲିମିଟେଡ୍' ସହ ସମ୍ପର୍କିତ ଦସ୍ତାବିଜରେ ରାହୁଲ ନିଜକୁ ବ୍ରିଟେନ୍ ନାଗରିକ ବୋଲି ଘୋଷଣା କରିଥିଲେ। ହାଇକୋର୍ଟ ଆବେଦନକୁ ବିଚାରକୁ ନେଇ ରାଏବରେଲିର କୋଟ୍‌ଓ୍ୱାଲି ଥାନାକୁ ଏତଲା ଦାଏର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ୟୁରାନିୟମ୍ ହସ୍ତାନ୍ତର ପାଇଁ ଇରାନ ରାଜି: ଟ୍ରମ୍ପ୍

**ଓ୍ୱାଶିଂଟନ,୧୭।୪**

ଇରାନ ନିଜ ପାଖରେ ଗଚ୍ଛିତ ରଖିଥିବା ସମୃଦ୍ଧ ୟୁରାନିୟମ୍ ହସ୍ତାନ୍ତର କରିବାକୁ ସହମତ ହୋଇଥିବା ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଉଭୟ ପକ୍ଷ ଡିଲ୍‌ର ଖୁବ୍ ନିକଟତର ହୋଇଛନ୍ତି, ଯାହା ୬ ସପ୍ତାହ ଧରି ଚାଲିଥିବା ଯୁଦ୍ଧର ଅବସାନ ଘଟାଇପାରେ ବୋଲି ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ୨ ଦେଶ ମଧ୍ୟରେ ଜାରି ରହିଥିବା ବୁଝାମଣାରେ ଅଗ୍ରଗତି ଏକ ବଡ଼ ସଫଳତା। ସେମାନେ ଆମକୁ ଆଣବିକ ଉପାଦାନ ପ୍ରଦାନ ପାଇଁ ରାଜି ହୋଇଛନ୍ତି। ଉକ୍ତ ସମୃଦ୍ଧ ୟୁରାନିୟମ ଅଣୁଅସ୍ତ୍ର ନିର୍ମାଣରେ ବ୍ୟବହୃତ ହୋଇପାରିଥାନ୍ତା ବୋଲି ଓ୍ୱାଶିଂଟନ ବିଶ୍ୱାସ କରୁଛି।



ଡୋନାଲ୍ଡ ଟ୍ରମ୍ପ୍

ଚଳିତ ସପ୍ତାହାନ୍ତରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଅନୁଷ୍ଠିତ ହେବାକୁ ଯାଉଛି। ଟ୍ରମ୍ପ୍ କହିଛନ୍ତି, ଏବେ ଆମର ଇରାନ ସହ ଖୁବ୍ ଭଲ ସମ୍ପର୍କ ହୋଇଛି। ୪ ସପ୍ତାହର ବୋମାମାଡ଼ ଏବଂ ଶକ୍ତିଶାଳୀ ଅବରୋଧ ଯୋଗୁ ଏହା ହୋଇଥିବା ସେ ବିଶ୍ୱାସ କରନ୍ତି ବୋଲି କହିଛନ୍ତି। ଇରାନ ସମସ୍ତ ଆଣବିକ କାର୍ଯ୍ୟକ୍ରମକୁ ୨୦ ବର୍ଷ ବନ୍ଦ ରଖିବା ପାଇଁ ଆମେରିକା ପ୍ରସ୍ତାବ ଦେଇଥିଲା। ଅନ୍ୟପକ୍ଷରେ ତେହରାନ୍ ଆଣବିକ କାର୍ଯ୍ୟକ୍ରମ ୩ରୁ ୫ ବର୍ଷ ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଇଥିଲା। ୟୁରାନିୟମ ହସ୍ତାନ୍ତର ପାଇଁ ଓ୍ୱାଶିଂଟନ ତେହରାନ୍‌କୁ କହିଥିବାବେଳେ ଏହା ବଦଳରେ ସମସ୍ତ ଅନ୍ତର୍ଜାତୀୟ କଟକଣା ହଟାଇବାକୁ ଇରାନ ଦାବି କରିଥିଲା।

# ଆସାମ ଫରେଷ୍ଟ ଅଫିସରେ ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା: ୩୦ ଆହତ

**ଗୁଆହାଟୀ,୧୭।୪**

ଆସାମ ବନ ବିଭାଗର ଚିରାଙ୍ଗ ଜିଲା ଅନ୍ତର୍ଗତ ରୁନିଖାତା ରେଞ୍ଜ ଅଫିସ୍‌ରେ ଶୁକ୍ରବାର ଉତ୍ତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବାରୁ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜଙ୍ଗଲ ଜମି ଜବରଦଖଲ ଅଭିଯୋଗରେ କେତେଜଣ ସ୍ଥାନୀୟ ଲୋକଙ୍କୁ ବନବିଭାଗ ଅଟକ ରଖିଥିବାରୁ ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରେଞ୍ଜ୍ ଅଫିସ୍‌ରେ ପ୍ରବେଶ କରି ପାଟିତୁଣ୍ଡ କରିବା ସହ ଭଙ୍ଗାରୁଜା କରିଥିଲେ। ଏଥିସହିତ ସେମାନେ କର୍ମଚାରୀଙ୍କ ଆବାସିକ କ୍ୱାର୍ଟର୍ସଗୁଡ଼ିକୁ ଭାଙ୍ଗିବା ସହ ୮ଟି ସରକାରୀ ଗାଡ଼ି ପୋଡ଼ିଦେଇଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ବଳ ପ୍ରୟୋଗ କରିଥିଲେ ମଧ୍ୟ ହିଂସା ଜାରି ରହିଥିଲା। ପୋଲିସ ଅନ୍ୟୁନ ୪ ଜଣ ବିକ୍ଷୋଭକାରୀଙ୍କୁ ଅଟକ ରଖିଛି।

ଆଦିବାସୀ ସମ୍ପ୍ରଦାୟର କେତେଜଣ ଲୋକ ଭୁଟାନ ସୀମାବର୍ତ୍ତୀ ରିପୁ-ଚିରାଙ୍ଗ ସଂରକ୍ଷିତ ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗରେ ସେମାନଙ୍କୁ ଗୁରୁବାର ଅଟକ ରଖାଯାଇଥିଲା। ଏହାକୁ ନେଇ ଗୁରୁବାର ରାତିରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ରାତିରେ ମହିଳାଙ୍କ ସମେତ ସ୍ଥାନୀୟ ଲୋକେ ଫରେଷ୍ଟ ଅଫିସ୍ ଘେରାଉ କରି ଅଟକ ଥିବା ଲୋକମାନଙ୍କୁ ମୁକ୍ତ କରିଦେବାକୁ ଦାବି କରିଥିଲେ। ଜଙ୍ଗଲ ବିଭାଗ ଅଧିକାରୀ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ଫଳରେ ଉତ୍ତ୍ୟକ୍ତ ଲୋକେ ଶୁକ୍ରବାର ସକାଳେ ଠେଙ୍ଗାବାଡ଼ି ଧରି ରେଞ୍ଜ ଅଫିସ୍‌ରେ ଆକ୍ରମଣ ଆରମ୍ଭ କରିଦେଇଥିଲେ। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲାଠିଚାଳନା କରିଥିବାବେଳେ ଏହାର ଜବାବରେ ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ। ପୂର୍ବ ରାତିରେ ବନ କର୍ମଚାରୀ ମହିଳାଙ୍କ ସମେତ କେତେଜଣ ସ୍ଥାନୀୟ ଲୋକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।



ରେଞ୍ଜ ଅଫିସ୍ ନିକଟରେ ଏକ ସରକାରୀ ଗାଡ଼ିକୁ ବିକ୍ଷୋଭକାରୀ ଜାଳିଦେଇଛନ୍ତି।

# ପଶ୍ଚିମବଙ୍ଗରେ ଅତିରିକ୍ତ ଭୋଟର ତାଲିକା ଜାରି ହେବ

**ନୂଆଦିଲ୍ଲୀ,୧୭।୪**

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ରେ ଯେଉଁ ଭୋଟରଙ୍କ ନାମ କଟିଯାଇଛି, ସେମାନଙ୍କ ନାମ ପୁନର୍ବାର ତାଲିକାରେ ସାମିଲ କରାଯିବା ସହ ସେମାନେ ଭୋଟ ଦେବେ, ଯଦି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆପିଲେଟ୍ ଟ୍ରିବ୍ୟୁନାଲ ଏଥିପାଇଁ ମଞ୍ଜୁରୀ ଦିଅନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏହା କହିଛନ୍ତି। ଯଦି ଆପିଲେଟ୍ ଟ୍ରିବ୍ୟୁନାଲ ଆବେଦନକାରୀଙ୍କ ପିଟିଶନ୍‌କୁ ଗ୍ରହଣ କରି ତାଙ୍କ ନାମ ଭୋଟର ତାଲିକାରେ ସାମିଲ କିମ୍ବା କାଟିବା ପାଇଁ ଚୂଡ଼ାନ୍ତ ନିର୍ଦ୍ଦେଶ ଦିଅନ୍ତି, ତେବେ ମତଦାନ ପୂର୍ବରୁ ତାହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଯୋଗ୍ୟ ଭୋଟର ଯେପରି ମତଦାନରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସ୍ୱତନ୍ତ୍ର କ୍ଷମତା ବଳରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲାରେ ଏକ ଅତିରିକ୍ତ ଭୋଟର ତାଲିକା ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ କୁହାଯାଇଛି।

# ହତ୍ୟା ମାମଲାରେ କଂଗ୍ରେସ ବିଧାୟକଙ୍କୁ ଆଜୀବନ ଜେଲ



ବିନୟ କୁଲକର୍ଣ୍ଣୀ

**ବେଙ୍ଗାଲୁରୁ,୧୭।୪(ପି.ଟି.)**

ଭାଜପା ନେତା ଯୋଗେଶଗୌଡ଼ ଗୌଡାରଙ୍କୁ ହତ୍ୟା ମାମଲାରେ ବେଙ୍ଗାଲୁରୁର ଏକ ଅଦାଲତ ଶୁକ୍ରବାର କଂଗ୍ରେସ ବିଧାୟକ ବିନୟ କୁଲକର୍ଣ୍ଣୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ଦୋଷୀସାବ୍ୟସ୍ତ ଅନ୍ୟ ୧୬ ଜଣଙ୍କୁ ମଧ୍ୟ ଆଜୀବନ ଜେଲ ଦଣ୍ଡାଦେଶ ମିଳିଛି। ସ୍ୱତନ୍ତ୍ର କୋର୍ଟ ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ ବୁଧବାର ଉକ୍ତ ମାମଲାରେ କୁଲକର୍ଣ୍ଣୀ ଓ ଅନ୍ୟମାନଙ୍କୁ ଆପରାଧିକ ଷଡ଼ଯନ୍ତ୍ର ଓ ହତ୍ୟା ଏବଂ ଆଇପିସିର ଅନ୍ୟାନ୍ୟ ଧାରାରେ ଦୋଷୀସାବ୍ୟସ୍ତ କରିଥିଲେ। ୨୦୧୬ ଜୁନ୍ ୧୫ରେ ଧରଓ୍ୱାଦର ଭାଜପା ଜିଲା ପଞ୍ଚାୟତ ସଦସ୍ୟ ଗୌଡାରଙ୍କୁ ସପ୍ତପୁରସ୍ଥିତ ଏକ ଜିମ୍‌ରେ ସୁପାରି କିଲର ସହାୟତାରେ ହତ୍ୟା କରାଯାଇଥିଲା। ସେତେବେଳେ କୁଲକର୍ଣ୍ଣୀ ମନ୍ତ୍ରୀ ଥିଲେ।

# ୨୩% ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୧୭।୪(ପି.ଟି.)**

## ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତି ୪ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କ ନାମରେ ଆପରାଧିକ ମାମଲା ରହିଥିବା ସେମାନେ ନାମାଙ୍କନପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ରହିଥିବା ୧,୪୭୫ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୫ ଜଣ(୨୩%)ଙ୍କ ନାମରେ ଆପରାଧିକ ମାମଲା ଥିବାବେଳେ ୨୯୪ ଜଣ (୨୦%)ଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହିଛି। ୧୯ ପ୍ରାର୍ଥୀଙ୍କ ନାମରେ ହତ୍ୟା ମାମଲା ଥିବାବେଳେ ୧୦୫ ଜଣଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା, ୯୮ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଏବଂ ୬ ପ୍ରାର୍ଥୀଙ୍କ ନାମରେ ବଳାତ୍କାର ମାମଲା ରହିଛି। ଭଜପାର ୧୫୨ ପ୍ରାର୍ଥୀଙ୍କ ମଧ୍ୟରୁ ୧୦୬ ଜଣ (୭୦%)ଙ୍କ ନାମରେ ଆପରାଧିକ ମାମଲା ଥିବା ସେମାନେ ଘୋଷଣା କରିଥିବାବେଳେ ଟିଏମ୍‌ସିର ୬୩ ପ୍ରାର୍ଥୀ (୪୩%), ସିପିଆଇ(ଏମ୍)ର ୪୩ ପ୍ରାର୍ଥୀ (୪୪%) ଏବଂ କଂଗ୍ରେସର ୩୯ ପ୍ରାର୍ଥୀ (୨୬%) ନାମରେ ଅପରାଧ ମାମଲା ରହିଛି। ସେହିପରି ଭାଜପାର ସର୍ବାଧିକ ୬୩% ପ୍ରାର୍ଥୀ, ଟିଏମ୍‌ସିର ୩୨%, ସିପିଆଇ(ଏମ୍)ର ୩୭% ଏବଂ କଂଗ୍ରେସର ୨୨% ପ୍ରାର୍ଥୀଙ୍କ ନାମରେ ଗମ୍ଭୀର ଅପରାଧ ମାମଲା ରହଥିବା ରିପୋର୍ଟରୁ ଜଣାପଡ଼ିଛି।

ପ୍ରଥମ ପର୍ଯ୍ୟାୟର ୩୦୯ ପ୍ରାର୍ଥୀ (୨୧%) କୋଟିପତି ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧.୪୩ କୋଟି ଟଙ୍କା। ସମ୍ପତ୍ତି ଦୃଷ୍ଟିରୁ ଦେଖିଲେ ଟିଏମ୍‌ସି ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୫.୭୦ କୋଟି ଟଙ୍କା। ଭାଜପା ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୨.୫୭ କୋଟି ହୋଇଥିବାବେଳେ କଂଗ୍ରେସର ୨.୦୬ କୋଟି ଏବଂ ସିପିଆଇ(ଏମ୍) ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୯୨.୪୨ ଟଙ୍କା ଥିବା ଏଡିଆର୍ ରିପୋର୍ଟରେ ପ୍ରକାଶ ପାଇଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ Bhubaneswar, Saturday, April 18/2026

# ଇରାନ୍ ଖୋଲିଲା ହର୍ମୁଜ୍ ଜଳପଥ

## କ୍ରୁଡ୍ ମୂଲ୍ୟରେ ୧୦% ହ୍ରାସ

ଫେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍‌ର ମିଳିତ ଏୟାର ଷ୍ଟ୍ରାଇକ୍ ପରଠୁ ବନ୍ଦ ଥିବା ବିଶ୍ୱର ଅନ୍ୟତମ ପ୍ରମୁଖ ବାଣିଜ୍ୟିକ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଶୁକ୍ରବାର ତେହରାନ୍ ଖୋଲିଦେଇଛି। ଏନେଇ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଅବ୍ବାସ ଆରାଘଚି Xରେ ସୂଚନା ଦେଇଛନ୍ତି। ବର୍ତ୍ତମାନ ଅସ୍ତ୍ରବିରତି ଅବଧିର ଅବଶିଷ୍ଟ ସମୟ ପର୍ଯ୍ୟନ୍ତ ହର୍ମୁଜ୍‌ରେ ସମସ୍ତ ବ୍ୟବସାୟିକ ଜାହାଜ ସମ୍ପୂର୍ଣ୍ଣ ରୂପେ ଖୋଲାଯାଇଥିବା ଆରାଘଚି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା କରିବାର ଦିନକ ପରେ ତେହରାନ୍ ପକ୍ଷରୁ ଏହି ସକାରାତ୍ମକ ପଦକ୍ଷେପ ନିଆଯାଇଛି। ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ କୂଟନୈତିକ ଉଦ୍ୟମ ଜୋର୍ ଧରିଥିବାବେଳେ ସଦ୍ୟ ଘଟଣାକ୍ରମ ଭୂରାଜନୈତିକ ଉତ୍ତେଜନା ହ୍ରାସ ଦିଗରେ ସହାୟକ ହୋଇଛି। ହର୍ମୁଜ୍ ଖୋଲିବା ଖବର ପ୍ରସାରିତ ହେବା ପରେ ଅଶୋଧିତ ତୈଳ ଦର ୧୦% ହ୍ରାସ ପାଇଛି।



ତେହରାନ୍/ ୱାଶିଂଟନ୍ /ଇସ୍‌ଲାମାବାଦ, ୧୭।୪(ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଯୁଦ୍ଧର ୪୯ ଦିନ ପରେ ବିଶ୍ୱବାସୀଙ୍କୁ ଆଶ୍ୱସ୍ତି କରିବା ଭଳି ଖବର ଆସିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତାରେ ଇସ୍ରାଏଲ୍ ଏବଂ ଲେବାନନ୍ ପକ୍ଷରୁ ୧୦ ଦିନିଆ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ କରାଯାଇଥିବାବେଳେ ତେହରାନ୍ ଆଉ ପାଦେ ଆଗେଇ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୋଲିବା ନେଇ ସୂଚନା ଦେଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ସୋସିଆଲ ମିଡିଆରେ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ କରିପାରିବ। ଆମେରିକା ମଧ୍ୟସ୍ଥତାରେ ଇସ୍ରାଏଲୀ ବଳ ଓ ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ମଧ୍ୟରେ ୧୦ ଦିନିଆ ସନ୍ଧି ପାଇଁ ଇସ୍ରାଏଲ୍ ଏବଂ ଲେବାନନ୍ ସହମତି ପ୍ରକାଶ କରିଛନ୍ତି। ତେବେ ଇରାନ୍‌ର ପୋର୍ଟ୍ସ ଆଣ୍ଡ୍ ମାରିଟାଇମ୍ ଅର୍ଗାନାଇଜେଶନ୍ ଘୋଷଣା କରିଥିବା ଜଳପଥ ଦେଇ କମର୍ସିଆଲ ଜାହାଜଗୁଡ଼ିକ ଯାତାୟାତ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହାର କିଛି ସମୟ ପରେ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ମଧ୍ୟ ଏହି ବିଷୟ ଘୋଷଣା କରିଛନ୍ତି। ଇରାନ୍ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ରୂପେ ଖୋଲିବା ନେଇ ଘୋଷଣା କରିଥିବାରୁ ଧନ୍ୟବାଦ ବୋଲି ଉକ୍ତ ପୋଷ୍ଟରେ ସେ ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ ଟ୍ରମ୍ପ୍ କହିଛନ୍ତି, ଚଳିତ ସପ୍ତାହର ଶେଷ ଆଡ଼କୁ ଇରାନ୍ ସହ ଶାନ୍ତି ଆଲୋଚନା ହେବା ଉଚିତ। ସେପଟେ ଇସ୍‌ଲାମାବାଦରେ ଆଲୋଚନା ପାଇଁ ପାକିସ୍ତାନ ସରକାର ଓ ସେନା ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟରେ ୧୦% ହ୍ରାସ ଘଟିଛି।

ଏହା ପୂର୍ବରୁ ପ୍ୟାରିସ୍‌ରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଓ ବ୍ରିଟେନ୍ ନେତୃତ୍ୱାଧୀନ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି ଦଳ ଶୁକ୍ରବାର ହର୍ମୁଜ୍ ପ୍ରଣାଳୀକୁ ଖୋଲିବା ଉପରେ ଜୋର୍ ଦେଇଥିଲେ। ଏଥିରେ ଜର୍ମାନୀ ଚାନ୍‌ସେଲର ଫ୍ରେଡିରିକ୍ ମର୍ଜ ଓ ଇଟାଲୀୟ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟ ସାମିଲ ହୋଇଥିଲେ।

ପ୍ରକାଶ ଯେ, ହର୍ମୁଜ୍ ପ୍ରଣାଳୀ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ବ୍ୟବସାୟିକ ତଥା ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫ରୁ ୩୦% ତୈଳ ପରିବହନ ହୋଇଥାଏ। ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଶାନ୍ତି ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବାରୁ ହର୍ମୁଜ ପ୍ରଣାଳୀରେ ଆମେରିକା ଓ ଇରାନ୍ ମୁହାଁମୁହିଁ ହୋଇଥିଲେ। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଆମେରିକାର ସ୍ଥାନୀୟ ସମୟ ସୋମବାର ପୂର୍ବାହ୍ନ ୧୦ଟା (ଇଡିଟି)/ଇରାନୀୟ ସମୟ ୫ଟା ୩୦ରୁ ବଳପ୍ରୟୋଗ ପୂର୍ବକ ଆରବୀୟ ଉପସାଗରୀୟ ଏବଂ ଓମାନ ଉପସାଗରୀୟ ଅଞ୍ଚଳରେ ଥିବା ଇରାନୀୟ ବନ୍ଦରଗୁଡ଼ିକରେ ବ୍ଲକେଡ୍ ଆରମ୍ଭ କରିବା ପରେ ହର୍ମୁଜ୍‌ରେ ଛକାପଞ୍ଝା ଲାଗି ରହିଥିଲା। ଏହି ଅଚଳାବସ୍ଥା ଏବେ ଦୂର ହୋଇଛି।

ଆଜିର ସମ୍ପାଦକୀୟ
ନିର୍ଦ୍ଦେଶରେ ଦ୍ୱନ୍ଦ୍ୱ






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶତାବ୍ଦୀର କଳାକାର ୫୧ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ପତ୍ରିକା 'ଅପୂର୍ବା' ପକ୍ଷରୁ ବିଷୁବ ମିଳନ ଏବଂ କବିତା ଆସର, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାଦୀପାଲା ପରିବେଷଣ, ସ୍ଥାନ: ସୁନ୍ଦରାପାଟଣା-ରୁଦ୍ରପୁର ଗ୍ରାମର ମା'ଗେହ୍ଲା ଦେବୀଙ୍କ ପୀଠସ୍ଥଳୀ, ସମୟ: ରାତି ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ମହାନ୍ତି ପାଟଣାସ୍ଥିତ ମା'ବନଦୁର୍ଗାଙ୍କ ପୀଠ ନିକଟ ପାଲା ମଣ୍ଡପ, ସମୟ: ରାତି ୭ଟା।

## କଟକ
- ବିଶ୍ୱବିଦ୍ୟାଳୟରେ ଆଦର୍ଶ ଆଚରଣ ସଂହିତା ଲାଗୁ କରିବା ବିରୋଧରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଜରିଆରେ ଦାବିପତ୍ର ପ୍ରଦାନ, ସ୍ଥାନ: କୁଳପତିଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଭାଗବତ ସପ୍ତାହର ତୃତୀୟ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ: ସକାଳ ୬ଟା।
- ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ : ଜହତା ଚଉଦମାଦଳ ପଡ଼ିଆ, ରୁପ୍‌ସା, ସମୟ : ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆସାହି, ମହତିପୁର, ଖଇରା, ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ : ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ସମାପନ ଓ ପ୍ରସାଦ ସେବନ, ସ୍ଥାନ : ସୁଙ୍ଗମୁହଁ ବାସୁଳୀ ମଣ୍ଡପ, ବାଲିଆପାଳ, ସମୟ : ଅପରାହ୍ନ ୧ଟା।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ନବମ ସନ୍ଧ୍ୟା, ସ୍ଥାନ : ଆଇଟିଆଇ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ
- ନାରୀଶକ୍ତି ବନ୍ଦନ ଦୌଡ଼, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୭ଟା ୩୦।
- ଗରଡେଇ ପୀଠର ବାର୍ଷିକ ଉତ୍ସବ ଉଦ୍‌ଯାପନୀ, ସ୍ଥାନ: ବାଲିଗଡିଆ, ବନ୍ତ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଚବିଶ ପ୍ରହର ଅଖଣ୍ଡ ମହାଯଜ୍ଞ, ସ୍ଥାନ: ବରିଆପାଟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ବିଜେଡିର ୧୨ ଘଣ୍ଟିଆ ହରତାଳ, ସ୍ଥାନ:ପାଲବଣୀ,ହାରଗାଡାହି, ମୁର୍ଗାବାଡି, କୃଷ୍ଣଚନ୍ଦ୍ର ଗୋଲେଇ ଓ ତେନ୍ତୁଳିଡିଙ୍ଗା, ବାରିପଦା,ସମୟ: ସକାଳ ୬ଟା।
- ରସିକରାୟ ମହାପ୍ରଭୁଙ୍କ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ:ମାନଗୋବିନ୍ଦପୁର, ବଡ଼ସାହି ବ୍ଲକ,ସମୟ:ଅପରାହ୍ନ ୧ଟା।
- ଆମେ- ୮୦ପକ୍ଷରୁ ଜଳଛତ୍ର,ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ଭଜନ ସନ୍ଧ୍ୟା ଓ ଫାଇନାଲ ନୃତ୍ୟ ପ୍ରତିଯୋଗିତା, ସ୍ଥାନ:ବୁଢ଼ାବଳଙ୍ଗ,ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମ ସ୍ଥଳ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବକ୍ତୃତା କାର୍ଯ୍ୟକ୍ରମ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା ।
- ଏମଜିଏନଆରଜିଏସ ଓ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଜନଶୁଣାଣି, ସ୍ଥାନ: ସାନଖେମୁଣ୍ଡି ପଞ୍ଚାୟତ ସମିତି ସଭାଗୃହ, ସାନଖେମୁଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ଜିଲାସ୍ତରୀୟ ସିଏମ୍ ଟ୍ରଫି ଉଦ୍‌ଘାଟନ, ସ୍ଥାନ: ମୁଖ୍ୟ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ମହିମା ବହ୍ନିମେଳା ଉଦ୍‌ଯାପନ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଭାଜପା ତରଫରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆଠମଲ୍ଲିକ କଲେଜ ରୋଡ୍ କଲ୍ୟାଣୀ ମଣ୍ଡପ, ସମୟ: ସକାଳ ୧୦ଟା।
- ୩୧ ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଆଠମଲ୍ଲିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷକେନ୍ଦ୍ର ଗୁରୁଡ଼ିସାହି, ସମୟ: ଅପରାହ୍ନ ୫ଟା।
- ଶ୍ରୀମଦ୍ ଭାଗବତ ଗୀତା ପ୍ରବଚନର ଶୁଭ ଅଧିବାସ, ସ୍ଥାନ: ଆଠମଲ୍ଲିକ ମା ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ରଥକୁ ସ୍ୱାଗତ ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନଗର କଂଗ୍ରେସ କାର୍ଯ୍ୟାଳୟ, ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ନ ୩ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ଜଗନ୍ନାଥ ଓ ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦୀରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- ଗିରିଗୋବର୍ଦ୍ଧନଧାରୀ ଯାଦବ ସଂଘ ପକ୍ଷରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜିଗରଣ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା ।
- ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଜଳଛତ୍ର, ସ୍ଥାନ: ଚାନ୍ଦୋଳ ବଜାର, ଡେରାବିଶ, ସମୟ: ସକାଳ ୭ଟା ।
- ଫକୀରାବାଦର ଆଜାଦ କ୍ଲବ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ: ଅପରାହ୍ନ ୪ଟା ।
- ଜମ୍ବୁଦ୍ୱୀପ ମହୋତ୍ସବ, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।
- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା ।

## ଯାଜପୁର
- ବୈଶାଖ ମାସ ଶନିଶ୍ଚର ମେଳା ଆରମ୍ଭ, ସ୍ଥାନ: ବ୍ୟାସନଗର ଖଟିଆସାହି ଓ ରାଛିପୁର ଶନିଦେବ ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନୀ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ରାମଚରିତ ମାନସର ୪ର୍ଥ ଦିନ, ସ୍ଥାନ: ବ୍ୟାସନଗର ଗୋଶାଳା ମହତାବନଗର ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୬ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ୫ମ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ମନ୍ଦିର, ସମୟ: ଭୋର ୫ଟା୩୦ରୁ ରାତ୍ର ୧୧ ।
- ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ନୟାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଶନିଶ୍ଚର ଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ବିଦୁର ବେହେରା ପାଟରା, ସମୟ:ସକାଳ ୮ଟା ।
- ନୀଳମାଧବ ମହାବିଦ୍ୟାଳୟର ପ୍ରତିଷ୍ଠାତା ସତ୍ୟ ସୁନ୍ଦର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୯ଟା ।
- ରାତ୍ରକାଳିନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡା ବ୍ଲକ ଢୋଲମରା ବାପୁଜୀ ବିଦ୍ୟାଳୟ ଖେଳପଡିଆ, ସମୟ:ସନ୍ଧ୍ୟା ୭ଟା ।

## ନବରଙ୍ଗପୁର
- ପିଲାମାନଙ୍କ ପାଇଁ ଗୋଟିଏ ଦିନ, ଟାସ୍କ ଫୋର୍ସ ବୈଠକ, ସ୍ଥାନ:ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ : ସକାଳ ୯ଟା।
- ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସମଗ୍ର ଶିକ୍ଷା କାର୍ଯ୍ୟାଳୟ, ନବରଙ୍ଗପୁର, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲାସ୍ତରୀୟ ଚାଷୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆତ୍ମା କାର୍ଯ୍ୟାଳୟ କାଳିଆକାଦ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ପକ୍ଷରୁ ନାରୀ ଶକ୍ତିବନ୍ଦନ ଦୌଡ, ସ୍ଥାନ: ଜିଲାସ୍କୁଲ ପରିସର, ସମୟ: ସକାଳ ୬ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ବୁଢ଼ାରଜା ଭକ୍ତଙ୍କ ପକ୍ଷରୁ ୧୬ପ୍ରହରୀ ନାମଯଜ୍ଞରେ ବୈଠକୀ, ସ୍ଥାନ: ବୁଢ଼ାରଜା ରାମଗଡପଡା, ସମୟ: ଅପରାହ୍ନ ୫ଟା।
- ସାଓଲିନ କୁଂଫୁ ଉସୁ ଏସୋସିଏଶନ ପକ୍ଷରୁ ଗ୍ରୀଷ୍ମକାଳୀନ ମାର୍ଶାଲ ଆର୍ଟ ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି ବୈଠକ, ସ୍ଥାନ : ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ସିଏମ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ସମୟ: ସକାଳ ୭ଟା।
- ରାଜ୍ୟସ୍ତରୀୟ ନାଟକର ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ସରୋବର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଇବାବା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଓଏସ୍‌ଆର୍‌ଟିସି କଲୋନୀ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଅବସରରେ ଅଙ୍କୁରାରୋପଣ,
- ସ୍ଥାନ: ମନ୍ଦିର ପରିସର, କଲେଜ ରୋଡ୍, ବରଗଡ଼, ସମୟ: ଅପରାହ୍ନ ୫ଟା।

## କଳାହାଣ୍ଡି
- ଗ୍ରୀଷ୍ମପ୍ରବାହ ଉପରେ ଜରୁରିକାଳୀନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପର୍ଶୁରାମ ଜୟନ୍ତୀ ଶୋଭାଯାତ୍ରା ପାଇଁ ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ଶରଧାପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶରଧାପୁର ଗ୍ରାମ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।

## ଦେବଗଡ଼
- ଜଗନ୍ନାଥଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାରକୋଟ ବ୍ଲକ୍ ଉଁରା ଗ୍ରାମ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ଦେବଗଡ଼ କଲେକ୍ଟରେଟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୂଆପଡ଼ା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା କୁମ୍ଭାରପଡା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମା' ସମଲେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: କୋମନା ବ୍ଲକ କୋନାବିରା ଗାଁ, ସମୟ: ସକାଳ ୯ଟା ଓ ଅପରାହ୍ନ ୩ଟା।
- ବାନର ସେନା ସାମାଜିକ ଅନୁଷ୍ଠାନ ପକ୍ଷରୁ ଗ୍ରାମ ଉଦୟ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ, ସମୟ: ସକାଳ ୮ଟାରୁ ଅପରାହ୍ନ ୪ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ଅପରାହ୍ନ ୪ଟା ୧୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ଭୁଆଝର (ସାଲେପଡ଼ା), ସମୟ: ସକାଳ ୯ଟା।

## ଝାରସୁଗୁଡ଼ା
- ଝାରସୁଗୁଡା :ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ କାର୍ଯ୍ୟକ୍ରମ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ,ସ୍ଥାନ: ଝାରସୁଗୁଡ଼ାସ୍ଥିତ ଦ୍ୱିତୀୟ ଓଏସ୍‌ଏପି ଖେଳପଡ଼ିଆ, ସମୟ: ସକାଳ ୮ଟା।

# ପିଲାଦିନର ବାନ୍ଧବୀଙ୍କୁ ବିବାହ କରିଛନ୍ତି ଜୁବିନ୍

ମୁମ୍ବାଇ: ଜଣାଶୁଣା ଗାୟକ ଜୁବିନ୍ ନୌଟିୟାଲ ବିବାହ କରିଛନ୍ତି। କେବଳ ପରିବାର ଓ ହାତ ଗଣତି ନିକଟ ସମ୍ପର୍କୀୟ ସେହି ବିବାହ ଉତ୍ସବରେ ସାମିଲ ଥିଲେ। ଏହି ପ୍ରସଙ୍ଗ ଉପରୁ ନିଜେ ପରଦା ଉଠାଇଛନ୍ତି ଜୁବିନଙ୍କ ପିତା ରାମଶରଣ ନୌଟିୟାଲ। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରରୁ ଏକଥା ସାମ୍ନାକୁ ଆସିଛି। ନିଜର ସୁମଧୁର ସ୍ୱର ପାଇଁ ଚର୍ଚ୍ଚିତ ଗାୟକ ଜୁବିନ୍ କିନ୍ତୁ ନିଜ ବ୍ୟକ୍ତିଗତ ଜୀବନକୁ ସବୁବେଳେ ଲାଇମ୍‌ଲାଇଟ୍‌ରୁ ଦୂରେଇ ରଖିବାକୁ ପସନ୍ଦ କରିଥାନ୍ତି। ମାତ୍ର ତାଙ୍କ ବିବାହକୁ ନେଇ ଏବେ ସବୁଠି ଚର୍ଚ୍ଚା। ସୂଚନାଅନୁସାରେ ଜୁବିନ୍ ନିଜ ପିଲାଦିନର ବାନ୍ଧବୀଙ୍କୁ ବିବାହ କରିଛନ୍ତି। ନିଜ ହୋମଟାଉନ୍ ଡେରାଡୁନ୍‌ରେ ସମ୍ପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଅନୁଷ୍ଠିତ ଏହି



ବିବାହ ସମାରୋହରେ ପରିବାର ଓ ନିକଟତର ସମ୍ପର୍କୀୟଙ୍କ ଯୋଗ ଦେଇଥିଲେ। ଜୁବିନ ନିଜ ଜୀବନସାଥୀଙ୍କୁ ଗଣମାଧ୍ୟମର ନଜରରୁ ଦୂରେଇ ରଖିବାକୁ ଚାହୁଁଛନ୍ତି। ଗତ ଭାଲେଣ୍ଟାଇନ୍ସ ଡେ' ଅବସରରେ ସେ ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ନିଜ ବାନ୍ଧବୀଙ୍କର ଏକ ଝଲକ ଦେଖାଇଥିଲେ। ସେବେଠାରୁ ପ୍ରଶଂସକମାନେ ତାଙ୍କ ସମ୍ପର୍କକୁ ନେଇ କଳ୍ପନାଜଳ୍ପନା କରୁଥିଲେ। ବର୍ତ୍ତମାନ ସୁଦ୍ଧା ଜୁବିନ୍ ନୌଟିଆଲ ଏପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି। ମାତ୍ର ଏପ୍ରସଙ୍ଗକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠେକା ପଚାରଇ ବେକାରେ**
**ତୁ କୋଉ ମଣିଷରେ ଲେଖାରେ ?**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସ ର ପାତ୍ର ହେବାକୁ ପଡିଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠେଙ୍ଗାଠେଙ୍ଗି, ହାତାହାତି, ଗୋଡ଼ାଗୋଡ଼ି**
**କେଉଁଠିକି ସିଏ ପାରେନା ବୋଲି**
**ନାଁ ତା'ର କୋକିଶିଆଳି।**

କୋକିଶିଆଳି ସାଧାରଣତଃ ଡରକୁଳା ଜୀବ ଭାବେ ଜଣାଯାଉଥିବାବେଳେ ତା'ଠାରେ ଶିକାର କରିବାର ମନୋବୃତ୍ତି କମ୍ ରହିଥାଏ। ଠିକ୍ ସେହିପରି ନିହାତି ସରଳ, ସାଧାରଣ ଏବଂ ଅପାରଗ ଲୋକଙ୍କର ଚରିତ୍ର ଏହିଭଳି ହୋଇଥାଏ। ସେମାନେ ସର୍ବଦା ଛନ୍ଦକପଟ ତଥା କଳହଠାରୁ ଦୂରେଇ ରହୁଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସୁରକ୍ଷା କର୍ମୀଙ୍କ ଗୁଳିରେ ୪ ମାଓବାଦୀ ନିହତ

- **ମୃତକଙ୍କ ମଧ୍ୟରେ ସବ୍‌ଜୋନାଲ କମାଣ୍ଡର ଓ ଜଣେ ମହିଳା ମାଓବାଦୀ**
- **୨ ମାଓବାଦୀଙ୍କ ପରିଚୟ ଅସ୍ପଷ୍ଟ**

ବଣାଇଁ,୧୭।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ବଲିବାଠାରେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ଗତ ବୁଧବାରଠାରୁ ଗୁଳି ବିନିମୟ ଚାଲିଥିବା ବେଳେ ଉଭୟ ରାଜ୍ୟର ସୀମାନ୍ତରେ ହାଇଆଲର୍ଟ ଜାରି କରାଯାଇଛି । ଏହି କ୍ରମରେ ଝାଡ଼ଖଣ୍ଡ ରାଜ୍ୟର ଚତରା ଓ ହଜାରିବାଗ ଜିଲା ସୀମାରେ ଶୁକ୍ରବାର ସୁରକ୍ଷା ବଳ ଓ ସିପିଆଇ ମାଓବାଦୀ ସଙ୍ଗଠନର ସଦସ୍ୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୪ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଥିବା ସବ୍‌ଜୋନାଲ କମାଣ୍ଡର ସହଦେବ ମହତୋ ଓ ଜଣେ ମହିଳା ମାଓବାଦୀ ନତାଶା ରହିଥିବା ଜଣାପଡ଼ିଛି। ୨ ଜଣଙ୍କ ପରିଚୟ ଅସ୍ପଷ୍ଟ ରହିଛି। ମୁକାବିଲା ପରେ ସୁରକ୍ଷା ବଳଙ୍କ ଦ୍ୱାରା ଅଞ୍ଚଳରେ ସର୍ଚ୍ଚ ଅଭିଯାନ ଚାଲିଥିଲା। ଘଟଣାସ୍ଥଳରୁ ୪ ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି। ସେଠାରୁ ୨ଟି ଏକେ-୪୭ ରାଇଫଲ, ବହୁ ପରିମାଣର ଜୀବନ୍ତ ଗୁଳି, ମାଓବାଦୀ ସାହିତ୍ୟ ଓ ଦୈନିକ ବ୍ୟବହାରର ସାମଗ୍ରୀ ଜବତ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନ ପୋଲିସ ଓ କୋବ୍ରା ବାଟାଲିୟନର ମିଳିତ ଅଭିଯାନରେ ହୋଇଥିଲା। ଏହି ମୁକାବିଲା ସକାଳେ ଚତରା ଜିଲାର ପିପରୱାର ଥାନା ଅଞ୍ଚଳ ଅନ୍ତର୍ଗତ 'ବଟୁକା' ଘନଜଙ୍ଗଲରେ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ, ମାଓବାଦୀଙ୍କ ଏକ ବଡ଼ ଦଳ ଏହି ଅଞ୍ଚଳରେ କୌଣସି ବଡ଼ ଘଟଣା କରିବା ପାଇଁ ଯୋଜନା କରୁଥିଲେ। ଯାହାକୁ ଆଧାର କରି ପୋଲିସ ଓ କୋବ୍ରା ବାଟାଲିୟନ ଘେରାବନ୍ଦୀ ଅଭିଯାନ ଆରମ୍ଭ କରିଥିଲେ। ମାଓବାଦୀମାନେ ଏହା ଜାଣିପାରି ପୋଲିସ ଉପରକୁ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲେ, ଯାହାର ଜବାବରେ ସୁରକ୍ଷା ବଳ ମଧ୍ୟ ଗୁଳି ଚଳାଇଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଗୋଟିଏ ଘଣ୍ଟା ଧରି ଗୁଳିବର୍ଷା ଚାଲିଥିଲା।

ପୋଲିସ ସୂତ୍ର ଅନୁସାରେ, ସହଦେବ ମହତୋ ଦୀର୍ଘ ସମୟ ଧରି ଚତରା, ହଜାରିବାଗ ଓ ଲାତେହାର ଯାହା ବିହାର ସୀମାଞ୍ଚଳରେ ସକ୍ରିୟ ରହି ଆସୁଥିଲେ। ଚତରା ଏସ୍‌ପି ସୁମିତ କୁମାର ଅଗ୍ରୱାଲ ୪ ମାଓବାଦୀଙ୍କ ମୃତ୍ୟୁ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମୃତକମାନଙ୍କ ନାମ ଓ ପରିଚୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଅଧିକାରିକ ଭାବେ ଘୋଷଣା କରାଯିବ।

# ୩୦ ସୁଦ୍ଧା ନଦୀବନ୍ଧ ସ୍ଥିତାବସ୍ଥା ଜଣାଅ

## ବିଭାଗୀୟ ଅଧିକାରୀଙ୍କୁ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୪ (ରବିନାରାୟଣ ଜେନା)

ଚଳିତବର୍ଷ ମୌସୁମୀ ପୂର୍ବରୁ ରାଜ୍ୟର ସମସ୍ତ ନଦୀବନ୍ଧଗୁଡ଼ିକର ସ୍ଥିତାବସ୍ଥା କିଭଳି ରହିଛି ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କଠାରୁ ରିପୋର୍ଟ ଲୋଡ଼ାଯାଇଛି। ଏ ସଂକ୍ରାନ୍ତରେ ଏପ୍ରିଲ ୧୫ରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି, ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟରେ କେଉଁସବୁ ନଦୀବନ୍ଧ ଦୁର୍ବଳ ରହିଛି ତା'ର ରିପୋର୍ଟ ଏପ୍ରିଲ ୩୦ ସୁଦ୍ଧା ଜଣାଇବାକୁ ହେବ। ଏଥିପାଇଁ କେଉଁ ଅଧିକାରୀ କେତେ ପ୍ରତିଶତ ନିଜେ ତଦାରଖ କରିବେ ତାହା ମଧ୍ୟ ସେ ନିର୍ଦ୍ଦେଶନାମାରେ ଚିହ୍ନିକରି ଭାବେ ଉଲ୍ଲେଖ କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ସର୍କୁଲାରରେ ସୁପରିଣ୍ଟେଣ୍ଡେଣ୍ଟ ଏବଂ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କହିଛନ୍ତି, ସ୍ଥାନୀୟ ଜିଲାପାଳ, ଉପଜିଲାପାଳ, ଏସ୍‌ପି, ବିଡିଓ ଏବଂ ତହସିଲଦାରଙ୍କ ସହିତ ସମନ୍ୱୟ ରକ୍ଷାକରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବାକୁ ହେବ। କେଉଁଦିନ ମିଳିତ ଅନୁଧ୍ୟାନ ହେବ ତା'ର ରିପୋର୍ଟ ସରକାରଙ୍କୁ ଅବଗତ କରାଇବାକୁ ପଡ଼ିବ। ଏହାସହିତ ତଦାରଖ ସମୟରେ ସ୍ଥାନୀୟ ଆର୍‌ଆଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମପଞ୍ଚାୟତ ସେକ୍ରେଟାରୀଙ୍କୁ ମଧ୍ୟ ସାଙ୍ଗରେ ନେବାକୁ ହେବ। ଏହି କାର୍ଯ୍ୟ ସୁପରିଣ୍ଟେଣ୍ଡେଣ୍ଟ ଏବଂ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନେ ନିଜ ନିଜ ସ୍ତରରେ ଅନୁଧ୍ୟାନ କରିବେ। ତେବେ ତଦାରଖ ସମୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ୫୦ ପ୍ରତିଶତ କାର୍ଯ୍ୟ ଦେଖିବେ ଏବଂ ମୁଖ୍ୟଯନ୍ତ୍ରୀ ୨୫ ପ୍ରତିଶତ କାର୍ଯ୍ୟ ନିଜେ ଦେଖିବା ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ସର୍କୁଲାରରେ କହିଛନ୍ତି। ସେ ଆହୁରି କହିଛନ୍ତି, ଯେଉଁ ସ୍ଥାନକୁ ଗାଡ଼ି ଯିବାର ସୁବିଧା ନ ଥିବ ସେଠାକୁ ଦୁଇଚକିଆ କିମ୍ବା ପାଦରେ ଚାଲି କରି ଅନୁଧ୍ୟାନ କରି ୧୦୦ ପ୍ରତିଶତ ତଦାରଖ କରି ରିପୋର୍ଟ ଦେବାକୁ ହେବ। ମେ' ୫ ତାରିଖ ସୁଦ୍ଧା ନିର୍ଦ୍ଦିଷ୍ଟ ଫର୍ମାଟରେ ସର୍ବୋଚ୍ଚ ଯନ୍ତ୍ରୀ, ଏଚ୍‌ଏଚ୍, ଜିଆଇଏସ୍ ଏବଂ ସିଇଏମ୍‌ଡିଙ୍କ ଦ୍ୱାରା କାଉଣ୍ଟର ଦସ୍ତଖତ କରାଇ ରିପୋର୍ଟ ଦେବାକୁ ସର୍ବୋଚ୍ଚଯନ୍ତ୍ରୀ ସାଗର ପତ୍ରରେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ଯାତ୍ରା ସୁଗମ, ବନ୍ଧୁପ୍ରୀତି, ଭ୍ରାତୃସ୍ନେହ ଲାଭପୂର୍ବକ କାର୍ଯ୍ୟ ହାସଲରୁ ଖୁସି ରହିବେ। ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇ ଚେଷ୍ଟା କରୁଥିବା କାମ ହାସଲର ସୁଯୋଗ ପ୍ରାପ୍ତ ହେବ। ଆଶା କରୁଥିବା ଦିଗରୁ ଅର୍ଥ ମିଳିବ ଏବଂ ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ନିଜ ଲୋକଙ୍କ ପ୍ରତିରୋଧ ବ୍ୟବସାୟକୁ ବିଶୃଙ୍ଖଳିତ କରିବ।

**ବୃଷ** କୃତ୍ତିକା ନକ୍ଷତ୍ରାଧିପ ରବି ଉଚ୍ଚ ରାଶିରେ ଅବସ୍ଥାନ କରିଥିବାରୁ ନିର୍ଭୀକତାର ସହ ପ୍ରତ୍ୟେକ କାର୍ଯ୍ୟରେ ଅଗ୍ରଣୀ ରହିବେ। ତଥାପି ଚତୁର୍ଥଭାବସ୍ଥ କେତୁଙ୍କ କୁପ୍ରଭାବରୁ ପରିବାରରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। କୃଷି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପ୍, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସୁଫଳ ମିଳିବ।

**ମିଥୁନ** ମୃଗଶିରା ରାଶ୍ୟାଧିପତି କର୍ମସ୍ଥାନରେ ଅବସ୍ଥାନ କରି ଚାକିରି ଅଫର୍ ସହ ବୈଷୟିକ ଅଭିବୃଦ୍ଧି କରିପାରନ୍ତି। ବୃହସ୍ପତିଙ୍କ ସୁପ୍ରଭାବରୁ ପାରିବାରିକ ଏବଂ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସ୍ୱସ୍ଥାନ ହନ୍ତା ବୃହସ୍ପତିଙ୍କ ପ୍ରଭାବରୁ ଦୈହିକ ସୁସ୍ଥତା ଆଜି ବିଶେଷ ଭଲ ରହି ନ ପାରେ।

**କର୍କଟ** କର୍ମସ୍ଥାନରେ ରବି ଏବଂ ଶୁକ୍ର କର୍ମକ୍ଷେତ୍ର ଏବଂ ପାରିବାରିକ ଜୀବନକୁ ସରସ ସୁନ୍ଦର କରିବ। ସହକର୍ମୀମାନଙ୍କ ସହାୟତାରେ କର୍ମପ୍ରବାହକୁ ଆଗକୁ ନେଇପାରନ୍ତି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରା ସନ୍ତୋଷଜନକ ରହିବ। ତଥାପି କେତେକ ଅପୂରଣୀୟ ଆଶା ମନକୁ ବ୍ୟଥିତ କାରିବାର ସୂଚନା ମଧ୍ୟ ରହିଛି।

**ସିଂହ** ଆଜି ପୂର୍ବାଫାଲଗୁନୀ ନକ୍ଷତ୍ର ସକାଶେ ଭୁଲ୍ ବୁଝାମଣାଜନିତ ପାରିବାରିକ ଶାନ୍ତି ଭଗ୍ନ ହେବ। କାମ ବିଳମ୍ବରେ ଆରମ୍ଭ କରି ଶୀଘ୍ର ସାରିବା କାରଣରୁ ସନ୍ଦେହରେ ପଡିପାରନ୍ତି। ଆର୍ଥିକ ଅନଟନ ସାଙ୍ଗକୁ କର୍ମକ୍ଷେତ୍ରରେ ବ୍ୟତିକ୍ରମରୁ ଶାନ୍ତି ବ୍ୟାହତ ହେବ। ସରକାରୀ ସ୍ତରରେ ଥିବା ସମସ୍ୟା ସମାଧାନ ଦିଗରେ ସଫଳ ହେବେ।

**କନ୍ୟା** ଆଜି ହସ୍ତା ନକ୍ଷତ୍ରର ସ୍ୱାସ୍ଥ୍ୟ ନିରାମୟ ରହିବା ସାଙ୍ଗକୁ ଅର୍ଥ ସମ୍ପଦ, ବିଳାସ, ସାମଗ୍ରୀ ଓ ମନୋରଞ୍ଜନର ସୁଯୋଗ ପାଇବେ। ନିଜ ସପକ୍ଷରେ ଲଢ଼ିବା ସକାଶେ ଆତ୍ମୀୟସ୍ୱଜନଙ୍କୁ ମନାଇବାର ପ୍ରୟାସ କରିପାରନ୍ତି। ଆଇନ ଓ ଅଦାଲତରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହୋଇଯିବ।

**ତୁଳା** ଉଚ୍ଚସ୍ଥ ରବି ପ୍ରଭାବରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଭାରାକ୍ରାନ୍ତ ମନ ନେଇ କାମ କରିବେ କିନ୍ତୁ ବିଫଳତା ବଦଳରେ ସଫଳତାରୁ ବିସ୍ମୟାନ୍ୱିତ ହେବେ। ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବାରୁ ନୀରବତାକୁ ପ୍ରାଥମିକତା ଦେବେ। ଅସ୍ତଗତ ଶୁକ୍ରଙ୍କ ଯୋଗୁ ଦୈହିକ ଦୁର୍ବଳତା ଦେଖାଦେବ।

**ବିଛା** ଅନୁରାଧା ନକ୍ଷତ୍ରର ଆଜି ଇଚ୍ଛା ଓ ଅଭିଳାଷ ପୂରଣ ହେବାରେ ବିଳମ୍ବ ହେବନାହିଁ। ବିବାଦୀୟ ପରିସ୍ଥିତିରୁ ସହସା ମୁକ୍ତି ମିଳିଯାଇପାରେ । ଅଭାବକୁ ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବା ପାଇଁ ଆଲୋଚନା ଜାରି ରଖିବା ଠିକ୍ ହେବ। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ପାଇଁ ବନ୍ଧୁଙ୍କ ପରାମର୍ଶକୁ ପ୍ରାଧାନ୍ୟ ଦେଇପାରନ୍ତି।

**ଧନୁ** ଆନୁଷଙ୍ଗିକ ସାହାଯ୍ୟ ସୁବିଧା ଲାଭକରି ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ବିଜୟୀ ହେବେ। ଦେହ ଭଲ ରହିଲେ ମଧ୍ୟ ରୋଗଯନ୍ତ୍ରଣାରେ କଷ୍ଟ ପାଇବେ। ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟସ୍ଥଳକୁ ଯିବାରେ ଅସୁବିଧା ହେବ ନାହିଁ। ପ୍ଲଟିଂ କାରବାର, ଆଲୋଚନା, ପ୍ରେସ୍ ଓ ପବ୍ଲିକେଶନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ମକର** ସମସ୍ତ ସୁବିଧା ସୁଯୋଗ ଥିଲେ ମଧ୍ୟ ଶ୍ରବଣା ନକ୍ଷତ୍ର ସକାଶେ କାର୍ଯ୍ୟଶୈଳୀ ବିଶୃଙ୍ଖଳିତ ରହିବ। ଚେଷ୍ଟା କରି ମଧ୍ୟ ଆଶା ପୂରଣ କଷ୍ଟକର ହେବ। ସାମୟିକ ଶାରୀରିକ ଅସୁସ୍ଥତା ହେତୁ ପ୍ରତ୍ୟେକ କାମରେ ପଛୁଆ ରହିବେ। ଅବଶ୍ୟ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବା ସକାଶେ ମନ ବଳାଇ ଖୁସି ହୋଇପାରନ୍ତି।

**କୁମ୍ଭ** ଶତଭିଷା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ବହୁତ ଶ୍ରମ ଓ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ବନ୍ଧୁ ଓ ପରିଜନଙ୍କ ସହ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେବ। ଆତ୍ମୀୟଙ୍କ ସହଯୋଗରେ ସମସ୍ୟାର କିଛିଟା ପରିବର୍ତ୍ତନ ଘଟିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଚତୁଃଗ୍ରହ ରାଶିରେ ଅବସ୍ଥାନ କରି ଆପଣଙ୍କୁ ସବୁ ପ୍ରକାରର ସୁଖ ସୁବିଧା ପ୍ରଦାନ କରିବେ। ତଥାପି ପୂର୍ବଭାଦ୍ର ନକ୍ଷତ୍ର ସକାଶେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ଦିନଟି ଅତିବାହିତ ହେବ। ମନର ଭାବକୁ ଗୋପନରଖି ବନ୍ଧୁଙ୍କ ସହ ଭାବବିନିମୟ କରିବାକୁ ମନସ୍ଥ କରିପାରନ୍ତି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଏପ୍ରିଲ ୧୮ ତାରିଖ, ଶନିବାର, ବିଶ୍ୱ ଐତିହ୍ୟ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶନିବାର, ରାଶିନକ୍ଷତ୍ର-ଦିବା ଘ.୦୯।୪୨ ମି. ଗତେ ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୧ ଗତେ ଘ.୦୧।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୧୨ ମଧ୍ୟେ ରାହୁକାଳ।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ | Bhubaneswar, Saturday, April 18/2026




ଅନୁଗୋଳ ସହରସ୍ଥିତ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

# ସଂଖ୍ୟା ଅଭାବରୁ ମହିଳା ବିଲ୍ ନାକଚ

## ସପକ୍ଷରେ ୨୯୮, ବିରୋଧରେ ୨୩୦

**ବ୍ୟବସ୍ଥାପିକାରେ ମହିଳାଙ୍କୁ ୨୦୨୯ ମସିହାରୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ୨୦୨୩ର ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକ, ୨୦୨୬ ଶୁକ୍ରବାର ଲୋକ ସଭାରେ ନାକଚ ହୋଇଯାଇଛି। ବିଲ୍ ପାରିତ କରିବା ପାଇଁ ଆବଶ୍ୟକ ଦୁଇତୃତୀୟାଂଶ ସମର୍ଥନ ଯୋଗାଡ଼ କରିବାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ବିଫଳ ହୋଇଛି। ପ୍ରସ୍ତାବିତ ଆଇନକୁ ଗୃହୀତ କରାଇବା ସକାଶେ ୩୨୬ ଏମ୍‌ପିଙ୍କ ସମର୍ଥନ ଜରୁରୀ ଥିଲା। କିନ୍ତୁ ଗୃହରେ ଉପସ୍ଥିତ ଥିବା ୫୨୮ ସଦସ୍ୟଙ୍କ ମଧ୍ୟରୁ ୨୯୮ ଜଣ ବିଲ୍ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ବିରୋଧରେ କଂଗ୍ରେସ ସମେତ ବିପକ୍ଷର ୨୩୦ ସଦସ୍ୟ ମତଦାନ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉକ୍ତ ବିଲ୍‌କୁ ସମ୍ବିଧାନ ବିରୋଧରେ ଏକ ଆକ୍ରମଣ ଦର୍ଶାଇ ଆମେ ଏହାକୁ ହରାଇଦେଇଛୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପିମାନେ ଏହାର ପ୍ରତିବାଦରେ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।**

ନୂଆଦିଲ୍ଲୀ,୧୭।୪(ପି.ଟି)

ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କୁ ୩୩% ପ୍ରତିନିଧିତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ୨୦୨୩ ସେପ୍ଟେମ୍ବରରେ ଏକ ବିଧେୟକ (ମହିଳା ସଂରକ୍ଷଣ ବିଲ୍) ଆଣିଥିଲେ। ସଂସଦର ଉଭୟ ଗୃହରେ ପାରିତ ହେବା ପରେ ତାହା ନାରୀ ଶକ୍ତି ବନ୍ଦନ ଅଧିନିୟମ, ୨୦୨୩ ନାମରେ ପରିଚିତ ହେଲା। କିନ୍ତୁ ତାକୁ କାର୍ଯ୍ୟକାରୀ କରାଇବା ପାଇଁ ସେତେବେଳେ ସରକାର ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ୨୦୨୭ରେ ହେବାକୁ ଥିବା ଜନଗଣନା ଆଧାରିତ ତଥ୍ୟକୁ ଭିତ୍ତିକରି ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ) ପ୍ରକ୍ରିୟା ଶେଷ ହେବା ପରେ ଏହାକୁ କାର୍ଯ୍ୟକାରୀ କରାଇବାକୁ ସ୍ଥିର ହୋଇଥିଲା। ଏହାର ଅଢ଼େଇ ବର୍ଷ ପରେ ଉକ୍ତ ଆଇନରେ ସଂଶୋଧନ ଆଣିବା ପାଇଁ ସରକାର ବଜେଟ ଅଧିବେଶନ ଶେଷରେ ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଥିଲେ। ଉକ୍ତ ଅଧିବେଶନ ଗୁରୁବାର ଆରମ୍ଭ ହୋଇଥିଲା, ଯାହାକି ଶନିବାର ଶେଷ ହେବାକୁ ଯାଉଛି। ଅଧିବେଶନର ପ୍ରଥମ ଦିନରେ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଲୋକ ସଭାରେ ୩ଟି ବିଲ୍ ଆଗତ କରିଥିଲେ। ସେଗୁଡ଼ିକ ହେଲା ୧୩୧ତମ ସଂଶୋଧନ ବିଧେୟକ, ସୀମା ପୁନଃ ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ସଂଶୋଧନ ବିଧେୟକ। ଏହି ୩ ବିଲ୍ ସଂସଦର ଉଭୟ ଗୃହରେ ପାରିତ ହୋଇ ଆଇନରେ ପରିଣତ ହୋଇଥିଲେ ୨୦୧୧ ଜନଗଣନା ଆଧାରରେ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବା ସହ ମହିଳାଙ୍କୁ ୨୦୨୯ ମସିହାରୁ ୩୩% ସଂରକ୍ଷଣ ମିଳିଥାଆନ୍ତା। କିନ୍ତୁ ବିରୋଧୀ ଦଳଗୁଡ଼ିକ ପୁରୁଣା ତଥ୍ୟ ପରିବର୍ତ୍ତେ ୨୦୨୭ ଜନଗଣନା ଆଧାରରେ ବ୍ୟବସ୍ଥା କରିବାକୁ ଅଡ଼ିବସିଥିଲେ। ଏପରି କି ତାମିଲନାଡୁ, କର୍ଣ୍ଣାଟକ,

☞ ପୃଷ୍ଠା-୩

# ପରିସଂଖ୍ୟାନରେ ସୀମିତ ନ ରହୁ ସାର ବଣ୍ଟନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭।୪(ସୁନିତ୍ ମିଶ୍ର)

କ୍ଷୁଦ୍ର ବା ନାମମାତ୍ର ହୁଅନ୍ତୁ ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବା ଦରକାର। ପରିସଂଖ୍ୟାନରେ ସୀମିତ ନ ରହି ଶେଷ ପର୍ଯ୍ୟନ୍ତ ସାର ବଣ୍ଟନ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୀୟ ଅଧିକାରୀ ଓ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଲୋକସେବା ଭବନଠାରେ ଜିଲାପାଳମାନଙ୍କ ସହ ଶୁକ୍ରବାର ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଏବଂ ସୁଷମ ବଣ୍ଟନ ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଶେଷ ପର୍ଯ୍ୟନ୍ତ କିପରି ଠିକ୍ ଭାବେ ସାର ବଣ୍ଟନ କରାଯିବ ତାକୁ ସୁନିଶ୍ଚିତ କରାଇବାକୁ ମଧ୍ୟ କହିଛନ୍ତି।

ଏହି ଅବସରରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ରାମଚନ୍ଦ୍ର ଯାଦବ ପ୍ରଥମେ ରାଜ୍ୟର ବିଭିନ୍ନ ଜିଲାରେ ସାରର ଉପଲବ୍ଧତା ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନ୍ ସାର ଯୋଗାଇଦେବେ। ଏପ୍ରିଲ ପାଇଁ ୭୯,୬୩୦ ମେଟ୍ରିକ ଟନ୍ ସାର ଆବଶ୍ୟକ ଥିବାବେଳେ ଗତ ୧୫ ତାରିଖ ସୁଦ୍ଧା ୩,୬୧,୪୯୦ ମେଟ୍ରିକ ଟନ୍ ସାର ଉପଲବ୍ଧ ରହିଛି। ରାଜ୍ୟରେ ସାର ହୋଲ୍‌ସେଲର ବିକ୍ରେତାମାନଙ୍କ ସଂଖ୍ୟା ୧୦୨୯ ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ ଅଛି। ବିଭିନ୍ନ ସାର ଯୋଗାଣ କମ୍ପାନୀ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଡିଲର ପଏଣ୍ଟ ଯାଞ୍ଚ କରାଯାଇ ୬ଟି ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ସୂଚନା ଦିଆଯାଇଥିଲା, କେନ୍ଦ୍ର ସରକାରଙ୍କ ସାର ବିଭାଗ ପକ୍ଷରୁ ଏକ ଇଣ୍ଟିଗ୍ରେଟେଡ୍ ସିଷ୍ଟମ(ଆଇଏଫ୍‌ଏମ୍‌ଏସ୍) ଆରମ୍ଭ କରାଯାଇଛି। ଏଥିରେ ପ୍ରତ୍ୟେକ ଜିଲାର ଦୈନିକ ସାର ଉପଲବ୍ଧତା ଓ ଆବଣ୍ଟନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି।

ଜିଲାପାଳମାନଙ୍କ ସାଙ୍ଗରେ ସାର ଯୋଗାଣ ପରିସ୍ଥିତି ସମ୍ପର୍କରେ ଆଲୋଚନାକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ୧.୭୭ ଲକ୍ଷ ମେଟ୍ରିକ ଟନ୍ ୟୁରିଆ ଓ ୬୦ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଡିଏପି ସାର ମହଜୁଦ ରହିଛି। ପ୍ରତ୍ୟେକ ଚାଷୀ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ ସେନେଇ ଜିଲାପାଳମାନେ ସୁନିଶ୍ଚିତ କରିବା ଦରକାର। ଏଥିଲାଗି ୬ଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। କଳାବଜାରୀ ଏବଂ ସାର ମହଜୁଦକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କର। ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ଦୋକାନ ଉପରେ ସମୟ ସମୟରେ ଯାଞ୍ଚ କରାଯାଉ। ଜିଲାପାଳମାନେ ହଠାତ୍ ଯାଇ ଯାଞ୍ଚ କରିବା ସହ ବେନିୟମ ଭାବେ ସାର ମହଜୁଦକାରୀଙ୍କ ବିରୋଧରେ ମାମଲା କରନ୍ତୁ। ସେମାନଙ୍କ ଲାଇସେନ୍ସ ମଧ୍ୟ ବାତିଲ କରାଯାଉ। ପଡ଼ୋଶୀ ରାଜ୍ୟକୁ ଯେପରି ସାର ଚୋରାଚାଲାଣ ନ ହେବ ସେଥିଲାଗି ପୋଲିସ ଏବଂ କୃଷି ବିଭାଗ ମିଳିତ ଭାବେ ସୀମାନ୍ତ ଅଞ୍ଚଳରେ ଚେକ୍‌ପୋଷ୍ଟ ଉପରେ ନଜର ରଖନ୍ତୁ। ପ୍ରତ୍ୟେକ ସନ୍ଦେହଜନକ ଗାଡ଼ିକୁ ଯାଞ୍ଚ କରାଯାଉ। ସବ୍‌ସିଡି ଯୁକ୍ତ ସାର ଚୋରାଚାଲାଣର ଆଶଙ୍କା ଥାଏ। ଜିଲାସ୍ତରୀୟ ଟାସ୍କଫୋର୍ସ ଏହାର ଯାଞ୍ଚ କରନ୍ତୁ। ୬୨୨୯ଟି ପଞ୍ଚାୟତରେ ନିରୀକ୍ଷଣ ସମିତି ଗଠନ କରାଯାଇଛି। ୫୬୫ଟି ପଞ୍ଚାୟତରେ ଏହା ଗଠନ ହୋଇନାହିଁ, ୨ରୁ ୩ ଦିନ ମଧ୍ୟରେ ଏହା କରାଯାଉ। ୧୫ ଲକ୍ଷ ଚାଷୀ ଡିଜିଟାଲ ମୋଡ୍‌ରେ ପଞ୍ଜୀକରଣ କରିଛନ୍ତି। ସମସ୍ତ ୪୪ ଲକ୍ଷ ଚାଷୀଙ୍କର ଏହା କରିବା ଦରକାର। ଚାଷୀମାନେ ଯେପରି କେମିକାଲ ସାର ବ୍ୟବହାର କମ୍ କରିବେ ସେନେଇ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ବିଭିନ୍ନ ସାର ବିକ୍ରୟ କେନ୍ଦ୍ରରେ ସାରର ଷ୍ଟକ୍ ପରିମାଣ ଓ ଏହାର ଦାମ୍ ସମ୍ପର୍କରେ ତଥ୍ୟ ପ୍ରଦର୍ଶନ କରାଯାଉ। ଚାଷୀମାନେ ଯେପରି ବୁଝିପାରିବେ, ତାକୁ ଧ୍ୟାନରେ ରଖି ଓଡ଼ିଆ ଭାଷାରେ ଏହି ତଥ୍ୟ ପ୍ରଦର୍ଶନ କର। ରାଜ୍ୟର ପ୍ରତ୍ୟେକ ସବ୍ ଡିଭିଜନରେ ଥିବା ଇଲେକ୍ଟ୍ରୋନିକ୍ ଡିସ୍‌ପ୍ଲେ ବୋର୍ଡରେ ମଧ୍ୟ ଏହି ତଥ୍ୟ ପ୍ରଦର୍ଶନ କରିବାକୁ କୁହାଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କୁ

☞ ପୃଷ୍ଠା-୩

# ୪ ବର୍ଷରେ ଭିତରକନିକା ଲୁଣା ଜଙ୍ଗଲ ୯.୪୩ ବର୍ଗ କି.ମି.ବଢ଼ିଲା

କେନ୍ଦ୍ରାପଡ଼ା,୧୭।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନ ଅଞ୍ଚଳରେ ଲୁଣା ଜଙ୍ଗଲର ଅଭିବୃଦ୍ଧି ଘଟିଛି। ଗତ ୪ ବର୍ଷମଧ୍ୟରେ ଏଠାରେ ୯.୪୩ ବର୍ଗ କିଲୋମିଟରର ପରିସୀମା ବୃଦ୍ଧି ଘଟିଛି। ଏଥିସହ ପ୍ରାୟ ୧୦୦ ହେକ୍ଟର ଲୁଣା ଜଙ୍ଗଲକୁ ସଫଳତାର ସହ ପୁନରୁଦ୍ଧାର କରାଯାଇଛି ବୋଲି ଏସିଏଫ୍ ମାନସ କୁମାର ଦାଶ କହିଛନ୍ତି। ଏସିଏଫ୍ ଦାଶଙ୍କ ସୂଚନା ଅନୁଯାୟୀ ବିଶ୍ୱତାପନ ଓ ଋତୁଚକ୍ରର ଅନିୟମିତତାରୁ ସମୁଦ୍ରର ଜଳପତନ ବୃଦ୍ଧି ପାଉଛି। ଫଳରେ ତଟବର୍ତ୍ତୀ ଅଞ୍ଚଳ ନଷ୍ଟ ହେଉଛି। ଏହାର ନିରାକରଣ ପାଇଁ ବନ ବିଭାଗ ଲୁଣା ଜଙ୍ଗଲ ବୃଦ୍ଧିକୁ ଗୁରୁତ୍ୱ ଦେଇଛି। ସମୁଦ୍ର ଜୁଆର ପାଣି ଲୁଣା ଜଙ୍ଗଲରେ ପହଞ୍ଚିବା ପାଇଁ ନାଳକୁ ଗଭୀର କରାଯିବା ସହ ସଫେଇ ହେଉଛି। କେତେକ ସ୍ଥାନରେ ଜଙ୍ଗଲ ସୁରକ୍ଷା ପାଇଁ ତାରବାଡ଼ ଦିଆଯାଇଛି। ସେହିପରି ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଅବକ୍ଷୟ ହେଉଥିବା ଅଞ୍ଚଳର ଫିସ୍ ବୋନ ଚ୍ୟାନେଲ ବା ମାଛ କଣ୍ଟା ଆକୃତିର ଲୁଣା ଜଙ୍ଗଲ ସୃଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଅଭିନବ ଉପାୟ ଅବଲମ୍ବନ ପରେ ଭିତରକନିକାର ପ୍ରାୟ ୧୦୦ ହେକ୍ଟର ଜମିରେ ଲୁଣା ଜଙ୍ଗଲର ପନରୁଦ୍ଧାର ହୋଇଛି। ସ୍ଥାନୀୟ ଲୋକଙ୍କ ସହଭାଗିତା ଏଥିରେ ଅଛି। କାମ୍ପା ପାଣ୍ଠି ସହାୟତାରେ ସ୍ଥାନୀୟ ଲୋକ ନର୍ସରି ମାଧ୍ୟମରେ ଚାରା ସୃଷ୍ଟି ଓ ରୋପଣ କରିବା ସହିତ ଜଙ୍ଗଲର ଅଭିବୃଦ୍ଧି ଓ ସୁରକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ରାପଡା ଜିଲା ସର୍ବଦା ସାମୁଦ୍ରିକ ଝଡ, ବନ୍ୟା

☞ ପୃଷ୍ଠା-୩

# ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'କୁ ଜାତୀୟ ଚଳଚ୍ଚିତ୍ର ସମ୍ମାନ



ଇନ୍‌କା ଆୱାର୍ଡ୍ସ ଉତ୍ସବରେ ଅର୍ଚ୍ଚିତା ସାହୁ ଶ୍ରେଷ୍ଠ ଅଭିନେତ୍ରୀ ଓ ବାବୁସାନ ମହାନ୍ତି ଶ୍ରେଷ୍ଠ ଅଭିନେତା ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୭।୪(ବନ୍ଦନା ସେଠୀ)

ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗର୍ବ ଆଣି ଦେଇଛି ଓଡ଼ିଆ ଚଳଚ୍ଚିତ୍ର 'ବୋଉ ବୁଟୁ ଭୂତ'। ମୁମ୍ବାଇରେ ଆୟୋଜିତ ଇନ୍‌କା (ଆଇଏନ୍‌ସିଏ) ଆୱାର୍ଡ୍ସ ଉତ୍ସବରେ ଏହାକୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ୨୦୨୫ରେ ମୁକ୍ତିଲାଭ କରିଥିବା ଦେଶର ଶ୍ରେଷ୍ଠ ୧୦ଟି ଚଳଚ୍ଚିତ୍ର ମଧ୍ୟରୁ 'ବୋଉ ବୁଟୁ ଭୂତ'କୁ ଶ୍ରେଷ୍ଠ ପୁରସ୍କାର ପାଇଁ ବିଚାରକମାନେ ଚୟନ କରିଥିଲେ। ଏଥିସହ ଶ୍ରେଷ୍ଠ ଅଭିନେତା ଭାବେ ଏହି ଚଳଚ୍ଚିତ୍ରର ନାୟକ ବାବୁସାନ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ ନାୟିକା ଅର୍ଚ୍ଚିତା ସାହୁ ମଧ୍ୟ ସମ୍ମାନିତ ହୋଇଛନ୍ତି। ପ୍ରଡ୍ୟୁସର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଇନ୍‌କା ଉତ୍ସବରେ ବଲିଉଡ୍ ଏବଂ ଟଲିଉଡ୍‌ର ତାରକାଙ୍କ ମେଳରେ 'ବୋଉ ବୁଟୁ ଭୂତ'କୁ ଏହି ଜାତୀୟ ପୁରସ୍କାର ମିଳିଥିବାରୁ ଓଡ଼ିଶାର ଚଳଚ୍ଚିତ୍ର ଶିଳ୍ପ ପାଇଁ ଆଉଏକ

☞ ପୃଷ୍ଠା-୩



AUTHORIZED NISSAN DEALERS: ORISSA: BHUBANESWAR: JAHNAVI NISSAN- 9619894553, CUTTACK: BASANTI NISSAN- 9167285078, JHARKHAND: RANCHI: ORMANJHI TITAN NISSAN- 8291043571, MAIN ROAD: TITAN NISSAN- 8291049031, DALTONGANJ: TITAN NISSAN- 8291066475, HAZARIBAGH: TITAN NISSAN- 8291067631, JAMSHEDPUR: BHALOTIA NISSAN- 9263855076, BIHAR: PATNA: ICON NISSAN- 8879872692, MUZAFFARPUR: GOBERDHAN NISSAN- 8291047950.
*Terms & conditions apply: The scheme/benefits mentioned are applicable on select vehicles/variants of MY'2026 which will be invoiced on or before 30th April 2026 or till stocks last. All prices ex-showroom Delhi. Features may vary from variant to variant. Colours, models and variants are indicative and for depiction only and may vary due to printing constraints. Accessories shown may not be part of standard fitment. Please visit your nearest Nissan dealer for more information. 5.55% Interest rate is applicable only with NRFSI finance'. Finance is on the sole discretion of NRFSI'. Segment refers to B-SUV models with Length <4m. Leather mentioned in the features refers to synthetic leather/leatherette. PlasmaCluster® is a registered trademark of the Sharp Corporation. ‡Standard warranty 3 year or 100k km whichever comes first and can be extended to 10 years 200K on additional cost. Offer applicable on Nissan Magnite only and customer needs to provide certificate of deposit. *Government approved CNG Kit fully developed, manufactured & Quality assured by a 3rd Party. CNG kit warranty & any other related terms & conditions are applicable as specified by third party. Exchange is at the sole discretion of exchange partner'. ®GNCAP rating for Nissan Magnite published in 2025 - 5 Star for Adult Safety and 3 Star for Child Safety rating from VIN: MDHFBADD0Z0037139. Detailed report available on website: www.globalncap.org/indiaresults.
TBWA\100196
NISSAN FINANCE

ଆମେ ଯାହାକୁ ହିନ୍ଦୁ ଧର୍ମ କହୁ- ତାହା ହେଉଛି ପ୍ରକୃତରେ ଶାଶ୍ୱତ ବା ସନାତନ ଧର୍ମ। କାରଣ- ଏହା ହେଉଛି ବିଶ୍ୱଜନୀକ ଧର୍ମ, ଯାହାକି ଅନ୍ୟ ସମସ୍ତ ଧର୍ମକୁ ଆଲିଙ୍ଗନ କରେ। କୌଣସି ଧର୍ମ ଯଦି ବିଶ୍ୱଜନୀନ ନୁହେଁ- ତେବେ ତାହା ସନାତନ ହୋଇ ପାରେନା।-**ଶ୍ରୀଅରବିନ୍ଦ**



# ନିର୍ଦ୍ଦେଶରେ ଦ୍ୱନ୍ଦ୍ୱ



## ଦିଲ୍ଲୀକା ବାବୁ

ଦିଳୀପ ଚେରିଏନ୍

ଯଦି ଆପଣ ଭାବୁଛନ୍ତି ଯେ ଦିଲ୍ଲୀରେ ଦୁଇ ପକ୍ଷଙ୍କ ମଧ୍ୟରେ ବିବାଦ ଦ୍ୱନ୍ଦ୍ୱାତ୍ମକ ଥିଲା ତାହା ନୁହେଁ, ଏବେ ତାମିଲନାଡୁରେ ସମାନ ପ୍ରକାର କାହାଣୀ ଦେଖିବାକୁ ମିଳିଛି ; ଯେଉଁଥିରେ ଦୁଇ କର୍ତ୍ତୃପକ୍ଷ ଗୋଟିଏ ପଦବୀରେ ଜଡ଼ିତ ହୋଇ ବିବାଦୀୟ ହୋଇଛନ୍ତି ଏବଂ ସେଥିରେ କୌଣସି ସ୍ୱଷ୍ଟତା ବି ନାହିଁ। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ଜଣେ ନୂତନ ଡିଜିପି ଦାୟିତ୍ୱ ଗ୍ରହଣ କଲେ ଏବଂ ତୁରନ୍ତ ଜଣେ ଆଇପିଏସ୍ ଅଧିକାରୀଙ୍କୁ ଡାଇରେକ୍ଟୋରେଟ ଅଫ୍ ଭିଜିଲାନ୍ସ ଆଣ୍ଡ୍ ଆଣ୍ଟିକରପ୍ସନ(ଡିଭିଏସି)ର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କଲେ। କିଛି ଘଣ୍ଟା ପରେ ସ୍ୱରାଷ୍ଟ୍ର ସଚିବ ହସ୍ତକ୍ଷେପ କରି ସମାନ ଦାୟିତ୍ୱରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେଲେ। ସେହିଦିନ ତାମିଲନାଡୁ ସରକାର ଦୁଇଟି ନିର୍ଦ୍ଦେଶ ଦେଇଥିଲେ। ନିଶ୍ଚିତ ଭାବରେ ନିର୍ବାଚନ କମିଶନଙ୍କ ପ୍ରାରମ୍ଭିକ ବଦଳି ଅଧ୍ୟାୟକୁ ଏପାଖସେପାଖ କରିଦେଇଥିଲା। ସମାନ ଦାୟିତ୍ୱ ପାଇଁ ନିଯୁକ୍ତି ଦେବା ଏବଂ ତା'ପରେ ପ୍ରତ୍ୟାହାର କରିବା ଦେଖାଯାଇଛି। ଡିଜିପି ସମ୍ଭବତଃ ପ୍ରଥମ ଚିଠି ପଢ଼ିଥିବେ ; ଗୃହ ସଚିବ ବି ଦେଖିଥିବେ। ଏହା କୌଣସି ବିବାଦର କଥା ନୁହେଁ, ବରଂ ଏହା ଅମଲାତନ୍ତ୍ରିକ ଦ୍ୱନ୍ଦ୍ୱ। ଡିଭିଏସି କୌଣସି ଏକ ଭିନ୍ନ ବିଭାଗ ନୁହେଁ ; ଏହା ରାଜ୍ୟର ଦୁର୍ନୀତି ବିରୋଧୀ କେନ୍ଦ୍ର। ଏହା ଉପରେ ନିୟନ୍ତ୍ରଣ କରିବା ଅର୍ଥ ଏହାର ରଣନୀତିକ ଲାଭ ଉପରେ ଗୁରୁତ୍ୱ ଦେବା। ଆମେ ପୂର୍ବରୁ ବିଶେଷକରି ନିର୍ବାଚନ ସମୟରେ ଏହି ପ୍ରକାରର ଘଟଣା ବି ଦେଖିଛୁ, ଯେଉଁଥିରେ କର୍ତ୍ତୃପକ୍ଷ ପୂର୍ବସ୍ଥିତିକୁ ଫେରିଯାଇଥାଏ, ବ୍ୟବସ୍ଥା ନୂଆ ପଦକ୍ଷେପ ନେଇଥାଏ । ଏହାକୁ ଏକ ଦୁଇ ପକ୍ଷର ବିବାଦ କୁହନ୍ତୁ କିମ୍ବା ଏକ ପ୍ରକ୍ରିୟାଗତ ତ୍ରୁଟି କୁହନ୍ତୁ ବା କେବଳ ପ୍ରଶାସନିକ ରଙ୍ଗମଞ୍ଚ କୁହନ୍ତୁ, ଯାହା ବି ହେଉ କୌଣସି ପ୍ରକାରେ ଏହା ସୂଚିତ କରିଦିଏ ଯେ, ଭାରତୀୟ ବ୍ୟବସ୍ଥାରେ ଅସ୍ୱଷ୍ଟତା ବା ଦ୍ୱନ୍ଦ୍ୱ କୌଣସି ଚିନ୍ତାର ବିଷୟ ନୁହେଁ, ବରଂ ଏହା ପ୍ରାୟତଃ ତାହାର ଏକ ବୈଶିଷ୍ଟ୍ୟ ବା ପ୍ରମୁଖ ଗୁଣ।

### ଆଇଏଏସ୍ ଛାଡ଼ିବା କଷ୍ଟକର

ଆମକୁ ପ୍ରାୟତଃ କୁହାଯାଏ ଯେ ଆଇଏଏସ୍ ଛାଡ଼ିବା ଏକ ସାହସିକ କାର୍ଯ୍ୟ। ହେଲେ ଅଖିଳ ଭାରତୀୟ ସେବା ନିୟମ ଅନୁଯାୟୀ, ସରକାର ଜଣେ ଆଇଏଏସ୍ ଅଧିକାରୀଙ୍କ ଇସ୍ତଫାକୁ ଗ୍ରହଣ ନ କରିବା ପର୍ଯ୍ୟନ୍ତ ତାହା କେବଳ ଏକ ପ୍ରସ୍ତାବ ରୂପେ ବିବେଚିତ ହୋଇଥାଏ। ଇସ୍ତଫା ଗ୍ରହଣ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ନାହିଁ। ଅର୍ଥାତ୍ ଜଣେ ଇସ୍ତଫା ଦେଇପାରିବେ ଏବଂ ମାସ ମାସ ବର୍ଷ ବର୍ଷ ଧରି ବି ସେବାରେ ରହିପାରିବେ। କେନ୍ଦ୍ର ଇସ୍ତଫା ଅନୁରୋଧ ଉପରେ ବିଚାର କରିବା ପୂର୍ବରୁ, ରାଜ୍ୟ କ୍ୟାଡର ବକେୟା ଦେୟ, ଭିଜିଲାନ୍ସ ସ୍ଥିତି ଏବଂ ଶୃଙ୍ଖଳାଗତ ମାମଲା ଉପରେ ଯାଞ୍ଚ ଆରମ୍ଭ କରିଦିଏ। ଯଦି ବଳମ୍ବ ହୁଏ, ତେବେ ଇସ୍ତଫାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇପାରିବ। ନଚେତ୍, ଫାଇଲ ଦୀର୍ଘଦିନ ଧରି ଗତିକରେ ଏବଂ ଆଇଏଏସ୍ ମାମଲାରେ ପ୍ରଧାନମନ୍ତ୍ରୀ ହିଁ ଚୂଡ଼ାନ୍ତ କର୍ତ୍ତୃପକ୍ଷ। ଯଦି ସରକାର ବିଶ୍ୱାସ କରନ୍ତି ଯେ ଆପଣଙ୍କ ପ୍ରସ୍ଥାନ ଅସୁବିଧାଜନକ କିମ୍ବା କଷ୍ଟକର, ତେବେ ପ୍ରଶାସନିକ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ଇସ୍ତଫା ଗ୍ରହଣ କରିବାରେ ବିଳମ୍ବ କରିପାରିବେ। କାନ୍ନନ ଗୋପୀନାଥନଙ୍କ ଇସ୍ତଫା ଅନେକ ବର୍ଷ ଧରି ଗ୍ରହଣ କରାଯାଇନାହିଁ ବୋଲି ଜଣାପଡ଼ିଛି। ସେ ଅନିଶ୍ଚିତତାରେ ଅଛନ୍ତି। ଶାହ ଫୈସଲଙ୍କ ଇସ୍ତଫା ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇ ନ ଥିବାରୁ ସେ ଚାକିରିକୁ ଫେରିପାରିଲେ। ଏଥିରେ ଏକ ଆର୍ଥିକ କ୍ଷତି ମଧ୍ୟ ଅଛି। ସ୍ୱେଚ୍ଛାକୃତ ଅବସର ପରି ନୁହେଁ, ଇସ୍ତଫା ଦେବା ଅର୍ଥ ସମ୍ପୂର୍ଣ୍ଣ ଭାବରେ ପେନ୍‌ସନ ଲାଭ ହରାଇବା। ସରକାର ଅନିଶ୍ଚିତତା ଏବଂ ପ୍ରସ୍ଥାନକୁ ପସନ୍ଦ କରନ୍ତି ନାହିଁ। ଆଇଏଏସ୍‌ରେ ପ୍ରବେଶ କରିବା ବହୁତ କଷ୍ଟକର ଏବଂ ସେଥିରୁ ବାହାରିବା ଅତି କଷ୍ଟକର ହୋଇପାରେ।

### ଦୁର୍ନୀତି ଓ ଅର୍ଥନୀତି

ଯେତେବେଳେ ଏକ ନୂତନ ଦୁର୍ନୀତି ମାମଲା ସାମ୍ନାକୁ ଆସେ ସେତେବେଳେ ସାଧାରଣ ପ୍ରତିକ୍ରିୟା ପ୍ରକାଶ ପାଇଥାଏ। ତା'ପରେ ତଥ୍ୟ ଓ ଆର୍ଥିକ ପରିମାଣ ସାମ୍ନାକୁ ଆସେ। ଜଳ ଜୀବନ ମିଶନ ଦୁର୍ନୀତିରେ ସୁବୋଧ ଅଗ୍ରୱାଲଙ୍କ ମାମଲାରେ ୯୦୦ କୋଟି ଟଙ୍କାରୁ ଅଧିକ ହେବାରେ ଲାଗିଛି। କିନ୍ତୁ ଯେଉଁମାନେ ଏହି ବିଷୟରେ ଜାଣିଛନ୍ତି, ସେମାନେ କହନ୍ତି ଯେ, ଏକ ଘୋଟାଲାର ପ୍ରକୃତ ଆର୍ଥିକ ପରିମାଣ କେବେ ବି ସମ୍ପୂର୍ଣ୍ଣ ଭାବରେ ସୂଚିତ ହୁଏ ନାହିଁ। ଟଙ୍କା ଅଦୃଶ୍ୟ ହୁଏ ନାହିଁ । କିନ୍ତୁ ପ୍ରାୟତଃ ଏକ ଶୃଙ୍ଖଳ ମାଧ୍ୟମରେ ଗତି କରେ ଯାହା ସନ୍ଦେହଜନକ ମନେହୁଏ। ଗୋଟିଏ ସମୟରେ ଆମେ ୯୦୦ କୋଟି ଟଙ୍କା ଠକେଇ କିପରି ହେଲା ତାହା ପଚାରିବା ବନ୍ଦ କରିଦେଉ ଏବଂ ପଚାରିବା ଆରମ୍ଭ କରୁ ଯେ ଏପରି କେତେ ହେଉଛି। ଏ ସମ୍ପର୍କରେ କେବେ କି ଆଉ ଖବର ପ୍ରକାଶ ପାଏନାହିଁ। ଦୁର୍ନୀତିକୁ ନେଇ ଆମେ ଭାବୁ ଯେ, ଏହା ପ୍ରଚ୍ଛଦରେ ଅର୍ଥ ବ୍ୟବସ୍ଥା କ୍ଷତିର କୌଣସି ସମ୍ପର୍କ ନାହିଁ । ପାଣି ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏକ ଯୋଜନାରେ ପାଣ୍ଠି ଶୀଘ୍ର ଯୋଗାଇ ଦିଆଯାଉଛି। ଗାଁଗୁଡ଼ିକରେ ଜଳ ଯୋଗାଣକୁ ଲୋକେ ଚାହିଁ ବସିଛନ୍ତି ହେଲେ ବ୍ୟବସ୍ଥା ତାହା ପୂରଣ କରିପାରୁନାହିଁ। ସ୍ୱଷ୍ଟ ଭାବରେ, ଦୁର୍ନୀତି ଅର୍ଥନୀତି ସହିତ ଗଭୀର ଭାବରେ ଜଡ଼ିତ। ମୋଟ ଆର୍ଥିକ ପରିମାଣକୁ ଯେତେବେଳେ ଏକତ୍ରିତ କରାଯାଏ, ସେତେବେଳେ କମ କ୍ଷତି ବୋଲି ମନେକରୁ, କିନ୍ତୁ ଜିଡିପିର କ୍ଷତିକୁ ଗଣନାକୁ ନେଉ ନାହୁଁ, ଯାହା ବାସ୍ତବରେ ଘଟିଥାଏ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 6 | 5 | | | | |
| | | | | | 2 | 3 | | |
| 5 | | | 1 | 3 | 4 | | | |
| | | 3 | | | 8 | | 4 | |
| | 9 | 8 | | 7 | | | | 1 |
| | | | 2 | | | 8 | | |
| | | | | | | 1 | | 6 |
| | | 9 | | | | | | 8 |
| | 4 | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 6 | 8 | 3 | 9 | 1 | 7 | 4 |
| 3 | 9 | 7 | 4 | 1 | 6 | 2 | 8 | 5 |
| 8 | 1 | 4 | 2 | 7 | 5 | 9 | 6 | 3 |
| 9 | 8 | 1 | 7 | 4 | 3 | 6 | 5 | 2 |
| 6 | 7 | 5 | 9 | 8 | 2 | 3 | 4 | 1 |
| 4 | 2 | 3 | 6 | 5 | 1 | 7 | 9 | 8 |
| 1 | 3 | 9 | 5 | 6 | 4 | 8 | 2 | 7 |
| 5 | 6 | 8 | 3 | 2 | 7 | 4 | 1 | 9 |
| 7 | 4 | 2 | 1 | 9 | 8 | 5 | 3 | 6 |

ଗତକାଲିର ଉତ୍ତର

# ମନମୁଖି ଛଟେଇ



ଡ. ସନ୍ତୋଷ କୁମାର ମହାପାତ୍ର

କିଛିଦିନ ତଳେ ସକାଳେ ଓରାକଲ କମ୍ପାନୀ କୌଣସି ପୂର୍ବ ଆଲୋଚନା ନ କରି ବା ସୂଚନା ବା ଚେତାବନୀ ନ ଦେଇ ସ୍ୱୟଂଚାଳିତ ଇ-ମେଲ୍‌ରେ ଏକା ଥରକେ ମୋଟ କର୍ମଚାରୀର ୧୮% ବା ୩୦,୦୦୦ କର୍ମଚାରୀଙ୍କୁ ଚାକିରିରୁ ଅତ୍ୟନ୍ତ ନିର୍ଦ୍ଦୟ, ନିଷ୍ଠୁର ତଥା ବିବେକହୀନ ଭାବରେ ଛଟେଇ କରିଛି । ଭାରତରେ ପ୍ରାୟ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। କମ୍ପାନୀ ପାଖରେ କ'ଣ ବିକଳ୍ପ ନଥିଲା । ବିକଳ୍ପ ଥିଲା। ଛଟେଇ କରିବା ପରିବର୍ତ୍ତେ ୩୦,୦୦୦ କର୍ମଚାରୀଙ୍କୁ ଛଟେଇ କଲେ ଯେତିକି ଅର୍ଥ ବଞ୍ଚେଇପାରିବ, ସମସ୍ତଙ୍କର ସମାନୁପାତରେ ଦରମା ହ୍ରାସ କରି ସେତିକି ଅର୍ଥ ବଞ୍ଚେଇ ପାରିଥାନ୍ତା । ମନମୁଖି ଛଟେଇ କରିବା କେତେ ଯଥାର୍ଥ । ଏହି କମ୍ପାନୀ ଉପରେ କୌଣସି ନିୟନ୍ତ୍ରଣ କ'ଣ କାହାର ନାହିଁ । ଭାରତରେ ଯେଉଁ ଶ୍ରମ ଆଇନରେ ପରିବର୍ତ୍ତନ କରାଯାଇଛି, ତାହା କମ୍ପାନୀଗୁଡ଼ିକୁ ମନମୁଖି ଛଟେଇ କରିବା ପ୍ରକ୍ରିୟାକୁ ଆହୁରି ସହଜ କରିବ ବୋଲି ଆଶଙ୍କା କରାଯାଉଛି । ସେହିପରି ବେଙ୍ଗାଲୁରୁରେ କାର୍ଯ୍ୟରତ ୩୨ ବର୍ଷୀୟ ଜଣେ ଆଇଟି ପେସାଦାର ଭାନୁ ଚନ୍ଦର ଗୋଟିଏ ଆମେରିକୀୟ କମ୍ପାନୀରେ ପ୍ରଚୁର ଦରମାରେ କାମ କରୁଥିଲେ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବଢ଼ୁଥିବା ବ୍ୟବହାର ଓ ପରିବର୍ତ୍ତନଶୀଳ ପ୍ରଯୁକ୍ତି ପରିବେଶରେ ସେ ଚାକିରି ହରାଇଥିଲେ। ଦୀର୍ଘ ସମୟ ଧରି ନୂତନ ଚାକିରି ନ ମିଳିବାରୁ ସେ ମାନସିକ ଚାପରେ ଥିଲେ ଏବଂ ଦୁଃଖଦ ଭାବେ ନିଜ ଜୀବନ ହାରିଦେଲେ। ସ୍ୱାମୀଙ୍କ ମୃତ୍ୟୁର ଆଘାତ ସହି ନ ପାରି ତାଙ୍କ ସ୍ତ୍ରୀ ବିବି ସାଜିଆ ସିରାଜ ଆପାର୍ଟମେଣ୍ଟର ୧୮ ମହଲାରୁ ଡେଇଁପଡ଼ି ଆତ୍ମହତ୍ୟା କରିଥିଲେ। ଯେଉଁ ଘରେ ଦିନେ ଆନନ୍ଦ ଓ ଉଲ୍ଲାସ ଥିଲା, ସେଠାରେ ଆଜି ଦୁଃଖର ଛାଇ ଗ୍ରାସ କରିଛି। ଅବଶ୍ୟ ଜୀବନ ସଂଘର୍ଷପୂର୍ଣ୍ଣ ହୋଇପାରେ, କିନ୍ତୁ ହାର ମାନିବା କେବେ ସମାଧାନ ନୁହେଁ। ଆତ୍ମହତ୍ୟା ସମାଧାନ ନୁହେଁ।

ସରକାର ଯେତେବେଳେ ବିକଶିତ ଭାରତ ଓ ଅମୃତବେଳା କଥା କହୁଛନ୍ତି, ସେତେବେଳେ ଏପରି ଛଟେଇକୁ ବିରୋଧ କରିବା ସହିତ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତିକୁ ଗୁରୁତ୍ୱଦେବା ଉଚିତ। ଆମେ କାମ ନ କରିବା ବା ଠକିବାକୁ ସମର୍ଥନ କରୁନୁ , କିନ୍ତୁ ମନଇଚ୍ଛା ଛଟେଇ ଉପରେ ଭାରତୀୟ ବା ବିଦେଶୀ କମ୍ପାନୀ ହେଉ ତାଙ୍କ ଉପରେ ଅଙ୍କୁଶ ରହିବା ଉଚିତ । ସରକାରଙ୍କର ନିଯୁକ୍ତି ସୃଷ୍ଟି କରିବା ପାଇଁ ଏକ ନୀତି ରହୁ । ଭାରତ ଆଜି ବେକାରି ସମସ୍ୟାକୁ ନେଇ ସଙ୍କଟର ସୀମାରେ ଦଣ୍ଡାୟମାନ। ଯୁବ ବେକାରି ସମସ୍ୟା ଏହାର ଜନସଂଖ୍ୟାଗତ ଲାଭାଂଶ ଉପରେ କଳା ମେଘ ପରି ଘନୀଭୂତ ହୋଇଛି। ୨୮ ବର୍ଷର ମଧ୍ୟମ ବୟସ ସହିତ ଭାରତ ପୃଥିବୀର ସବୁଠାରୁ ଯୁବ ଦେଶଗୁଡ଼ିକ ମଧ୍ୟରୁ ଗୋଟିଏ। ଦୀର୍ଘ ସମୟ ଧରି ଏହି ଯୁବଶକ୍ତିକୁ ଅର୍ଥନୈତିକ ଅଭିବୃଦ୍ଧିର ମୂଳ ଇଞ୍ଜିନ ବୋଲି ପ୍ରଚାର କରାଯାଇଥିଲା। କିନ୍ତୁ ଆଜିର ପରିସ୍ଥିତି ସ୍ୱଷ୍ଟ କରୁଛି ଯେ, ଏହି ଲାଭାଂଶ ଧୀରେ ଧୀରେ ଏକ ଜନସଂଖ୍ୟାଗତ ବିପର୍ଯ୍ୟୟରେ ପରିଣତ ହେଉଛି। କ୍ରମବର୍ଦ୍ଧିଷ୍ଣୁ ଯୁବ ବେକାରି, ସ୍ନାତକ ବେକାରି ସାଙ୍ଗକୁ ଅସ୍ୱଷ୍ଟ ନିଯୁକ୍ତି ନୀତି ଆଦି ସବୁ ମିଶି ଏକ ଗଭୀର ସାଂରଚନିକ ସଙ୍କଟର ଚିତ୍ର ଆଙ୍କି ଦେଉଛି। ୧୭ ମାର୍ଚ୍ଚ ୨୦୨୬ରେ ଅଜିମ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଷ୍ଟେଟ ଅଫ୍ ୱାର୍କିଂ ଇଣ୍ଡିଆ ରିପୋର୍ଟ ଏହି ସତ୍ୟକୁ ଆଉ ଅଧିକ ସ୍ୱଷ୍ଟ କରିଛି। ରିପୋର୍ଟରେ କୁହାଯାଇଛି ଯେ, ଶିକ୍ଷା ଓ ନିଯୁକ୍ତି ସୃଷ୍ଟି ମଧ୍ୟରେ ବିରାଟ ଅସମନ୍ୱୟ ଦେଖାଦେଇଛି।



ଆଜି ଅଧିକ ଯୁବପିଢ଼ି ଉଚ୍ଚଶିକ୍ଷାରେ ପ୍ରବେଶ କରୁଛନ୍ତି, କିନ୍ତୁ ଚାକିରି ସୃଷ୍ଟି ସେହି ହାରରେ ବଢ଼ୁନାହିଁ। ଏହାର ପରିଣାମରେ ଶିକ୍ଷିତ ବେକାରି ଭୟାବହ ଭାବେ ବଢ଼ୁଛି। ଭାରତରେ ବୃତ୍ତିଗତ ଶିକ୍ଷା ଦିନକୁ ଦିନ ବ୍ୟୟସାପେକ୍ଷ ହେଉଛି। ଆୟ ଅପେକ୍ଷା ଖର୍ଚ୍ଚ ଦ୍ରୁତଭାବରେ ବଢ଼ୁଥିବାରୁ ଏହା ଅନେକ ପରିବାର ପାଇଁ ଏକ ଭାରସାମ୍ୟହୀନ ଆର୍ଥିକ ବୋଝ ହୋଇପଡ଼ିଛି। ଯେଉଁ ଶିକ୍ଷାକୁ ଏକ ସୁଯୋଗ ଭାବେ ଦେଖାଯାଉଥିଲା, ସେହି ଶିକ୍ଷା ଏବେ ଅନେକଙ୍କ ପାଇଁ ମରୀଚିକା ତଥା ଅନିଶ୍ଚିତତାର ପଥ ହୋଇପଡ଼ିଛି। ୨୦୦୪ ରୁ ୨୦୨୩ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୫୦ ଲକ୍ଷ ସ୍ନାତକ ସୃଷ୍ଟି ହେଉଥିବା ବେଳେ ନିଯୁକ୍ତିପ୍ରାପ୍ତ ସ୍ନାତକଙ୍କ ସଂଖ୍ୟା ପ୍ରାୟ ୨୮ ଲକ୍ଷରେ ସୀମିତ ରହିଛି। ସେମାନଙ୍କ ମଧ୍ୟରୁ କେବଳ ୧୭ ଲକ୍ଷ ବେତନଭୋଗୀ ଚାକିରି ପାଇପାରୁଛନ୍ତି। ଏହି ତଥ୍ୟଗୁଡ଼ିକ ଭାରତର ଶିକ୍ଷା ବ୍ୟବସ୍ଥା ଓ ନିଯୁକ୍ତି ବଜାର ମଧ୍ୟରେ ଗଭୀର ବିଚ୍ଛିନ୍ନତାକୁ ଉଜାଗର କରେ। ୨୦୨୩ ସୁଦ୍ଧା ୧୫ ରୁ ୨୯ ବର୍ଷ ବୟସର ଯୁବପିଢ଼ିଙ୍କ ସଂଖ୍ୟା ୩୬.୭ କୋଟି, ଯାହା କର୍ମଜୀବୀ ଜନସଂଖ୍ୟାର ଏକତୃତୀୟାଂଶ। ଏଥିରୁ ୨୬.୩ କୋଟି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁ ନଥିବା ସହ ଶ୍ରମ ବା କର୍ମଶକ୍ତିର ଅଂଶ ହୋଇଛନ୍ତି। ୨୦-୨୯ ବର୍ଷ ବୟସର ୬.୩ କୋଟି ସ୍ନାତକ ମଧ୍ୟରୁ ପ୍ରାୟ ୬୭% ବେକାର ଅଛନ୍ତି। ଏହା ୨୦୦୪ ର ୩୨% ଠାରୁ ଅଧିକ ବୃଦ୍ଧି। ୧୫-୨୫ ବର୍ଷ ବୟସର ସର୍ବକନିଷ୍ଠ ସ୍ନାତକମାନଙ୍କ ମଧ୍ୟରେ ବେକାରିର ହାର ପ୍ରାୟ ୪୦% । ଯୁବପିଢ଼ି ଚାକିରି ବିନା ଅଛନ୍ତି। ୨୫-୨୯ ବର୍ଷ ବର୍ଗରେ ମଧ୍ୟ ପ୍ରାୟ ୨୦% ବେକାର ଅଛନ୍ତି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ସାମାଜିକ ସଙ୍କଟ, ଯେଉଁଠାରେ ଯୁବପିଢ଼ି ନିଜର ସମ୍ଭାବନାକୁ ପୂରଣ କରିପାରୁନାହାନ୍ତି।

ଘରୋଇ କ୍ଷେତ୍ରକୁ ଅନେକେ ନିଯୁକ୍ତି ସୃଷ୍ଟିର ପ୍ରମୁଖ ଉତ୍ସ ବୋଲି ଦେଖନ୍ତି। କିନ୍ତୁ ବାସ୍ତବରେ ନିଯୁକ୍ତି ସୃଷ୍ଟିକରିବାରେ ଏହାର କ୍ଷମତା ସୀମିତ। ବେସରକାରୀ କ୍ଷେତ୍ର ଯେତେଟି ଚାକିରି ସୃଷ୍ଟି କରେ, ତାଠାରୁ କେତେକ ସମୟରେ ଅଧିକ ଚାକିରି ସରକାରୀ କ୍ଷେତ୍ରରେ କମିଯାଏ। ବେସରକାରୀ କ୍ଷେତ୍ରର ଚାକିରି ସାଧାରଣତଃ ଅସ୍ଥାୟୀ, ଚୁକ୍ତିଭିତ୍ତିକ ଏବଂ କମ୍ ସୁରକ୍ଷିତ। ଏହା ଯୁବପିଢ଼ିଙ୍କ ଆଶା ଓ ସ୍ଥିର ଜୀବନର ସ୍ୱପ୍ନ ସହ ସାମଞ୍ଜସ୍ୟ ରଖିପାରୁନାହିଁ। ଏହାର ବିପରୀତରେ ସରକାରୀ କ୍ଷେତ୍ର ଏକ ସ୍ଥିର ଓ ସୁରକ୍ଷିତ ନିଯୁକ୍ତି ଦେଇଥାଏ। ତଥାପି ନୀତି ନିର୍ଦ୍ଧାରକମାନେ ଏହାକୁ ଅନେକ ସମୟରେ କେବଳ ଆର୍ଥିକ ବୋଝ ବୋଲି ଦେଖନ୍ତି। ବିତ୍ତୀୟ ନିଅଣ୍ଟ କମାଇବା ପାଇଁ ସରକାରୀ ନିଯୁକ୍ତି କମାଇବାକୁ ସହଜ ଉପାୟ ଭାବେ ଧରାଯାଏ। କିନ୍ତୁ ଏହି ପ୍ରକାରର ନୀତି ଦୀର୍ଘକାଳରେ ଗମ୍ଭୀର ପରିଣାମ ଆଣିପାରେ। ସରକାରୀ କ୍ଷେତ୍ରରେ ନିଯୁକ୍ତି କହିଲେ କେନ୍ଦ୍ର ଏବଂ ରାଜ୍ୟ ସରକାର ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ନିଯୁକ୍ତିକୁ ବୁଝାଏ । ବିଶ୍ୱ ବ୍ୟାଙ୍କର ବ୍ୟୁରୋକ୍ରାସି ଲାବର ତଥ୍ୟ ଓ ଲେଖା ଅନୁଯାୟୀ ସରକାରୀ କ୍ଷେତ୍ରରେ ନିଯୁକ୍ତିକୁ ସଙ୍କୁଚିତ କରିବା ପରିବର୍ତ୍ତେ ବୃଦ୍ଧି କରିବା ସହିତ ସେଥିପାଇଁ ଅଧିକ ନିବେଶ କରିବା ଲାଗି ଅତି କମ୍‌ରେ ତିନୋଟି ଦୃଢ଼ କାରଣ ଉପରେ ଆଲୋକପାତ କରେ। ବିଶ୍ୱବ୍ୟାଙ୍କ ତଥ୍ୟ ଅନୁଯାୟୀ ଉଚ୍ଚ-ଆୟକାରୀ ଦେଶଗୁଡ଼ିକ ପ୍ରତି ୧,୦୦୦ ଲୋକଙ୍କ ପାଇଁ ହାରାହାରି ୮୭ଜଣ ସରକାରୀ କ୍ଷେତ୍ରର କର୍ମଚାରୀଙ୍କୁ ନିଯୁକ୍ତି ଦିଅନ୍ତି, ଯାହା ଭାରତ ପରି ନିମ୍ନ-ଆୟକାରୀ ଦେଶଗୁଡ଼ିକରେ ହାରାହାରି ମାତ୍ର ୨୩ଜଣ। ଏହି ଅସମାନତା ଏକ ଗୁରୁତ୍ୱପୂର୍ଣ୍ଣ ବାସ୍ତବତାକୁ ପ୍ରକାଶ କରେ । ଆର୍ଥିକ ବିକାଶ ସମତୁଲ ହେବା ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ସାର୍ବଜନୀନ ସୁରକ୍ଷା ଏବଂ ସାମାଜିକ ସୁରକ୍ଷାର ଚାହିଦା ଅଧିକ ଭାବରେ ବୃଦ୍ଧି ପାଏ। ପର୍ଯ୍ୟାପ୍ତ କର୍ମଚାରୀ ନିଯୁକ୍ତି ବିନା ଏହି ସେବାଗୁଡ଼ିକର ଗୁଣବତ୍ତା ହ୍ରାସ ପାଏ ଏବଂ ଲୋକଙ୍କ ପାଖରେ ଅପହଞ୍ଚ ହୁଏ । ଯୁବପିଢ଼ି ଯାହା ଚାହୁଁଛନ୍ତି ତାହା ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ କାମ ନୁହେଁ, ବରଂ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି।

ମୋ:୯୪୩୭୨୦୮୭୬୨

# ଭୋଗୁଥିବା ସ୍ୱପ୍ନ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମଣିଷ ସ୍ୱପ୍ନ ତ ଦେଖେ କିନ୍ତୁ ସବୁ ସ୍ୱପ୍ନ ସତ ହୁଏନା। ଅନେକ ସ୍ୱପ୍ନ ଅଧୁରା ରହେ। ଆଉ କିଛି ସ୍ୱପ୍ନ ପୂରଣ ହୁଏ ସତ। ସ୍ୱପ୍ନ ପୂରଣ ହେଲା ପରେ ତାକୁ ଭୋଗିବାକୁ ପଡ଼େ। ଜୀବନତମାମ ସେଇ ସ୍ୱପ୍ନ ତାକୁ ଛଟପଟ କରେ। ସହଜରେ ବଞ୍ଚିବାକୁ ଦିଏନି। ମାନବ ଜୀବନର ଅବିରତ ଯାତ୍ରାର ଆଧାର ହେଉଛି ଆଶା, ଆକାଂକ୍ଷା ଓ ସ୍ୱପ୍ନ। ଜୀବନରେ ସ୍ୱପ୍ନ କେବଳ ଶୋଇଥିବା ବେଳେ ଦୃଶ୍ୟମାନ ନୁହେଁ, ଏହା ଆଶା, ଆକାଂକ୍ଷା ଓ ଭବିଷ୍ୟତର ଦିଗ୍‌ନିର୍ଦ୍ଦେଶ କରୁଥିବା ଏକ ଗଭୀର ମାନସିକ ପ୍ରକ୍ରିୟା। ସ୍ୱପ୍ନ ମାନବ ମନର ଏକ ସ୍ୱାଭାବିକ ଗୁଣ। ପ୍ରକାର ଭେଦରେ ସ୍ୱପର ବିବିଧତା ରହିଥିଲେ ମଧ୍ୟ ଏହାକୁ ୨ ଭାଗରେ ବିଭକ୍ତ କରିପାରିବା। ଗୋଟିଏ ହେଉଛି ସାଧାରଣ ସ୍ୱପ୍ନ ଓ ଅନ୍ୟଟି ମହାନ୍ ସ୍ୱପ୍ନ। ସାଧାରଣ ସ୍ୱପ୍ନ ସେଗୁଡ଼ିକ ଯାହା ବ୍ୟକ୍ତିଗତ ସୁଖ ସୁବିଧାକୁ ନିମନ୍ତ୍ରଣ କରେ। ଭଲ ଚାକିରି, ଭଲ ଘର, ଭଲ ପାତ୍ର, ଆରାମାଦାୟକ ଓ ସୁବିଧାଜନକ ଜୀବନ ଭଳି କିଛି ସ୍ୱପ୍ନ ପ୍ରାୟ ପ୍ରତ୍ୟେକ ମଣିଷ ବୁଣିଥାଏ। ଏସବୁ ସ୍ୱପ୍ନ ହୁଏତ ସୀମିତ ଓ ସ୍ୱାର୍ଥପର ହୋଇପାରେ। କିନ୍ତୁ କେତେକେ ମହାନ୍ ସ୍ୱପ୍ନ ବି ଦେଖନ୍ତି। ସମାଜ, ଦେଶ ଓ ମାନବଜାତିର କଲ୍ୟାଣ ହେଲା ଭଳି ସ୍ୱପ୍ନ। ଏହି ସ୍ୱପ୍ନଗୁଡ଼ିକର ପରିଣାମ ଅସୀମ। ଏସବୁ ଆଦୌ ବ୍ୟକ୍ତିଗତ ହୋଇପାରେନା। ସମଗ୍ର ସମାଜକୁ ଉନ୍ନତ କରେ ଓ ବିକାଶ ଯାତ୍ରାରେ ସାମିଲକରେ। ଏକଥାକୁ ଅନେକେ ସ୍ୱୀକାର ନ କଲେ ବି କୁହାଯାଇପାରେ ଆଜିକାଲି ନେତାମାନେ ୨ ପ୍ରକାର ସ୍ୱପ୍ନ ଦେଖନ୍ତି। ବେଶି ବ୍ୟକ୍ତିଗତ ଉନ୍ନତି ସମ୍ପର୍କିତ। କମ୍ ସାମାଜିକ କଲ୍ୟାଣ ପାଇଁ ଅଭିପ୍ରେତ। ଏହି କାରଣରୁ ରାଜନୀତି ଭ୍ରଷ୍ଟ ଓ କଳୁଷିତ ହୋଇପଡ଼ିଛି। ଏମାନଙ୍କ ପାଇଁ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡ଼େ।

ଆଜିକାଲିର ସାଧାରଣ ବାପାମାଆମାନେ ସ୍ୱପ୍ନ ଦେଖୁ ଦେଖୁ ଦୁଃଖକୁ କିଣି ଆଣନ୍ତି। ବାଲ୍ୟ ଅପେକ୍ଷା କିଶୋର ବୟସ ମଣିଷକୁ ବେଶି ସ୍ୱପ୍ନଭୁକ୍ କରେ। ଭଲ ଚାକିରି ଓ ଗୋଟେ ସୁଖୀ ପାରିବାରିକ ଜୀବନର ନକ୍ସା ବୁଣେ ସେ। ସେଇ ଦିଗରେ ଅଗ୍ରସର ହୁଏ। ବାହାହୋଇ ଘରସଂସାର କରେ। ନିଜର ପୁଅ ଝିଅକୁ ବଡ଼ କରିବାର ସ୍ୱପ୍ନରେ ମାତିଯାଏ। ଜୀବନର ସମସ୍ତ ଅର୍ଜିତ ଧନ ଓ ସମୟକୁ ପୁଞ୍ଜି ଭାବେ ତା' ପଛରେ ଲଗାଇଦିଏ। ଛୋଟ ମନରେ ବଡ଼ ସ୍ୱପ୍ନ ଦେଖାଇବାକୁ ଆଦୌ ହେଳା କରେନାହିଁ। ନିଜ ପିଲାଙ୍କୁ ତାଙ୍କ ଲକ୍ଷ୍ୟ ଦେଖାଇ ଦିଅନ୍ତି ବାପାମାଆ। ପିଲା ବି କେବେ ଅବହେଳା କରେନି। ସେ ଲାଗିପଡ଼େ। ଶୈଶବକୁ ମାରେ ନିଜ ହାତରେ। କିଶୋର ମନକୁ ସଂଯତ କରେ। ଯୁବ ସୁଲଭ ଉନ୍ମାଦନାକୁ ଚାପିଧରେ। ଗୋଟିଏ ପଥରେ ଆଗୁସାର ହୁଏ। ବାପାମାଆଙ୍କ ସ୍ୱପ୍ନକୁ ପୂରଣକରିବା ଲାଗି ସାଧ୍ୟଠାରୁ ଆହୁରି ଅଧିକ ପ୍ରୟାସକରେ। ସେଇ ପ୍ରୟାସରେ ଅଧିକାଂଶ ସଫଳ ହୋଇଯାନ୍ତି। ପିଲା ଓ ପିତାମାତା ଉଭୟେ ଖୁସି ହୋଇଯାନ୍ତି। ପିଲା ଓ ଅଭିଭାବକ ସ୍ୱପ୍ନ ପୂରଣରେ ବିଭୋର ହୁଅନ୍ତି।



ବାପାମାଆଙ୍କ ପାଇଁ ଏଇ ଖୁସି ଯେମିତି ଅଳିକ ଲାଗେ। ସ୍ୱପ୍ନକୁ ପୂରଣ କରିଥିବା ପିଲାଟି ବାପାମାଆଙ୍କଠାରୁ ଦୂରରେ ଉଚ୍ଚ ପଦବୀରେ କାମ କରିବା ଆରମ୍ଭ କରେ। ସେ ପୁଣି ବାୟା ବସା ବାନ୍ଧିଲା ପରି ସ୍ୱପ୍ନ ବୁଣେ। ସେ ସ୍ୱପ୍ନରେ ହୁଏତ ବାପାମାଆଙ୍କ ସ୍ଥାନ ନ ଥାଏ। ନ ଥିବା ବି ସ୍ୱାଭାବିକ। ମାଟି ଓ ଅଭିଭାବକଙ୍କଠାରୁ ପିଲାଟିର ଦୂରତା ଏତେ ବଢ଼ିଯାଏ ଯେ ପିଲାଟି ଆଉ ପଛକୁ ଫେରିବାକୁ ଚେଷ୍ଟା କରେନାହିଁ। ସେ ଆଗକୁ ହିଁ ବଢ଼େ। ନିଜ ପସନ୍ଦର ବାହାଘର। ଛୋଟ ସଂସାର ଓ ପଦବୀର ଭାର ଭିତରେ ଏମିତି ଧନ୍ଦି ହୁଏ ଯେ ଅଭିଭାବକଙ୍କ ବାସ୍ତବିକ ମନକୁ ପଢ଼ିବାକୁ ସେ ବେଳ ପାଏନାହିଁ। ଶଗଡ଼ଗୁଳାର ଜୀବନ ଭିତରୁ ସେ ବାହାରିପାରେନାହିଁ। ଗୋଟେ ପଟେ ସମସ୍ୟା ଭିତରେ ଥିବା ଆମ ଗାଁ ଓ ବୁଢ଼ା ବାପାମାଆ , ଆରପଟେ ପ୍ରାଚୁର୍ଯ୍ୟ, କ୍ଷମତା ଓ ଆରାମଦାୟକ ଜୀବନ ଭିତରୁ ସମୟ ତାକୁ ବାଛିବାକୁ ସୁଯୋଗ ଦିଏ। ଆଉ ସେ ଦ୍ୱିତୀୟ ଲାଭକୁ ଗ୍ରହଣକରେ। ବାପାମାଆଙ୍କ ଆଡୁ ମୁହଁ ମୋଡ଼ିଦିଏ। ସେଇଠି ବାପାମାଆ ସ୍ୱପ୍ନର ପରିଣାମ ଭୋଗିବାକୁ ଆରମ୍ଭ କରନ୍ତି। ଆଉ ଶେଷ ପର୍ଯ୍ୟନ୍ତ ଭୋଗନ୍ତି । ନିଜ ପାଖରେ ଆଉ କେହି ଥିଲେ କେମିତି କେମିତି ଜୀବନ ସରିଯାଏ। କେହି ଯଦି ନ ଥାନ୍ତି ଜୀବନ ସରେନି। ଦିନ କଟେନି। ସେଇଠି ବାପାମାଆ ପରସ୍ପର ପିଲା ଉପରେ ଦୋଷ ଦେବା ଆରମ୍ଭ କରନ୍ତି। ଅସଲରେ ନିଜର ସ୍ୱପ୍ନ ପାଇଁ ନିଜେ ଭୋଗୁଥିବା କଥାକୁ ଭୁଲିଯାନ୍ତି। ଏକଥା ବି କେହି କହିପାରନ୍ତି ପିଲାଙ୍କୁ ଭଲ ପାଠ ପଢ଼ାଇବା କ'ଣ ସତରେ ଭୁଲ୍? ଉତ୍ତର ତ ବାସ୍ତବରେ ଆଦୌ ନୁହେଁ। କିନ୍ତୁ ସ୍ୱପ୍ନ ବୁଣିବା ଆଗରୁ ତା'ର ପରିଣାମ ବିଷୟରେ ନ ଭାବି ଆଗକୁ ବଢ଼ିବା ନିଶ୍ଚିତ ଭୁଲ୍ ବୋଲି କୁହାଯାଇପାରେ। ଏକଥା ସତ୍ୟ ଯେ ପିଲାମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ଭିତରେ ଥିବା ଫରକକୁ ଏତେ ଶିକ୍ଷିତ ହୋଇ ବି ବୁଝି ପାରନ୍ତିନି। ଏଥିପାଇଁ ଆଜିର ଭାରତୀୟ ସଭ୍ୟତାର ବୟସ୍କମାନେ ନିଜର ସ୍ୱପ୍ନର ପରିଣାମକୁ ଭୋଗୁଛନ୍ତି ନିତି ଓ କର୍ମକୁ ନିନ୍ଦୁଛନ୍ତି।

ସ୍ୱପ୍ନର ପରିଣାମ ଓ ବାସ୍ତବତା ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ଯଦି ସ୍ୱପ୍ନ ବାସ୍ତବତାରୁ ଅତ୍ୟଧିକ ଦୂର ହୋଇଯାଏ, ତେବେ ତାହା ନିରାଶାକୁ ଜନ୍ମ ଦେଇପାରେ। ସେଥିପାଇଁ ସ୍ୱପ୍ନ ଦେଖିବା ସହ ସେଗୁଡ଼ିକୁ ପୂରଣ କରିବାର ପ୍ରାରମ୍ଭିକ ଯୋଜନା ଓ ପଦକ୍ଷେପ ଆବଶ୍ୟକ। ସ୍ୱପ୍ନର ସମ୍ଭାବ୍ୟ ପରିଣାମ ଓ ବାସ୍ତବତା ସହ ସମନ୍ୱୟ ନ ରହିଲେ ଏହା ମନୋସାମାଜିକ ଚାପ ଓ ନିରାଶାର କାରଣ ହୋଇପାରେ। ଏତଦ୍‌ଭିନ୍ନ ସବୁ ସ୍ୱପ୍ନର ପରିଣାମ ମନୁଷ୍ୟର ମୂଲ୍ୟବୋଧ ଓ ନୀତିବୋଧ ସହ ଜଡ଼ିତ। ସ୍ୱପ୍ନ ଅନ୍ୟମାନଙ୍କୁ କ୍ଷତିକରି ନିଜକୁ ସଫଳତା ମିଳେ। ତେବେ ସେହି ସ୍ୱପ୍ନର ପରିଣାମ ଯେତେ ବଡ଼ ଦେଖାଯାଉନା କାହିଁକି ତାହା ନୀତିଗତ ଭାବେ ଛୋଟ ହୋଇଯାଏ। କିନ୍ତୁ ଯେଉଁ ସ୍ୱପ୍ନ ମାନବତା, ସହଯୋଗ ଓ ସେବା ଉପରେ ଆଧାରିତ, ସେଗୁଡ଼ିକ ଯଥାର୍ଥରେ ସବୁବେଳେ ବଡ଼ ଓ ମୂଲ୍ୟବାନ୍। ତେଣୁ ସାମାଜିକ ଜୀବନରେ ଖୋଲା ଆଖିରେ ଦେଖୁଥିବା ସ୍ୱପ୍ନ କିମ୍ବା ରାଜନୀତିରେ ଅଧୁରା ସ୍ୱପ୍ନ ପୂରଣର ପରିଣାମ ସମ୍ପର୍କରେ ପ୍ରଥମେ ଅବଗତ ହେବା ଆବଶ୍ୟକ। ସ୍ୱପ୍ନରେ ଭୋଗ ଅପେକ୍ଷା ଭୋଗିବାର ସମ୍ଭାବନା ଅଧିକ ଥିଲେ ସ୍ୱପ୍ନ ପରିହାର୍ଯ୍ୟ। ଏମିତି ସ୍ୱପ୍ନ ଦେଖିବା ଯାହା କେବଳ ନିଜକୁ ନୁହେଁ, ଅନ୍ୟକୁ ବି ଉନ୍ନତ ଓ ସୁଖଦେଇପାରିବ। ସୁତରାଂ ସ୍ୱପ୍ନ ବଡ଼, ଉଦାର ଓ ନୀତିମୂଳକ ହେଲେ ଯାଇ ସ୍ୱପ୍ନ ସତ୍ୟ ଓ ସାର୍ଥକ ହୋଇପାରିବ।

**ଇନ୍ଦିରା ନଗର, ରାୟଗଡା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଭାରତର ଏକ ଗାଁ ସୌରଶକ୍ତି ଉତ୍ପାଦନ କରି ନିଜର ସମସ୍ତ ଆବଶ୍ୟତା ପୂରଣ କରିବା ନିଶ୍ଚିତ ଭାବେ ଏକ ଗୌରବର ବିଷୟ। ଏହି ଗାଁଟିର ନାଁ ଶେଲାକେୱାଡି । ମହାରାଷ୍ଟ୍ରର କୋହ୍ଲାପୁରଠାରୁ ୧୪ କି.ମି. ଦୂରରେ ଅବସ୍ଥିତ ଏହି ଗାଁ ତାହାର ଆବଶ୍ୟକ ବିଦ୍ୟୁତ ସୌରଶକ୍ତିରୁ ପାଉଛି। ଗାଁର ସବୁ ଘର ଛାତ ଉପରେ ସୋଲାର ପ୍ୟାନେଲ ରହିଛି। ସୌର ବିଦ୍ୟୁତ ଉତ୍ପାଦନ ପାଇଁ ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଗାଁର ସବୁ ପରିବାରର ସହଯୋଗ ଅଛି। ପ୍ରତ୍ୟେକ ସୋଲାର ସିଷ୍ଟମ ପାଇଁ ୫୦,୦୦୦ରୁ ୧।୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସୋଲାର ବିଦ୍ୟୁତ ବ୍ୟବହାର କରିବା ପୂର୍ବରୁ କେତେକ ପରିବାର ମାସକୁ ପାଖାପାଖି ୨୦୦୦ ଟଙ୍କା ଇଲେକ୍ଟ୍ରି ବିଲ୍ ବାବଦକୁ ଦେଉଥିଲେ। ଏବେ ତାହା ୧୩୦ ଟଙ୍କାକୁ ଖସିଆସିଛି। ଏପରି କି ପରିବାରଗୁଡ଼ିକର ସୋଲାର ସିଷ୍ଟମ ଗ୍ରୀଡ୍ ସହ ସଂଯୋଗ ହୋଇଥିବାରୁ ସେଥିରୁ ସେମାନେ କିଛି ଲାଭ ମଧ୍ୟ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୮ ଏପ୍ରିଲ ୧୯୭୭**

- ରାଜ୍ୟ କଂଗ୍ରେସ ଦଳର ବିଧାନସଭା ସଦସ୍ୟ ସତ୍ୟାନନ୍ଦ ଚମ୍ପତିରାୟ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଜନତା ଦଳରେ ଯୋଗ ଦେଇଛନ୍ତି।
- ମହାନଦୀ ତ୍ରିକୋଣଭୂମ ଅଞ୍ଚଳରେ ତୈଳ ଓ ବାଷ୍ପର ଅନୁସନ୍ଧାନ ନିମନ୍ତେ ଏକ ସୁବିସ୍ତୃତ ଯୋଜନା କରିବା ପାଇଁ ଅଏଲ ଇଣ୍ଡିଆ ଲିମିଟେଡକୁ ଭାରତ ସରକାରଙ୍କ ଅନୁମତି ପ୍ରଦାନ।
- ମେଦିନପୁର ଜିଲାରେ ହୋଇଥିବା ଝଡ଼ ତୋଫାନରେ ୧୧ ଜଣ ଲୋକଙ୍କ ମୃତ୍ୟୁ।
- ମହାରାଷ୍ଟ୍ରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ବସନ୍ତ ରାଓ ଦାଦା ପାଟିଲଙ୍କ ଶପଥ ଗ୍ରହଣ।

## ଚିରନ୍ତନୀ

ବିରହୀ ଚକୋର ଦମ୍ପତି
ତାଙ୍କୁ, ଦେବି ମୁଁ ମିଳନ-ସମ୍ପତ୍ତି,
ଭୁବନ ଚାହିଁଛି କାତରେ, ତାକୁ ମୁଁ
ବିରଚିବି ଶୋଭା ସଦନ
ହାହାକାରେ ପୂରେ ଗଗନ !
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସୋସିଆଲ ମିଡିଆରେ ଅଶ୍ଳୀଳତା ରୋକାଯାଉ

**ମହାଶୟ,**

ବର୍ତ୍ତମାନ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ ନାରୀଙ୍କ ନଗ୍ନଚିତ୍ର ଓ ଅଶ୍ଳୀଳ ଭାଷା ବହୁଳ ଭାବରେ ପରିବେଷଣ ହେଉଛି । କିଛି ଟଙ୍କା ପାଇଁ ଏଭଳି କରିବା କେତେଦୂର ଯୁକ୍ତିଯୁକ୍ତ ବିଚାର କରନ୍ତୁ। ଏହା ଆମ ସଂସ୍କୃତି ପ୍ରତି ଅପମାନ ଓ ସମଗ୍ର ନାରୀ ସମାଜ ପ୍ରତି କୁଠାରାଘାତ। ଭାରତୀୟ ବିଧି ବ୍ୟବସ୍ଥା ପ୍ରତି ଉପହାସ ମଧ୍ୟ। ଏହାଯୋଗୁ ଯୁବ ସମାଜ ତଥା କୋମଳମତି ଛାତ୍ରୀଛାତ୍ର ବିପଥଗାମୀ ହେବା ସମ୍ଭାବନା ସୃଷ୍ଟି ହେଲାଣି। ସିନେମା ଅବାଟକୁ ନ ଯିବା ପାଇଁ ଏକ ସେନସର ବୋର୍ଡ ଅଛି। ସେହିପରି ସୋସିଆଲ ମିଡିଆରେ ଅଶ୍ଳୀଳତାକୁ ରୋକିବା ପାଇଁ ଆଇନର କାର୍ଯ୍ୟପନ୍ଥା ରହୁ। ବର୍ତ୍ତମାନ ଦେଶରେ ନାରୀ ବନ୍ଦନ କାର୍ଯ୍ୟକ୍ରମ ଚାଲୁଛି। ୩୩% ସିଟ୍ ନାରୀଙ୍କୁ ଦେବା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ନାରୀମାନେ ସମାଜରେ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା, କାଳୀ ଓ ଜଗଜ୍ଜନନୀ ରୂପେ ପୂଜିତା। ସେ ସୃଷ୍ଟିକର୍ତ୍ତ୍ରୀ ଓ ସଂହାର କାରିଣୀ ମଧ୍ୟ। ସୁତରାଂ, ସେମାନଙ୍କର ସମ୍ମାନ ରକ୍ଷା ଏକ ସାମଗ୍ରିକ ଦାୟିତ୍ୱ। ସାମାଜିକ ସ୍ତରରେ ସଚେତନତା ଜାଗ୍ରତ ହେଲେ ଶାସକ କାର୍ଯ୍ୟାନୁଷ୍ଠାନ ପାଇଁ ତତ୍ପର ହେବେ।

**-ନିଶାକର ରାଉତ, ସହିଦନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)




# ବେଲୁ ନାହିଁ, ବେଲେଇ ହଉଛନ୍ତି

**ଭୁବନେଶ୍ୱର,୧୭।୪(ସୁନିତ୍ ମିଶ୍ର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କୁ ନେଇ କିଛିଦିନ ହେବ ରାଜ୍ୟ ରାଜନୀତିରେ ଅନେକ ବିତର୍କ ଚାଲିଛି। କିଏ ବିଜୁଙ୍କୁ ସିଆଇଏ ଏଜେଣ୍ଟ କହିଲାଣି ତ, ଆଉ କେତେଜଣ ପ୍ରତ୍ୟାଖ୍ୟାତ ନେତା ବିଜୁ ଲିଗାସି ନାଁରେ ମଞ୍ଚ ବାନ୍ଧୁଛନ୍ତି। ମଞ୍ଚ ସୃଷ୍ଟି ଆଳରେ ବିଜୁବାବୁ କେତେଜଣ ନିହିତ ସ୍ୱାର୍ଥ ଗୋଷ୍ଠୀଙ୍କ ପଶାପାଲିର ଗୋଟି ପାଲଟିଲା ଭଳି ଦେଖାଯାଉଛି। ଯେଉଁ କେତେଜଣ ବିଜୁ ଲିଗାସି ନାଁରେ ଅନେକ ବର୍ଷର ବ୍ୟବଧାନ ପରେ କିଛି ଫାଇଦା ପାଇଯିବେ ବୋଲି ଚିନ୍ତା କରିଛନ୍ତି, ସେମାନଙ୍କର ନିଜସ୍ୱ ରାଜନୈତିକ ପରିଚୟର ସଙ୍କଟ ରହିଥିବା ଦୀର୍ଘବର୍ଷ ଭିତରେ ବାରମ୍ବାର ପ୍ରମାଣିତ ହୋଇଛି। ବିଜୁବାବୁଙ୍କ ଜୀବନ୍ତ ଅବସ୍ଥାରେ ସେ ଅନେକ ଅନ୍ତର୍ଘାତିକ ସ୍ଥିତିର ସମ୍ମୁଖୀନ ହୋଇ ନିଜ ରାଜନୈତିକ ଜୀବନରେ ଏକାଧିକ ଥର ଝୁଣ୍ଟିଥିବା ବିଷୟ ବାରମ୍ବାର ଆଲୋଚନା ହୋଇଥାଏ। ସେହି ପୁରୁଣା କଥା ବିଷୟରେ ଜାଣି ନ ଥିବା ଅଧିକାଂଶ ଲୋକଙ୍କୁ ମଞ୍ଚ ଆଗରେ ବସାଇ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଇତିହାସକୁ ବିକୃତ କରି ମିଛ ପ୍ରଚାର ଆରମ୍ଭ କରିଦେଇଛନ୍ତି। ସେହି ଗୋଷ୍ଠୀ ପକ୍ଷରୁ ପରୀକ୍ଷାମୂଳକ ଭାବେ ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରାଇ କେତେଜଣ ନବନିର୍ବାଚିତ ବିଧାୟକଙ୍କୁ ଆଜିର ଡିଜିଟାଲ ଯୁଗରେ ନିନ୍ଦିତ ଓ ଅପମାନିତ କରାଇବାରେ ସଫଳ ମଧ୍ୟ ହୋଇଛନ୍ତି। ସେଥିରେ କେତେଜଣ ନିଜ ଝିଅ ଓ ପୁଅଙ୍କୁ ମଧ୍ୟ ବାଦ୍ ଦେଇନାହାନ୍ତି।

ଏଭଳି ସ୍ଥିତିରେ ଅନେକ ଲୋକ ନିଜ ସାମାଜିକ ଗଣମାଧ୍ୟମ ଜରିଆରେ ଓଡ଼ିଶା ରାଜନୈତିକ ଇତିହାସ ବିଷୟରେ ଚର୍ଚ୍ଚା ଆରମ୍ଭ କରିଦେଇଛନ୍ତି। ଏଠାରେ ମନେପକାଇ ଦିଆଯାଇପାରେ, ୧୯୯୫ରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଏକ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ସେହି ମାମଲା ବିଜୁବାବୁଙ୍କ ମୃତ୍ୟୁ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ବର୍ତ୍ତମାନର ଡିଜିଟାଲ ଯୁଗରେ ସବୁ ତଥ୍ୟ ଉପଲବ୍ଧ ରହିଛି। ବିଜୁବାବୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରାଇବା ଲାଗି ତାଙ୍କ ସହଯୋଗୀମାନଙ୍କ ମଧ୍ୟରୁ ଜଣେ, ଦଳର ଭିତିରି ତଥ୍ୟ ତତ୍କାଳୀନ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ହାତରେ ଧରାଇ ଦେଇଥିଲେ। ଫଳରେ ଜାନକୀ ସରକାର ଉକ୍ତ ବ୍ୟକ୍ତିଙ୍କୁ ଭୁବନେଶ୍ୱରର ଏକ ମୁଖ୍ୟ ସ୍ଥାନରେ ସେହି ସମୟରେ ପୁରସ୍କାର ସ୍ୱରୂପ ହୋଟେଲ କରିବାକୁ ଅନେକ ଏକର ଜମି ସାଙ୍ଗକୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ବିଜୁଙ୍କ ବିରୋଧରେ ଭିଜିଲାନ୍ସ ମାମଲା କରିଥିବା ବ୍ୟକ୍ତିଙ୍କ ପାଇଁ ହୋଟେଲ ମାଲିକଙ୍କ ମନରେ କେତେ ଶ୍ରଦ୍ଧା ଥିଲା ସେକଥା ମଧ୍ୟ ବିଜୁ ମଞ୍ଚ ଉପରୁ ସେହି ବ୍ୟକ୍ତି ବଖାଣିଛନ୍ତି।

ବିଜୁବାବୁଙ୍କ ମଥାରେ କଳଙ୍କର ଟିକା ଲଗାଇଥିବା ପରିବାର ଭିତରୁ ଏବେ ବିଜୁ ଲିଗାସି କଥା କୁହାଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ ମଧ୍ୟ କରିଛି। ଇତିହାସର ଆଉ ଗୋଟିଏ କଥା ମଧ୍ୟ ଏବେ ବହୁ ଆଲୋଚନା ହେଉଛି। ସେତେବେଳେ ବିଜୁ ନିଜ ଭାବମୂର୍ତ୍ତିକୁ ବାଜି ପକାଇ କଟକ ମଦମୃତ୍ୟୁ ଘଟଣାରେ ଯେଉଁ କେତେଜଣ ନେତାଙ୍କୁ ସୁରକ୍ଷା ଦେଇଥିଲେ, ତାହା ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ବିରୋଧରେ ପ୍ରଚାରର ସାମଗ୍ରୀ ପାଲଟିଥିଲା। ମାତ୍ର ସୁରକ୍ଷା ପାଇଥିବା ନେତାମାନେ ବିଜୁଙ୍କୁ ପଛରୁ ଛୁରା ମାରିବା ଭଳି କାର୍ଯ୍ୟ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ୧୯୯୫ରେ ରାଜ୍ୟରୁ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାର କ୍ଷମତାଚ୍ୟୁତ ହୋଇଥିଲା। ସେହି ସମୟରେ ବିଜୁଙ୍କ ସରକାରରେ ନିଜକୁ ସୁପର ସିଏମ୍ ବୋଲି ଆତ୍ମପ୍ରଚାର କରୁଥିବା ବ୍ୟକ୍ତି ଏକାଧିକ ବିଧାନସଭା ଆସନରେ ଜନତା ଦଳର ଅସନ୍ତୁଷ୍ଟ


ବିଜୁ ପଟ୍ଟନାୟକ

ନେତାମାନଙ୍କୁ କିଛି ଆର୍ଥିକ ସହାୟତା ଦେଇ ଠିଆ କରାଇ ଦେଇଥିଲେ। ସେହି ବ୍ୟକ୍ତି ବିଜୁଙ୍କ ସରକାରରେ ଗୃହ ବିଭାଗ ଦାୟିତ୍ୱରେ ନ ଥାଇ ମଧ୍ୟ ଜିଲାଗୁଡ଼ିକରେ ଏସ୍‌ପି, ଇନ୍ସପେକ୍ଟରଙ୍କୁ ପୋଷ୍ଟିଂ କରାଇବା ଆଳରେ ବିଜୁଙ୍କ ଟିକେଟ ନେଇ ଲଢୁଥିବା ବିଧାୟକମାନଙ୍କୁ ପୋଲିସ ଆକ୍ରୋଶର ଶିକାର କରାଇଥିଲେ। ବିଜୁଙ୍କୁ ହଟାଇ ନିଜେ ମୁଖ୍ୟମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଥିବା ଏହି ବ୍ୟକ୍ତି ଅଳ୍ପ କେତେଜଣ ବିଧାୟକଙ୍କୁ ହରାଇବାକୁ ଯାଇ ସରକାରକୁ ବିଦା କରିଦେଲେ। ଏକାଧିକ ଆସନରେ ଜନତା ଦଳ ପ୍ରାର୍ଥୀମାନେ ଅଳ୍ପ କିଛି କିଛି ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଫଳରେ ୧୯୯୦ରୁ ୫ ବର୍ଷ ଶାସନ କରିବା ପରେ ରାଜ୍ୟରୁ ବିଜୁ ସରକାର କ୍ଷମତାଚ୍ୟୁତ ହୋଇଥିଲା। ସେହି ସମୟରେ ଯେତେବେଳେ ବିଜୁ ପଟ୍ଟନାୟକ ନିର୍ବାଚନ ପରାଜୟର କାରଣ ପାଇଁ ଅନୁଶୋଚନା କରିବା ଆରମ୍ଭ କଲେ, ଏହାପରେ ସେହି କଥାକୁ ଘୋଡ଼ାଇବାକୁ ଯାଇ ହୋଟେଲ ବ୍ୟବସାୟୀଙ୍କ ସହଯୋଗରେ କଂଗ୍ରେସ ସରକାରକୁ ଭିଜିଲାନ୍ସ ମାମଲା କରାଇବା ପାଇଁ ଯେଉଁସବୁ ତଥ୍ୟ ଆବଶ୍ୟକ ଥିଲା ତାହା ଧରାଇ ଦିଆଗଲା। ସେହି ଭିଜିଲାନ୍ସ ମାମଲା ଯୋଗୁ ବିଜୁ ପଟ୍ଟନାୟକଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ମିଳି ନ ଥିଲା। ତତ୍କାଳୀନ ୟୁନାଇଟେଡ୍ ଫ୍ରଣ୍ଟ ସରକାରରେ ଚାର୍ଜଶିଟ୍ ହୋଇଥିବା କୌଣସି ନେତାଙ୍କୁ ମନ୍ତ୍ରୀ କରା ନ ଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସେଥିଲାଗି କେବଳ ବିଜୁ ପଟ୍ଟନାୟକ ନୁହନ୍ତି, ମାଧବରାଓ ସିନ୍ଧିଆ, ଶରଦ ଯାଦବ ପ୍ରମୁଖ ବହୁ ବଡ଼ ବଡ଼ ନେତା ମଧ୍ୟ ମନ୍ତ୍ରୀ ପଦ ପାଇ ନ ଥିଲେ। ଏହାର ପରବର୍ତ୍ତୀ ଅବସ୍ଥାରେ ୧୯୯୭ ଏପ୍ରିଲ ୧୭ରେ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିଲା।

ବିଜୁଙ୍କ ଦେହାନ୍ତ ପରେ ଯେତେବେଳେ ବିଜେଡି(ବିଜୁ ଜନତା ଦଳ) ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଥିଲା ସେହି ସମୟରେ, ସେହି କୁଚକ୍ରି ନେତାମାନେ ପୁନର୍ବାର ସକ୍ରିୟ ହୋଇଥିଲେ। ୧୯୯୭ ଡିସେମ୍ବର ୨୬ରେ ଯେତେବେଳେ ବିଜେଡି ଗଠନ ହେଲା, ସେତେବେଳେ ଉକ୍ତ ନେତାମାନେ ଜନତା ଦଳକୁ ଭାଙ୍ଗିବାକୁ ସବୁ କୌଶଳ ଆପଣାଇଥିଲେ। ସେଥିରେ ସଫଳ ମଧ୍ୟ ହୋଇଥିଲେ। ଜନତା ଦଳରୁ ପାଖାପାଖି ୨୯ ଜଣ ବିଧାୟକ ସେହି ସମୟରେ ବିଜେଡିରେ ପ୍ରଥମେ ଯୋଗଦେଲେ। ମାତ୍ର ୧୯୯୮ରେ ଯେତେବେଳେ ବିଜେଡି ଅନଙ୍ଗ ଉଦୟ ସିଂଦେଓଙ୍କୁ ରାଜ୍ୟ ସଭା ପଠାଇବାକୁ ଘୋଷଣା କଲା, ଏହାପରେ ଜନତା ଦଳ ଭାଙ୍ଗିଥିବା ନେତାମାନେ କ୍ରସ୍ ଭୋଟିଂ କରିଥିଲେ। ଯେଉଁଥିପାଇଁ ଅନଙ୍ଗ ଉଦୟଙ୍କୁ ପରାଜୟ ବରଣ କରିବାକୁ ପଡିଥିଲା। ଯାହା ବୁଦ୍ଧିରେ ଦଳକୁ ରାଜ୍ୟ ସଭା ନିର୍ବାଚନରେ ସେତେବେଳେ ପରାଜୟ ବରଣ କରିବାକୁ ପଡିଥିଲା ପରବର୍ତ୍ତୀ ସମୟରେ ସେ ବିଜେଡିରୁ ଟିକେଟ ପାଇଲେନି ଏବଂ ବିଦା ହେଲେ। ତାଙ୍କ ପୁଅ ୩୦ ବର୍ଷ ପରେ ସମାନ କାମ ପାଇଁ (ଦଳ ବିରୋଧୀ କାର୍ଯ୍ୟ) ପାଇଁ ନିଲମ୍ବିତ ହୋଇ ନିଜ ପିତାଙ୍କ ସହ ବିଜୁ ଲିଗାସି ମଞ୍ଚରେ ବସିବାର ସୌଭାଗ୍ୟ ପାଇଛନ୍ତି।

## ଟ୍ରକ୍ ଧକ୍କାରେ ଯାତ୍ରା ଅଭିନେତା ଗୁରୁତର

**ଭଦ୍ରକ,୧୭।୪ (ସନାତନ ରାଉତ)**

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ନଳାଙ୍ଗ କୋର୍ଟ ଛକ ନିକଟରେ ଶୁକ୍ରବାର ସକାଳେ ଦୁର୍ଘଟଣାରେ ଜଣେ ଯାତ୍ରା କଳାକାର ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ଧଉଳି ଗଣନାଟ୍ୟର ଅଭିନେତା ରୁଦ୍ରନାରାୟଣ ମିଶ୍ର। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ତିହିଡ଼ି ବ୍ଲକର ପୀରହାଟ ନିକଟରେ ଧଉଳି ଗଣନାଟ୍ୟର ଯାତ୍ରା ଚାଲିଛି। ଗୁରୁବାର ରାତିରେ ଯାତ୍ରା ସରିବା ପରେ ଶୁକ୍ରବାର ସକାଳେ ରୁଦ୍ରନାରାୟଣ କାର୍ (ଓଡି ୦୨ ସିୟୁ ୯୮୫୯)ରେ ନିଜ ଘର ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ନିଦ ଆସିବାରୁ ସେ ନଳାଙ୍ଗ କୋର୍ଟ ଛକ ନିକଟରେ ଗାଡ଼ି ସାଇଡ୍ କରି ଶୋଇପଡ଼ିଥିଲେ। ତାଙ୍କ କାର୍ ଛିଡ଼ା ହୋଇଥିବା ବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ପଛପଟୁ ଧକ୍କା ଦେଇଥିଲା। ଖବର ପାଇ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ରୁଦ୍ରଙ୍କୁ ଉଦ୍ଧାର କରି ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତାଙ୍କ ହାତ, ବେକ ଓ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଧକ୍କା ଦେଇଥିବା ଟ୍ରକ୍ ଓ ଚାଳକଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଗ୍ରାମାଞ୍ଚଳ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି।

## ୟୁଆନ୍‌ରେ ତୈଳ କିଣିଲେ ଭାରତୀୟ ରିଫାଇନର୍ସ

**ନୂଆଦିଲ୍ଲୀ/ମୁମ୍ବାଇ,୧୭।୪(ରଏଟର୍ସ)**

ଭାରତୀୟ ତୈଳ ବିପଣନ କମ୍ପାନୀଗୁଡ଼ିକ ପୂର୍ବରୁ କ୍ରୁଡ୍ କ୍ରୟ ବେଳେ ଆମେରିକୀୟ ଡଲାରରେ ଅର୍ଥ ପଇଠ କରୁଥିଲେ। କିନ୍ତୁ ଆମେରିକା ପକ୍ଷରୁ ଇରାନୀୟ ତୈଳ କ୍ରୟ କ୍ଷେତ୍ରରେ ପୂର୍ବ କଟକଣାରେ ସାମୟିକ କୋହଳ କରାଯାଇଥିବାବେଳେ ଇରାନୀୟ କ୍ରୁଡ୍ କିଣିବାରେ ରିଫାଇନର୍ସ ଚାଇନା ମୁଦ୍ରା ୟୁଆନ୍ ବ୍ୟବହାର କରୁଛନ୍ତି। ମୁମ୍ବାଇସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ମାଧ୍ୟମରେ ଏହି ଦେୟ ପଇଠ କରାଯାଉଥିବା ରଏଟର୍ସ ସୂତ୍ରରୁ ପ୍ରକାଶ। ଭାରତୀୟ ତୈଳ ବିଶୋଧକଙ୍କ ଏହି ପଦକ୍ଷେପ ଆମେରିକୀୟ ପେଟ୍ରୋଡଲାର ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ।

ଆମେରିକା-ଇରାନ୍ ଯୁଦ୍ଧ ଯୋଗୁ ଫେବୃଆରୀ ୨୮ ପରଠୁ ତୈଳ ଦର ବୃଦ୍ଧି ପାଇଥିଲା। ଗତମାସରେ କ୍ରୁଡ୍ ଅଏଲ୍ ମୂଲ୍ୟ ହ୍ରାସ କରାଇବା ପାଇଁ ରୁଷୀୟ ଓ ଇରାନୀୟ ତୈଳ କ୍ରୟ ଉପରୁ ୱାଶିଂଟନ୍ ୩୦ ଦିନ ଲାଗି କଟକଣା ହଟାଇଥିଲା। ସେହି ସମୟରେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି) ୨ ନିୟୁତ ବ୍ୟାରେଲ ଇରାନୀୟ ତୈଳ କିଣିଥିଲା। ଏହାର ମୂଲ୍ୟ ପ୍ରାୟ ୨୦୦ ନିୟୁତ ଡଲାର ଥିଲା ବୋଲି ରଏଟର୍ସ ପକ୍ଷରୁ ରିପୋର୍ଟ କରାଯାଇଛି। ସେହିପରି ଇରାନୀୟ ତୈଳବାହୀ ୪ ଜାହାଜରୁ କ୍ରୁଡ୍ ନେବା ପାଇଁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ ମଧ୍ୟ ଭାରତ ଅନୁମତି ଦେଇଥିଲା। ସାଂଘାଇରେ ଥିବା ଆଇସିଆଇସିଆଇ ବ୍ରାଞ୍ଚରେ ଆଇଓସି ଏବଂ ରିଲାଏନ୍ସ ୟୁଆନ୍‌ରେ ଏହି ଦେୟ ପଇଠ କରିଥିବା ଜଣାପଡ଼ିଛି।

## ଖରାପ ଡ୍ରେନେଜ୍, କଲଭର୍ଟ ଅବରୋଧରୁ ଗର୍ତ୍ତ: ଏମ୍‌ସିଏଲ୍

**ତାଳଚେର,୧୭।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ହାଣ୍ଡିଧୁଆଁ ଡେରା ରାସ୍ତାରେ ଗତ ୧୫ ତାରିଖରେ ସୃଷ୍ଟି ହୋଇଥିବା ଏକ ଗର୍ତ୍ତ 'ଭୂସ୍ଖଳନ' ଘଟଣା ନୁହେଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଉକ୍ତ ସ୍ଥାନରେ ଖରାପ ଡ୍ରେନେଜ ବ୍ୟବସ୍ଥା ଏବଂ ନିକଟସ୍ଥ କଲଭର୍ଟରେ ଅବରୋଧ କାରଣରୁ ପାଣି ଜମି ରହିବା ଫଳରେ ରାସ୍ତା ତଳ ମାଟି ଧୋଇ ହୋଇଯାଇଥିଲା। ଫଳରେ ରାସ୍ତା ଉପରେ ପ୍ରାୟ ୧ ଫୁଟ ବ୍ୟାସ ଏବଂ ୧ ଫୁଟ ଗଭୀର ଗର୍ତ୍ତ ଦେଖିବାକୁ ମିଳିଥିଲା ବୋଲି ବୈଷୟିକ ଆକଳନରୁ ଜଣାପଡ଼ିଛି। ତଥାପି ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଏମ୍‌ସିଏଲ୍ ତୁରନ୍ତ ପଦକ୍ଷେପ ନେଇଥିଲା ଏବଂ ସ୍ଥାନୀୟ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା। ଉକ୍ତ ସ୍ଥାନ ତଳେ ଥିବା ଭୂଗର୍ଭସ୍ଥ ଖଣିର ଗଭୀରତା ୮୦ ମିଟରରୁ ଅଧିକ, ଯାହା ଭୂପୃଷ୍ଠର ସ୍ଥିରତା ଉପରେ ପ୍ରଭାବ ପକାଇବା ସ୍ତରଠାରୁ ବହୁତ ତଳେ ରହିଛି। ଏହି ଅଞ୍ଚଳର ମାଟି ବା ଭୂସ୍ତର ଦୃଢ଼ ଏବଂ ସ୍ଥିର ଥିବାବେଳେ ସୃଷ୍ଟି ହୋଇଥିବା ଭୂଗର୍ଭସ୍ଥ ଖଣି ଖନନ କାର୍ଯ୍ୟ ସହିତ ଗାତର କୌଣସି ସମ୍ପର୍କ ନାହିଁ ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

ତୃତୀୟ ପୃଷ୍ଠାରୁ...

## ସଂଖ୍ୟା ଅଭାବରୁ...

କେରଳ ଓ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ଦକ୍ଷିଣ ଭାରତୀୟ ରାଜ୍ୟର ସରକାର ଆନୁପାତିକ ହାରରେ ସେମାନଙ୍କ ଆସନ ସଂଖ୍ୟା ହରାଇବେ ବୋଲି ଆଶଙ୍କା କରି ବିଲ୍‌କୁ ଜୋର୍‌ଦାର ବିରୋଧ କରିଥିଲେ। ଲୋକ ସଭାରେ ଏନେଇ ବିତର୍କ ଜାରି ରହିଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ର ନାରୀ ଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ୨୦୨୩ର ୧୦୬ତମ ସମ୍ବିଧାନ ସଂଶୋଧନ ଆଇନ ସେକ୍ସନ-୧ର ସବ୍‌ସେକ୍ସନ-୨ ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି କେନ୍ଦ୍ର ସରକାର ୨୦୨୬ ଏପ୍ରିଲ ୧୬ରେ ମହିଳା ସଂରକ୍ଷଣ ଆଇନକୁ ତତ୍କାଳ କାର୍ଯ୍ୟକାରୀ କରିଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ୨୦୨୩ ଆଇନ ଅଧୀନରେ ୨୦୩୪ ମସିହା ପୂର୍ବରୁ ଏହି ସଂରକ୍ଷଣ କାର୍ଯ୍ୟକାରୀ ହୋଇପାରିବ ନାହିଁ। କାରଣ ୨୦୨୩ର ଆଇନ ଅନୁଯାୟୀ, ସଂରକ୍ଷଣ ବ୍ୟବସ୍ଥା ୨୦୨୭ ଜନଗଣନା ଆଧାରରେ କରାଯିବ।

ନିମ୍ନ ସଦନରେ ଶୁକ୍ରବାର ଏହା ଉପରେ ପୁଣି ବିତର୍କ ହେବା ପରେ ରାତିରେ ବିଲ୍ କାଟ୍ ଖାଇଯାଇଛି। ୨୦୨୯ରେ ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରଦାନ ପାଇଁ ଡିଲିମିଟେଶନ୍‌କୁ ଆଳ କରାଯିବା ଅନୁଚିତ ବୋଲି ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଛନ୍ତି। ଲୋକ ସଭାର ମୋଟ ଆସନ ସଂଖ୍ୟା ୫୪୩ ଥିବାବେଳେ ବର୍ତ୍ତମାନ ୩ ଆସନ ଖାଲିପଡ଼ିଥିବାରୁ ଏହା ୫୪୦କୁ ଖସିଛି। ଶୁକ୍ରବାର ରାତିରେ ବିଲ୍ ପାଇଁ ଭୋଟିଂ କରାଯାଇଥିଲା। ମତଦାନ ବେଳେ ୫୨୮ ସଦସ୍ୟ ଉପସ୍ଥିତ ଥିଲେ। ତେଣୁ ବିଲ୍ ପାରିତ କରାଇବା ପାଇଁ ସେମାନଙ୍କ ମଧ୍ୟରୁ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଅର୍ଥାତ୍ ୩୫୨ ସଦସ୍ୟଙ୍କ ସମର୍ଥନ ଜରୁରୀ ଥିଲା। ବିଲ୍ ସପକ୍ଷରେ ୨୯୮ ଏମ୍‌ପି ଭୋଟ ଦେଇଥିବାବେଳେ ବିରୋଧରେ ୨୩୦ ଜଣ ମତଦାନ କରିଛନ୍ତି। ଫଳରେ ନୂଆ ଓମେନ୍ ରିଜର୍ଭେଶନ୍ ବିଲ୍ ନାକଚ ହୋଇଯାଇଛି। ଏନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ମହିଳାଙ୍କ କୋଟା ସହ ଡିଲିମିଟେଶନକୁ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ କୁଟିଳ ଉଦ୍ୟମ ବିଫଳ ହୋଇଛି। ମୋଦି ଓ ଶାହା ଏକ ବିପଜ୍ଜନକ ଡିଲିମିଟେଶନ୍ ପ୍ରସ୍ତାବ ଆଣିଥିଲେ, ଯାହାକୁ ଲୋକ ସଭା ହରାଇଦେଇଛି। ଏହା ଗଣତନ୍ତ୍ର ଓ ସମ୍ବିଧାନର ବିଜୟ ବୋଲି ରାହୁଲ କହିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏହା ହେଉଛି ଆମ ଗଣତନ୍ତ୍ର, ସମ୍ବିଧାନ ଓ ଫେଡେରାଲିଜମ୍ (ସଂଘୀୟ ରାଷ୍ଟ୍ରବାଦ) ର ବିଜୟ। ବର୍ତ୍ତମାନ ସେମାନେ ୨୦୨୯ ଲୋକ ସଭା ନିର୍ବାଚନରେ ୩୩% ସଂରକ୍ଷଣ ଲାଗୁ କରାଇବା ଉଚିତ। ଏହା ହିଁ ମୋଦି ସରକାରଙ୍କ ପଦକ୍ଷେପ ହେବା ଉଚିତ।

ଅନ୍ୟପକ୍ଷେ ଶାହା କହିଛନ୍ତି, ଟିଏମ୍‌ସି, ଡିଏମ୍‌କେ ଏବଂ ସମାଜବାଦୀ ପାର୍ଟି ମହିଳା ସଂରକ୍ଷଣ ବିଲ୍ ଉପରେ ସମ୍ବିଧାନ ସଂଶୋଧନ କରାଇବାକୁ ଦେଲେନାହିଁ। ବର୍ତ୍ତମାନ ମହିଳାମାନେ ବ୍ୟବସ୍ଥାପିକାରେ ୩୩% ସଂରକ୍ଷଣ ପାଇବେ ନାହିଁ। କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ପୂର୍ବରୁ ମଧ୍ୟ ଏପରି କରିଛନ୍ତି। ସେମାନଙ୍କ ମାନସିକତା ମହିଳା ଓ ଦେଶ ବିରୋଧୀ। ବିରୋଧୀ ଦଳଗୁଡ଼ିକ ମହିଳାଙ୍କ ଅଭିଶାପ ପାଇବେ ବୋଲି ଶାହା କହିଛନ୍ତି। ଇତିମଧ୍ୟରେ ଦେଶବ୍ୟାପୀ ବିକ୍ଷୋଭ କରିବା ପାଇଁ ଏନ୍‌ଡିଏ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ଲାଗି ସଂସଦ ପରିସରରେ ଭାଜପା ଏବଂ ସହଯୋଗୀ ଦଳଗୁଡ଼ିକର ଅନେକ ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଶାହାଙ୍କୁ ଭେଟିବାରେ ଲାଗିଛନ୍ତି।

## ପରିସଂଖ୍ୟାନରେ ସୀମିତ...

ମଝିରେ ମଝିରେ ସାର ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସାର ବଣ୍ଟନ ବ୍ୟବସ୍ଥା ସୁନିୟନ୍ତ୍ରିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସମବାୟ ବିଭାଗ କମିଶନର ରାଜେଶ ପ୍ରଭାକର ପାଟିଲ ଏବଂ କୃଷି ଓ ସମବାୟ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪ ବର୍ଷରେ...

ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଲୁଣା ଜଙ୍ଗଲ ତଟାଞ୍ଚଳରେ ସାମୁଦ୍ରିକ ପ୍ରାଚୀର ଭାବେ କାର୍ଯ୍ୟ କରୁଛି। ରାଜ୍ୟର ୫ଟି ଉପକୂଳବର୍ତ୍ତୀ ଜିଲାରେ ବର୍ତ୍ତମାନ ପ୍ରାୟ ୨୫୯.୦୬ ବର୍ଗ କି.ମି. ପରିମିତ ଲୁଣା ଜଙ୍ଗଲ ଅଛି। ଏଥିମଧ୍ୟରୁ କେବଳ କେନ୍ଦ୍ରାପଡା ଜିଲାର ଭିତରକନିକା ଜାତୀୟ ଉଦ୍ୟାନରେ ୨୧୨ ବର୍ଗ କିଲୋମିଟରରୁ ଅଧିକ ଲୁଣା ଜଙ୍ଗଲ ଅଛି। ଏହା ଭାରତର ଦ୍ୱିତୀୟ ବୃହତ୍ତମ ଲୁଣା ଜଙ୍ଗଲ ଭାବେ ପରିଚୟ ପାଇଥିବା ଏସିଏଫ୍ ଦାଶ ଶୁକ୍ରବାର ସୂଚନା ଦେଇଛନ୍ତି।

## ଓଡ଼ିଆ ସିନେମା...

ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଫିଲ୍ମର ପ୍ରଯୋଜିକା ତଥା ବାବୁସାନଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ଏହି ସମ୍ମାନ ଗ୍ରହଣ କରିବା ସମୟରେ ମଞ୍ଚରେ ବେଶ ଭାବବିହ୍ୱଳ ହୋଇପଡିଥିଲେ। ତୃପ୍ତି କହିଥିଲେ, ଏହା ମୋର ପ୍ରଥମ ଫିଲ୍ମ। ଜଣେ ଗଣିତ ଶିକ୍ଷକ ଆଜି ପ୍ରଯୋଜକ ଭାବେ ପ୍ରଥମଥର ଷ୍ଟେଜ୍‌ରେ ଛିଡା ହୋଇ ପୁରସ୍କାର ଗ୍ରହଣ କରୁଛନ୍ତି। ସ୍ୱାମୀଙ୍କ ପାଇଁ ପ୍ରଯୋଜକ ଭାବେ କାମ କରିବା ଆରମ୍ଭ କରିଛି। ଓଡିଶାବାସୀଙ୍କ ଭଲ ପାଇବା ଆଉ ସିନେମା ପ୍ରତି ଥିବା ସେମାନଙ୍କର ବିଶ୍ୱାସ ପାଇଁ ଏହି ସମ୍ମାନ ମିଳିଛି ବୋଲି ତୃପ୍ତି କହିଛନ୍ତି। ଏହି ସମୟରେ ବଲିଉଡ ଫିଲ୍ମ ନିର୍ମାତା କରଣ ଜୋହର ତାଙ୍କ ପାଖରେ ପହଞ୍ଚି ତୃପ୍ତିଙ୍କୁ ସାଧୁବାଦ ଦେବା ସହ ଅଭିନନ୍ଦନ ମଧ୍ୟ ଜଣାଇଥିଲେ।

ସେହିପରି ଚଳଚ୍ଚିତ୍ର 'ଅନନ୍ତା'ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ତାଙ୍କ ପୁଅ ନିର୍ଦ୍ଦେଶକ କୁମାର ସି ଦେବ ମହାପାତ୍ରଙ୍କୁ ଶ୍ରେଷ୍ଠ ଓଡ଼ିଆ ସିନେ ନିର୍ଦ୍ଦେଶକ ଭାବେ ସମ୍ମାନିତ କରାଯାଇଥିଲା।

# ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ


**ଡ. ମୁକେଶ ମହାଲିଙ୍ଗ**
(କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର)

ଆମ ସମାଜକୁ ଏକତାର ସୂତ୍ରରେ ସୁସଂଗଠିତ କରିବା ସହ ସୁସ୍ଥ ଓ ସମୃଦ୍ଧ ବିକାଶ ପାଇଁ ଦୁଇଟି ଅତ୍ୟନ୍ତ ଆବଶ୍ୟକ ମୂଳତତ୍ତ୍ୱ ହେଉଛି ସମରସତା ଓ ସାମାଜିକ ନ୍ୟାୟ। ଜାତିଗତ, ଭାଷାଗତ, ବର୍ଣ୍ଣଗତ, ଲିଙ୍ଗଗତ ବିବିଧତାରେ ପୂର୍ଣ୍ଣ ସମାଜରେ, ବିବିଧତା ଆମର ଶକ୍ତି ହେଲେ ମଧ୍ୟ ଯଦି ସମରସତା ନ ଥାଏ ତେବେ ଏହା ଦ୍ୱନ୍ଦ୍ୱ ଓ ଅସମ୍ମତିର କାରଣ ହୋଇପାରେ। ସେହିପରି ସମସ୍ତଙ୍କୁ ସମାନ ଅଧିକାର ଓ ସୁଯୋଗ ଦେବା ହେଉଛି ସାମାଜିକ ନ୍ୟାୟ। ଶିକ୍ଷା, ନିଯୁକ୍ତି ଓ ସ୍ୱାସ୍ଥ୍ୟସେବାରେ ସମାନ ଅବସର ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ। ଏହା ଆର୍ଥିକ ସ୍ଥିତି ଆଧାରରେ ମଧ୍ୟ ସମାଜର ଭେଦଭାବକୁ ଦୂର କରିଥାଏ। ଏହି ବ୍ୟବଧାନକୁ ଦୂର କରି ସମାଜର ଅବହେଳିତ ଓ ନିଷ୍ପେଷିତ ବର୍ଗକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ସାମାଜିକ ନ୍ୟାୟର ମୂଳ ଲକ୍ଷ୍ୟ। ଯେତେବେଳେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହୁଏ, ସେତେବେଳେ 'ସମରସତା' ବା ସାମାଜିକ ଏକତା ଓ ସଦ୍ଭାବନାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୁଏ। ଯେଉଁଠାରେ ସାମାଜିକ ନ୍ୟାୟ ରହେ, ସେଠାରେ ସମରସତା ସ୍ୱତଃସ୍ଫୂର୍ତ୍ତ ଭାବେ ବିକଶିତ ହୁଏ ଏବଂ ଯେଉଁଠାରେ ସମରସତା ରହେ, ସେଠାରେ ନ୍ୟାୟ ସ୍ଥାପିତ କରିବା ସହଜ ହୁଏ। ଏହି ଦୁଇଟି ମଳ ତତ୍ତ୍ୱ ମିଶି ଏକ ରାଷ୍ଟ୍ରକୁ ଶାନ୍ତିପୂର୍ଣ୍ଣ ଓ ଶକ୍ତିଶାଳୀ କରନ୍ତି।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ଏହାକୁ ଅନୁଭବ କରି ଓଡ଼ିଶାରେ ସମରସତା ଓ ସାମାଜିକ ନ୍ୟାୟକୁ ନବ ଦିଗନ୍ତ ଦେବାକୁ ଯାଉଛନ୍ତି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ଶ୍ରେଣୀରେ ଥିବା କୌଣସି ଛାତ୍ରୀଛାତ୍ର ମେଡିକାଲ ଓ ଇଞ୍ଜିନିୟରିଂ ପରି ବୃତ୍ତିଗତରୁ ବଞ୍ଚିତ ହେବେ ନାହିଁ, ତାହାକୁ ସୁନିଶ୍ଚିତ କରିବାକୁ ଯାଇ ପ୍ରଥମ ଥର ପାଇଁ ୧୧.୨୫% ଏସ୍‌ଇବିସି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଗତ ଏପ୍ରିଲ ୪ ତାରିଖରେ ଏହାକୁ ରାଜ୍ୟ କ୍ୟାବିନେଟର ସ୍ୱୀକୃତି ମିଳିଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଯାଇ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି (ଏସ୍‌ଟି) ସଂରକ୍ଷଣ ସୀମାକୁ ୧୨%ରୁ ୨୨.୫୦%, ଅନୁସୂଚିତ ଜାତି (ଏସ୍‌ସି) ସଂରକ୍ଷଣ ସୀମାକୁ ୮%ରୁ ୧୬.୨୫% ବୃଦ୍ଧି କରାଯାଇଛି। ଆଇଟିଆଇ, ପଲିଟେକ୍‌ନିକ୍, ଇଞ୍ଜିନିୟରିଂ, ମେଡିକାଲ, ସର୍ଜରି, ଡେଣ୍ଟାଲ, ନର୍ସିଂ, ଫାର୍ମାସୀ, ଆୟୁର୍ବେଦିକ ଓ ହୋମିଓପାଥି ପାଠ୍ୟକ୍ରମରେ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହ କୃଷି ବିଜ୍ଞାନ, ମ୍ୟାନେଜମେଣ୍ଟ, ଆର୍କିଟେକ୍ଟର୍ ଓ ସିନେମାଟିକ୍ ଆର୍ଟସେ କ୍ଷେତ୍ରରେ ମଧ୍ୟ ଏହା ଅନୁରୂପ ଭାବେ ଲାଗୁ ହେବ। ତେବେ ଗତବର୍ଷ ୧୪ ମେ ୨୦୨୫ରେ କେବଳ ଉଚ୍ଚଶିକ୍ଷା ପାଇଁ ସରକାରୀ ବିଶ୍ୱବିଦ୍ୟାଳୟ, ସ୍ନାତକ ଓ ସ୍ନାତକୋତ୍ତର ମହାବିଦ୍ୟାଳୟ, ଆଇନ ଏବଂ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନଗୁଡ଼ିକରେ ପ୍ରଥମ ଥର ପାଇଁ ୧୧.୨୫% ଏସ୍‌ଇବିସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲା।

ଶିକ୍ଷକ କ୍ୟାଡର ସଂରକ୍ଷଣ କ୍ଷେତ୍ରରେ ଦୂରଦର୍ଶୀ ପଦକ୍ଷେପ ନେଇ ଆମ ସରକାର ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୨୬ କାର୍ଯ୍ୟକାରୀ କରିଛନ୍ତି। ଏହା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସ୍‌ଇବିସି ବର୍ଗ ଓ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବ। ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ। ପୂର୍ବରୁ କୌଣସି ବିଭାଗରେ ଯଦି ଗୋଟିଏ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଏ ତେବେ ସେଥିରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁ ନ ଥିଲା, ଯାହାକି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଏସ୍‌ଇବିସି ବର୍ଗ ଓ ମହିଳାଙ୍କ ପାଇଁ ବଡ ଅସଙ୍ଗତି ରହିଥିଲା। କିନ୍ତୁ ଏବେ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କଲେ ସମାନ ସୁଯୋଗର ପରିବେଶ ସୃଷ୍ଟି ହେବ। ଗତ ୩୧ ମାର୍ଚ୍ଚରେ ଏହି ବିଧେୟକ ଉପରେ ବିଧାନସଭାରେ ମଧ୍ୟରାତ୍ର ପର୍ଯ୍ୟନ୍ତ ବ୍ୟାପକ ଆଲୋଚନା ହୋଇ ଗୃହରେ ପାରିତ ହୋଇଥିଲା। ଏହି ଅଧିନିୟମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଅବହେଳିତ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେବ।

ମହିଳାମାନଙ୍କୁ ସମାଜର ଶୀର୍ଷ ସ୍ଥାନ ଦେବା ଆମ ପରମ୍ପରା ଓ ସଂସ୍କୃତିରେ ରହିଛି। ଆମେରିକା ସ୍ୱାଧୀନତାର ବହୁ ଦଶନ୍ଧି ପରେ ୧୯୨୦ରେ ଯାଇ ମହିଳାମାନଙ୍କୁ ଭୋଟ ଦେବାର ଅଧିକାର ଦେଲା। ହେଲେ ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ମଧ୍ୟ ରାଣୀ ଲକ୍ଷ୍ମୀବାଈ, ରାଣୀ ପଦ୍ମିନୀ, ରାଣୀ ଦୁର୍ଗାବତୀ, ଅହଲ୍ୟାବାଈ ହୋଲକରଙ୍କ ପରି ମହୀୟସୀମାନେ ଶାସନ ଗାଦିରେ ଅଭିଷିକ୍ତ ହୋଇ ଦେଶ ଓ ଧର୍ମର ରକ୍ଷା ପାଇଁ ସଂଘର୍ଷ କରିଛନ୍ତି। ତାହାକୁ ପାଥେୟ ଶାସନତନ୍ତ୍ରରେ ମହିଳାଙ୍କ ସହଭାଗିତାକୁ ସମ୍ମାନ ଦେବାପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନରେ କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨୦ ସେପ୍ଟେମ୍ବର ୨୦୨୩ରେ ଲୋକ ସଭା ଏବଂ ୨୧ ସେପ୍ଟେମ୍ବର ୨୦୨୩ରେ ରାଜ୍ୟ ସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ୧୦୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଭାବରେ ସରକାରୀ ଗେଜେଟ୍ ପ୍ରକାଶିତ ହୋଇଥିଲା। ଏହା ଉପରେ ଆହୁରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ଏବେ ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ଅନୁସାରେ ଭାରତର ମୋଟ ମତଦାତାମାନଙ୍କ ମଧ୍ୟରେ ୪୮.୬୨% ମହିଳା ମତଦାତା ଅଛନ୍ତି। ଦେଶରେ ମହିଳା ମତଦାତାଙ୍କ ସଂଖ୍ୟା ପ୍ରାୟ ୪୭ କୋଟିରୁ ଅଧିକ। ଲିଙ୍ଗ ଭିନ୍ନତା ଧୀରେ ଧୀରେ କମୁଥିବାରୁ ପ୍ରତି ୧୦୦୦ ପୁରୁଷ ମତଦାତା ଅନୁପାତରେ ୯୪୬ ମହିଳା ଅଛନ୍ତି। ଭୋଟଦାନ ହାର ମଧ୍ୟ ଏହି ବୃଦ୍ଧିଶୀଳ ସଂଲଗ୍ନତାକୁ ପ୍ରତିଫଳିତ କରୁଛି। ୨୦୨୪ରେ ୬୫.୭୮% ମହିଳା ଭୋଟ ଦେଇଥିଲେ, ଯାହା ପୁରୁଷମାନଙ୍କଠାରୁ ଅଧିକ। ୧୯୫୨ ମସିହାରେ ଲୋକ ସଭାରେ ୨୨ ଜଣ ମହିଳା ସାଂସଦ ଥିଲେ, ଯାହା ୨୦୨୪ରେ ୭୫କୁ ବଢ଼ିଛି। ରାଜ୍ୟ ସଭାରେ ମହିଳାମାନେ ଏବେ ମୋଟ ସଦସ୍ୟଙ୍କ ପ୍ରାୟ ୧୭% ଅଂଶର ଦାବିଦାର। ପଞ୍ଚାୟତିରାଜ ବ୍ୟବସ୍ଥାରେ ବର୍ତ୍ତମାନ ୪୬% ଅର୍ଥାତ୍ ୧୪.୫ ଲକ୍ଷରୁ ଅଧିକ ମହିଳା ନିର୍ବାଚିତ ପ୍ରତିନିଧି ସ୍ଥାନୀୟ ଶାସନରେ ଅଂଶଗ୍ରହଣ କରୁଛନ୍ତି। ଏହି ତଥ୍ୟ ଏହା ଦର୍ଶାଉଛି ଯେ ମହିଳାମାନେ କିପରି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସକ୍ରିୟ ହେଉଛନ୍ତି, କିନ୍ତୁ ସେହି ପରିମାଣରେ ତାଙ୍କୁ ସୁଯୋଗ ମିଳି ପାରୁ ନ ଥିବା ବେଳେ ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳା ମାନଙ୍କୁ ଶାସନ କ୍ଷମତାରେ ପର୍ଯ୍ୟାପ୍ତ ସୁଯୋଗ ଦେବ। ଏହି ଅଧିନିୟମ ଲୋକ ସଭା ଓ ରାଜ୍ୟ ବିଧାନସଭାରେ ଏକ-ତୃତୀୟାଂଶ (୩୩%) ସ୍ଥାନ ମହିଳାଙ୍କ ପାଇଁ ସୁରକ୍ଷିତ କରିବ। ଏହା ମହିଳାମାନଙ୍କୁ କେବଳ ମତଦାତା ଭାବେ ନୁହେଁ, ବରଂ ଦେଶର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ନିଷ୍ପତ୍ତି ଗ୍ରହଣକାରୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

'ବିଭିନ୍ନତାରେ ଏକତା ଭାରତର ବିଶେଷତା' ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ କେବଳ ସରକାରଙ୍କ ଦ୍ୱାରା ସମ୍ଭବ ନୁହେଁ। ଏହାର ପରିଭାଷା ବଦଳିଛି, ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିର ମାନସିକତା ପରିବର୍ତ୍ତନ ଆବଶ୍ୟକତା ଅଛି। ବର୍ତ୍ତମାନ ଏହା କେବଳ ଆଇନଗତ ଅଧିକାର ନୁହେଁ ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସଶକ୍ତୀକରଣ, ରୋଜଗାର, ପ୍ରତିନିଧିତ୍ୱ ସମସ୍ତ କ୍ଷେତ୍ରରେ ସବୁ ବର୍ଗର ଲୋକମାନଙ୍କୁ ଯୋଡ଼ିବାର ମାଧ୍ୟମ। ଯେଉଁଦିନ ଆମେ ସମସ୍ତେ ମାନବ ସମ୍ବଳର ବିକାଶ ପାଇଁ ଏକାଠି କାମ କରିବା, ସେହିଦିନ ହିଁ ସମରସତା ଓ ସାମାଜିକ ନ୍ୟାୟର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବ।

# ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ

■ବିକଟାଳ ହର୍ନରେ ଫାଟିପଡୁଛି କାନ
■ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ପଟ୍ଟାମୁଣ୍ଡାଇ, ୧୭।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସହର ଓ ଆଖପାଖ ଅଞ୍ଚଳରେ ଏବେ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ ଓ ଆତଙ୍କ ବଢ଼ି ବଢ଼ି ଚାଲିଛି। କେତେଜଣ ଉଦ୍‌ଭ୍ରାନ୍ତ ଯୁବକ ଦ୍ରୁତଗତିରେ ବାଇକ୍ ଚଳାଇବା ସହିତ ଜାଣିଶୁଣି ବିକଟାଳ ଶବ୍ଦ କରାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ଶବ୍ଦ ପ୍ରଦୂଷଣ କରୁଛନ୍ତି। ସେମାନେ ଏପରି ବାଇକ୍ ଚଳାଉଛନ୍ତି ଯେ, ଅନ୍ୟ ଆରୋହୀମାନେ ଭୟଭୀତ ହୋଇ ପଡୁଛନ୍ତି। ରାତି ୮ଟା ପରେ ପରିସ୍ଥିତି ଜଟିଳ ହୋଇପଡୁଛି। ଏକାବେଳକେ ୩ରୁ ୪ ବାଇକ୍ ଚାଳକ ଏଭଳି ବିଭିନ୍ନ ରାସ୍ତାରେ ଉତ୍ପାତ ଓ ଆତଙ୍କ ଖେଳାଉଥିଲେ ମଧ୍ୟ ପୋଲିସ ପକ୍ଷରୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଇଛି। ଏ ବାବଦରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସୁକାନ୍ତ ପାତ୍ରଙ୍କୁ ପଚାରିବାରେ ଚେକିଂ କରାଯାଇ ଜରିମାନା ହେଉଛି। ଆଗକୁ ଚେକିଂକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

### ସ୍ପିଡ୍ ବାଇକ୍ ଚାଳକଙ୍କ ଆତଙ୍କରେ ଲୋକେ ଅତିଷ୍ଠ

ପଟ୍ଟାମୁଣ୍ଡାଇ କଲେଜ ରୋଡ୍‌ଠାରୁ ଆରମ୍ଭ କରି ସହର ଡେଥ ସ୍ପଟ୍ ପାଲଟିଛି। ସ୍ପିଡ୍ ବାଇକ୍‌ଧାରୀଙ୍କ ଉତ୍ପାତ ଏପରି ବଢ଼ିଚାଲିଛି ଯେ ଟିକିଏ ଏପାଖ ସେପାଖ ହେଲେ ପ୍ରାଣ ଚାଲିଯିବ, ନଚେତ ଖଣ୍ଡିଆଖାବରା ହୋଇ ଡାକ୍ତରଖାନା ଯିବାଟା ଥୟ। କିଛି ମାସ ହେବ ଏଭଳି ସମସ୍ୟା ଅଧିକରୁ ଅଧିକ ଦେଖାଦେଇଥିବା ବେଳେ ଲୋକେ ଅତିଷ୍ଠ ହୋଇପଡିଲେଣି। ନାବାଳକ ବାଇକ୍ ଚାଳକଙ୍କଠାରୁ ଆରମ୍ଭ କରି ଉଦ୍‌ଭ୍ରାନ୍ତ ଯୁବକଙ୍କର କାରନାମା ସୀମା ଟପୁଛି। ସହର ମଧ୍ୟରେ ୧୫, ୨୦ ଓ ୨୫ କି.ମି. ଗତିରେ ବାଇକ୍ ଚଳାଇବାର ନିୟମ ଥିଲେ ମଧ୍ୟ ସ୍ପିଡ୍ ବାଇକ



ଚାଳକମାନେ ଏହାକୁ ଖାତିର କରୁନାହାନ୍ତି। ସ୍ପିଡ୍ ସାଙ୍ଗକୁ ବିକଟାଳ ହର୍ନର ଠାଏ ଠାଏ ଶବ୍ଦ କାନ ଫଟାଇ ଦେଉଛି। ବିକଟାଳ ହର୍ନ ବଜାଉଥିବା ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଥିଲେ ମଧ୍ୟ ପୋଲିସ କେବଳ ହେଲମେଟ୍ ଚେକିଂରେ ମାତିଛି। କେବଳ ଏତିକି ନୁହେଁ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଏପରି ସାଇଲେନ୍ସର ଅବାଧରେ ବିକ୍ରି ହେଉଛି। ପୋଲିସ କେବଳ ଚଢ଼ାଉ କରି ଜରିମାନା ଆଦାୟ କରୁଛି। ହେଲେ ଏପରି ବ୍ୟବସାୟକୁ ରୋକାଯାଇପାରୁନାହିଁ।

– ପ୍ରବୀର ନାୟକ, ସାମାଜିକ କର୍ମୀ

### ନିଶାଡ଼ି ଯୁବକଙ୍କ ଆତଙ୍କରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

ସହର ଓ ଏହାର ଆଖପାଖ ଅଞ୍ଚଳର ଗଳିକନ୍ଦିରେ ବିଭିନ୍ନ ପ୍ରକାର ନିଶା ସହିତ ବ୍ରାଉନସୁଗାର କାରବାର ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ସେବନ କରି କେତେଜଣ ଉଦ୍‌ଭ୍ରାନ୍ତ ଯୁବକ ସ୍ପିଡ୍ ବାଇକଧାରୀ ଆତଙ୍କ ସୃଷ୍ଟି କରୁଛନ୍ତି। ନିଶାରେ ନିଜେ ଦୁର୍ଘଟଣାର



ଶିକାର ହେଉଛନ୍ତି, ଅନ୍ୟମାନଙ୍କୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଯିଏ ପ୍ରତିବାଦ କରୁଛନ୍ତି ସେମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ଯାହାକୁ ନେଇ ସ୍ଥାନୀୟଲୋକେ ମୁହଁ ଖୋଲିବାକୁ ଭୟ କରୁଥିବାବେଳେ ପଥଚାରୀ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇ ସହର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି।

–ଶତ୍ରୁଜିତ ନାୟକ, ଆଇନଜୀବୀ

### ୧୨ରୁ ୧୩ବର୍ଷର ନାବାଳକ ଚଲାଉଛନ୍ତି ସ୍ପିଡ୍ ବାଇକ୍

୧୨ରୁ ୧୩ବର୍ଷର ନାବାଳକ ବି ସ୍କୁଟି, ବୁଲେଟ, ପଲସର, ୟାମାହା, କେଟିଏମ୍ ଆଦି ଦ୍ରୁତଗାମୀ ବାଇକ୍‌ଧରି ବିନା ହେଲ୍‌ମେଟରେ ଅତ୍ୟନ୍ତ ଦ୍ରୁତଗତିରେ ଯାଉଛନ୍ତି। ଯାହା ଆଇନ ସଙ୍ଗତ ନୁହେଁ। କିଛିଦିନ ହେବ କେତେଜଣ ପିଲା ଦଳ ଦଳ ହୋଇ ଦ୍ରୁତ ବାଇକ୍‌ରେ ପ୍ରତିଯୋଗିତା ବି କରୁଥିବା ଦେଖିବାକୁ ମିଳିଛି। ଏପରି ବାଇକ୍ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରେ ତାହା ପାଳନ ହେଉନାହିଁ।



– ରମେଶ ଦେ, ବୁଦ୍ଧିଜୀବୀ

### ସ୍ପିଡ୍ ବାଇକ୍ ଚାଳକଙ୍କ ପାଇଁ ଯିବା ଆସିବାରେ ଭୟ

କିଛିଦିନ ତଳେ କଲେଜରୋଡ ଏମ୍‌ଏନ୍ ହାଇସ୍କୁଲ ପାଖରେ ଜଣେ ନାବାଳକ ଦୁର୍ଘଟଣା ଘଟାଇ ୨ଜଣଙ୍କୁ ଆହତ କରି ଫେରାର ହୋଇଥିଲେ। ଆଉ



ଜଣେ ଯୁବକ ବାଇକ୍ ଚଳାଇବା ସହିତ ଭିଡିଓ ଶୁଟିଂ କରୁଥିବାବେଳେ ଜଣେ କଲେଜ ଛାତ୍ରୀଙ୍କୁ ଦୁର୍ଘଟଣା ଘଟାଇଥିଲେ। ଦ୍ରୁତଗତିରେ ବାଇକ୍ ଚଳାଇ ଅନ୍ୟ ବାଇକ୍ ଚାଳକଙ୍କୁ ଅସୁବିଧାରେ ପକାଉଥିବା ବେଳେ ଜନସାଧାରଣ ଯିବାଆସିବାକୁ ଭୟ କରୁଛନ୍ତି।

– ସତ୍ୟପ୍ରିୟ ସାମଲ, ଯୁବନେତା

# ସାମ୍ୟବାଦୀ ନେତା କୃଷ୍ଣଚନ୍ଦ୍ରଙ୍କୁ ଖରସ୍ରୋତା ସମ୍ମାନ



କୃଷ୍ଣଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜକନିକା,୧୭।୪ (ସଞ୍ଜୟ କୁମାର ଦାଶ)

ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ କଣ୍ଡିଆର ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ଆଜି ଅଞ୍ଚଳର ବର୍ଷିଆନ୍ ସାମ୍ୟବାଦୀ ନେତା କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ପଶ୍ଚିମବଙ୍ଗରେ ଶ୍ରମିକ ସଙ୍ଗଠନର ନେତୃତ୍ୱ ନେଉଥିବା ମଲ୍ଲିକ ପରବର୍ତ୍ତୀ ସମୟରେ ଚାକିରି ଛାଡ଼ି କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। କ୍ଷମତା, ପ୍ରତିପତ୍ତି ବଦଳରେ ସେ ସାଧାରଣ, ଖଟିଖିଆ, ମେହନତି ମଣିଷର ସେବକ ଭାବେ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ଆଜି, ରାଜକନିକାରେ ଭୂ-ଆନ୍ଦୋଳନ, ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ କୃଷକମାନଙ୍କର ସ୍ୱାର୍ଥ ପାଇଁ ସଂଗ୍ରାମ କରୁଥିଲେ। ଗରିବ ରିକ୍ସାଚାଳକମାନଙ୍କ ହକ୍ ପାଇଁ ମଧ୍ୟ ଲଢ଼େଇ ଜାରି ରଖିଥିଲେ। ତ୍ୟାଗପୂତ ଜୀବନ ଓ ସାମଗ୍ରିକ ନିଃସ୍ୱାର୍ଥପର ଜନସେବା ପାଇଁ ମଲ୍ଲିକଙ୍କୁ କଣ୍ଡିଆର ଖରସ୍ରୋତା ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦର ସଭାପତି ନଚ୍ଛେନ୍ଦ୍ର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୫ତମ ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଡ. ହୃଷୀକେଶ ମଲ୍ଲିକ, ରମାଦେବୀ ବିଶ୍ୱବିଦ୍ୟାଳୟର ସଦସ୍ୟା ମେଜର କଳ୍ପନା ଦାସ, ସମ୍ପାଦକ ନିରଞ୍ଜନ ବେହେରା ପ୍ରମୁଖ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ତିରୋଧାନ ଦିବସରେ ଶ୍ରଦ୍ଧାଞ୍ଜଳି




କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା ।

ରାଜକନିକା,୧୭।୪ (ସଞ୍ଜୟ କୁମାର ଦାଶ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଅବସରରେ ରାଜକନିକା ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ଅଶୋକ ବଜାରସ୍ଥିତ ନୟନା ମଣ୍ଡପଠାରେ ପାଳିତ ହୋଇଯାଇଛି। ଆଜି ନିର୍ବାଚନମଣ୍ଡଳୀ ସ୍ତରୀୟ ରାଜକନିକା ବ୍ଲକ ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜୁ ଜନତା ଦଳର ସଭାପତି କପିଳେନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ବିକାଶ ଚନ୍ଦ୍ର ଦାସ, ପୂର୍ବତନ ସଭାପତି ବିଦ୍ୟାଧର ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରା ଓ ଉତ୍ତମ ସେନାପତି ପ୍ରମୁଖ ମଞ୍ଚାସୀନ ହୋଇ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ ପୂର୍ବକ ଗୁଣଗାନକରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଏତଦ ବ୍ୟତୀତ ଯୁବ ସଙ୍ଗଠକ ପବିତ୍ର ରାଉତ, ଜିଲା ପରିଷଦ ସଭ୍ୟ ଅମିତା ସାହୁ, ପ୍ରତାପ ବେହେରା, ହରିଶ୍ଚନ୍ଦ୍ର ମହାପାତ୍ର, ଅୟସ ସାମଲ, ସାରଙ୍ଗ ସାହୁ, ଅରୁଣ ରାଉତ, ଦେବବ୍ରତ ମହାନ୍ତି, ପ୍ରଦୀପ୍ତ କୁମାର ବେହୁରିଆ ଓ ସରପଞ୍ଚ ଲିଲିଭା ମଲ୍ଲିକ ପ୍ରମୁଖ ବିଜୁବାବୁଙ୍କ ସ୍ମୃତି ରୋମନ୍ଥନ କରିଥିଲେ। କାର୍ଯ୍ୟକ୍ରମରେ ଦଳର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ବ୍ୟତୀତ ପଞ୍ଚାୟତ ସଭାପତି ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଜନ୍ମଦିନରେ ଦିବ୍ୟାଙ୍ଗଙ୍କୁ ବିଦ୍ୟୁତ୍ ସ୍କୁଟି ବାଣ୍ଟିଲେ ହିମାଂଶୁ



ଜଣେ ଦିବ୍ୟାଙ୍ଗଙ୍କୁ ବିଧାୟକ ସ୍କୁଟି ପ୍ରଦାନ କରୁଛନ୍ତି।

କାଏମା,୧୭।୪(ଶିବପ୍ରସାଦ ମହାନ୍ତି)

ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଜନ୍ମଦିନ ତାଙ୍କ ନିର୍ବାଚନମଣ୍ଡଳୀରେ ଶୁକ୍ରବାର ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ଏହି ଅବସରରେ ବିଧାୟକ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ୩୭ ଦିବ୍ୟାଙ୍ଗଙ୍କୁ ୩ ଚକିଆ ବିଦ୍ୟୁତ୍ ସ୍କୁଟି ବଣ୍ଟନ କରିଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନ ଦାୟିତ୍ୱରେ ଥାଇ ମଧ୍ୟ ସେ ତାଙ୍କ ସମର୍ଥକଙ୍କୁ ଜନ୍ମଦିନରେ ଭେଟିବାକୁ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚିଥିଲେ। ସକାଳୁ ସେ ପ୍ରଥମେ ନିଜ ମା'ଙ୍କଠାରୁ ଆଶୀର୍ବାଦ ନେଇ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରିଥିଲେ। ପରେ ଭୁବନେଶ୍ୱର କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ନେତାମାନେ ପହଞ୍ଚି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଅନେକ ମନ୍ତ୍ରୀ ଓ ବିଧାୟକ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଧାୟକଙ୍କ ମା' ତଥା ସାମାଜିକ କର୍ମୀ ମିନତି ସାହୁ ଓ ଅନ୍ୟ ମହିଳା ଏବଂ ପୁରୁଷ କର୍ମୀ ଛତିଆ ବୃଦ୍ଧାଶ୍ରମରେ ପହଞ୍ଚି ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରିଥିଲେ।

ଅପରାହ୍ନରେ ବିଧାୟକ ନିଜ ନିର୍ବାଚନମଣ୍ଡଳୀକୁ ଆସିବାବେଳେ ତାଙ୍କର ହଜାରହଜାର ଶୁଭେଚ୍ଛୁ ଓ କର୍ମୀ ଚଣ୍ଡିଖୋଲଠାରୁ ତାଙ୍କୁ ଏକ ପଟୁଆରରେ କୁମାରୀସ୍ଥିତ ଭାଜପା କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ଲାଗି ନିର୍ବାଚନମଣ୍ଡଳୀର ବହୁ କର୍ମୀ ଭିଡ଼ ଜମାଇଥିଲେ। କର୍ମୀମାନେ ଫୁଲତୋଡା ଦେଇ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ବିଧାୟକ ସ୍କୁଟି ବଣ୍ଟନ କରିଥିଲେ। ଯୁବ ସଙ୍ଗଠକ ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଶ୍ରୀବତ୍ସ ଧୀର, ଦେବଦତ ପଣ୍ଡା, ଅଭିଷେକ ରାଉତ, ତପନ ମାହୁନ୍ତ, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ପ୍ରଦୀପ ପରିଡା, ସୁଦାମ ବେହେରା, ସବ୍ୟସାଚୀ ସୁନ୍ଦରରାୟ, ତୁଷାର ରାୟ, ନିର୍ମଳ ପ୍ରଧାନ, ବିଚିତ୍ର ସ୍ୱାଇଁ, ଚିତ୍ତରଞ୍ଜନ ଦାସ, କଳ୍ପତରୁ ସାହୁ, ଦେବୀପ୍ରସନ୍ନ ଦାଶ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଭଜନ, ସତ୍‌ସଙ୍ଗ, ସ୍ମୃତି ସଭା

ମାର୍ଶାଘାଇ, ୧୭।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ସତ୍ୟସାଇ ସେବା ସମିତି ପରିସରରେ କେନ୍ଦ୍ରାପଡ଼ା ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ଜିଲାର ପୂର୍ବତନ ଜିଲା ସଭାପତି ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁଙ୍କ ଅବର୍ତ୍ତମାନରେ ବେଦ, ଭଜନ, ସତ୍‌ସଙ୍ଗ ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ଡ. ସତ୍ୟ ସ୍ୱରୂପ ପଟ୍ଟନାୟକ ମୁଖ୍ୟଅତିଥି, ଡ. ଅଶୋକ କୁମାର ହୋତା, ସେବା ସଂଯୋଜିକା ସୁଶ୍ରୀ ଦାସ, ଆଧ୍ୟାତ୍ମିକ ସଂଯୋଜିକା ପୁଷ୍ପମିତ୍ରା ମହାନ୍ତି, ରକ୍ତଦାନ ନିର୍ବାହକ ଉମେଶ ଚନ୍ଦ୍ର ବିଶ୍ୱାଳ, ରାଜ୍ୟ ଟ୍ରଷ୍ଟମେମ୍ବର ରଶ୍ମିରଞ୍ଜନ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଉପସ୍ଥିତ ସମସ୍ତେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସାହୁଙ୍କ ୩ ଘନିଷ୍ଠ ବନ୍ଧୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ଦାସ, ଦେବେନ୍ଦ୍ର କୁମାର ମହାନ୍ତି ଏବଂ ପୂର୍ବତନ ଛାତ୍ର ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କୁ ମୁଖ୍ୟଅତିଥି ପଟ୍ଟନାୟକ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାହୁଙ୍କ ଜୀବନଦର୍ଶନକୁ ନେଇ ଲିଖିତ ଏକ ଶ୍ରଦ୍ଧାଞ୍ଜଳି ସ୍ମରଣିକା ଲୋକାର୍ପିତ ହୋଇଥିଲା। ଶେଷରେ ପ୍ରିୟରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହୁ ପରିବାରଙ୍କ ସମେତ ରଞ୍ଜନ ବାରିକ, କୃତ୍ତିବାସ ମଲ୍ଲିକ, ମହେନ୍ଦ୍ର ପରିଡ଼ା ଓ ସାଇକ୍ରିଷ୍ଣା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସ୍ମରଣିକାକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# ଅଗ୍ନି ବିପନ୍ନ ପରିବାରକୁ ସହାୟତା

ରାଜନଗର,୧୭।୪ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗାଁରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ଗାଁର ଅନିତା ମଲିକ, ନିରଞ୍ଜନ ମଲିକ ଓ କୁଳମଣି ମଲିକଙ୍କ ଘର ପୋଡି ପାଉଁଶ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ସ୍ୱେଚ୍ଛାସେବୀ ସଙ୍ଗଠନ ଓଡ଼ିଶା ସାଇନ୍ ଫାଉଣ୍ଡେଶନ ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ପାଲ, ରାଶନ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ବିଶ୍ୱନାଥ ବିଶ୍ୱାଳ, ଗଣେଶ ବିଶ୍ୱାଳ, ନୀହାର ରଞ୍ଜନ ବିଶ୍ୱାଳ, ମନିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହାୟ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ଓ ଆର୍ଥିକ ସହାୟତା



ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି।

ପଟ୍ଟାମୁଣ୍ଡାଇ,୧୭।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ଶ୍ରୀଜଗନ୍ନାଥ ସେବା ସମିତି ପକ୍ଷରୁ ସମାଜର ଅବହେଳିତ ବୃଦ୍ଧାବୃଦ୍ଧଙ୍କୁ ନୂତନ ବସ୍ତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଜଗନ୍ନାଥ ସେବା ସମିତି ସଭାପତି କୁଞ୍ଜବିହାରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ଇଂଲିଶ୍ ବିଭାଗ ମୁଖ୍ୟ ପ୍ରଫେସର ଡ. ପ୍ରମୋଦ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ୪୦ଜଣ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନୂତନ ବସ୍ତ୍ର ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ଅରୁଣ ଦାସ, ସାମାଜିକ କର୍ମୀ ବିଷ୍ଣୁ ଚରଣ ବିଶ୍ୱାଳ, ସତ୍ୟାନନ୍ଦ ମହାରଣା, ଗୌରାଙ୍ଗ ବିଶ୍ୱାଳ, ତୁଳସୀ ପଣ୍ଡା, ଜୟନ୍ତୀ ସ୍ୱାଇଁ ଓ ସସ୍ମିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସେବା ସମିତିର ଏହି ମହନୀୟ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଲୋକସଂସ୍କୃତି ଲୋପହେବା ଶୁଭଙ୍କର ନୁହେଁ

କେନ୍ଦ୍ରାପଡ଼ା, ୧୭।୪ (ଜଗନ୍ନାଥ ଧଳ)

ସଂସ୍କୃତିର ମହାକୁମ୍ଭ ରାମଲୀଳା ଲୋକନାଟ କେନ୍ଦ୍ରାପଡ଼ା ଜିଲାରେ ରାମନବମୀଠାରୁ ଆରମ୍ଭ ହୋଇଛି। ଏହି ଲୋକନାଟ ଆସନ୍ତା ୨୦ ତାରିଖ ଅକ୍ଷୟ ତୃତୀୟା ତିଥି ପର୍ଯ୍ୟନ୍ତ ସହର ଓ ଗ୍ରାମାଞ୍ଚଳରେ ଅନୁଷ୍ଠିତ ହେବ। ବର୍ତ୍ତମାନ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ରେକର୍ଡ ଡ୍ୟାନ୍ସ ଓ ଅନ୍ୟ ଅତ୍ୟାଧୁନିକ କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଏହି ଲୋକନାଟ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ନିଜସ୍ୱ ସାଂସ୍କୃତିକ ବିଭବ ହୋଇ ରହିଛି। ଏହି ଲୋକନାଟ ସମ୍ପର୍କରେ ଓଡ଼ିଶାର ଦେବଦେବୀ ପୁସ୍ତକରେ ଲେଖକ ନରହରି ଉପାଧ୍ୟାୟ ଲେଖିଛନ୍ତି, ଆଳି ଝୁଲଣ, ଓଲକଣା ମେଳଣ, କେନ୍ଦ୍ରାପଡ଼ା ରାମଲୀଳା ଓ ପୁରୀର ଚନ୍ଦନ ଯାତ ସର୍ବବିଦିତ। ପରମ୍ପରା ଅନୁଯାୟୀ, ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ରାମନବମୀଠାରୁ ରାମଲୀଳା ଆରମ୍ଭ ହୋଇଛି। ଏଥିସହ ସହରର କାକଟ ମଙ୍ଗଳା, ତିନିମୁହାଣୀସ୍ଥିତ ରାମମନ୍ଦିର ସହ ଜିଲାର ବିଭିନ୍ନ ସ୍ଥାନରେ ରାମଲୀଳା ଲୋକନାଟ ଆରମ୍ଭ ହୋଇଛି।

ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ଗୋଟିଏ କ୍ଷୁଦ୍ର ଅଞ୍ଚଳଭିତ୍ତିକ ଲୋକ ସଂସ୍କୃତି ବା କଳାର ସ୍ୱତନ୍ତ୍ରତା ସହଜରେ ବାହାରେ ଦୃଷ୍ଟିଗୋଚର ହୁଏ ନାହିଁ। ନିଜର ସ୍ୱତନ୍ତ୍ରତା ସୀମା ସରହଦ ଡେଇଁଲେ ଏହାର ପ୍ରଭାବ

### ଜିଲାରେ ୨୧ ଦିନ ଧରି ଚାଲିବ ଏହି ଲୋକନାଟ

ଅନୁଭୂତ ହୁଏ। ଏହି ଜିଲାର ଭୂମିପୁତ୍ର ବୈଶ ସଦାଶିବ ଏହି ଲୋକନାଟ ଆରମ୍ଭ କରି ନିଜର ପ୍ରତିଭାକୁ ରାଜ୍ୟ ସାରା ବିଛାଡିଛନ୍ତି। ଏହା ଏବେ ଦେଶ ବିଦେଶରେ ପହଞ୍ଚି ସାରିଛି। ପ୍ରାବନ୍ଧିକ ଡ. ବିରଜା ରାଉତରାୟ କହିଛନ୍ତି, ସମୟ ସ୍ରୋତରେ ସବୁ ପାରମ୍ପରିକ କଳା ଏବେ ବିଲୁପ୍ତି ପଥରେ ଅଛି। ଶିଳ୍ପ ଓ ନଗର ସଭ୍ୟତାର ଅଭ୍ୟୁଦୟ ଆମ ଗ୍ରାମୀଣ ଜୀବନବୋଧକୁ ପର୍ଯ୍ୟାପ୍ତ ଭାବେ ପ୍ରଭାବିତ କରିଛି। ଲୋକସଂସ୍କୃତି ଲୋପ ହେବା ଆମ ପାଇଁ ଶୁଭ ଲକ୍ଷଣ ନୁହେଁ। ଶିକ୍ଷାବିତ୍ ଅଜୟ କୁମାର ରାଉତ କହିଛନ୍ତି, ଏହା କେନ୍ଦ୍ରାପଡ଼ାର ନିଜସ୍ୱ ଲୋକ ସଂସ୍କୃତି। ଯାହା ଆଜି ଦେଶ ବିଦେଶରେ ଆଦୃତି ଲାଭ କରିଛି। ଏକଦା ରାମଲୀଳା ମଞ୍ଚସ୍ଥ କରି କାକଟ ରାମଲୀଳା ସଂସଦ ସମଗ୍ର ଜିଲାରେ ଆଲୋଡନ ଖେଳାଇଥିଲା। ସହରର ସାନ୍ତସାହିସ୍ଥିତ ରାମଲୀଳା ଲୋକନାଟରେ ସୀତାଙ୍କ ଅଭିନୟ କରିଥିବା ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ରାମଲୀଳା ଅଭିନୟରେ ପୁରୁଷମାନେ ଅଭିନୟ କରିଥାନ୍ତି। ଦେହରେ ପ୍ରାକୃତିକ ରଙ୍ଗ ବୋଳି କାଠ ଖଣ୍ଡାରେ ହେଉଥିବା ରାମଲୀଳାର ପରିବର୍ତ୍ତନ ହୋଇଛି। ଲଣ୍ଠନ, ଝାଡଲାଇଟ, ପେଟ୍ରୋମାକ୍ସ ବଦଳରେ ରଙ୍ଗବେରଙ୍ଗ ଆଖି ଝଲସା ପେଣ୍ଡାଲ ଏବେ ପ୍ରସ୍ତୁତ ହେଉଛି। ପୁରୁଷ ବଦଳରେ ମହିଳା ଏବେ ନାରୀ ଚରିତ୍ରରେ ଅବତୀର୍ଣ୍ଣ ହେଉଛନ୍ତି। ଏହାସତ୍ତ୍ୱେ ରାମଲୀଳା ଦେଖିବାକୁ ବହୁ ଦୂରଦୂରାନ୍ତରୁ ଆସି ଚଟ, ଅଖାରେ ବସି ଆଧ୍ୟାତ୍ମିକ ରସ ଆସ୍ୱାଦନ କରୁଥିବା ଦର୍ଶକଙ୍କ ସଂଖ୍ୟା କମିଛି। ରାମଲୀଳାରେ କାକଟ ଗ୍ରାମର ସ୍ୱର୍ଗତ ନୃସିଂହ ଚରଣ ସାହୁ (ଚଣ୍ଡିଆ)ଙ୍କ ୩ ପୁରୁଷ ଧରି ଅଭିନୟକୁ ଆଜି ମଧ୍ୟ ସ୍ଥାନୀୟ ଅଞ୍ଚଳରେ ସ୍ମୃତିଚାରଣ କରାଯାଉଛି। ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖରେ ରାମଲୀଳା ପରିବେଷଣ କରୁଥିବା କଳାକାର ସମିତି ସମ୍ପାଦକ ଅକ୍ଷୟ କୁମାର ମେକାପ କହିଛନ୍ତି, ରାମଲୀଳା ଅଭିନୟ ଏବେ ବ୍ୟୟ ବହୁଳ ହୋଇଛି। ପ୍ରାୟ ୪ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଟ୍ରଷ୍ଟ ପକ୍ଷରୁ ମାତ୍ର ୩୫ ହଜାର ଟଙ୍କା ମିଳୁଛି। ରାଜ୍ୟ ସଂସ୍କୃତି ବିଭାଗର ଏଥିପ୍ରତି ସହଯୋଗ ରହିଲେ ଏହି ପରମ୍ପରା ଜାରି ରହିବ। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ତ୍ରିଭୂବନ ଜୟସିଂଙ୍କୁ ପଚାରିବାରେ ଜିଲାରେ ଥିବା ଲୋକକଳାର ସଂରକ୍ଷଣ ଜରୁରୀ। କଳା ଓ କଳାକାରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି।



ରାମଲୀଳାର ଏକ ଦୃଶ୍ୟ।

## ସଂକ୍ଷେପରେ

### ପଟା ବୋଝେଇ ମିନିଟ୍ରକ୍ ଜବତ, ୩ ଗିରଫ

କ.ନୂଆଗାଁ,୧୭।୪(କାଳୀ ପ୍ରାସାଦ ତ୍ରିପାଠୀ )

କ.ନୂଆଗାଁ ଥାନା ଅଧିକାରୀ ଆଶୁତୋଷ ଜେନାଙ୍କ ସହ ପୋଲିସ ଟିମ୍ ଦାରିଙ୍ଗିବାଡ଼ି ଛକରେ ପାଟ୍ରୋଲିଂ ବେଳେ ପଟା ବୋଝେଇ ମିନିଟ୍ରକ୍ ଜବତ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ପରେ ଏହାକୁ କ.ନୂଆଗାଁ ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ରମାକାନ୍ତ କହଁରଙ୍କ ନେତୃତ୍ୱରେ କ.ନୂଆଗାଁ ବନପାଳ ଶୁଶାନ୍ତ କୁମାର ବୈଶାଖୀ ଉକ୍ତ ପଟା ବୋଝେଇ ମିନି ଟ୍ରକକୁ ନିଜ ଅଧୀନକୁ ଆଣିଥିଲେ। ଉକ୍ତ ମିନି ଟ୍ରକ୍‌ରୁ ଶାଳ ପଟା ୧୫ ଟି, ପିଆଶାଳ ପଟା ୨୫ଟି ଓ ଶାଳ ସାଇଜ ୪୪ଟି ମୋଟ ୮୪ ଟି ପଟା ଜବତ ହୋଇଛି। ଏହାକୁ ପରିବହନ କରୁଥିବା ଡ୍ରାଇଭର ରାଇକିଆ ଥାନା ଅନ୍ତର୍ଗତ ସୁଗଡ ବାଡ଼ିର ବିପିନ ପ୍ରଧାନ ଓ କାଠ ବ୍ୟବସାୟୀ ରାଇକିଆ ଥାନା ସୁଗଡବାଡିର ଚିକୁନ୍ତ ନାୟକ ଏବଂ ପେଟାମାହାର ଦୀପକ କୁମାର ନାୟକଙ୍କୁ ଗିରଫ କରାଯାଇଛି। ଏନେଇ ବନାଞ୍ଚଳ କେଶ୍ ନଂ. ୩/୨୬ ରେ କୋର୍ଟ ଚାଲାଣ କରାଯାଇଛି। ପଟା ଚାଲାଣକାରୀଙ୍କ ଠାରୁ ୧୯ ହଜାର ୮ ଶହ ଟଙ୍କା ଜବତ ହୋଇଛି।

### କମ୍ପାନୀ ପାଇଁ ଜମି ଅଧିଗ୍ରହଣ, ପୋଲିସ ଦମନ ବିରୋଧରେ ପ୍ରତିବାଦ

ପାରଳାଖେମୁଣ୍ଡି,୧୭।୪ (ଗିରିଧାରୀ ପରିଚ୍ଛା)

ସିଜିମାଳି ପର୍ବତ ଅଞ୍ଚଳରେ ବେଦାନ୍ତର ପ୍ରସ୍ତାବିତ ବକ୍ସାଇଟ ଖଣି ପ୍ରକଳ୍ପର ବାତିଲ ଦାବିରେ ଓ ତାଙ୍କୁ ବିରୋଧ କରୁଥିବା ସାଧାରଣ ଲୋକଙ୍କ ଉପରେ ପୋଲିସର ଦମନ ଓ ଅତ୍ୟାଚାର ବିରୋଧରେ ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳିତ ହୋଇଛି। ଏସୁସିଆଇ (କମ୍ୟୁନିଷ୍ଟ), ସିପିଆଇ (ଏମ୍‌ଏଲ)ରେ ସିପିଆଇ(ଏମ୍‌ଏଲ୍) ଓ ସିପିଆଇ(ଏମ୍‌ଏଲ) ନିୟୁ ଡେମୋକ୍ରାସି ପରି ୪ଟି ବାମପନ୍ଥୀ ରାଜନୈତିକ ଦଳ ପକ୍ଷରୁ ଶୁକ୍ରବାର ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଚାଷୀ, ମୂଲିଆ ଓ ଆଦିବାସୀମାନଙ୍କ ଶୋଭାଯାତ୍ରା ହୋଇଛି। ସିପିଆଇ(ଏମ୍‌ଏଲ) ନିୟୁ ଡେମୋକ୍ରାସି ପାର୍ଟି ପକ୍ଷରୁ ସ୍ଥାନୀୟ କଲେଜ ଛକ ଠାରୁ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ସିପିଆଇ(ଏମଏଲ) ନିୟୁ ଡେମୋକ୍ରାସିର ଜିଲା ମୁଖପାତ୍ର କେଦାର ଶବର, ସମୁରା ଶବର, କାଡୁକା ଶବର, ଜୁନେଶ ମେଦି, ସୁଙ୍କା ଶବର, ଗଣେଶରୀ ଶବର ଓ ଗୌରୀ ଶବରଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ଶତାଧିକ ଲୋକ ଯୋଗ ଦେଇଥିଲେ। ବକ୍ତାମାନେ କହିଥିଲେ, ରାଜ୍ୟରେ ଡବଲ ଇଞ୍ଜିନ ସରକାର କର୍ପୋରେଟମାନଙ୍କ ଏଜେଣ୍ଟ ସାଜି ଜମି, ଜଙ୍ଗଲ ଓ ପାଣିକୁ ସେମାନଙ୍କୁ ଟେକିଦେବାରେ ଲାଗିଛି। କମ୍ପାନୀ କବଳରୁ ନିଜର ଜମି, ଜଙ୍ଗଲ ଓ ପାହାଡ଼କୁ ରକ୍ଷା କରିବା ପାଇଁ ଆଦିବାସୀମାନେ ଗଣତାନ୍ତ୍ରିକ ପଦ୍ଧତିରେ ସଂଘର୍ଷ କରୁଛନ୍ତି। କିନ୍ତୁ ଦୁଃଖର କଥା ସରକାର କମ୍ପାନୀର ବୋଲକରା ହୋଇ ଲୋକଙ୍କ ଉପରେ ଆକ୍ରମଣ କରୁଛି। ରାୟଗଡ଼ାର ସିଜିମାଳି, ସୁନ୍ଦରଗଡ଼ର ଲାଞ୍ଜିବେର୍ଣ୍ଣା ଓ କେନ୍ଦୁଝର ଜିଲାର ପାଟଣା ସମେତ ଅନୁସୂଚୀତ ଅଞ୍ଚଳରେ ଥିବା ପେସା ଆଇନ, ଜଙ୍ଗଲ ଆଇନ ପ୍ରଚଳନ ନ କରି ସାଧାରଣ ଲୋକ ଅଧିକାରକୁ ଛଡ଼େଇ ନେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ନିକଟରେ କାଶିନଗର ବ୍ଲକ୍‌ର ମଧୁସୁଦନପୁର ଠାରେ ଏକ ସରକାରୀ ଜମିରେ ଘର କରିଥିବା ଆଦିବାସୀଙ୍କୁ ଉଚ୍ଛେଦ କରିବାକୁ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଗାଁର ଆଦିବାସୀ ମହିଳାଙ୍କ ଉପରେ ଯେଉଁଭଳି ଆକ୍ରମଣ କରିଥିଲା। ତାହାର ତଦନ୍ତ କରି ନ୍ୟାୟ ଦେବାକୁ ମଧ୍ୟ ଦାବି କରାଯାଇଥିଲା। ଶେଷରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରେରଣ କରାଯାଇଛି।

# ପୋତି ହେଉଛି କେନାଲ, ପଦକ୍ଷେପ ନେଉନି ପ୍ରଶାସନ

ପାରଳାଖେମୁଣ୍ଡି,୧୭।୪(ଗିରିଧାରୀ ପରିଚ୍ଛା)

## ଜବରଦଖଲ ଉଚ୍ଛେଦ ସତ୍ତ୍ୱେ ଆରମ୍ଭ ହେଉନି କାମ



କୃଷିର ବିକାଶ ପାଇଁ ପାରଳା ରାଜବଂଶ ଦ୍ୱାରା ଅନେକ ପୋଖରୀ ଖୋଳାଯାଇଥିଲା। ସେଥିମଧ୍ୟରେ ରାମସାଗର, ସୀତାସାଗର, ଲକ୍ଷ୍ମଣ ସାଗର ଅନ୍ୟତମ ଥିଲା। ଏହା ଉଭୟ ରବି ଓ ଖରିଫ ଫସଲ ପାଇଁ ସହାୟକ ହେଉଥିଲା। କୃଷିକାର୍ଯ୍ୟରେ ବ୍ୟବହୃତ ଲାଗି ରାଜବଂଶ ପକ୍ଷରୁ ରାମସାଗରଠାରୁ ସୀତାସାଗର ମଧ୍ୟରେ ୫ କି.ମି ବିଶିଷ୍ଟ ଏକ କେନାଲ ଖୋଳାଯାଇଥିଲା। ବର୍ଷା ଦିନେ ନିକଟସ୍ଥ ଗ୍ରାମଗୁଡିକରୁ ଆସୁଥିବା ବର୍ଷାଜଳ ରାମ ସାଗରରେ ଗଚ୍ଛିତ ହୋଇ ଉକ୍ତ କେନାଲ ମାଧ୍ୟମରେ ସୀତା ସାଗରକୁ ଯାଉଥିଲା। ଉଭୟ ସାଗରର ଗଚ୍ଛିତ ଜଳ ବର୍ଷସାରା ଚାଷୀଙ୍କୁ ପାଣି ଯୋଗାଇବାରେ ସେତେବେଳେ ସହାୟକ ହେଉଥିଲା। ପରବର୍ତ୍ତୀ ସମୟରେ ସହରର ବିକାଶ ହେବା ସହ ଜନସଂଖ୍ୟା ଏବଂ ଗୃହସଂଖ୍ୟା ବୃଦ୍ଧି ପାଇବାରୁ ଚାଷଜମି ବିକ୍ରି ଆରମ୍ଭ ହେଇଥିଲା। ଅନେକ ଲୋକ ଉକ୍ତ କେନାଲ ଉପରେ ଘର କରିବା ଆରମ୍ଭ କରିଥିଲେ। ଜିଲା ପ୍ରଶାସନ ନିର୍ଦ୍ଦେଶରେ ସେତେବେଳେ ପାତାପାଟାନାମ ରାସ୍ତାଠାରୁ ୨.୫ କି.ମି. ସୀତାସାଗର ପର୍ଯ୍ୟନ୍ତ ପୌର ପରିଷଦକୁ ହସ୍ତାନ୍ତର କରାଯାଇଛି। ଏହାର ସମସ୍ତ ଦାୟିତ୍ୱ ପୌର ପରିଷଦ ହାତରେ ରହିଛି। ସହର ଏବଂ ଚିକିତ୍ସାଳୟଗୁଡିକର ସମସ୍ତ ଆବର୍ଜନା ପ୍ଲାଷ୍ଟିକ ବୋତଲ, ଛିଣ୍ଡା ଜୋତା, ସାଲାଇନ ବୋତଲ, ଛୁଞ୍ଚି ଆଦି ବର୍ଜ୍ୟବସ୍ତୁ ଏବଂ ସହରର ମଇଳା ପାଣି ଏହି କେନାଲକୁ ଛଡାଯାଉଛି। ଅନ୍ୟପକ୍ଷରେ ମେଡିକାଲ ଛକଠାରୁ ସେରିଜାଗିଲିସାହି ପର୍ଯ୍ୟନ୍ତ ଅନେକ ସ୍ଥାନରେ ସହରର ମଇଳା ପାଣି ଆସି କେନାଲରେ ମିଶିଥାଏ। ସେରିଜାଗିଲିସାହିଠାରୁ ଆନ୍ଧ୍ରର ଗୋପାଳପୁର ପର୍ଯ୍ୟନ୍ତ ପ୍ରାୟ ୧ କି.ମି. କେନାଲରେ ବହୁ ପରିମାଣରେ ବର୍ଜବସ୍ତୁ ପଡିରହିଥିବା ଦେଖିବାକୁ ମିଳୁଛି। ପୌର ପରିଷଦ ଏହାକୁ ସଫା କରୁନାହିଁ । କେନାଲ ବର୍ଜ୍ୟବସ୍ତୁରେ ପୂର୍ଣ୍ଣ ହୋଇଗଲେ ଡ୍ରୋଜର ମାଧ୍ୟମରେ ଏହାକୁ ବାହାର କରାଯାଇ କେନାଲ ହୁଡାରେ ରଖାଯାଉଛି। ବର୍ଷା ହେଲେ କେନାଲ ହୁଡାରେ ଥିବା ବର୍ଜ୍ୟବସ୍ତୁ ବର୍ଷା ପାଣିରେ ଭାସିଯାଇ ଚାଷଜମିରେ ପଡୁଛି। ଚାଷକାର୍ଯ୍ୟ ବେଳେ ଏହା ଚାଷୀଙ୍କୁ ସମସ୍ୟାରେ ପକାଉଛି। ସେହିପରି ସେରିଜାଗିଲିସାହିଠାରୁ ପାତାପାଟନାମ ରାସ୍ତାକୁ ଲାଗିଥିବା ନାଳରୁ ପ୍ରତିବର୍ଷ ତଳିଆ ଅଞ୍ଚଳରେ ଥିବା ଚାଷଜମିକୁ ପାଣି ବ୍ୟବସ୍ଥା କରାଯାଇଥିଲା। କ୍ରମେ ପାଣି ଦୁଷିତ ହେବାରୁ ଏହା ଚାଷ ଜମିଲାଗି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଚାଷକାର୍ଯ୍ୟ ହୋଇ ନ ପାରିବାରୁ ଜମିମାଲିକମାନେ ଉକ୍ତ ଜମିକୁ ପ୍ଲଟିଂ କରି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି କେନାଲ କ୍ଷୁଦ୍ର ଜଳସେଚନ ବିଭାଗର ହୋଇଥିବାରୁ କୌଣସି ପଦକ୍ଷେପ ପୌର ପରିଷଦ ନେଉନାହିଁ। ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ କେନାଲ ହୁଡାରୁ ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ କେନାଲ କାର୍ଯ୍ୟରେ ଅଗ୍ରଗତି କରିପାରୁନାହିଁ। ଜିଲା ପ୍ରଶାସନ ଉଭୟ ବିଭାଗ ମଧ୍ୟରେ ସମନ୍ୱୟ ଆଣି କେନାଲ ନିର୍ମାଣ ଅବା ଅବା ମରାମତି କରିବାରେ ଫେଲ ମାରିଥିବା ସାଧାରଣରେ ଆଲୋଚନା ହେଉଛି।

# ସୋରଡ଼ା ଓଏଭିର ଅଂଶୁମାନ ପଣ୍ଡା ଗଞ୍ଜାମ ଜିଲା ଟପ୍ପର



ଅଂଶୁମାନ ପଣ୍ଡାଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ଛତ୍ରପୁର,୧୭।୪(ଦିଲୀପ ସାମଲ):

ସିବିଏସ୍‌ଇ ଦଶମ ପରୀକ୍ଷାରେ ସୋରଡ଼ାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ର ଅଂଶୁମାନ ପଣ୍ଡା ୪୯୬ (୯୯.୨%) ମାର୍କ ରଖି ଗଞ୍ଜାମ ଜିଲା ଟପ୍ପର ହୋଇଛନ୍ତି। ଏଥିସହ ସେ ରାଜ୍ୟରେ ଓଏଭିରେ ୩ୟ ସ୍ଥାନ ଅଧିକାର କରିଛନ୍ତି। ଶୁକ୍ରବାର ଅଂଶୁମାନଙ୍କୁ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ ସମ୍ବର୍ଦ୍ଧିତ କରିବା ସହ ପ୍ରଶଂସାପତ୍ର ପ୍ରଦାନ କରି ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରଛନ୍ତି। ପୂର୍ବ ବର୍ଷ ଅପେକ୍ଷା ଜିଲାରେ ଚଳିତ ବର୍ଷ ସିବିଏସଇ ଦଶମ ପରୀକ୍ଷା ଫଳ ଭଲ ହୋଇଥିବା ଜିଲାପାଳ କହିଥିଲେ। ନିଜର କଠିନ ପରିଶ୍ରମ, ବାପା,ମା ଓ ବିଦ୍ୟାଳୟ ଶିକ୍ଷକଙ୍କ ପାଇଁ ସଫଳତା ପାଇପାରିଛି । ଜିଲାପାଳ ସମ୍ବର୍ଦ୍ଧିତ କରିଥିବାରୁ ବହୁତ ଖୁସି ଲାଗୁଛି ବୋଲି ଅଂଶୁମାନ କହିଛନ୍ତି। ଯୁକ୍ତ ୨ ପରେ ଆଇଆଇଟି ରେ ପଢିବାକୁ ଲକ୍ଷ୍ୟ ରଖିଥିବା ଅଂଶୁମାନ କହିଉନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ଅନୁସୂଚିତ ଜାତି / ଜନ ଜାତି ସଂଯୋଜକ ସରୋଜ ମୋହନ ପାଳ, ଓଡିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରିନ୍ସପାଲ ଆଶିଷ ମିଶ୍ର ଓ ଅଂଶୁମାନଙ୍କ ବାପା ପ୍ରଫୁଲ୍ଲ କୁମାର ପଣ୍ଡା ଉପସ୍ଥିତ ଥିଲେ ।

# ବିଜେଡିକୁ ମଜଭୁତ କରିବାକୁ ସଂକଳ୍ପ ନେଲେ

ଛତ୍ରପୁର,୧୭।୪(ଦିଲୀପ ସାମଲ):



## ବିଜୁବାବୁଙ୍କ ତିରୋଧାନ ଦିବସରେ ଏକାଠି ହେଲେ ନେତା,କର୍ମୀ

ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷର ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡିର ବହୁ ଆଗଧାଡିର ନେତା ଓ କର୍ମୀମାନେ ଛତ୍ରପୁରରେ ଏକଜୁଟ ହୋଇ ଦଳକୁ ଆହୁରୀ ସୁସଂଗଠିତ ଏବଂ ମଜଭୁତ କରିବା ନିମନ୍ତେ ସଂକଳ୍ପ ନେଇଛନ୍ତି। ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଛତ୍ରପୁର ବ୍ଲକ ସଭାପତି ଏସ. ଚକ୍ରପାଣି ରେଡ୍ଡୀଙ୍କ ନେତୃତ୍ୱରେ ପ୍ରଥମେ ଗୌରୀଶଙ୍କର ମନ୍ଦିର ନିକଟ ଲାଇନବନ୍ଧରେ ଦଳର ନେତା ପ୍ରଶାନ୍ତ କୁମାର କରଙ୍କ ପୋରହିତ୍ୟରେ ତିଳତର୍ପଣ କାର୍ଯ୍ୟକ୍ରମ ହୋଇଥିଲା । ସେଠାରୁ ଏକ ଶୋଭାଯାତ୍ର ବାହାରି ସ୍ଥାନୀୟ ଲୋୟର ବସଷ୍ଟାଣ୍ଡ ପହଞ୍ଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥିରେ ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଛତ୍ରପୁର ନଗର ବିଜେଡି ସଭାପତି ରାଜୁବାବୁ, ଯୁବ ନେତା ଟି. ଚନ୍ଦ୍ର ଶେଖର ରାଓ, ପୂର୍ବତନ କାଉନସିଲର ରାଜେଶ ସାହୁ, ଗଞ୍ଜାମ ବ୍ଲକ ସଭାପତି ରଞ୍ଜନ ପଲାଇ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନଦାସ, ଏମ. ଧନଞ୍ଜୟ ରେଡ୍ଡୀ ଓ ସନାତନ ବେହେରା, ଗଗନ ସ୍ୱାଇଁ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା, ରମ୍ଭା ଏନଏସି ସଭାପତି ଶ୍ରୀକାନ୍ତ ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଦେଶ ପ୍ରତି ବିଜୁ ବାବୁଙ୍କ ଅବଦନାକୁ ମନେ ପକାଇଥିଲେ ।

### ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

ଆସିକା,୧୭।୪(ସୁରେନ୍ଦ୍ର ନାଥ ସାହୁ):

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ଏମପି ପ୍ରମିଳା ବିଷୋୟୀ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ କୁମାର ଚର୍ଚ୍ଚି, ନଗର ବିଜେଡି ସଭାପତି ତାରିଣୀ ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ପୌରପରିଷଦ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ବରିଷ୍ଠ ନେତା ଦିଲ୍ଲୀପ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡା, ହରେକୃଷ୍ଣ ମଳିକ ପ୍ରମୁଖ ଯୋଗଦେଇଥିଲେ । କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଋଷିକୂଲ୍ୟା ଓ ବଡନଦୀର ସଙ୍ଗମ ସ୍ଥଳରେ ତିଳତର୍ପଣ କରିବା ପରେ ବିଜୁ ପଟ୍ଟନାୟକ ଛକରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବିଜେଡି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଓଡିଶାର ସାମଗ୍ରିକ ବିକାଶ ଲାଗି ତ୍ୟାଗପୁତ ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

# ଶତ୍ରୁଷୋଲ ଆଦର୍ଶ ବିଦ୍ୟାଳୟରେ ପ୍ରତୀକ୍ଷା ଟପ୍ପର



ଗଞ୍ଜାମ,୧୭।୪
(ଅନାଥ ତରାଇ/ବିଦ୍ୟାଧର ସାହୁ):

ଗଞ୍ଜାମ ବ୍ଲକ ଶତ୍ରୁଷୋଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ପଲାଇ ସିବିଏସଇ ଦଶମ ପରୀକ୍ଷାରେ ମୋଟ ୫୦୦ ମାର୍କରୁ ୪୭୧ (୯୪.୨%) ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ପ୍ରତୀକ୍ଷାଙ୍କ ଯାଆଁଳା ଭଉଣୀ ସେହି ସ୍କୁଲର ଛାତ୍ରୀ ସମୀକ୍ଷା ପଲାଇ ୪୩୧ ମାର୍କ (୮୬.୨%) ରଖିଛନ୍ତି। ଦୁଇ ଭଉଣୀଙ୍କ ଏହି ସଫଳତା ହାସଲ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି। ପ୍ରତୀକ୍ଷା ଓ ସମୀକ୍ଷା ହେଉଛନ୍ତି କଣ୍ଟିଆଗଡ ଗ୍ରାମର ବଟେଶ୍ୱର ମନ୍ଦିର ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ପଲାଇ ଏବଂ ମିନତୀ ପଲାଇଙ୍କ ଝିଅ। ନିଜର ଏହି କଠିନ ପରିଶ୍ରମ, ମା'ବାପାଙ୍କ ପ୍ରେରଣା ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ଶ୍ରେୟ ଦେଇଛନ୍ତି। ବିଦ୍ୟାଳୟ ପ୍ରିନ୍ସପାଲ ବୃନ୍ଦାବନ ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ପ୍ରତୀକ୍ଷାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ତହସିଲଦାରଙ୍କ ଜନଗଣନା କାର୍ଯ୍ୟ ତଦାରଖ

ଭଞ୍ଜନଗର,୧୭।୪(ବାବୁଲା ପ୍ରଧାନ):




ତହସିଲଦାର ଜନଗଣନା କାର୍ଯ୍ୟ ତଦାରଖ କରୁଛନ୍ତି ।

ଦେଶରେ ଜନଗଣନା ଆରମ୍ଭ ହୋଇଯାଇଛି। ୨୦୨୭ରେ ଏହା ସରିବ। ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ଅଞ୍ଚଳରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଜନଗଣନାରେ ନିୟୋଜିତ ପ୍ରାୟ ୬୦୦ କର୍ମଚାରୀ ବର୍ତ୍ତମାନ ଘରକୁ ଘର ବୁଲି ନମ୍ବରିଂ କରୁଛନ୍ତି। ଶୁକ୍ରବାର ଭଞ୍ଜନଗର ତହସିଲଦାର ଅଭିପ୍ସା ପଟ୍ଟନାୟକ ଏବଂ ଅତିରିକ୍ତ ତହସିଲଦାର ଅବିନାଶ ମହାର, କୁଲାଡ ଆର୍‌ଆଇ ଭଗବାନ ବେହେରାଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ କୁଲାଡ ଗ୍ରାମର ଘରକୁ ଘର ବୁଲି ଜନଗଣନା କାର୍ଯ୍ୟର ଅଗ୍ରଗତି ନିରୀକ୍ଷଣ କରିଥିଲେ। ଜନଗଣନାର ସଠିକ ତଥ୍ୟ ସଂଗ୍ରହ ଓ ନିୟମାନୁସାରେ କାମ ସମ୍ପାଦନ ପାଇଁ କର୍ମଚାରୀମାନଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ଭଞ୍ଜନଗର ମ୍ୟୁନିସିପାଲିଟି ଅଞ୍ଚଳରେ ମଧ୍ୟ ଜନଗଣନା କାର୍ଯ୍ୟକୁ ସୁଚାରୁ ଭାବେ କରିବା ପାଇଁ ନିୟୋଜିତ କର୍ମଚାରୀଙ୍କୁ ବିଭିନ୍ନ ଦିନରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ତାଲିମରେ ତଥ୍ୟ ସଂଗ୍ରହ ପ୍ରଣାଳୀ, ଫର୍ମ ପୂରଣ ଓ ଡିଜିଟାଲ ଉପକରଣ ବ୍ୟବହାର ବିଷୟରେ ଅବଗତ କରାଯାଇଥିଲା। ପୌରପରିଷଦ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ତାଲିମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ୨୦୧୦ ବ୍ୟାଚ୍ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ

କବିସୂର୍ଯ୍ୟନଗର,୧୭।୪ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ପାଇକପମୁନା ସିଦ୍ଧେଶ୍ୱର ପୀଠରେ ଶୁକ୍ରବାର ସାଇବାଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଥିବା ୨୦୧୦ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଭଜନ କଣ୍ଠଶିଳ୍ପୀ ଇଂ. କୃପାସିନ୍ଧୁ ସ୍ୱାଇଁଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବା ସହ ଅତିଥି ପରିଚୟ ଓ ସଂଯୋଜନା କରିଥିଲେ। ବରଣ୍ୟେ ଅବସର ଶିକ୍ଷକ ସନ୍ତୋଷ ସାମଲ ସଭାପତିତ୍ୱରେ ଶିକ୍ଷକ ସଞ୍ଜୟ ସ୍ୱାଇଁ, ଅମୁଲ୍ୟ ସାବତ, ବିପିନ ବିହାରୀ ଲେଙ୍କା, ଯୁଧିଷ୍ଠିର ଚର୍ଚ୍ଚି, କିରାଣୀ ସିମାଞ୍ଚଳ ନାୟକ, ସମାଜିକ କର୍ମୀ ସୋମନାଥ ପଟ୍ଟନାୟକ, ସ୍ୱର୍ଗତ କୃପାସିନ୍ଧୁ ଗୌଡ଼ଙ୍କ ପୁତ୍ର ସନ୍ତୋଷ ଗୌଡ଼, ବିଷ୍ଣୁପ୍ରିୟା ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ନିଲୁ ନାୟକ, ରାକେଶ ସ୍ୱାଇଁ ଓ ଅନ୍ୟାନ୍ୟ ବିଦ୍ୟାର୍ଥୀମାନେ ଆୟୋଜକ ଥିଲେ।

# ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ମସ୍ତିଷ୍କରେ ସଫଳ ଅସ୍ତ୍ରୋପଚାର

ବ୍ରହ୍ମପୁର/ଦିଗପହଣ୍ଡି,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷ ନାଥ ମିଶ୍ର): ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ସ୍ନାୟୁ ଶଲ୍ୟ ବିଭାଗରେ ଆଉ ଏକ ମସ୍ତିଷ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ଗଜପତି ଜିଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ରାଉଳପଡା ଗ୍ରାମର ୬ଷ୍ଠ ଶ୍ରେଣୀ ଛାତ୍ରଙ୍କ ମସ୍ତିଷ୍କରେ ଅସ୍ତ୍ରୋପଚାର ସଫଳ ହେବାପରେ ଶୁକ୍ରବାର ତାଙ୍କୁ ମେଡ଼ିକାଲରୁ ଡିସ୍‌ଚାର୍ଜ କରାଯାଇଛି। ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ପୁଅ ବାଙ୍କେଶ୍ୱରୀ(୧୧) ଗତ ୨୬ ତାରିଖ ସକାଳେ ସ୍କୁଲକୁ ଯାଉଥିବା ବେଳେ ସାଇକେଲରୁ ପଡି ଗୁରୁତର ହୋଇଥିଲେ। ତାଙ୍କ ମସ୍ତିଷ୍କ ବାହାରକୁ ବାହାରି ଆସିଥିଲା। ଆମ୍ବୁଲାନ୍ସ ଯୋଗେ ବାଙ୍କେଶ୍ୱରୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଅଣାଯିବା ପରେ ସମସ୍ତ ପ୍ରକାର ଚିକିତ୍ସା ଆରମ୍ଭ କରାଯାଇଥିଲା। ଡାକ୍ତରୀ ଟିମ୍‌ଙ୍କ ଅସ୍ତ୍ରୋପଚାର ପରେ ତାଙ୍କୁ ୧୩ ଦିନ ଧରି ଆଇସିୟୁରେ ରଖାଯାଇଥିଲା। ଅସ୍ତ୍ରୋପଚାର ଓ ଚିକିତ୍ସା ଦିଗରେ ସ୍ନାୟୁ ଶଲ୍ୟ ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡାଙ୍କ ସମେତ ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାପାତ୍ର, ଡା. ତୁଷାର କାନ୍ତ ରଥ, ଡା. ପି. ହରିପ୍ରସାଦ ସାମିଲ ଥିଲେ। ଛାତ୍ରଙ୍କ ମା'ବାପା ଓ ସମ୍ପର୍କୀୟ ଡାକ୍ତରୀ ଟିମ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପାଟପୁରରେ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା

ଦିଗପହଣ୍ଡି/ପାଟପୁର,୧୭।୪(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ୍ ପାଟପୁର ରାଧାଦେଇପୁର ଗ୍ରାମ ନୂଆସାହିରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ନୂତନ ଦାରୁ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଣ୍ଡିତ ଅଶୋକ ପାଢ଼ୀଙ୍କ ପୌରୋହିତ୍ୟରେ ବ୍ରାହ୍ମଣ ବରଣ, ସୂର୍ଯ୍ୟପୂଜା, ଶାଳା ସଂସ୍କାର,ମଣ୍ଡଳପୂଜା ଓ ନୂତନ ବିଗ୍ରହ ଅଧିବାସ ପରେ ଗୋ-ପୂଜା, ନାମଯଜ୍ଞ ଶୁଭାରମ୍ଭ ହୋଇଥିଲା। ଗୁରୁବାର ସକାଳେ କଳସ ଯାତ୍ରା ଓ ଅଙ୍କୁରାରୋପଣ କାର୍ଯ୍ୟ ସମାପିତ ହୋଇଥିଲା। ମନ୍ଦିର ପରିଚାଳନା କମିଟିର ନିମନ୍ତ୍ରଣ କ୍ରମେ ସାନଖେମୁଣ୍ଡି ମହାରାଜା ବୀର କିଶୋର ଦେବ, ମହନ୍ତ ହରିହର ଦାସ ମହାରାଜ, ମହନ୍ତ ଚିନ୍ମୟାନନ୍ଦ ଦାସ ମହାରାଜ ପ୍ରମୁଖ ଯଜ୍ଞ ସ୍ଥଳରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସୋମବାର ପୂର୍ଣ୍ଣାହୁତି ହେବ।

# ନୂତନ ଏବିଡିଓଙ୍କ ଯୋଗଦାନ

ଧରାକୋଟ,୧୭।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ୍‌ରେ ନୂତନ ଏବିଡିଓ ଭାବରେ ଭବାନୀ ଶଙ୍କର ପ୍ରଧାନ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗଞ୍ଜାମ ବ୍ଲକ୍‌ରୁ ଆସି ଧରାକୋଟ ବ୍ଲକ୍‌ରେ କାର୍ଯ୍ୟରେ ଯୋଗଦେବା ପରେ ବ୍ଲକ୍ କର୍ମଚାରୀମାନଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ସେ କହିଛନ୍ତି, ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ସାଧାରଣ ଲୋକଙ୍କ ପାଇଁ ରହିଥିବା ଯୋଜନା ଗୁଡ଼ିକର କିପରି ସଫଳ ରୂପାୟନ ହୋଇପାରିବ ଏବଂ ସାଧାରଣ ଲୋକମାନେ କିପରି ଏହାର ସୁଫଳ ପାଇବେ ସେଥିପ୍ରତି ଗୁରୁତ୍ୱର ଦିଆଯିବ। ପ୍ରକାଶ ଯେ, ଏଠାରେ କାର୍ଯ୍ୟରତ ଏବିଡିଓ ନିଜର ପୂର୍ବସ୍ଥାନ ଗଞ୍ଜାମ ବ୍ଲକ୍‌କୁ ଫେରିଛନ୍ତି।

# ମିଳିତ ଆଦିବାସୀ ମଞ୍ଚର ଦାବିପତ୍ର ପ୍ରଦାନ




ଧରାକୋଟ,୧୭।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ରାୟଗଡ଼ା ଜିଲା ସୀମାନ୍ତରେ ଥିବା ସିଜିମାଳି ପାହାଡ଼ରେ ବେଦାନ୍ତ କମ୍ପାନୀର ପ୍ରସ୍ତାବିତ ବକ୍ସାଇଟ ଖଣି ପ୍ରକଳ୍ପକୁ ବିରୋଧ କରୁଥିବା ସାଧାରଣ ଲୋକଙ୍କ ଉପରେ ପୋଲିସର ଦମନ ଓ ମିଥ୍ୟା ମାମଲାରେ ଗିରଫଦାରି ବିରୋଧରେ ଶୁକ୍ରବାର ଏସୟୁସିଆଇ, ସିପିଆଇଏମଏଲ ରେଡଷ୍ଟାର, ସିପିଆଇଏମଏଲ ନିଉ ଡେମୋକ୍ରାସି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୯ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସିଜିମାଳି ଘଟଣାର ନ୍ୟାୟିକ ତଦନ୍ତ, ଆନ୍ଦୋଳନରତ ଲୋକଙ୍କ ଉପରେ ପୋଲିସର ଦମନଲୀଳା ବନ୍ଦ କରିବା, ମିଥ୍ୟା ମାମଲା ହଟାଇବା ସହ ଗିରଫ ବ୍ୟକ୍ତିଙ୍କୁ ଖଲାସ, ବେଦାନ୍ତର ବକ୍ସାଇଟ ଖଣି ପ୍ରକଳ୍ପ ବାତିଲ, ଜମି ଅଧିଗ୍ରହଣ ବନ୍ଦ କରିବା, ମାଳି ପର୍ବତ, ସେରୁବନ୍ଧ, କୁଟ୍ରୁମାଳି ଓ ବଲ୍ଡାରେ ହେବାକୁ ଯାଉଥିବା ଖଣି ପ୍ରକଳ୍ପକୁ ବାତିଲ କରିବା ଆଦି ରହିଛି । ଏଆଇକେଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସଭାପତି ନରସିଂହ ଦଳ ବେହେରା, ବ୍ଲକ କମିଟି ସଦସ୍ୟ ଶୁକ୍ରୁ ଗମାଙ୍ଗ, ଝିଲିକା ମଣ୍ଡଳ, ଯକ୍ଷ ଗମାଙ୍ଗ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ରାଲି କରିଥିଲେ ।

# ମାଓବାଦୀମୁକ୍ତ ଅଞ୍ଚଳ ହେବା ପରେ ବିକାଶକୁ ଗୁରୁତ୍ୱ

ଦାରିଙ୍ଗବାଡ଼ି, ୧୭।୪ (ଅରୁଣ ସାହୁ):



ଜିଲାପାଳ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

## ଜିଲାପାଳଙ୍କ ଦାରିଙ୍ଗବାଡ଼ି ଗସ୍ତ

କନ୍ଧମାଳ ଜିଲାପାଳ ବେଦ ଭୂଷଣ ଦିନିକିଆ ଦାରିଙ୍ଗବାଡ଼ି ଗସ୍ତରେ ଆସି ଏକଦା ମାଓବାଦୀଙ୍କ ପ୍ରଭାବ ରହିଥିବା ଭ୍ରମରବାଡ଼ି, ତାଲୁଙ୍ଗିଆ, ବାଡ଼ାବାଙ୍ଗା ଆଦି ପଞ୍ଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏଥିସହ ଅଞ୍ଚଳବାସୀ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ପୂର୍ବରୁ ଏହି ସବୁ ଦୁର୍ଗମ ଗାଁକୁ ଜିଲା ପ୍ରଶାସନ ପହଞ୍ଚି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ମାଓବାଦୀ ନେତା ଶୁକ୍ରୁ ଓ ତାର ସାଥିମାନେ ଆତ୍ମସମର୍ପଣ କରିବା ପରେ ଜିଲା ପ୍ରଶାସନ ଏହି ଅଞ୍ଚଳର ପହଞ୍ଚି ବିକାଶ ପାଇଁ ପଦକ୍ଷେପ ନେଇଛି। ପର୍ଯ୍ୟଟକଙ୍କ ପାଇଁ ଏବେ ନୂଆ ଠିକଣା କୁହାଯାଉଥିବା ଭ୍ରମରବାଡ଼ିର ରିଣ୍ଡାବାଲି ଜଳପ୍ରପାତକୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଘାଟି କଟାଯାଇ ରାସ୍ତା ନିର୍ମାଣ ଚାଲିଛି। ଏହାକୁ ପରିଦର୍ଶନ କରି ତାର ଉନ୍ନତିକରଣ ପାଇଁ ବିଡ଼ିଓ ପ୍ରୀତିରଞ୍ଜନ ରଥ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏଥିରେ ଜିଲାପାଳ ସହମତି ପ୍ରକାଶ କରି ତାର ଅଟକଳ ଅର୍ଥ ପଠାଇବାକୁ କହିଛନ୍ତି। ସେହିପରି ବହୁମୁଖୀ ଗ୍ରାମ୍ୟ ଜଳଯୋଗାଣ ଯୋଜନାରେ କରାଯାଇଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ଜିଲାପାଳ ଦେଖିବା ସହ ନୂତନ ଭାବେ ବାଡ଼ାବାଙ୍ଗାରେ ଚାଲିଥିବା ଅଙ୍ଗନାୱାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଦେଖିଥିଲେ। ୧୯ଟି ଅଙ୍ଗନାୱାଡି ଗୃହରୁ ୧୨ଟି ସମ୍ପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଅନ୍ୟ ୭ଟି ଶେଷ ପର୍ଯ୍ୟାୟ ପହଞ୍ଚିଛି। ପରେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସହ ବିଡ଼ିଓ ପ୍ରୀତିରଞ୍ଜନ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, ପରିମଳ ଓ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ କ୍ଷୀରବ୍ଧ ରାଉତ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ମନୋଜ ପୃଷ୍ଟି, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡିୟୁ ପବ୍ଲିକ୍ ସ୍କୁଲର ଶତ ପ୍ରତିଶତ ସଫଳତା

ବଡ଼ଚଣା,୧୭।୪(ଦିଲୀପ କୁମାର ମହାନ୍ତି)

ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଚଣ୍ଡିଖୋଲ ଡିୟୁ ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା ହୋଇଛି। ପରୀକ୍ଷାର୍ଥୀ ଶତ ପ୍ରତିଶତ ସଫଳତା ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଛାତ୍ରୀ ଶ୍ରେୟା ଜେନା ୯୪.୮% ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଛାତ୍ର ସଂଗ୍ରାମ ନାୟକ ଓ ସୁଜାନ ଉଭୟ ୯୩% ମାର୍କ ରଖି ଦିତୀୟ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ପଲକ ପ୍ରିୟଦର୍ଶିନୀ ୯୨%ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ବିଦ୍ୟାଳୟର ସର୍ବମୋଟ ୪୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଛାତ୍ରୀଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର, ୧୬ଜଣ ୮୫%ରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୨୧ ଛାତ୍ରୀଛାତ୍ର ୭୫% ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲ ପ୍ରତିଷ୍ଠାତା ନିର୍ଦ୍ଦେଶକ ଧନେଶ୍ୱର ମହାପାତ୍ର, ନିର୍ଦ୍ଦେଶକ ବିଶ୍ୱଜିତ ମହାପାତ୍ର, ରଞ୍ଜିତ ମହାପାତ୍ର, ଅଧ୍ୟକ୍ଷା ସୁଜାତା ମହାପାତ୍ର, ଉପାଧ୍ୟକ୍ଷା ଜୟଶ୍ରୀ ମହାପାତ୍ର ପ୍ରମୁଖ ସମସ୍ତ କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ଚେଷ୍ଟା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଉତ୍ସର୍ଗୀ କୃତ ଶିକ୍ଷାଦାନ ଓ ସାମଗ୍ରିକ ଭାବେ ହୋଇଥିବା ପ୍ରଚେଷ୍ଟା ଯୋଗୁ ଏହାସମ୍ଭବ ହେଲା ବୋଲି ଅଧ୍ୟକ୍ଷା ମହାପାତ୍ର ପ୍ରକାଶ କରିଛନ୍ତି।

### ୫ ବେଶରେ ସଜ୍ଜିତ ହେଲେ ପ୍ରଭୁ ନାରାୟଣ ଗୋସାଇଁ



ରସୁଲପୁର,୧୭।୪(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ସିଙ୍ଗାପୁର ପଞ୍ଚାୟତସ୍ଥିତ ଐତିହାସିକ ସିଂହାପୁର ଯାତ୍ରା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଏହି ଅବସରରେ ପ୍ରତ୍ୟୁଷରୁ ପ୍ରଭୁ ନାରାୟଣ ଗୋସାଇଁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଭୁ ୫ ବେଶରେ ସଜ୍ଜିତ ହୋଇଥିଲେ। ପ୍ରଭୁ ପ୍ରଥମେ ମଦନମୋହନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ପ୍ରଭୁଙ୍କୁ ସୂର୍ଯ୍ୟନାରାୟଣ ବେଶରେ ଭୂଷିତ କରାଯାଇଥିଲା। ମଧ୍ୟାହ୍ନରେ ଚନ୍ଦନ ଲାଗି ପରେ ଅପରାହ୍ନରେ ଯୋଗୀ ବେଶ କରାଯାଇଥିଲା। ସନ୍ଧ୍ୟା ଆଳତି ଉତ୍ସବ ସମୟରେ ମନ୍ଦିର ନିକଟରେ ଭକ୍ତଙ୍କ ଭିଡ଼ ଜମିଥିଲା। ରାତ୍ର ୧୦ଟାରେ ସନ୍ନ୍ୟାସୀ ବେଶକୁ ଦର୍ଶନ କରିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ରାତ୍ର ୧୧ଟାରେ ବଡ଼ସିଂହାର ବେଶ କରାଯାଇଥିଲା। ୧୮ତାରିଖ ସକାଳ ୮ଟା୪୫ରେ ପ୍ରଭୁ ନାରାୟଣ ଗୋସାଇଁ ଜଳଗମନ କରିବେ ବୋଲି ସିଙ୍ଗାପୁର ଯାତ୍ରା କମିଟିର କାର୍ଯ୍ୟକାରୀ ସଭାପତି ଭୀଷ୍ମପ୍ରସାଦ ରଥ ଓ ସମ୍ପାଦକ ଗିରିଜା ଶଙ୍କର ନାୟକ ସୂଚନା ଦେଇଛନ୍ତି।

### ବ୍ୟବସାୟୀଙ୍କ ପରଲୋକ

ସିଂହପୁର,୧୭।୪(ଅନଙ୍ଗ ଉଦୟ ବେଉରିଆ)



ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବ୍ୟବସାୟୀ ବିଜୟ ପାତ୍ରଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ସିଂହପୁର ବଜାର ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବ୍ୟବସାୟୀ ସଂଘ ସଭାପତି ରାମଚନ୍ଦ୍ର ମିଶ୍ର, ସମ୍ପାଦକ ନିରଞ୍ଜନ ବେଉରିଆ, ବ୍ୟବସାୟୀ ସୁରେନ୍ଦ୍ର ଧଳ, ଖବରଦାତା ଅନିରୁଦ୍ଧ ବେଉରିଆ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସରପଞ୍ଚ ଶଶାଙ୍କ ଶେଖର ଖିଲାର, ଅବନେନ୍ଦ୍ର ବେଉରିଆ, ବ୍ୟବସାୟୀ ପ୍ରତାପ ରାଉତ, ଗୋବିନ୍ଦ ପାଣ୍ଡବ, ଗିରିଧାରୀ ସାହୁ, ସିଂହପୁର ସମବାୟ ସମିତି ସମ୍ପାଦକ ଉତ୍କଳ ସାମଲ, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ସୁଶାନ୍ତ ନାୟକ, ବ୍ୟବସାୟୀ ସୁଧାଂଶୁ ଶେଖର ଧଳ, ମଳୟ ଥାଟୋଇଙ୍କ ସମେତ ସିଂହପୁର ବଜାରର ସମସ୍ତ ବ୍ୟବସାୟୀ ଶୋକବ୍ୟକ୍ତ କରିଛନ୍ତି।

# ଗୃହ ଗଣନା, ତାଲିକା ପ୍ରସ୍ତୁତି ଆରମ୍ଭ



ଗୃହ ଗଣନାରେ ସାମିଲ ହୋଇଥିବା ଅଧିକାରୀ।

## ସହଯୋଗ ପାଇଁ ଜିଲା ପ୍ରଶାସନର ଅନୁରୋଧ

ଯାଜପୁରଟାଉନ,୧୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ପ୍ରଶାସନ ପକ୍ଷରୁ -୨୦୨୭ଜନଗଣନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଏପ୍ରିଲ ୧୬ରୁ ସାରା ଦେଶ ସମେତ ଯାଜପୁର ଜିଲାରେ ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ମେ' ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧ରୁ ୧୫ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନା ଅବଧି ରହିଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ କ୍ଷେତ୍ରୀୟସ୍ତରରେ ଗୃହ ଗଣନା କରାଯାଉଛି। ପ୍ରତି ତହସିଲ ଏବଂ ସହରାଞ୍ଚଳରେ ଏଥିପାଇଁ ଟିମ୍ ନିୟୋଜିତ ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସହଯୋଗ କରିବା ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଗଣନା ପାଇଁ ଆସୁଥିବା କର୍ମଚାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଛି। ଏହି ପର୍ଯ୍ୟାୟରେ ଲୋକଙ୍କୁ ମୋଟ ୩୩ଟି ପ୍ରଶ୍ନ ପଚରାଯିବ। ଏଥିରେ ଘର ଅବସ୍ଥା, ଘର ମାଲିକାନା, ପରିବାରରେ ରହୁଥିବା ସଦସ୍ୟଙ୍କ ସଂଖ୍ୟା, ପାଣି ଓ ବିଦ୍ୟୁତ ସୁବିଧା, ଶୌଚାଳୟ, ଇଣ୍ଟରନେଟ୍ ସୁବିଧା, ଯାନବାହନ, ମୋବାଇଲ ଓ ଅନ୍ୟାନ୍ୟ ସୁବିଧା ସମ୍ବନ୍ଧୀୟ ପ୍ରଶ୍ନ ଆଧାରରେ ତଥ୍ୟ ସଂଗ୍ରହ କରାଯିବ। ଏହି ଜନଗଣନା ଏବଂ ଗୃହଗଣନା ତଥ୍ୟ ଆଧାରରେ ହିଁ ସରକାର ଆଗାମୀ ଦିନରେ ଲୋକହିତକର ଏବଂ ବିକାଶମୂଳକ ଯୋଜନାର ରୂପରେଖ ପ୍ରସ୍ତୁତ କରିବେ। ଜିଲାର ସୁପରଭାଇଜର ଏବଂ ଏନୁମେରେଟରମାନେ ଗୃହଗଣନା କାର୍ଯ୍ୟ କରୁଛନ୍ତି ବୋଲି ଯାଜପୁର ପୌରପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ କହିଛନ୍ତି।

# ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ



ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

ବିଞ୍ଝାରପୁର,୧୭।୪(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ବିଞ୍ଝାରପୁର କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ବ୍ଲକ୍ ବିଜେଡି ସଭାପତି ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ଆଜିର ସରକାର ତାଙ୍କ ସ୍ୱପ୍ନକୁ ପଥଭ୍ରଷ୍ଟ କରିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ସମସ୍ତେ ମିଳିମିଶି ସରକାରଙ୍କୁ ଜବାବ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଜିଲା ପରିଷଦ ସଭ୍ୟା ସୁନିତା ନାୟକ, ବ୍ଲକ ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଯୁବ ବିଜେଡି ସଭାପତି ଦିଲୀପ ରାଉଳ, ଛାତ୍ର ସଭାପତି ଲେନିନ ଦାସ, ପୂର୍ବତନ ଜିଲା ପରିଷଦ ସଭାପତି ସୁଶାନ୍ତ ମିଶ୍ର, ବିଜେଡି ସଂଯୋଜକ ପ୍ରଦୀପ ମହାନ୍ତି, ନିର୍ବାଚନମଣ୍ଡଳୀସ୍ତରୀୟ ସଭାପତି ମୁରଲୀ ଧର ବେହେରା, ବିଞ୍ଝାରପୁର ସରପଞ୍ଚ ଆଶାଲତା ସାହୁ, ମାଁସଡ଼ା ସରପଞ୍ଚ କଳିକା ଦାସ, କପିଳା ସରପଞ୍ଚ ଦେବଦତ୍ତ ସେଠୀ, ଶାସନ୍ଦା ସରପଞ୍ଚ କାମଦେବ ଧଳ, ଯୁବ ସଂଗଠକ ଶ୍ୟାମସୁନ୍ଦର ବେହେରା, ସୁଖ ରଞ୍ଜନ ପରିଡ଼ା, ସାମାଜିକ କର୍ମୀ ରଞ୍ଜନ ଜେନା, କାଳୀ ପ୍ରସନ୍ନ ଦାସ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ।

# ସବୁ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ଝୁମୁକି

- ଆଧାର କାର୍ଡ ହୋଇପାରୁନି
- ରାଶନ, ଭତ୍ତା ମିଳୁନି

ଚଣ୍ଡିଖୋଲ/ବଡ଼ଚଣା,୧୭।୪
(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ ମହାନ୍ତି)



ମା' କୋଳରେ ଦିବ୍ୟାଙ୍ଗ ଝୁମୁକି।

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତ କମ୍ପିରା ଗ୍ରାମର ମଗୁଲି ସାମଲଙ୍କ ୨୩ ବର୍ଷୀୟ ଦିବ୍ୟାଙ୍ଗ ଝିଅ ଝୁମୁକି ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହୋଇଛନ୍ତି।

ସେ ଜନ୍ମରୁ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ। ବସିପାରୁ ନାହାନ୍ତି କି କିଛି କହିପାରୁନାହାନ୍ତି। ଝୁମୁକିଙ୍କ ପାଇଁ ସରକାରଙ୍କ ଯୋଜନା ସାତ ସପନ ପାଲଟିଛି। ସରକାରଙ୍କ ଦିବ୍ୟାଙ୍ଗ ଭତ୍ତାଠାରୁ ଆରମ୍ଭ କରି ରାଶନ ଚାଉଳ ମଧ୍ୟ ତାଙ୍କୁ ମିଳି ପାରୁନାହିଁ। ବାପାଜଣେ ଦିନମଜୁରିଆ। ଘରେ ୪ ପ୍ରାଣୀ କୁଟୁମ୍ବ ଚଳାଇବା ତାଙ୍କ ପକ୍ଷେ କଷ୍ଟକର। ଝୁମୁକିଙ୍କ ଆଧାର କାର୍ଡ ନାହିଁ। ସେ ଆଧାର କାର୍ଡ ପାଇଁ ୱାର୍ଡସଭ୍ୟଠାରୁ ଆରମ୍ଭ କରି ସରପଞ୍ଚ ପର୍ଯ୍ୟନ୍ତ ସମସ୍ତଙ୍କୁ କହିଥିଲେ ମଧ୍ୟ ତାଙ୍କର ଆଧାର କାର୍ଡ ହୋଇପାରିନାହିଁ। ଫଳରେ ଆଧାର କାର୍ଡ ନ ଥିବାରୁ ତାଙ୍କୁ ଭତ୍ତା ମିଳିପାରୁନି। ଏହି ଆଧାର କାର୍ଡ କରିବାକୁ ତାଙ୍କ ବାପା ଝୁମୁକିଙ୍କୁ ଭୁବନେଶ୍ୱର ନେଇ ଯାଇଥିଲେ। କିନ୍ତୁ ସେଠାରେ କେହି ତାଙ୍କୁ ସହଯୋଗ କଲେନାହିଁ। ବାଧହୋଇ ମଗୁଲି ଦିବ୍ୟାଙ୍ଗ ଝୁମୁକିଙ୍କୁ ଧରି ନିରାଶ ହୋଇ ଫେରିଆସିଲେ। ମା'ଙ୍କ ପାଖରେ ଦିବ୍ୟାଙ୍ଗ ଝୁମୁକି ଯେପରି ଭାବେ ପଡ଼ିରହିଛନ୍ତି ଏହାର ଦୃଶ୍ୟଦେଖିଲେ ଯେକେହି ବିସ୍ମିତ ହୋଇଯିବେ। ତେଣୁ ଯାଜପୁର ଜିଲାପାଳ ଓ ବଡ଼ଚଣା ବିଧାୟକ ଦୃଷ୍ଟି ଦେଲେ ଝୁମୁକି ଆଧାର କାର୍ଡ ସହ ସମସ୍ତ ସରକାରୀ ସୁବିଧା ପାଇପାରିବେ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।

### ଜଳଛତ୍ର ଉଦ୍‌ଘାଟିତ

ବଡ଼ଚଣା,୧୭।୪(ଦିଲୀପ କୁମାର ମହାନ୍ତି)

ଦିନକୁଦିନ ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଚଣ୍ଡିଖୋଲ ସମାଜ ବିକାଶ କର୍ମଜୀବୀ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଏକ ଜଳଛତ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲା, ମୁଖ୍ୟବକ୍ତାଭାବେ ରାଜ୍ୟ ଅଣ ସଂଗଠିତ ଶ୍ରମିକ ସଙ୍ଘ ସମନ୍ୱୟ କମିଟି ରାଜ୍ୟ ସଭାପତି ନୃସିଂହ ଚରଣ ମିଶ୍ର, ସମ୍ମାନିତ ଅତିଥିଭାବେ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ ସଭାପତି ଦେବାରାଜ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ସମିତିସଭ୍ୟ ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ପଥଚାରୀଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଅତିଥି ସର୍ବତ ବଣ୍ଟନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ବେହେରା, ତରୁଣ ଖଣ୍ଡେୟୀ, ରାକେଶ ବେହେରା, ମନୋଜ ସାହୁ, ବସୁଦେବ ସାହୁ, ସ୍ଥିତିପ୍ରଜ୍ଞା ବାରିକ, ରାଜଶ୍ରୀ ମହାରଣା, ଶୁଭଶ୍ରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ୨ ମାସ ଧରି ଚାଲିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ପରିଚାଳକ ରମେଶ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

### ଜାରକାରେ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ

କାଏମା,୧୭।୪(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକା ମହୋତ୍ସବ ପଡ଼ିଆଠାରେ ଭାଜପା ମହିଳା ସଙ୍ଗଠନ ପକ୍ଷରୁ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ, ପୂର୍ବତନ ଏମ୍‌ପି ରୀତା ତରେଇ, ସାମାଜିକ କର୍ମୀ ମିନତି ସାହୁ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ବ୍ଲକ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଦୀପ୍ତିରେଖା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ୫୪ ପଞ୍ଚାୟତରୁ ଆସିଥିବା ମହିଳା ଶୋଭାଯାତ୍ରାରେ ଜାରକା ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ।

# ବିଜୁବାବୁଙ୍କ ଅବଦାନ ଉପରେ ଆଲୋଚନା



ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

ଚଣ୍ଡିଖୋଲ,୧୭।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବିଜେଡି ପକ୍ଷରୁ ଶୁକ୍ରବାର ବାଲିଚନ୍ଦ୍ରପୁର ବଜାରରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ପ୍ରଥମେ ବାଲିଚନ୍ଦ୍ରପୁର ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବାଲିପଡ଼ିଆ ସରପଞ୍ଚ କିଶୋରଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅମ୍ବିକା ପ୍ରସାଦ ଦାସ, ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ଯୁବନେତା ଯଶୋଦୀପ୍ତ ସାମଲ, ସମିତିସଭ୍ୟା ପୁଷ୍ପଲତା ସାମଲ, ମିନତି ଦଳେଇ, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଦମୟନ୍ତୀ ସାମଲ, ସୋସିଆଲ ମିଡିଆ ଜିଲା ସଂଯୋଜକ ସତ୍ୟପ୍ରକାଶ ସାମଲ, ପ୍ରତାପ ସେନାପତି ପ୍ରମୁଖ ଯୋଗଦେଇ ବିଜୁ ବାବୁ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କରିଯାଇଥିବା କାର୍ଯ୍ୟ ଓ ଅବଦାନ ଉପରେ ଆଲୋଚନା କରିଥିଲେ। ଏଥିସହିତ ଆଗାମୀ ଦିନରେ ବିଜୁ ଜନତା ଦଳ କିପରି ସୁଦୃଢ଼ ହେବ ସେ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ବଳ, ଅଜୟ ସାମଲ, ଲକ୍ଷ୍ମୀଧର ସାହୁ, ସେକ ବଦୋ, ଅହିନୁଲ ଖାଁ, ସୌମ୍ୟ ରଞ୍ଜନ ସାହୁ, ମାନସ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇଥିଲେ। ଛାତ୍ର ବିଜେଡି ସମ୍ପାଦକ ଅଶ୍ୱିନୀ ବଳ ଧନ୍ୟବାଦ ଦେଇଥିଲେ।

### ବିଜୁବାବୁ ଓଡ଼ିଶାର ଉନ୍ନତି ଚିନ୍ତା କରୁଥିଲେ

ବ୍ୟାସନଗର,୧୭।୪(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ କର୍ମୀମାନେ ବ୍ୟାସନଗର ପୌର ପରିଷଦର ନହକା ଗୋଲେଇ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଗୁଣଗାନ କରିଥିଲେ। ବ୍ୟାସନଗର ବିଜେଡି ସଭାପତି ଅମୂଲ୍ୟ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଜୁବାବୁ ସବୁ ସମୟରେ ଓଡ଼ିଶାର ଉନ୍ନତି କଥା ଚିନ୍ତା କରୁଥିଲେ ବୋଲି ଉପସ୍ଥିତ ବିଜେଡି ନେତା ଓ କର୍ମୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ମୁଖ୍ୟ ଅତିଥିଭାବେ ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ବରିଷ୍ଠ ନେତା ମହେଶ ଧଳ, ଅଜୟ ସାହୁ, କାଉନସିଲର ବିଜୟ ଜେନା, ପାର୍ଥସାରଥି ନାୟକ, ଦିଲୀପ ସେଠୀ, ଅଶୋକ ଦାସ, ମନୋଜ ପରିଡ଼ା, ପ୍ରଶାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବ୍ୟାସଦେବ ଟାଉନ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଜେଡି ନେତା ଭବପ୍ରସାଦ ଦାସ, ଯୁବନେତା ଓମଆର୍ଯ୍ୟନ ପୁହାଣ ଓ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଶାନ୍ତିବଟ ଧାମରେ ଓଁ ବ୍ରହ୍ମ ଗାୟତ୍ରୀ ମହାଯଜ୍ଞ

ପାଣିକୋଇଲି,୧୭।୪(ବିକାଶ ଚନ୍ଦ୍ର ମଲ୍ଲିକ)

କୋରେଇ ବ୍ଲକ କରଦା ପଞ୍ଚାୟତ ସପିସାହି ଗ୍ରାମରେ ଥିବା ଶାନ୍ତିବଟ ଧାମରେ ମହାବିଷୁବ ସଂକ୍ରାନ୍ତି ଅବସରରେ ଓଁ ବ୍ରହ୍ମ ଗାୟତ୍ରୀ ମହାଯଜ୍ଞ ଦୁଇ ଦିନଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଧାମକଳସ ସ୍ଥାପନା, ଧ୍ୱଜା ଉତ୍ତୋଳନ, ଅଖଣ୍ଡ ପ୍ରାର୍ଥନା ଓ ନାମ କୀର୍ତ୍ତନ ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିନରେ ଯଜ୍ଞଅଗ୍ନି ସ୍ଥାପନ ଓ ପୂର୍ଣ୍ଣାହୁତି ହୋଇଥିଲା। ଉକ୍ତ ଯଜ୍ଞରେ ବ୍ରହ୍ମାନନ୍ଦ ସାହୁ ଓ ଇତିଶ୍ରୀ ସାହୁ ସସ୍ତ୍ରିକ ସଂକଳ୍ପ କରିଥିଲେ। ଏହି ଅବସରରେ ଉକ୍ତ ଧାମରେ ପୂଜ୍ୟପୂଜା ସମ୍ମାନ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସଂଗୀତ ଓ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା ଅୟୋଜନ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ନୀଳମଣି ଦାସ ଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଜେନା, ଅବସରେପ୍ରାପ୍ତ ସୀମା ସୁରକ୍ଷା ବଳ ଅଧିକାରୀ ଦୁଃଶାସନ ପହି ଓ ଭାରତୀୟ ଜୀବନ ବୀମା ନିଗମ ଯାଜପୁର ଶାଖା ପରିଚାଳକ ବିଜୟ କୁମାର ପଣ୍ଡାଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ସାହୁ, ଇନ୍ଦ୍ରମଣି ସାହୁ, ଦିନବନ୍ଧୁ ସାହୁ, ସଞ୍ଜୟ ପରିଡ଼ା, ପ୍ରତାପ ସେଠୀ, ନିକୁଞ୍ଜ ସାହୁ, ରମେଶ ଚନ୍ଦ୍ର ସାହୁ, ରାମଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିଲେ।

# ଧର୍ମଶାଳା କଲେଜ 'ଯୁବ ରେଡ଼କ୍ରସ୍' ପକ୍ଷରୁ ଜଳସେବା




ଜଳସେବା ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ଧର୍ମଶାଳା,୧୭।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହାବିଦ୍ୟାଳୟ 'ଯୁବ ରେଡ୍‌କ୍ରସ' ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ୩ଦିନ ଧରି ଐତିହାସିକ ସିଂହାପୁର ଯାତ୍ରାରେ 'ଜଳସେବା ଶିବିର' ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଯୁବ ରେଡ୍‌କ୍ରସ ସଂଯୋଜକ ବସନ୍ତ ତ୍ରିପାଠୀ, ସସ୍ମିତା ସାମଲ ଓ ସୁନୀଲ ସାହୁ ଉକ୍ତ ସାମାଜିକ ସେବା ଶିବିରକୁ ପରିଚାଳନା କରିଥିଲେ। ଠାକୁର ଦର୍ଶନ ଓ ଯାତ୍ରା ବୁଲିବା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାଣି, ଦହି ପାଣି ବଣ୍ଟନ କରାଯାଇଥିଲା। ଏଥିସହିତ ପ୍ରାଥମିକ ଚିକିତ୍ସା ସେବାର ବ୍ୟବସ୍ଥା କରାଯାଇଥିଲା। ଶିବିରକୁ ସଫଳ କରିବାରେ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଓମ୍ ପ୍ରକାଶ ସାହୁ, ସୋମ ପ୍ରକାଶ ସାହୁ, ଦେବାଶିଷ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଏହି ସେବା ମୂଳକ କାର୍ଯ୍ୟକ୍ରମ ପାଇଁ ଅନେକ ଶ୍ରଦ୍ଧାଳୁ ଉପକୃତ ହୋଇଥିଲେ। ଏଭଳି କାର୍ଯ୍ୟକ୍ରମ ପାଇଁ ସିଂହାପୁରର ସ୍ଥାନୀୟ ବାସିନ୍ଦା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା କରିଥିଲେ। ସିଂହାପୁରରେ ଐତିହାସିକ ନାରାୟଣ ଗୋସାଇଁ ମହାପ୍ରଭୁଙ୍କ ଯାତ୍ରା ଧୂମଧାମରେ ପାଳିତ ହେଉଛି। ଓଡ଼ିଶାର ଚତୁର୍ଦ୍ଦିଗରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଏଠାରେ ସମାଗମ ହେଉଥିବାରୁ ପରିବେଶ ଭକ୍ତିମୟ ହୋଇଉଠିଛି।

# ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ: ଯୁବକ ମୃତ

## ୧ ଗୁରୁତର, ଜଣେ ନିଖୋଜ

ରସୁଲପୁର,୧୭।୪(ରଞ୍ଜିତ ରାଉତ)





ଗଣ୍ଡଗୋଳରେ ଗୁରୁତର ଯୁବକ ନିର୍ମଳ ମଲିକ ଏବଂ ମୃତ ଯୁବକ ସୁକାନ୍ତ ମଲିକ।

ଧର୍ମଶାଳା ଥାନା ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ଗୁରୁବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଅନ୍ୟ ଜଣେ ନିଖୋଜ ଥିବାଜଣାଯାଇଛି। ମୃତକ ଯୁବକ ହେଲେ ଗୋଟିଏ ପକ୍ଷର ସୁକାନ୍ତ ମଲିକ(୩୦)। ଗୁରୁତର ଯୁବକ ହେଲେ ନିର୍ମଳ ମଲିକ।

ସୂଚନା ଅନୁସାରେ, ଗ୍ରାମର ଦୁଇ ପରିବାର ମଧ୍ୟରେ ଜମିବିବାଦକୁ ନେଇ ବାରମ୍ବାର କଳିଝଗଡ଼ା ଲାଗି ଆସୁଥିଲା। ନିର୍ମଳ ସନ୍ଧ୍ୟା ୮ଟାରେ ବାରବାଟୀ ବଜାରରୁ ଘରକୁ ଫେରୁଥିବାସମୟରେ ସୁକାନ୍ତଙ୍କ ପରିବାର ତାଙ୍କୁ ମାଡ଼ ମାରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଏହାପରେ ରାତିରେ ନିର୍ମଳଙ୍କ ପରିବାର ଲୋକେ ପ୍ରତିଶୋଧ ନେବାକୁ ଜଗି ରହିଥିଲେ। ସୁକାନ୍ତ ଓ ତାଙ୍କ ବଡ଼ଭାଇ କାମ ସାରି ରାତିରେ ଘରକୁ ଫେରୁଥିଲେ। ନିର୍ମଳଙ୍କ ଭାଇ ବାପିନ ମଲିକ, ବାପା ଓ ପରିବାରର ଅନ୍ୟ ସଦସ୍ୟ ମାରଣାସ୍ତ୍ର ଧରି ବାଡ଼ି ପଛରେ ଜଗି ରହିଥିଲେ। ସେହି ବାଟ ଦେଇ ସୁକାନ୍ତ ଓ ତାଙ୍କ ଭାଇ ଅତିକ୍ରମ କରୁଥିବା ସମୟରେ ସେମାନେ ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସୁକାନ୍ତ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ବଡ଼ଭାଇ ଖସି ପଳାଇଥିଲେ। ଏଯାଏ ତାଙ୍କ ପତ୍ତା ମିଳୁନାହିଁ। ଏ ସମ୍ପର୍କରେ ପରିବାର ଲୋକେ ଧର୍ମଶାଳା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁକାନ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତଗଣ୍ଡଗୋଳକୁ ନେଇ ନିର୍ମଳଙ୍କ ସ୍ତ୍ରୀ ଜ୍ୟୋସ୍ନା ମଲିକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ନଂ.୧୫୫/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ମୃତ ସୁକାନ୍ତଙ୍କ ସ୍ତ୍ରୀ କାବେରୀ ମଲିକ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୧୫୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ନିର୍ମଳଙ୍କ ପରିବାରର କେତେଜଣ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟ ପକ୍ଷରୁ ଏଯାଏ କାହାରିକୁ ଗିରଫ କରାଯାଇ ନ ଥିବା ଜଣାଯାଇଛି। ପ୍ରାୟଃ ୩ମାସ ତଳେ ନିର୍ମଳ ଓ ସୁକାନ୍ତ ପରିବାର ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଉକ୍ତ ଗଣ୍ଡଗୋଳରେ ସୁକାନ୍ତ ଆହତ ହୋଇ କଟକ ବଡ ଡାକ୍ତରଖାନରେ ଚିକିତ୍ସିତ ହୋଇ କିଛିଦିନ ତଳେ ଘରକୁ ଫେରି ଥିଲେ। ଉକ୍ତ ଗଣ୍ଡଗୋଳକୁ ନେଇ ସେ ସମୟରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପକ୍ଷରୁ କାହାରିକୁ ଗିରଫ କରାଯାଇ ନଥିଲା କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏବେ ଘଟିଥିବା ଘଟଣାରେ ଜଣଙ୍କ ଜୀବନ ଚାଲି ଯାଇଥିବାବେଳେ ଅନ୍ୟଜଣେ ଜୀବନ ସହ ସଂଘର୍ଷ କରୁଛନ୍ତି। ପୋଲିସର ଢିଲାପଣ ଯୋଗୁ ଗଣ୍ଡଗୋଳ ଉଗ୍ରରୂପ ନେଇଛି ବୋଲି ଉଭୟ ପରିବାର ଲୋକେ ଅଭିଯୋଗ କରିଛନ୍ତି।

**ଆଜି ବିଶ୍ୱ ଐତିହ୍ୟ ଦିବସ**

# ତୁଳସୀକ୍ଷେତ୍ରରେ ଐତିହ୍ୟ ସ୍ମାରକୀକୁ ଅଣଦେଖା

■ ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା
■ ବିଶ୍ୱ ଐତିହ୍ୟ ତାଲିକାରୁ ବାଦ୍ ପଡ଼ିଛି ଭିତରକନିକା

କେନ୍ଦ୍ରାପଡା, ୧୭।୪ (ଜଗନ୍ନାଥ ଧଳ)

ବିଶ୍ୱ ଐତିହ୍ୟ ଦିବସ ଶନିବାର । ନିଜ ଅଞ୍ଚଳର ଐତିହ୍ୟ ସ୍ମାରକୀ ଚିହ୍ନଟ ଓ ଏହାର ସଂରକ୍ଷଣ ପାଇଁ ଇଣ୍ଟରନ୍ୟାଶନାଲ କାଉନସିଲ ଅନ୍ ମନୁମେଣ୍ଟ ଆଣ୍ଡ ସାଇଟ୍ସ ପକ୍ଷରୁ ୧୯୮୨ରୁ ବିଶ୍ୱ ଐତିହ୍ୟ ଦିବସ ପାଳନ ହେଉଛି। ମାତ୍ର ଏହି ଦିବସ ପ୍ରତି କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଜିଲାର ରାଜନଗର ବ୍ଲକସ୍ଥିତ ଭିତରକନିକା ଆର୍ଦ୍ରଭୂମି ଜୈବ ବିବିଧତା ପାଇଁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇଁ ୨୦୧୬ରେ ଆଇୟୁସିଏନ୍ (ଇଣ୍ଟନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ ନେଚର) ଟିମ୍ ଆସିଥିଲେ ମଧ୍ୟ ବିଭିନ୍ନ କାରଣରୁ ୨୦୧୭ ବୈଠକରେ ଖାରଜ ହୋଇଛି। ସେହିପରି ତୁଳସୀ କ୍ଷେତ୍ର ଭାବେ ପରିଚିତ ଏହି ଜିଲାର ବିଭିନ୍ନ ସ୍ଥାନରେ ଥିବା ଇତିହାସ ଓ ଐତିହ୍ୟ ସ୍ମାରକୀ ଅବହେଳାର ଶିକାର ହୋଇଥିବା ଆଲୋଚନା ହେଉଛି। ସ୍ମାରକୀର ସଂରକ୍ଷଣ ସହ ପର୍ଯ୍ୟଟନ ଶିଳ୍ପରେ ସମୃଦ୍ଧ ହେଲେ ଜିଲାର ଆର୍ଥିକ ବ୍ୟବସ୍ଥାରେ ଉନ୍ନତି ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଶିକ୍ଷାବିତ ତଥା ଗବେଷକ ଡ. ସର୍ବେଶ୍ୱର ସେଣ, ବୁଦ୍ଧଜୀବୀ ପ୍ରଭାକର ସାମଲ, ତ୍ରିଲୋଚନ ଦାସ, ଦୋଳଗୋବିନ୍ଦ ଜେନା ଓ ଅଶୋକ ସ୍ୱାଇଁ ପ୍ରମୁଖ କୁହନ୍ତି, ଇଚ୍ଛାପୁରର ଶ୍ରୀବଳଦେବଜୀଉ, ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନ ଜୀଉ, ସନ୍ତପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା ବତୀଘର ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି।


ମହାକାଳପଡ଼ା ବ୍ଲକ୍ ବବକରପୁରରେ ପୂଜା ପାଉଥିବା ଗରୁଡ଼ ମୂର୍ତ୍ତି ।

ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନସ୍ଥଳୀ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଅଜ୍ଞାତ ଅଛି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନସ୍ଥଳୀକୁ ରାସ୍ତା ଭଲ ରାସ୍ତା ନାହିଁ।

ସେହିପରି ଭିତରକନିକାର ଜୈବ ବିବିଧତା ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ତଟକ୍ଷୟ, ଚିଙ୍ଗୁଡି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତର, ଇକୋ ସେନ୍‌ସେଟିଭ ଜୋନ୍ ସମ୍ପର୍କରେ ସଚେତନତା ଅଭାବ ଆଦି କାରଣ ଜାତୀୟ ଉଦ୍ୟାନ ମାନ୍ୟତା ପ୍ରତି ବିପଦ ରହିଛି। ଐତିହ୍ୟ ଓ ପର୍ଯ୍ୟଟନ କ୍ଷେତ୍ର ରାଜସ୍ୱ ଆଣିବା ସହିତ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ରୋଜଗାର ସୃଷ୍ଟିର ମାଧ୍ୟମ ହୋଇଥାଏ। ଜିଲାରେ ପ୍ରାକୃତିକ ପରିବେଶ, ପେଣ୍ଠ, ବରୁଣାଇ ଓ ଅଗରନାସୀ ଆଦି ବେଳାଭୂମିର ଐତିହାସିକ ଓ ସାଂସ୍କୃତିକ ବିଭବ ଭରପୂର ଅଛି। ଏହାର ସୁବିନିଯୋଗ ଆବଶ୍ୟକ। ରାଜନଗର ବ୍ଲକ ଝିଙ୍ଗାଗଡର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧବାମନଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଅଛି।

ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମସେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛାନାଥ ସମାଧି ସହିତ ବୌଦ୍ଧଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବିଲି ପାଠାଗାର, ସୂର୍ଯ୍ୟଘଡି, ନୋଳ ସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। ବବକରପୁରରେ ଥିବା ପୁରୁଣା ବଳଦେବଜୀଉ ମନ୍ଦିରର ଗରୁଡ ମୂର୍ତ୍ତି ପରି ଐତିହ୍ୟ ସାମଗ୍ରୀ ରଖିବା ପାଇଁ କୌଣସି ମ୍ୟୁଜିୟମ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ରଘୁରାମ ଆର୍. ଆୟର କହିଛନ୍ତି, ପୁରୁଣା ଐତିହ୍ୟ ସ୍ମାରକୀ ସୁରକ୍ଷା ପ୍ରକ୍ରିୟା ଜାରିରହିଛି। ଜିଲାର ସହର ଓ ଗ୍ରାମାଞ୍ଚଳରେ ଥିବା ଏପରି ସ୍ଥାନର ଐତିହାସିକ ଭିତ୍ତିଭୂମି ଉପରେ ତଥ୍ୟ ମିଳିଲେ ସୁରକ୍ଷା ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ହେବ।

# ଶ୍ରାଦ୍ଧ ଦିବସରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

## ବିଜୁବାବୁଙ୍କୁ ଭାରତ ରତ୍ନ ଦାବି


ରକ୍ତ ଦାନ କରାଯାଉଛି।

କେନ୍ଦ୍ରାପଡା, ୧୭।୪ (ଜଗନ୍ନାଥ ଧଳ)

ବିଜୁ ପଟ୍ଟନାୟକଙ୍କର ୨୯ତମ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କେନ୍ଦ୍ରାପଡା ବିଜେଡି ପକ୍ଷରୁ ଆୟୋଜିତ ଦିବସ ପାଳନ ଅବସରରେ ବିଜୁବାବୁଙ୍କୁ ଭାରତରତ୍ନ ପାଇଁ ଦାବି ହୋଇଛି। ସହରର ମଦନକରପୁରସ୍ଥିତ ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭା ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ୧୫୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଜିଲା ବିଜେଡି ସଭାପତି ଶିବପ୍ରସାଦ ଭଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଥିଲେ । ଏହି ଅବସରରେ ବିଧାୟକ ବେହେରା ବିଜୁବାବୁଙ୍କ ଦେଶ, ରାଜ୍ୟ ଓ କେନ୍ଦ୍ରାପଡା ଜିଲା ପ୍ରତି ଅବଦାନ ସମ୍ପର୍କରେ କହିଥିଲେ। ସଭାରେ ପୌରାଧ୍ୟକ୍ଷା ତଥା ଜିଲା ମହିଳା ସଭାନେତ୍ରୀ ସରିତା ସାହୁ, ଜିଲା ପରିଷଦ ସଭାପତି ଲିଳିତା ଦାସ, ସୁମିତ୍ରା ପାଢୀ, ସ୍ୱୟଂପ୍ରଭା କର, ବରିଷ୍ଠ ନେତା ରଞ୍ଜିତ ସାହୁ, ହିରଣ୍ୟ କୁମାର ପଣ୍ଡା, କାଳୀ ପ୍ରସାଦ ମିଶ୍ର ପ୍ରମୁଖ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଏହା ପୂର୍ବରୁ ନୂଆ ବସଷ୍ଟାଣ୍ଡ ନିକଟ ଗୋବରୀ ନଦୀରେ ସାମୁହିକ ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସେହିପରି ସହରର ପୁରୁଣା ମେଡିକାଲ ଛକଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ହୋଇଥିଲା। ନଗର ସଭାପତି ଯଯାତି କେଶରୀ ମହାନ୍ତି, ବିଜୟ କୁମାର ମଣ୍ଡଳ, ଆଲୋକ କୁମାର ସାହୁ ଓ ସମ୍ବିତ ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ବୁକ୍ ଅଫ୍ ରେକର୍ଡସରେ ସତ୍ୟପ୍ରକାଶ

ରାଜକନିକା,୧୭।୪(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବାଙ୍ଗରକୁଆଁ ଗାଁର ସୁରେଶ ରାଉତ ଓ ସପ୍ନାରାଣୀ ରାଉତଙ୍କ ପୁଅ ସତ୍ୟପ୍ରକାଶ ୧୦ବର୍ଷ ୧୦ମାସରେ ୫୦ଟି ସ୍ୱ-ରଚିତ ଇଂରାଜୀ କବିତା ଲେଖି ଅନ୍ତର୍ଜାତୀୟ ବୁକ ଅଫ ରେକର୍ଡସରେ ନିଜ ନାମକୁ ଯୋଡିବା ସହ ସଫଳତା ସାଉଁଟିଛନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋରସ୍ଥିତ ସ୍ୱାମୀ ବିବେକାନନ୍ଦ ଇଂରାଜୀ ମିଡିୟମ୍ ସ୍କୁଲରେ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ ରତ ।୨୦୨୫ରେ ଇଣ୍ଡିଆ ବୁକ ଅଫ ରେକର୍ଡସ ଦ୍ୱାରା ଆଇବିଆର ଅଚିଭର ସମ୍ମାନିତ ହୋଇଥିଲେ । ସତ୍ୟ ପ୍ରକାଶ କହିଛନ୍ତି, ସେ ଗିନିଜ ବୁକ ଅଫ ରେକର୍ଡସରେ ନିଜ ନାମ ସାମିଲ କରିବାକୁ ଆଶା ରଖିଛନ୍ତି । ତାଙ୍କ ଅଜା ଅଭିମନ୍ୟୁ ବେହେରା, ଯିଏ ଜଣେ ଶିକ୍ଷକ, ସତ୍ୟ ପ୍ରକାଶଙ୍କ ସଫଳତା ପଛରେ ପ୍ରମୁଖ ପ୍ରେରଣା ହିସାବରେ ରହି ତାଙ୍କୁ ସବୁବେଳେ ପାଠପଢା ଓ ସୃଜନଶୀଳ କାର୍ଯ୍ୟରେ ଉତ୍ସାହିତ କରୁଥିବା ଜଣାଯାଇଛି।


ପରିବାର ସହ ସତ୍ୟପ୍ରକାଶ ।

# ପରିତ୍ୟକ୍ତ ଅବସ୍ଥାରେ ଅର୍ଦ୍ଧନିର୍ମିତ ପାଠାଗାର ଗୃହ

ଡେରାବିଶ, ୧୭।୪(ବେବର୍ତ୍ତା ଅଜୟ ଦାସ)

ଏହା କୌଣସି ଦୁର୍ଗମ ଅଞ୍ଚଳର ଚିତ୍ର ନୁହେଁ। ଉପକୂଳ କେନ୍ଦ୍ରାପଡା ଜିଲା ସଦରମହକୁମାଠାରୁ ୧୦ କି.ମି.ଭିତରେ ଅବସ୍ଥିତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଚାନ୍ଦୋଳ କଲେଜ ଛକ। ୫ ବର୍ଷ ପୂର୍ବେ ପାଠାଗାର ଉଦ୍ଦେଶ୍ୟରେ ଏକ ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଆଜି ଯାଏ ପୂର୍ଣ୍ଣାଙ୍ଗ ହୋଇ ପାରିଲାନାହିଁ। ଗୃହର ଗ୍ରିଲ ଓ କବାଟ ଉଭାନ ହୋଇଯାଇଥିବା ବେଳେ ସଞ୍ଜ ନଇଁଲେ ଏହି ଗୃହଟି ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ୨୦୨୧ରେ ତତ୍କାଳୀନ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ପ୍ରୟାସରେ ବ୍ଲକର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ ପାଠାଗାର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳରେ ପାଠାଗାର ନିର୍ମାଣ କରି ଯୁବପିଢିଙ୍କୁ ଏଥିରେ ସାମିଲ କରିବା ଉଦ୍ଦେଶ୍ୟରେ ମହତ ଚିନ୍ତାଧାରା ରହିଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପାଠାଗାର ଗୃହ ନିର୍ମାଣ ପାଇଁ ସ୍ଥିରୀକୃତ ହେଇଥିଲା। ତଦନୁଯାୟୀ ଚାନ୍ଦୋଳ କଲେଜ ଛକ ସ୍ଥିତ ବରାଙ୍ଗ ରାଜସ୍ୱ ଗ୍ରାମରେ ରତାଦିଆଖଣ୍ଡସାହି ପଞ୍ଚାୟତ ପକ୍ଷରୁ ପାଠାଗାର ନିର୍ମାଣ ଉଦ୍ଦେଶ୍ୟରେ ଗୃହ ତିଆରି କରାଯାଇଥିବା ବେଳେ ତାହା ଆଜିଯାଏ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିନାହିଁ। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୫ ବର୍ଷ ହେବ ଉକ୍ତ ଗୃହର ଛାତ ପଡ଼ିଥିବା ବେଳେ ଗ୍ରିଲ ଓ କବାଟ ଲାଗିଥିଲା। ମାତ୍ର ତାହା ଏବେ ଦେଖିବାକୁ ମିଳୁନାହିଁ। ଉକ୍ତ ଗୃହ ମଧ୍ୟରେ ବହୁ ସଂଖ୍ୟାରେ ମଦ ବୋତଲ ଗଡୁଥିବାର ଦେଖିବାକୁ ମିଳିଛି।

ଏ ସମ୍ପର୍କରେ ସରପଞ୍ଚ ଶିଶିର ସାମଲଙ୍କୁ ପଚାରିବାରୁ ସେ ଦାୟିତ୍ୱ ଗ୍ରହଣ ପୂର୍ବରୁ ଗୃହଟି ପରିତ୍ୟକ୍ତ ଅବସ୍ଥାରେ ଥିବା କହିଛନ୍ତି। ଏଥିପାଇଁ ଆର୍ଥିକ ବ୍ୟବସ୍ଥା ନ ଥିବାରୁ ସେ ଗୃହ ସମ୍ପର୍କରେ କିଛି ପଦକ୍ଷେପ ନେଇପାରୁ ନ ଥିବା କହିଥିଲେ। ତେବେ ଏ ସମ୍ପର୍କରେ ବିଡ଼ିଓ ନମିତା ବାରିକଙ୍କୁ ପଚାରିବାରୁ ସେ ଏଥିପ୍ରତି ଅନୁଧ୍ୟାନ କରି ଖୁବ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି।



# ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ସ୍ୱପ୍ନ ଦେଖିଥିଲେ


ପଟ୍ଟାମୁଣ୍ଡାଇରେ ବିଜୁ ବାବୁଙ୍କ ସ୍ମୃତି ଚାରଣ କରାଯାଉଛି।

ପଟ୍ଟାମୁଣ୍ଡାଇ, ୧୭।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବିଜେଡି ତରଫରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ସକାଳୁ ସ୍ଥାନୀୟ ବାଇପାସ ଛକଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସନ୍ଧ୍ୟାରେ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତରେ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଜୁ ବାବୁଙ୍କ ଓଡ଼ିଆ ଜାତି, ଓଡ଼ିଶା ରାଜ୍ୟ ପ୍ରତି ଥିବା ସ୍ନେହ ଓ ରାଜ୍ୟକୁ ସର୍ବାଙ୍ଗୀନ ବିକାଶ କରାଇବାର ସ୍ୱପ୍ନସମ୍ପର୍କରେ ଆଲୋଚନା କରିକରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ପଞ୍ଚାନନ ଧଳ, ଅମୂଲ୍ୟ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ରିଜୁଆନା ବେଗମ, ଖଗେଶ୍ୱର ଲେଙ୍କା, ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ ଓ ଅରକ୍ଷୀତ ସାହୁ ପ୍ରମୁଖ ଯୋଗ ଦେଇ ବିଜୁପଟ୍ଟନାୟକଙ୍କ ସ୍ୱାଧୀନତା ସଂଗ୍ରାମ ଓ ରାଜ୍ୟ ପ୍ରତି ଥିବା ଅବଦାନ, ନେତୃତ୍ୱ ଓ ଉତ୍କଳକୁ ଭଲ ପାଇବାର ଭାବନା ଉପରେ ଆଲୋକପାତ କରିଥିଲେ।

# ଗୋ-ସମ୍ମାନ ଆହ୍ୱାନ ଅଭିଯାନ

ରାଜନଗର,୧୭।୪(ଭାସ୍କର ରାଉତରାୟ)

ସମଗ୍ର ଭାରତ ବର୍ଷରେ ଗୋ - ହତ୍ୟା ଶେଷ କରିବା ଏବଂ ଗୋମାତାଙ୍କୁ ରାଷ୍ଟ୍ରସ୍ତରୀୟ ସମ୍ମାନ ଦେବା ନେମନ୍ତେ ଆସନ୍ତା ୨୭ ତାରିଖରେ (ଗୋ - ସମ୍ମାନ ଦିବସ ) ରେ ଦେଶର ୫ ହଜାର ତହସିଲକୁ ନିଜ ନିଜ ଅଞ୍ଚଳ ତହସିଲ ମୁଖ୍ୟାଳୟରେ ପହଞ୍ଚି ପ୍ରାର୍ଥନାମ ଦାଖଲ କରନ୍ତୁ ଗୋ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ଏକ ବୈଠକ କରାଯାଇଥିଲା। ରାଜନଗର ନିର୍ବାଚନମଣ୍ଡଳୀ କେରଡାଗଡ଼ ପଞ୍ଚାୟତ ବାୟା ବାବା ମଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲା ଶ୍ରୀରାମ ସେନା ସଭାପତି ସାରଦା ପ୍ରସାଦ ରାଉତଙ୍କ ସଂଯୋଜନାରେ ଗୋ ରକ୍ଷକ ମୁଖ୍ୟ ସଂଗଠକ ଦେବାଶିଷ ନାୟକଙ୍କ ସହ ବହୁ ଗୋ ରକ୍ଷକ ଆସିଥିଲେ । ଏହି କାର୍ଯ୍ୟକ୍ରମରେ ରବୀନ୍ଦ୍ର ଦାସ, ଆଲୋକ ବେହେରା, ଶୁଭକାନ୍ତ ରାଉତ, ବିକାଶ ଖଣ୍ଡେଇ, ଜଗବନ୍ଧୁ ପଣ୍ଡା, ରଶ୍ମିରଞ୍ଜନ ପାତ୍ର, ତନ୍ମୟ ସେଠୀଙ୍କ ସହ ବହୁ ସଂଖ୍ୟାର ଗୋ ରକ୍ଷକ ଉପସ୍ଥିତ ହୋଇଥିଲେ।


ଅଭିଯାନରେ ସାମିଲ ହୋଇଥିବା କର୍ମକର୍ତ୍ତା।

# ଜଳଶକ୍ତି ମିଶନ ରୂପାୟନରେ ପଞ୍ଚାୟତର ଉଲ୍ଲେଖନୀୟ ସଫଳତା

ଡେରାବିଶ, ୧୭।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର ମଲିକ ଜଳଶକ୍ତି ମିଶନର କାର୍ଯ୍ୟକାରିତାରେ ଦେଖାଇଥିବା ସକ୍ରିୟ ଭୂମିକା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା ଅର୍ଜନ କରିଛନ୍ତି। ପଞ୍ଚାୟତର କିଛି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହିଥିବାରୁ, ସେଥିରେ ସଫଳତାର ସହ ସମାଧାନ କରି ମଲିକ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ମାର୍ଚ୍ଚ ୨୩ ରେ ସାରା ଦେଶରେ ୬ ଗୋଟିସ୍ଥାନରେ 'ଜଳ ଅର୍ପଣ ଦିବସ' ପାଳନ କରାଯାଇଥିଲା। ସେହି ଅବସରରେ କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅନ୍ତର୍ଗତ ଭଣଗାଁରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସରପଞ୍ଚ ମଲିକ ପ୍ରାୟ ୫ ହଜାରରୁ ଅଧିକ ଲୋକଙ୍କ ମଧ୍ୟରେ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସଚେତନତା ଜାଗ୍ରତ କରିଥିଲେ। ପାନୀୟ ଜଳର ଠିକ୍ ବ୍ୟବହାର ଓ ଠିକ ପରିଚାଳନାକୁ ଗୁରୁତ୍ୱ ଦେଇ ସେ ପଞ୍ଚାୟତର ପ୍ରାୟ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବା ବ୍ୟବସ୍ଥା କରାଇଛନ୍ତି। ତାଙ୍କର ଏହି ପ୍ରୟାସକୁ କେନ୍ଦ୍ର ଜଳଶକ୍ତି ବିଭାଗର ମନ୍ତ୍ରୀ ସି.ଆର୍. ପାଟିଲ ବିଶେଷ ଭାବେ ପ୍ରଶଂସା କରିଛନ୍ତି। ମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମଲିକଙ୍କୁ ପ୍ରଶଂସାପତ୍ର ପ୍ରେରଣ କରାଯାଇଥିବା ସହ ନିକଟ ଭବିଷ୍ୟତରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ସୂଚନା ମିଳିଛି। ଏହି ସଫଳତା ପରେ ପଞ୍ଚାୟତର ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ସରପଞ୍ଚଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜନସାଧାରଣଙ୍କ ଆଶୀର୍ବାଦରେ ସେ ସରପଞ୍ଚ ଭାବେ ସେବା କରିବାର ସୁଯୋଗ ପାଇଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳିଥିବା ଏହି ପ୍ରଶଂସା ତାଙ୍କୁ ଆଗାମୀଦିନରେ ଅଧିକ ଉତ୍ସାହ ସହ କାମ କରିବାକୁ ପ୍ରେରଣା ଦେବ।


ସରପଞ୍ଚ ସୁରେନ୍ଦ୍ର ମଲିକ

# ପାଟକୁରାରେ ସ୍ମୃତିଚାରଣ ସଭା


ବିଜୁ ଜୟନ୍ତୀରେ ବିଜେଡି କର୍ମକର୍ତ୍ତା।

ପାଟକୁରା, ୧୭।୪ (ରବୀନ୍ଦ୍ର ନାଥ ବାରିକ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ମହାପ୍ରୟାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାଟକୁରା ବିଜେଡି ତରଫରୁ ଗରଦପୁର ବ୍ଲକ ଅଧୀନ ଚପୁରର ନାଣ୍ଡିବଟ ମହାପୁରୁଷ ପଡିଆରେ ବିଜୁବାବୁଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଛି । କେନ୍ଦ୍ରାପଡ଼ା ଯୁବ ବିଜେଡି ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା ବିଜୁବାବୁଙ୍କ ଫଟୋଚିତ୍ରରେ ପ୍ରଦୀପ ଜାଳି ଓ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କର ଅତୀତ ରାଜନୈତିକ ଜୀବନ ଉପରେ ସ୍ମୃତି ଚାରଣ କରିଥିଲେ। ସମ୍ମାନିତ ଅତିଥି ଜିଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସଂଗେ ପାଟକୁରା ନିର୍ବାଚନମଣ୍ଡଳୀ ବିଜୁବାବୁଙ୍କ କର୍ମସ୍ଥଳୀ ଥିଲା ବୋଲି କହିଥିଲେ। ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ କହିଥିଲେ ବିକଶିତ ଓଡ଼ିଶା ଗଠନରେ ସ୍ୱର୍ଗତ ବିଜୁବାବୁଙ୍କ ଭୂମିକା ଅନେକ । ଏକଦା ପାଟକୁରା ନିର୍ବାଚନମଣ୍ଡଳୀ ବିଜୁବାବୁଙ୍କ କର୍ମସ୍ଥଳୀ ଥିଲା। ଏଣୁ ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡି କର୍ମୀମାନେ ଦଳକୁ ଅଧିକ ସଂଗଠିତ କରି ବିଜୁବାବୁଙ୍କ ସ୍ୱାଭିମାନକୁ ଟେକ ରଖିବା ପାଇଁ ଦେବାଶିଷ ଆହ୍ୱାନ ଦେଇଥିଲେ । ମାର୍ଶାଘାଇ ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ସତ୍ୟାନନ୍ଦ ରାଉତ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ଧନେଶ୍ୱର ସେଠୀ, ଏଲିଜା ସ୍ୱାଇଁ,ସମିତି ସଭ୍ୟ ଦିଲୀପ ପଣ୍ଡା, ପ୍ରତାପ ପାଣି ଓ ମନୋରଞ୍ଜନ ମହାପାତ୍ର ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ଜନଗଣନା ସର୍ଭେରେ ନିର୍ଭୁଲ୍, ସ୍ୱଚ୍ଛତାକୁ ଗୁରୁତ୍ୱ

ମହାକାଳପଡ଼ା,୧୭।୪
(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଉପକୂଳ ଅଞ୍ଚଳରେ ଜନଗଣନା ସର୍ଭେର ପାରିପାର୍ଶ୍ୱିକ ମ୍ୟାପିଂ ସର୍ଭେ ଆରମ୍ଭ। ମହିଳାମାନଙ୍କୁ ପଚରାଉଚରା କରାଯାଉଛି।

ବହୁ ପ୍ରତୀକ୍ଷିତ ଭାରତୀୟ ଜନ ଗଣନା ସର୍ଭେ ୨୦/୨୬-୨୭ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରତି ଘର ଜନଗଣନା ସର୍ଭେରେ ସାମିଲ ହେବେ। ସର୍ଭେ ସମ୍ପର୍କରେ କୌଣସି ଘର ବାଦ୍ ପଡ଼ିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ସର୍ଭେରେ ପ୍ରତି ଘରର ସମସ୍ତ ଟିକିନିଖି ତଥ୍ୟ ବା ରେକର୍ଡ ସଂଗ୍ରହକରି ଡିଜିଟାଇଜେଶନରେ ସଂରକ୍ଷିତ ରହିବ।

ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍‌ର ୩୧ ପଞ୍ଚାୟତ ସମସ୍ତ ମୌଜାରେ ଦାୟିତ୍ୱରେ ଥିବା ଜନଗଣନା ଅଧିକାରୀ କର୍ମଚାରୀମାନେ ସାମିଲ ହୋଇଛନ୍ତି। ସ୍ଥାନୀୟ ପେଟଛେଲା ପଞ୍ଚାୟତ ବି ବି କଲୋନି ମୌଜାରେ ୱାର୍ଡ ୧୨/୧୩ ରେ ଏକ ଟିମ୍ ଘରକୁ ଘର ବୁଲି ପାରିପାର୍ଶ୍ୱିକ ସୀମା ମ୍ୟାପିଂ

## କୌଣସି ଘର ବାଦ୍ ପଡ଼ିବନି

ସର୍ଭେ ଆରମ୍ଭ କରିଥିଲେ। ପରେ ଗୃହ ଗଣନା ଓ ଜନଗଣନା ସର୍ଭେ ଉପରେ ଘର ମାଲିକମାନଙ୍କଠାରୁ ୩୩/୩୪ ପ୍ରଶ୍ନର ଉତ୍ତର ସଂଗୃହୀତ ହେବ ବୋଲି କୁହାଯାଉଛି। ଅପରପକ୍ଷରେ ଏହି ଅଞ୍ଚଳ ସର୍ଭେ ଟିମ୍‌ର ନିରପେକ୍ଷ ନିର୍ଭୁଲ୍ ଓ ସ୍ୱଚ୍ଛତା ରଖିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସର୍ଭେ ଟିମ୍ ପକ୍ଷରୁ କୁହାଯାଉଛି। ଏ ସଂକ୍ରାନ୍ତରେ ବିଡିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ମତାମତ ନେବାରେ ଜନ ଗଣନା ସର୍ଭେରେ ନିର୍ଭୁଲ୍ ନିରପେକ୍ଷ ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରାଥମିକତା ରହିଛି। ସେଥି ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ରହିଛି ବୋଲି କହିଛନ୍ତି।

## ରାଜନଗରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ରାଜନଗର,୧୭।୪
(ଭାସ୍କର ରାଉତରାୟ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ରାଜନଗର ବିଜେଡି ପକ୍ଷରୁ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଥମେ ତ୍ରିନାଥ ବଜାରସ୍ଥ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ, ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କୈଳାସ ପରିଡା, ବାଇଧର ସେଠୀ,ଅଶୋକ କୁମାର ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, ଦିଲ୍ଲୀପ ପାତ୍ର ଓ ସୁରଜ ପୁହାଣ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏ ଅବସରରେ ତ୍ରିନାଥ ବଜାରରେ ଥିବା ନଳିନୀକାନ୍ତ ମହାନ୍ତି, ବ୍ଲକ କାର୍ଯ୍ୟାଳୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

# କେନ୍ଦୁଆପାଳ ସେଠୀ ସାହିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ, ୩ ଆହତ

ଆଳି,୧୭।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କେନ୍ଦୁଆପାଳ ସେଠୀ ସାହିରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣରୁ ବଚସା ହେବା ସହ ଗୋଷ୍ଠୀ ସଂଘର୍ଷ ଘଟିଛି । ଏଥିରେ ଗୋଟିଏ ଗୋଷ୍ଠୀର ୩ ଜଣ ଆହତ ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ ହୋଇଛନ୍ତି। ଆହତମାନେ ହେଲେ ଶ୍ରୀମତୀ ସେଠୀ, ତାଙ୍କ ଭାଉଜ ପ୍ରଭାତୀ ସେଠୀ ଓ ଦାଦା ସର୍ବେଶ୍ୱର ସେଠୀ। ଦୀର୍ଘଦିନ ହେବ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଶୁକ୍ରବାର ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ତୀବ୍ର ରୂପ ନେଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ।

# ହାତୀ ଆକ୍ରମଣରେ ଯୁବକଙ୍କ ଜୀବନ ଗଲା

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ନିରାକାରପୁର/ଟାଙ୍ଗୀ/ବେଗୁନିଆ,୧୭।୪, (ମାନସ ଚନ୍ଦ୍ର ପଟ୍ଟନାୟକ/ରଘୁନାଥ ସାହୁ/ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଅନ୍ୟପକ୍ଷରେ ହାତୀ-ମଣିଷ ଲଢ଼େଇରେ ଗୋଟିଏ ପରେ ଗୋଟିଏ ଜୀବନ ଯାଉଛି। ଗୁରୁବାର ରାତିରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତକ ହେଲେ ଏହି ବନାଞ୍ଚଳ ଅଧୀନ ହଜ୍ ପଞ୍ଚାୟତ ନିଧିପୁର ଗ୍ରାମର ସୁଶାନ୍ତ ପ୍ରଧାନ(୩୫)। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ଶୁକ୍ରବାର ଶରଣକୂଳରୁ-ପୁରୀ ଯାଇଥିବା ନୂଆଜଗନ୍ନାଥ ସଡ଼କର ହଜ୍ ଛକ ନିକଟରେ ରାସ୍ତାରୋକୋ କରାଯାଇଥିଲା।



ଟାୟାର ଜାଳି ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୧୦ଟାରେ ସୁଶାନ୍ତ କୌଣସି କାମ ସାରି ସାଇକେଲରେ ଘରକୁ ଫେରୁଥିଲେ। ହଜ-ନିଧିପୁର ରାସ୍ତାର କଲରାଝର ଗ୍ରାମ ଶେଷମୁଣ୍ଡରେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏପରିକି ହାତୀଟି ସାଇକେଲକୁ ଭାଙ୍ଗି ଦେଇଛି। ଅନ୍ୟପଟେ ସୁଶାନ୍ତ ଘରେ ପହଞ୍ଚିବାରୁ ବିଳମ୍ବ ହେବାରୁ ରାତିରେ ପରିବାରଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ତେବେ ହାତୀ ଆକ୍ରମଣରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ନେଇ ଶୁକ୍ରବାର ସକାଳେ ପରିବାର ଲୋକେ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହିତ ମୃତକଙ୍କ ସମ୍ପର୍କୀୟମାନେ କ୍ଷତିପୂରଣ ସହ ବିଭିନ୍ନ ଦାବିରେ ହଜ୍ ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ସିକୋ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରେଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ, ଜଙ୍କିଆ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା, ଭୂଷଣ୍ଡପୁର ଫରେଷ୍ଟର ଧୃଶାସନ ନାୟକ, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୩୦ହଜାର ପ୍ରଦାନ କରାଯାଇଛି। ମୃତ ବ୍ୟକ୍ତିଙ୍କ ଆବଶ୍ୟକ କାଗଜପତ୍ର ଦାଖଲ ପରେ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ସ୍ୱରୂପ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏନେଇ ଜଙ୍କିଆ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୬) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି।

# ପୋଲିସ ଅଧିକାରୀଙ୍କ ବିରୋଧରେ ଡିଜିଙ୍କୁ ଫେରାଦ ହେଲେ ମହିଳା

- ପ୍ରେମ ନିବେଦନ କରି ହ୍ୱାଟସ୍ଆପ୍‌ରେ ଚାଟିଂ
- ଶାରୀରିକ ସମ୍ପର୍କ ନ ରଖିଲେ ମିଥ୍ୟା କେସ୍‌ରେ ଫସାଇବା ଧମକ

ନୟାଗଡ଼,୧୭।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡା ଅଞ୍ଚଳର ଜଣେ ପୋଲିସ ଅଧିକାରୀ ଜନୈକା ମହିଳାଙ୍କୁ ପ୍ରେମ ନିବେଦନ ସହ ଅଶ୍ଳୀଳ ଆଲୋଚନା କରି ହ୍ୱାଟସ୍ଆପ୍‌ରେ ଚାଟିଂ କରିଛନ୍ତି। ଏପରିକି ଶାରୀରିକ ସମ୍ପର୍କ ନ ରଖିଲେ ମିଥ୍ୟା କେସ୍‌ରେ ଫସାଇ ଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି। ମହିଳାଜଣଙ୍କୁ ସମ୍ପୃକ୍ତ ପୋଲିସ ଅଫିସରଙ୍କ କଥାବାର୍ତ୍ତାର ଅଡିଓ ରଖିବା ସହ ହ୍ୱାଟସ୍ଆପ୍‌ରେ ଚାଟିଂ ରଖି ନ୍ୟାୟ ପାଇଁ ଡିଜିଙ୍କୁ ଫେରାଦ୍ ହୋଇଛନ୍ତି। ଡିଜିଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ଫତେଗଡ଼ ଥାନା ଅଞ୍ଚଳର ଜଣେ ବିବାହିତା ମହିଳା ପିଲାମାନଙ୍କର ବିବାଦକୁ ନେଇ ଫତେଗଡ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ତେବେ ଫତେଗଡ ଜେଏମ୍‌ଏଫସିଙ୍କ ନିକଟରେ ଦାଖଲ ହୋଇଥିବା ଚୁଡାନ୍ତ ରିପୋର୍ଟ ଅନୁଯାୟୀ ମୋକଦ୍ଦମାଟିକୁ ବନ୍ଦକରି ଦିଆଯାଇଛି। ସମ୍ପୃକ୍ତ ଘଟଣାରେ ପୋଲିସ ଅଧିକାରୀଙ୍କ ପରାମର୍ଶରେ ମହିଳା ମୋକଦ୍ଦମାଟିକୁ ସମାଧାନ କରିବାକୁ ରାଜି ହୋଇଥିଲେ। ଚୁଡାନ୍ତ ରିପୋର୍ଟ ଗ୍ରହଣ ପାଇଁ ହାଜିରା ସମ୍ପର୍କରେ ପୋଲିସ ଅଧିକାରୀଙ୍କୁ ଯୋଗାଯୋଗ କରିବା ପରେ ସେ ମହିଳାଙ୍କ ସହ ପ୍ରେମ କଥାବାର୍ତ୍ତା କରିଥିଲେ। କୋର୍ଟକୁ ଯିବା ପାଇଁ ସରକାରୀ ଗାଡି ରହିଛି ଆସ ବୋଲି ଡାକିଥିଲେ। ହେଲେ ମହିଳା ସରକାରୀ ଗାଡିରେ ନ ଯାଇ ନିଜସ୍ୱ ସୁବିଧାରେ ଯାଇଥିଲେ। କୋର୍ଟ କାମ ଶେଷ ପରେ ପୋଲିସ ଅଧିକାରୀଙ୍କର ଫୋନ ମହିଳାଙ୍କ ମୋବାଇଲକୁ ଆସିଥିଲା। ସମ୍ପୃକ୍ତ କଲରେ ତାଙ୍କୁ ହୋଟେଲକୁ ଆସିବାକୁ କୁହାଯାଇଥିଲା। ମହିଳା ଜଣକ ପୋଲିସ ଅଧିକାରୀଙ୍କ କଥାକୁ ଏଡାଇ ଯାଇଥିଲେ। ପରେ ପୁଣି ରୋମାଣ୍ଟିକ ଆଲୋଚନା କରି ପୋଲିସ ଅଧିକାରୀ ହ୍ୱାଟସ୍ ଆପ୍‌ରେ ଚାଟିଂ କରିଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ପ୍ରସ୍ତାବକୁ ବାରମ୍ବାର ଏଡାଇବା ପରେ ମହିଳାଙ୍କୁ ମିଥ୍ୟା କେସ୍‌ରେ ଫସାଇ ଦେବେବୋଲି ପୋଲିସ ଅଧିକାରୀ ଧମକ ଦେବା ପରେ ମହିଳା ଭୟଭୀତ ହୋଇ ଡିଜିଙ୍କୁ ସୁରକ୍ଷା ଓ ନ୍ୟାୟ ମାଗିଛନ୍ତି।

# ଗୁଣି ସନ୍ଦେହରେ ହତ୍ୟା ଘଟଣା, ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ଗିରଫ



ଗୋପାଳପୁର,୧୭।୪
(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ପଞ୍ଚମା ଗ୍ରାମର ଏକାଦଶୀ ନାହକ (୬୫)ଙ୍କୁ ଗତ ୧୨ ତାରିଖରେ ଅତି ବିଭତ୍ସ ଭାବେ ହାଣି ହତ୍ୟା କରାଯାଇଥିଲା। ଏହି ଘଟଣାର ୫ ଦିନ ପରେ ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଞ୍ଚମା ଗ୍ରାମର ଘନ ପ୍ରଧାନ (୪୫) ଓ ତାଙ୍କ ସାନଭାଇଙ୍କ ସ୍ତ୍ରୀ ପଙ୍କଜା ପ୍ରଧାନ (୩୨)। ତାଙ୍କଠାରୁ କାତି ଜବତ ହୋଇଥିବା ଥାନା ଅଧିକାରୀ ରୁନା ସାସମଲ ସୂଚନା ଦେଇଛି। ହତ୍ୟାକାଣ୍ଡ ଦିନ ଘଟଣାସ୍ଥଳରେ ଜଣେ ମହିଳା କାମ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ତାଙ୍କୁ ପଚାରାଉଚରା କରିବା ପରେ ପଞ୍ଚମା ଗ୍ରାମରୁ ଘନଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ଜେରା କରିଥିଲା। ଘନ ଗୁଜରାଟରେ ଏକ ହୀରା କମ୍ପାନୀରେ କାମ କରୁଥିଲେ। ସେ ପ୍ରତିବର୍ଷ ଘରକୁ କିଛି ଦିନ ପାଇଁ ଆସୁଥିଲେ। ୭ ବର୍ଷ ତଳେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ହେବା ସେ ଏକାଦଶୀଙ୍କ ନିକଟକୁ ଯାଇ ଝଡାଫୁଙ୍କା କରାଇଥିଲେ। ଏହାର କିଛିଦିନ ପରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ପରେ ଘନଙ୍କ ମା’, ନାତି ଓ ୫ଟି ଗାଈଙ୍କ ମୃତ୍ୟୁ ହେଲା। ଏକାଦଶୀ ଗୁଣି ଗାରେଡି କରିବାରୁ ଏସବୁ ଅଘଟଣ ଘଟିଲା ବୋଲି ଘନଙ୍କ ସନ୍ଦେହ ହୋଇଥିଲା। ତେଣୁ ତାଙ୍କୁ ହତ୍ୟା କରିବା ପାଇଁ ୬ ମାସ ତଳୁ ଯୋଜନା କରି ଗ୍ରାମ ଦେବୀଙ୍କ ନିକଟରେ ଘନ ପ୍ରତିଜ୍ଞା କରିଥିଲେ। ଗତ ୧୨ ତାରିଖରେ ଏକାଦଶୀ ପାନ ବାଡ଼କୁ କୌଣସି ଶ୍ରମିକ କାମ କରିବା ପାଇଁ ଯାଇ ନ ଥିବା ଘନ ଜାଣିବାକୁ ପାଇଥିଲେ। ତେଣୁ ଘନ ଓ ତାଙ୍କ ଭାଇବୋହୂ ପଙ୍କଜା ମିଶି ଛକି ରହିଥିଲେ। ଏକାଦଶୀ ସାଇକେଲରେ ଆସୁଥିବା ବେଳେ କାତିରେ ତାଙ୍କ ହାତ ଓ ବେକକୁ ହାଣି ହତ୍ୟା କରିଥିଲେ ବୋଲି ଘନ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ଶୁକ୍ରବାର ସକାଳେ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ମାଜିଷ୍ଟ୍ରେଟ ଓ ୨ ସରକାରୀ ସାକ୍ଷୀଙ୍କ ଉପସ୍ଥିତିରେ କ୍ରାଇମ୍ ସିନ ରିକ୍ରିଏସନ କରାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ପଟେ ଏହି ଘଟଣା ଆଉ କାହାର କାହାର ସମ୍ପର୍କ ରହିଛି ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏକାଦଶୀ ଝଡାଫୁଙ୍କା ଓ ପାନବାଡ଼ କରୁଥିଲେ। ଗତ ୧୨ ତାରିଖରେ ବାପାଙ୍କୁ ହତ୍ୟା କରଯାଇଥିବା ନେଇ ତାଙ୍କ ପୁଅ ଶଙ୍କର ନାହକ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୪୪/୨୬ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଆଲୋକୀକରଣ ହେଲା ଚନ୍ଦନ ପୋଖରୀ ଚତୁଃପାର୍ଶ୍ୱ

ଖଣ୍ଡପଡ଼ା, ୧୭।୪
(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ବିଜେ ଶ୍ରୀ ନୀଳମାଧବଙ୍କ ଚନ୍ଦନ ପୋଖରୀ ଚତୁର୍ପାଶ୍ୱରେ ଶୁକ୍ରବାର ସନ୍ଧ୍ୟାରେ ବିଜୁଳି ଆଲୋକ ସଂଯୋଗ କରାଯାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଏହି ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଶହ ଶହ ଲୋକଙ୍କର ଭିଡ଼ ଲାଗି ରହିଥିଲା।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ନୀଳମାଧବଙ୍କ ବିକାଶ ପ୍ରକଳ୍ପ ନିମନ୍ତେ ଅନୁଦାନ ରାଶି ମଞ୍ଜୁର କରିଥିବା ବେଳେ ଏହି ଅନୁଦାନରେ ନୀଳମାଧବ ମନ୍ଦିର ବିକାଶ ପ୍ରକଳ୍ପରେ ମନ୍ଦିର ପରିସର, ଦୟଣା ଚୋରୀ ବଗିଚା, ମାଘ ମେଳା ପଡିଆ, ଚନ୍ଦନ ପୋଖରୀ ପୁନଃରୁଦ୍ଧାର ଓ ମନ୍ଦିର ଉପରକୁ ଲିଫ୍ଟ ସଂଯୋଗ ପାଇଁ ମଞ୍ଜୁର ହୋଇଥିଲା। ଓଡିଶା ସେତୁ ନିର୍ମାଣ ନିଗମ ଲିମିଟେଡ଼, ଭୁବନେଶ୍ୱର,ମାଧ୍ୟମରେ ବଂଶଲ ଇନ୍‌ଫ୍ରା ପ୍ରାଇଭେଟ ଲିମିଟେଡ଼ ଏହି କାମ ହାତକୁ ନେଇଥିଲା। ସୂଚନାଯୋଗ୍ୟ, ୧୮ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାର ଘୋଷଣା କରାଯାଇଥିଲା। ମାତ୍ର ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଯାଇଥିଲେ ହେ ସମ୍ପ୍ରତି ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇପାରିଲା ନାହିଁ। ଅପର ପକ୍ଷରେ ଆସନ୍ତା ୨୦ ତାରିଖରେ ଅକ୍ଷୟ ତୃତୀୟା ଅବସରରେ ଶ୍ରୀ ନୀଳମାଧ ଜୀଉଙ୍କ ପାରମ୍ପରିକ ଚନ୍ଦନ ଯାତ୍ରା ୨୧ ଦିନ ବ୍ୟାପୀ ଆରମ୍ଭ ହେଉଥିବାରୁ ପୋଖରୀ ସଫା ହେବା ସଙ୍ଗେ ସଙ୍ଗେ ଦେବୋତ୍ତର ବିଭାଗ ପକ୍ଷରୁ ଚାପ ଡ଼ଙ୍ଗା ସହ ଅନ୍ୟାନ୍ୟ ସାଜସଜ୍ଜା ପ୍ରସ୍ତୁତ କରାଯାଉଥିବା ଜଣାଯାଇଛି।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ



କାର୍ଯ୍ୟକ୍ରମରେ ବିଜେଡି ନେତାମାନେ।

ଶରଣକୁଳ,୧୭।୪(ଦୀପକ କର)

ଶରଣକୁଳ ନିକଟ ଶିଖରପୁର ପଞ୍ଚାୟତରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଜୁ ବାବୁ ଥିଲେ ମହାନ ସ୍ୱାଧୀନତା ସଂଗ୍ରାମୀ,ସ୍ୱାଧୀନ ଓଡ଼ିଶା ବିକାଶର ଅନନ୍ୟ ସ୍ଥପତି, ଦେଶର ବରପୁତ୍ର ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରଣପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଗୋଡ଼ିପଡ଼ା ଜୋନ୍ ଜିଲା ପରିଷଦ ସଂଯୁକ୍ତା ପଡ଼ିଆରୀ, ଶରଣକୁଳ ଜୋନ ଜିଲା ପରିଷଦ ଚିନ୍ମୟୀ ଦାଶ, ରଣପୁର ଜିଲା ପରିଷଦ ପ୍ରତିନିଧି କିଶୋର ପଟ୍ଟନାୟକ,ପୂର୍ବତନ ଜିଲା ପରିଷଦ ସଭ୍ୟ ଗିରିଜା କାନ୍ତ ମହାପାତ୍ର, ରଣପୁର ବ୍ଲକ ସଭାପତି ସଚ୍ଚିକାନ୍ତ ଷଡ଼ଙ୍ଗୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ନାୟକ, ବରିଷ୍ଠ ବିଜେଡି ନେତା ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ, ଚେୟାରମ୍ୟାନ ଆମ୍ବା ନର୍ମଦା ରାୟ, ଶିଖରପୁର ସରପଞ୍ଚ ସନ୍ନ୍ୟାସୀ ପ୍ରଧାନ, ରଣପୁର ନିର୍ବାଚନମଣ୍ଡଳୀ,ଓଡ଼ଗାଁ ବ୍ଲକରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି ନେତା ଯୋଗ ଦେଇଥିଲେ।

# ଗଞ୍ଜାମ, ବ୍ରହ୍ମପୁର ପୋଲିସ ଟିମ୍‌ର ଚଢ଼ାଉ ଜାରି

## ପ୍ଲଟ୍ ବ୍ୟବସାୟୀ ଅପହରଣ ଘଟଣା

ଗୋପାଳପୁର,୧୭।୪
(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ଜିଲା ପୋଲିସ ଗୋପାଳପୁର ଥାନା ଅଞ୍ଚଳରୁ ପ୍ଲଟ ବ୍ୟବସାୟୀ ସୁଧୀର କୁମାର ପାତ୍ରଙ୍କ ଅପହରଣର ୪୮ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ପତା ପାଇପାରୁନାହିଁ। ଗୁରୁବାର ରାତିରେ ସୁଧୀରଙ୍କ ସ୍ତ୍ରୀ ରଶ୍ମିତା କୁମାରୀ ପାତ୍ର ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। କେଶ୍ ନଂ. ୨୧୩/୨୬ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସ୍ତ୍ରୀ ରଶ୍ମିତାଙ୍କ ଅଭିଯୋଗ ପ୍ରକାରେ ବୁଧବାର ସୁଧୀର ଅପହରଣ ପରେ ସ୍ତ୍ରୀଙ୍କୁ ଅଜଣା ଏକ କଲ ଆସିଥିଲା। ସେ କହିଥିଲେ ତମ ସ୍ୱାମୀକୁ ମୁକ୍ତ କରିବାକୁ ହେଲେ ୨ କୋଟି ଟଙ୍କା ଦେବାକୁ ପଡ଼ିବ। ଯଦି ଟଙ୍କା ନ ଦେଲେ ସ୍ୱାମୀକୁ ହତ୍ୟା କରାଯିବ ବୋଲି କହିଥିଲେ। ତା’ ସହ ସ୍ୱାମୀକୁ ଏକାଧିକ ବ୍ୟକ୍ତି ବନ୍ଧୁକ ଦେଖାଇ ଅପହରଣ କରିଥିବା ଏବଂ ସ୍ୱାମୀକୁ ସୁରକ୍ଷିତରେ ଫେରାଇ ଆଣିବା ପାଇଁ ଅନୁରୋଧ ନିମନ୍ତେ ଥାନାରେ ଅଭିଯୋଗ କରିଥିଲେ। ଘଟଣାପରେ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପରିବାର ଲୋକ ବନ୍ଧୁ ସମ୍ପର୍କୀୟଙ୍କୁ ଡାକି ପଚରା ଉଚରା କରିଥିଲେ। ଶୁକ୍ରବାର ପୋଲିସ ସୁଧୀର ଘରକୁ ଯାଇ ପରିବାର ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ବ୍ୟାଙ୍କ ଖାତାର ଟ୍ରାଜେଙ୍ଗକ୍ସନ ଓ ସୁଧୀର ମୋଇଲର କଲ ତଥ୍ୟ କେଉଁ ଲୋକ ଫୋନ କରିଥିଲେ। କିଏ କିଏ ଫୋନ କରିଥିଲେ ତନ ତନ ଯାଞ୍ଚ କରୁଛି। ପରିବାର ଲୋକଙ୍କୁ ଥାନାକୁ ଆଣି ପଚରା ଉଚରା କରି ତଥ୍ୟ ସଂଗ୍ରହ କରିଛନ୍ତି। ଅପହରଣ ହୋଇଥିବା ସୁଧୀରକୁ ଉଦ୍ଧାର କରିବା ପାଇଁ ୭ ଟିମ ବିଭିନ୍ନ ସ୍ଥାନ ଚଢ଼ାଉ ଜାରି ରଖିଛି। ଅତିରିକ୍ତ ଏସ୍‌ପି ଡ଼.ଆଲୋକ କୁମାର ଜେନା ଯୋଗାଯୋଗ କରିବା ବେଳେ ବିଭିନ୍ନ ଦିଗ ନେଇ ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କ ସୁରାଗ ମିଳିଛି ତଦନ୍ତ ବାଧା ହେବା ଯୋଗୁ ନେଇ ସୂଚନା ଦେଇ ନ ଥିଲେ। ଖବର ଅନୁସାରେ, ଏହି ଥାନା ଅଧିନସ୍ଥ ସତ୍ୟ ନାରାୟଣପୁର ଗ୍ରାମ ସୁଧୀର ଜଣେ ପ୍ଲଟ ବ୍ୟବସାୟ କରୁଥିବା ବେଳେ ଜଣେ ଭଲ ଭଲିବଲ ଖେଳାଳି ଭାବେ ପରିଚିତ। ଗତ ବୁଧବାରୁ କିଛି ଦୁର୍ବୃତ୍ତ ମାନେ ଅପହରଣ କରି ନେଇ ଚମ୍ପଟ ମାରିଥିଲେ।

# ସାପ କାମୁଡ଼ାରେ ଶିକ୍ଷୟିତ୍ରୀ ଗୁରୁତର

## ଜନଗଣନା କାର୍ଯ୍ୟରେ ନିୟୋଜିତ ଥିଲେ

ଭଞ୍ଜନଗର,୧୭।୪(ବାବୁଲା ପ୍ରଧାନ)

ଆସିକା ବ୍ଲକ ମୁନିଗାଡ଼ି ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ମଧୁସ୍ମିତା କହଁର। ଶିକ୍ଷୟିତ୍ରୀ କହଁର ଜନଗଣନା କାର୍ଯ୍ୟରେ ନିୟୋଜିତ ଥିଲେ। ଦିନରେ ପ୍ରବଳ ଖରା ଯୋଗୁ ଶୁକ୍ରବାର ସନ୍ଧ୍ୟାରେ ଗ୍ରାମରେ ସେ ଜନଗଣନା କାର୍ଯ୍ୟ କରୁଥିଲେ। ଏହି ସମୟରେ ବର୍ଷା ଯୋଗୁ ବିଦ୍ୟୁତ୍ ଚାଲି ଯାଇଥିଲା। ଅନ୍ଧାରରେ ମଧୁସ୍ମିତା ଗୋଲା ସାହିକୁ ଚାଲିକି ଯାଉଥିବା ବେଳେ ତାଙ୍କୁ କୌଣସି ଏକ ସାପ କାମୁଡ଼ି ଦେଇଥିଲା। ନିକଟରେ ଥିବା ଗ୍ରାମବାସ ଏବଂ ଅନ୍ୟ ଶିକ୍ଷକ ମାନେ ଏହା ଜାଣିବା ପରେ ତାଙ୍କୁ ତୁରନ୍ତ ଗୋବରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ରାତିରେ ଭଞ୍ଜନଗର ମେଡିକାଲକୁ ଅଣାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡିଛି।

# ଖୋଲାମେଲାରେ ପୂଜା ପାଉଛନ୍ତି ମା’ ବ୍ରାହ୍ମଣୀ ଦେବୀ, ମନ୍ଦିର ନିର୍ମାଣ ଦାବି

ଖଣ୍ଡପଡ଼ା, ୧୭।୪
(ଅଜୟ କୁମାର ମହାରଣା)

ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରର ୮ ନଂ ୱାର୍ଡ ଅଧୀନ କୁମ୍ଭାରସାହି ନିକଟରେ ଖୋଲାମେଲାରେ ପୂଜା ପାଉଛନ୍ତି ମା’ ବ୍ରାହ୍ମଣୀ ଦେବୀ। ଇଷ୍ଟ ଦେବୀ ଭାବେ ଜଣାଶୁଣା ମା’ବ୍ରାହ୍ମଣୀ ଦେବୀଙ୍କର ମନ୍ଦିର ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। ମାତ୍ର ସେଥିପ୍ରତି ପ୍ରଶାସନ କିମ୍ବା ଲୋକ ପ୍ରତିନିଧିମାନେ କେହି ହେଲେ ଗୁରୁତ୍ୱ ଦେଉନଥିବାରୁ ମା’ଙ୍କ ପୀଠର ବିକାଶ ହୋଇ ପାରୁନଥିବା ଜଣାପଡିଛି। ଫଳରେ ସାଧାରଣରେ ଓ ଭକ୍ତ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଚେଷ୍ଟା କ୍ରମେ ମା’ଙ୍କ ପୀଠ ପରିସରରେ ଏକ ନୂତନ କୂପ ଖନନ ସହ ମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ଖଣ୍ଡପଡ଼ା ଏନ୍‌ଏସି ପ୍ରଶାସନ ପକ୍ଷରୁ ମା’ଙ୍କ ପୀଠ ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ ହୋଇଥିବା ଜଣାପଡିଛି। ରାଜରାଜୁଡା ଶାସନ କାଳରୁ ମା’ ବ୍ରାହ୍ମଣୀ ଦେବୀ ସେଠାରେ ସ୍ଥାପିତ ହୋଇ ପୂଜା ପାଉଥିବା ବେଳେ ପ୍ରତିବର୍ଷ ଦ୍ୱିତୀୟା ଓଷା ପର୍ବ ପାଳନ ସମୟରେ ଖଳିସାହିସ୍ଥିତ ତୋଟା ହନୁମାନଙ୍କ ପୀଠ ପରିସରରୁ ହନୁମାନ କାଠି ଦିଅଁ ବାହାରି ଖଳିସାହି, ଇଚ୍ଛାପୁର ଗ୍ରାମ ପରିକ୍ରମା କରି ଖଣ୍ଡପଡ଼ା ସହରସ୍ଥିତ ରାଜବାଟୀ ପରିସରକୁ ଆସିଲାବେଳେ ହନୁମାନ କାଠି ଦିଅଁ ବାଟରେ ପୂଜା ପାଉଥିବା ମା’ ବ୍ରାହ୍ମଣୀ ଦେବୀଙ୍କ ପୀଠରେ ବିଳମ୍ବିତ ରାତିରେ ପହଞ୍ଚି ସେଠାରେ ମା’ ଙ୍କୁ ପୂଜାର୍ଚ୍ଚନା କରିବାର ପରମ୍ପରା ଦୀର୍ଘ ବର୍ଷ ଧରି ପ୍ରଚଳିତ ହୋଇ ଆସୁଛି। ବିଭିନ୍ନ ସମୟରେ ପରିବାରର ମଙ୍ଗଳ ମନାସି ମାନସିକଧାରୀମାନେ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରି ସୁଫଳ ପାଇ ଆସୁଥିବା ଜଣାଯାଇଛି। ପଳାସ ବୃକ୍ଷ ମୂଳରେ ପୂଜା ପାଉଥିବା ମା’ଙ୍କ ମନ୍ଦିର ନିର୍ମାଣ ସହ ପ୍ରାଚୀନ ଶକ୍ତି ପୀଠର ସାମଗ୍ରିକ ବିକାଶ ଦିଗରେ ପ୍ରଶାସନ ଓ ଜନ ପ୍ରତିନିଧିମାନେ ସହଯୋଗର ହାତ ବଢ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ଏନ୍‌ଏସି ଅଧ୍ୟକ୍ଷା ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।



ମା’ ବ୍ରାହ୍ମଣୀ ଦେବୀ।

# ରାମଚଣ୍ଡୀପ୍ରସାଦରୁ କୋଦୁଆଁପଲ୍ଲୀ ରାସ୍ତା ନିର୍ମାଣ ଶେଷ ପାଇଁ ଦାବିପତ୍ର

ଖଣ୍ଡପଡ଼ା,୧୭।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତର କୁଆଁରିଆ ସେତୁ ନିକଟସ୍ଥ ରାମଚଣ୍ଡୀପ୍ରସାଦ ଗ୍ରାମଠାରୁ ସରପୋଖରୀ, ରାକେସିଆ, ମଙ୍ଗରାଜପୁର ଗ୍ରାମ ଦେଇ ନିକଟସ୍ଥ କୋଦୁଆଁପଲ୍ଲୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଗତ ୮ ମାସ ତଳେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ପିଚୁ ହେବା ଉଦ୍ଦେଶ୍ୟରେ ରାସ୍ତା ସାରା ମେଣ୍ଟାଲ ବିଛାଇବା କାମ ଶେଷ ହେବା ସହ ଡଷ୍ଟ ପକାଯାଇଛି। ମାତ୍ର ୮ ମାସ ପରେ ମୁଖ୍ୟ ରାସ୍ତା ପିଚୁ ନ ହେବାରୁ ପଡିଥିବା ମେଣ୍ଟାଲଗୁଡିକ ଯାନବାହନ ଚଳାଚଳ ବେଳେ ଉଠିଯାଇ ଏବେ ରାସ୍ତା ସାରା ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଫଳରେ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ମନମାନି ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣ୍ଡପଡା ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ସାମାଜିକ କର୍ମୀ ନାରାୟଣ ଆଚାର୍ଯ୍ୟ, ବାଙ୍କନିଧି ସ୍ୱାଇଁ, ମୁରଲୀ ସ୍ୱାଇଁ, ଜିତେନ୍ଦ୍ର ବେହେରା ଓ ଛବି ସ୍ୱାଇଁ ପ୍ରମୁଖ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଗୁରୁବାର ନେଇ ଏକ ଦବିପତ୍ର ପ୍ରଦାନ କରିଛନ୍ତି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଆଖପାଖ ୧୦ ଗୋଟି ଗ୍ରାମର ଜନସାଧାରଣ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ହରତାଳ କରିବା ସହ ଆବଶ୍ୟକ ପଡିଲେ ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପୋଲିସ ବଳରେ ଚାଲିଛି କେନାଲ କାମ

ଯାଜପୁର,୧୭।୪ (ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ନିର୍ମାଣ କାର୍ଯ୍ୟରେ ପୋଲିସ ମୁତୟନ ହୋଇଛି। କେଉଁ କାଳରୁ ପିଢ଼ି ପରେ ପିଢ଼ି ଦଖଲରେ ରହି ଚାଷ କରି ପରିବାର ଚଳାଇ ଆସୁଛନ୍ତି ଦାନଗଦି ବ୍ଲକ ନଡ଼ିଆଭଙ୍ଗା ପଞ୍ଚାୟତର ଆଦିବାସୀ ପଡ଼ା ଗ୍ରାମ ଦକ୍ଷିଣପଶି ବାସିନ୍ଦା। ଭୂବନ୍ଦୋବସ୍ତ ଚାଲିଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଇଥିବାରୁ ଦକ୍ଷିଣପଶି ଗାଁର ଲୋକମାନେ ଚାଷ କରୁଥିବା ବିଲରେ କେନାଲ ଖୋଳା କାମକୁ ବିରୋଧ କରୁଛନ୍ତି। ଫଳରେ ପୋଲିସ ଜଗିରହି ମେସିନ ଦ୍ୱାରା ବିଲ ଖୋଳା କାମ କରାଯାଉଛି। ଏହାକୁ ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି ଯେ, ୧୯୯୦ରୁ ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ଭୂବନ୍ଦୋବସ୍ତ କାମ ଚାଲୁ ରହିଛି। ଓଡ଼ିଶାରେ ଦ୍ୱିତୀୟ ସରକାରୀ ଇସ୍ପାତ କାରଖାନା ସ୍ଥାପନ ପାଇଁ ସରକାରୀ ଅଧ୍ୟାଦେଶ ଅଣାଯାଇ ଦାନଗଦି ଓ ସୁକିନ୍ଦା ତହସିଲର ୨୯ ଗୋଟି ମୌଜାର ଭୂବନ୍ଦୋବସ୍ତକୁ ବନ୍ଦ ରଖାଯାଇଥିଲା। ଏହାଦ୍ୱାରା ଅଞ୍ଚଳର ୫୦ ହଜାର ଚାଷୀ ପରିବାର ପ୍ରଭାବିତ ହୋଇଥିଲେ। ଜମିରେ ଚାଷ କରି ଜୀବିକା ନିର୍ବାହ କରୁଥିଲେ ହେଁ ସେବେଠୁ ଜମିଜମା ସମ୍ବନ୍ଧୀୟ ଅନେକ ଅସୁବିଧା ଭୋଗ କରି ଆସୁଛନ୍ତି। ଧୀରେ ଧୀରେ ସରକାରୀ ଉଦ୍ୟୋଗ ପାଇଁ ଅଧିଗୃହୀତ କରାଯାଇଥିବା ଜମିକୁ ବେସରକାରୀ ସଂସ୍ଥାଗୁଡ଼ିକୁ ଦିଆଯାଇ ସରକାର ଓ ଶିଳ୍ପପତିମାନେ ଲାଭବାନ ହେଲେ ସତ, କିନ୍ତୁ ୨୯ ମୌଜାବାସୀଙ୍କ ସମସ୍ୟା ଦ୍ୱିଗୁଣିତ ହେଲା। ଏହି ମୌଳିକ ସମସ୍ୟାର ସମାଧାନ କରିବାରେ ସରକାର ଏଯାଏ ବିଫଳ ହୋଇଛନ୍ତି। ଫଳରେ ଏହି ଅଞ୍ଚଳର ଚତୁଃପାର୍ଶ୍ୱରେ ପୋଲିସ ଲଗାଇ ସ୍ଥାନୀୟ ଜନତାଙ୍କ ବିରୋଧରେ ଆଇନର ଫାଶ ଲଗାଇ କେନାଲ କାର୍ଯ୍ୟ ଚାଲିଛି। ଠିକାଦାରଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ଜବରଦସ୍ତି ଜମି ଅଧିଗ୍ରହଣ ହେଉଛି। ଏହି ପରିପ୍ରେକ୍ଷୀରେ ଦକ୍ଷିଣପଶି ଗ୍ରାମର ଆଦିବାସୀ ଚାଷୀ ପରିବାରମାନଙ୍କ ଜମିକୁ ସରକାରୀ ଦର୍ଶାଯାଇ ପୋଲିସ ବଳରେ ୫ଦିନ ଧରି କାମ ଚାଲିଛି। ପୋଲିସ ଭୟରେ ଆଦିବାସୀ ପରିବାରବର୍ଗ ଏବେ ନୀରବ ରହିଛନ୍ତି। ମଞ୍ଚ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହେବାପରେ ୨୦୨୨ ଫେବୃଆରୀରେ ଉକ୍ତ ୨୯ ମୌଜାର ଗ୍ରାମଗୁଡ଼ିକର ଜମି ବନ୍ଦୋବସ୍ତ କାମ ୪ ମାସ ମଧ୍ୟରେ ସାରିବାକୁ ପ୍ରଶାସନକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହି ନିର୍ଦ୍ଦେଶ ପ୍ରଶାସନିକସ୍ତରରେ କାର୍ଯ୍ୟକାରୀ ହେଲା ନାହିଁ। ପୁନର୍ବାର ୨୦୨୪ ମେ' ମାସରେ ଉପରୋକ୍ତ ମର୍ମରେ ମଞ୍ଚ ପକ୍ଷରୁ ହାଇକୋର୍ଟରେ ଅନ୍ୟ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଉପରେ ସରକାରଙ୍କ ପକ୍ଷରୁ ୨୨ଟି ମୌଜାରେ ଜମି ବନ୍ଦୋବସ୍ତ କାର୍ଯ୍ୟ ଚାଲୁ ରହିଛି ବୋଲି ଦର୍ଶାଯାଇଥିଲା। କିନ୍ତୁ କେଉଁ ବଳରେ ଆଦିବାସୀମାନଙ୍କ ଉକ୍ତ ଜମିକୁ ପୋଲିସ ଲଗାଇ ଦଖଲ କରାଯାଉଛି ବୋଲି ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହାବାଦ ଆଦିବାସୀ ଗ୍ରାମରେ ପଲ୍ଲିସଭା କରା ନ ଯାଇ କିପରି ଦାନଗଦି ତହସିଲ ପ୍ରଶାସନ ଜମି ଦଖଲର ଅନୁମତି ଦେଇଛି, ତାହା ତଦନ୍ତ ସାପେକ୍ଷ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରଣାଗୁଣ୍ଡି, ଶୁଳିଆ, ମଣ୍ଡପଡ଼ା, ବାଲିଆପାଳ ମୌଜାର ଚାଷୀମାନେ ଏକତ୍ର ହୋଇ ସେମାନଙ୍କ ଜମିର ପାଉତି ଦାଖଲ ବନ୍ଦ ରଖାଯାଇଥିବାରୁ ପ୍ରତିବାଦ କରିଛନ୍ତି। ପ୍ରଥମେ ଜମି ବନ୍ଦୋବସ୍ତ ଏବଂ ଉପଯୁକ୍ତ କ୍ଷତିପୂରଣ ପରେ ଅଧିଗ୍ରହଣ କରାଯିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ସରକାର ତୁରନ୍ତ ଏହାର ସମାଧାନ ନ କଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

**ରେଙ୍ଗାଲି ସୁକିନ୍ଦା ପ୍ରକଳ୍ପର ବାମପାର୍ଶ୍ୱ କେନାଲ**
**■ ଭୂବନ୍ଦୋବସ୍ତ ବେଳେ ଚାଷୀଙ୍କୁ ଅଣଦେଖା**

ସୂଚନାଥାଉ କି ରେଙ୍ଗାଲି ବହୁମୁଖୀ ଯୋଜନାର ସୁକିନ୍ଦା ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ଅଧୀନରେ ୭ ଗ୍ରାମର ଭୂମି ଅଧିଗ୍ରହଣ ମାମଲା ପଡ଼ି ରହିଛି। ରେଙ୍ଗାଲି ବାମପାର୍ଶ୍ୱ କେନାଲ ନିର୍ମାଣ ଶେଷ ଅବଧି ୨୦୨୬ ମାର୍ଚ୍ଚ ଧାର୍ଯ୍ୟ ହୋଇଥିବାବେଳେ ତାକୁ ପୁଣି ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଗତ ପ୍ରୋଜେକ୍ଟ ଗର୍ଭର୍ନିଂ କମିଟି(ପିଜିସି) ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି। ଏହାର ମୁଖ୍ୟ କାରଣ ଜମି ଅଧିଗ୍ରହଣରେ ବିଳମ୍ବ ବୋଲି ବିଭାଗସ୍ତରରେ ଦର୍ଶାଯାଇଛି। ତେବେ ଏଭଳି ନିୟମ ଅନୁସାରେ ଜମି ଅଧିଗ୍ରହଣ ନ କରି ଚାଷୀମାନଙ୍କୁ ଜୋରଜବରଦସ୍ତି କରାଯାଉଥିବାରୁ ଆଗାମୀ ଦିନରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି। ସୂଚନାଯୋଗ୍ୟ ଯେ, ରେଙ୍ଗାଲି ପ୍ରକଳ୍ପ ପାଇଁ ୨୪୨ ଗ୍ରାମର ୨୬୭୬.୮୪ ଏକର ଜମିର ଆବଶ୍ୟକତା ରହିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୨୩୧ ଗ୍ରାମର ୨୫୩୧.୧୬ ଏକର ଜମି ଅଧିଗ୍ରହଣ ହୋଇ ସାରିଛି। ବାକି ୧୧ ଗ୍ରାମର ୧୪୫.୬୫ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ଏ ସଂକ୍ରାନ୍ତରେ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ସୁକିନ୍ଦା ବାମ ପାର୍ଶ୍ୱ କେନାଲ ମୁଖ୍ୟଯନ୍ତ୍ରୀ ବିଜ୍ଞାନ ପ୍ରସାଦ ସାହୁ କହିଛନ୍ତି, ସରକାରୀ ଜମିରେ କେନାଲ କାର୍ଯ୍ୟ ଚାଲିଛି। ଅଞ୍ଚଳବାସୀ ଏହାକୁ ବିରୋଧ କରିଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ପୋଲିସର ସହାୟତା ନିଆଯାଇଛି।

## ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା,୧୭।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତରଶାସନ ଗ୍ରାମରେ ବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ମା' ଅମରେଶ୍ୱରୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ମା'ଙ୍କ ଯଥାବିଧି ପୂଜାର୍ଚ୍ଚନା, ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ଚଣ୍ଡିପାଠ, ହନୁମାନପୂଜା, ଯଜ୍ଞାରମ୍ଭ, ଆହୁତି, ଭୋଗଲାଗି ଆଦି ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ଦିବସରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଗୀତାଯଜ୍ଞ ସମେତ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ଯଜ୍ଞ ଦେବତାଙ୍କ ନଗର ପରିକ୍ରମା, ପୂଜାର୍ଚ୍ଚନା ଓ ରାତିରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ପ୍ରମୋଦ ପାଢ଼ୀ, ରଶ୍ମିରଞ୍ଜନ ଦାଶ, ଶୁଭ୍ରଜିତ୍ ଶତପଥୀ, ମାନସ ରଞ୍ଜନ ଦାଶ, କର୍ତ୍ତା ଭାସ୍କର ଶତପଥୀ, ଅଶୋକ ଆଚାର୍ଯ୍ୟ, କଳ୍ପତରୁ ପାଣିଗ୍ରାହୀ, ପ୍ରକାଶ ଆଚାର୍ଯ୍ୟଙ୍କ ସମେତ ସହଯୋଗୀମାନେ ଯଜ୍ଞକର୍ମ ସମ୍ପାଦିତ କରିଥିଲେ। କମିଟି ପକ୍ଷରୁ ପ୍ରଫୁଲ୍ଲ ଦାଶ, ପ୍ରଭାତ ପାଣିଗ୍ରାହୀ, ରୋହିତ ପ୍ରଧାନ, ନିର୍ମଳ ବାରିକ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ଭଜନକୀର୍ତ୍ତନ, ପ୍ରବଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମା' ମିନତି ସାହୁ, ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ସାମଲ, କାଳନ୍ଦୀ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନ କରିଥିଲେ। ଉତ୍ତରଶାସନ, ଦୁବଗଡ଼ିଆ, ନାଉପାଳ ଓ ଉତ୍ତର ଶାସନ(ଖ) ଗ୍ରାମବାସୀ ଉପସ୍ଥିତ ରହି ସହାୟତାର ହାତ ବଢ଼ାଇଥିଲେ।



ମା' ଅମରେଶ୍ୱରୀଙ୍କ ମହାଯଜ୍ଞ ଚାଲିଛି।

## ପିକୁଙ୍କ ବିରୋଧରେ ବିରଜା ମନ୍ଦିର ସେବାୟତଙ୍କ ଅଭିଯୋଗ



ଅଭିଯୋଗପତ୍ର ଦେବାକୁ ଯାଜପୁର ଟାଉନ୍ ଥାନାକୁ ଆସିଥିବା ସେବାୟତ।

ଯାଜପୁରଟାଉନ,୧୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରର ମୁକ୍ତି ମଣ୍ଡପ ସେବାୟତଙ୍କ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ପୁରୀ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ(ପିକୁ)ଙ୍କ ବିରୋଧରେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁରୀ ଜଗନ୍ନାଥ ସେନାର ଆବାହକ ଭାବେ ନିଜକୁ ପରିଚୟ ଦେଇ ପିକୁ ଗତ ୧୦ତାରିଖରୁ ଏପର୍ଯ୍ୟନ୍ତ ସାମାଜିକ ଗଣମାଧ୍ୟମ ଓ କେତେକ ଅନ୍ୟ ଗଣମାଧ୍ୟମରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ବିରୋଧରେ ମିଥ୍ୟା, ମନଗଢ଼ା ଓ ଧାର୍ମିକ ଭାବନାକୁ ଆଘାତ ଦେବା ଭଳି ଅଭିଯୋଗ କରିଛନ୍ତି। ପିକୁ ଅଭିଯୋଗ କରିଛନ୍ତି ଯେ, ପ୍ରଣବ ପ୍ରକାଶ ନିଜ ଘର କାର୍ଯ୍ୟରେ ପୁରୀ ଶ୍ରୀଜଗନ୍ନାଥ ପ୍ରକଳ୍ପରେ ବ୍ୟବହୃତ ପଥରକୁ ଚୋରି କରି ଆଣି ଲଗାଇଛନ୍ତି। ଆଉ ଏକ ଅଭିଯୋଗ କରିଛନ୍ତି ଯେ, ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବରାଦ ପଥରକୁ ମଧ୍ୟ ପ୍ରଣବ ପ୍ରକାଶ ନିଜ ଘର କାର୍ଯ୍ୟରେ ବ୍ୟବହାର କରିଛନ୍ତି। ୧୦ ବର୍ଷ ତଳୁ ପୂର୍ବତନ ବିଧାୟକ ଦାସ ମା' ବିରଜା ମନ୍ଦିର ପରିସରର ରୂପାନ୍ତରଣ ପାଇଁ ଉଦ୍ୟମ କରିଥିଲେ। ପିକୁ ବିରଜା ମନ୍ଦିର ପ୍ରକଳ୍ପର ପଥର ଚୋରି ଭଳି ଏକ ମିଥ୍ୟା ଅଭିଯୋଗ ଆଣି ଯାଜପୁରବାସୀ ତଥା ମା' ବିରଜା ଶ୍ରଦ୍ଧାଳୁଙ୍କ ଭାବାବେଗକୁ କୁଠାରଘାତ କରିଛନ୍ତି। ମା' ବିରଜାଙ୍କ ପୂଜକ, ସେବାୟତ ଓ ଶ୍ରଦ୍ଧାଳୁଙ୍କୁ ମଧ୍ୟ ଏଭଳି ମିଥ୍ୟା ଆରୋପ ଚରମ ଆଘାତ ଦେଇଛି। ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ମୁକ୍ତି ମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀ ପ୍ରସାଦ ପାଣି, ସତ୍ୟରଞ୍ଜନ ପାଣି, ସତ୍ୟବ୍ରତ ପାଣି, ଅନନ୍ତ କିଶୋର ପାଣି, ଧନଞ୍ଜୟ ପାଣି, ବିଶ୍ୱଜିତ ପାଣି, କଲ୍ୟାଣ ପାଣି, କିଶୋର ପାଣି, ତପନ ପାଣି, ବିଷ୍ଣୁ ଚରଣ ପାଣି, ରଞ୍ଜନ ପାଣି ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଏସ୍‌ୟୁସିଆଇ(ସି)ର ପ୍ରତିବାଦ ଦିବସ

ଯାଜପୁରଟାଉନ,୧୭।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)




ପୋଲିସର ଦମନ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏସ୍‌ୟୁସିଆଇର ଶୋଭାଯାତ୍ରା।

ରାୟଗଡ଼ା ଜିଲାର ସିଜିମାଳି, କେନ୍ଦୁଝର ଜିଲାର ପାଟଣା, ସୁନ୍ଦରଗଡ଼ ଜିଲାର ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଲିସ ଦମନ ବିରୋଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ), ସିପିଆଇଏମ୍‌ଏଲ୍ (ରେଡ୍ ଷ୍ଟାର), ସିପିଆଇ(ଏମ୍.ଏଲ୍), ସିପିଆଇଏମ୍‌ଏଲ୍ (ନ୍ୟୁଡେମୋକ୍ରାସି) ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଯାଜପୁର ଟାଉନ ମେଡିକାଲ ଛକରୁ ଦଳର କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମାକରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ଆନ୍ଦୋଳନ କରିଛନ୍ତି। ପରେ ସେଠାରେ ପାର୍ଟି ଜିଲା କମିଟି ସଭ୍ୟ ବୀରକିଶୋର ନାୟକଙ୍କ ସଭାପତିତ୍ୱରେ ଏକସଭା ଅନୁଷ୍ଠିତ ହୋଇଥିଲା। ଉକ୍ତସଭାରେ ରାଜ୍ୟକମିଟି ସଭ୍ୟ ସୁରେଶ ପ୍ରଧାନ, ସୁବାସ ମଲ୍ଲିକ, ଅଚ୍ୟୁତ ପ୍ରଧାନ, ଜିଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକ, ମନୋଜ ସେଠୀ, ସୁଲୋଚନା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟରେ ଗରିବ ଆଦିବାସୀଙ୍କ ଉପରେ ପୋଲିସର ବର୍ବୋଚିତ ଆକ୍ରମଣ, ଲାଠିମାଡ଼, ଟିୟରଗ୍ୟାସ ଏବଂ ସର୍ବୋପରି ଗର୍ଭବତୀ ମହିଳା, ଛାତ୍ର ସମେତ ନୀରିହ ଲୋକଙ୍କୁ ଗିରଫଦାରୀର ଦୃଢ଼ ନିନ୍ଦା କରିଥିଲେ। ଏହାପରେ ସିଜିମାଳିରେ ତୁରନ୍ତ ପୋଲିସ ଦମନ ବନ୍ଦ କରିବା, ଜାଲିଆତି ଗ୍ରାମସଭାର ଉଚ୍ଚ ସ୍ତରୀୟ ତଦନ୍ତ କରିବା, ମିଥ୍ୟା କେସ୍ ପ୍ରତ୍ୟାହାର ଓ ଗିରଫ୍‌କାରୀଙ୍କୁ ଅବିଳମ୍ବେ ମୁକ୍ତ କରିବା ଏବଂ ପାଟଣା(କେନ୍ଦୁଝର), ଲାଞ୍ଜିବେର୍ଣ୍ଣା(ସୁନ୍ଦରଗଡ଼), ମାଳି ପର୍ବତ (ସେମିଳିଗୁଡ଼ା) ଆଦି ସ୍ଥାନରେ ପ୍ରକଳ୍ପଗୁଡିକୁ ବାତିଲ କରିବାକୁ ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ନେତୃତ୍ୱରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲା କମିଟି ସଭ୍ୟ ଅଭିମନ୍ୟୁ ମଲ୍ଲିକ, ତରଙ୍ଗିନୀ ଦାସ, ଚୈତନ୍ୟ ସାହୁ, ଲକ୍ଷ୍ମୀଧର ମଲ୍ଲ, ଶରତ ବାରିକ ଏବଂ ସଂଗଠକ ରାଜଶ୍ରୀ ମହାନ୍ତି, ମେଘନାଦ ମଲ୍ଲିକ, ରାଜକିଶୋର ନାଥ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ପଣା ବାଣ୍ଟିଲେ ବିଧାୟିକା

ବିଞ୍ଝାରପୁର,୧୭।୪(ରାମକୃଷ୍ଣ ଦାସ)

ବିଜୁ ବାବୁଙ୍କ ପୂଣ୍ୟତିଥି ଅବସରରେ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ମା' ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ଶୁକ୍ରବାର ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ଜଳଛତ୍ର କେନ୍ଦ୍ରକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିବା ସହ ପଥଚାରୀଙ୍କୁ ପଣା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ବେହେରା, ସାମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ଉପସ୍ଥିତଥିଲେ। ଏହି କାର୍ଯ୍ୟକ୍ରମ ୨ ମାସ ଚାଲିବ ବୋଲି ପୂଜା କମିଟି ଆବାହକ ଶ୍ୟାମସୁନ୍ଦର ବେହେରା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ କମିଟି ସଭାପତି ଅତୁଲ ଦାଶ, ସମ୍ପାଦକ ବ୍ରଜକିଶୋର ବେହେରା, ରବୀନ୍ଦ୍ର ବେହେରା, ଶିବ ବେହେରା, ଭ୍ରମରବର ବେହେରା, ବିଜୟ ଚାନ୍ଦ, ଦିବାକର ସାହୁ, ଦିଲୀପ ବେହେରା, ସଞ୍ଜୟ ବେହେରା, ପ୍ରମୋଦ ମିଶ୍ର, ବରୁଣ ସ୍ୱାଇଁ, ଉତ୍କଳ ଦାଶ, ସୌମ୍ୟ ବେହେରା, ମାନସ ମିଶ୍ର, ଦୀପକ ମିଶ୍ର ଓ ହୃଷୀକେଶ ପତି ପ୍ରମୁଖ ପରିଚାଳନା କରୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମ୍ବିକା



@ ଅନିମେଶ



@ ଅଶ୍ୱିନୀ



@ ପ୍ରଭାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ: ସ୍ୱାମୀ ଗିରଫ

ବ୍ରହ୍ମବରଦା,୧୭।୪(ଯଯାତି କେଶରୀ ବେହେରା)

ଶ୍ୱଶୁର ଘରେ ସ୍ତ୍ରୀଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଥିବା ସ୍ୱାମୀଙ୍କୁ ବ୍ରହ୍ମବରଦା ଥାନା ପୋଲିସ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ସମସରପୁର ଗ୍ରାମର ବିମଳ ଜେନା(୨୭)। ବିମଳ ୮ବର୍ଷ ପୂର୍ବେ ବ୍ରହ୍ମବରଦା ଥାନା ମଙ୍ଗଳପୁର ପଞ୍ଚାୟତ କୋଠଡ଼ିହ ଗ୍ରାମର ଶରତ ମଳିକଙ୍କ ଝିଅ ମିନିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପାରିବାରିକ କଳହରୁ କିଛି ଦିନ ପୂର୍ବେ ମିନିରାଗି ଶାଶୁ ଘରୁ ପଳାଇ ଆସି ବାପଘରେ ରହୁଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ବିମଳ ମିନିଙ୍କୁ ଭେଟିବାକୁ ଶ୍ୱଶୁର ଘରେ ପହଞ୍ଚିଥିଲେ। ସେଠାରେ ବିମଳ ମିନିଙ୍କୁ ଦେଖି ରାଗିଯାଇ ସାଙ୍ଗରେ ଆଣିଥିବା ପେଟ୍ରୋଲକୁ ମିନିଙ୍କ ଉପରେ ଢାଳି ଲାଇଟର ମାରିଥିଲେ। ଏହି ସମୟରେ ମିନି ଚିତ୍କାର କରିବାରୁ ପଡ଼ୋଶୀ ପହଞ୍ଚି ମିନିଙ୍କୁ ଉଦ୍ଧାର କରିବା ସହିତ ବିମଳଙ୍କୁ କାବୁ କରି ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବିମଳଙ୍କୁ କାବୁ କରିବା ସହ ପେଟ୍ରୋଲ ଭର୍ତ୍ତି ବୋତଲ ଓ ଲାଇଟର ଜବତ କରିଥିଲା। ଏହାପରେ ମିନି ତାଙ୍କ ସ୍ୱାମୀଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୭୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଧର୍ମଶାଳା ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧଦିବସ ପାଳିତ



ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମଞ୍ଚସୀନ ଅତିଥି।

ଧର୍ମଶାଳା,୧୭।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବିଜେଡି ପକ୍ଷରୁ ଶୁକ୍ରବାର ଜାରକାସ୍ଥିତ କାର୍ଯ୍ୟାଳୟଠାରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂର୍ବତନ ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଦୁଃଶାସନ ସାହୁ, ସନ୍ତୋଷ ଜେନା, ଅମରେନ୍ଦ୍ର ରାୟ, ସୁରେନ୍ଦ୍ର ପଣ୍ଡା, ଉତ୍ତମ ଦାସ, ବିକାଶ ବେହେରା, ରାଜକିଶୋର ମହାନ୍ତି, ଦୁଃଶାସନ ନାୟକ, ଜଗଦାନନ୍ଦ ରାଉତ, ସୁବ୍ରତ ଧଳ, ମମତା ଦଣ୍ଡପାଟ, ଅଶୋକ ସାହୁ, ବିଜୟ ରାଉତ, ସଞ୍ଜୟ ଧୀର ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସାହସିକତା ଓ ଜୀବନୀ ଉପରେ ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ ଓ ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବିଜେଡି ବ୍ଲକ ସଭାପତି ପ୍ରସନ୍ନ ରାଉତ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରହଲ୍ଲାଦ ପାତ୍ର ଧନ୍ୟବାଦ ଦେଇଥିଲେ।

**ଚୋରା ମଦ ଜବତ, ଜଣେ ଗିରଫ**

**କୁଜଙ୍ଗ, (ମନୋଜ ପ୍ରଧାନ):** କୁଜଙ୍ଗ ପୋଲିସ ୧୯ ଲିଟର ୮୦୦ ମିଲିଲିଟର ଚୋରା ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବାଲିତୁଠ ବାଲିସାହିର ସୁଶାନ୍ତ ପଳାଇ ଓରଫ ସୁଟିଆ। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ କୁଜଙ୍ଗ ପୋଲିସ ପକ୍ଷରୁ ସାନ୍ଧ୍ୟକାଳୀନ ପାଟ୍ରୋଲିଂ ଚାଲିଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ବାଲିସାହିରେ ପୋଲିସ ଚଢ଼ାଉ କରିଥିଲା। ଏହି ସମୟରେ ସୁଶାନ୍ତଙ୍କ ନିକଟରୁ ୨୦ ଲିଟର ବିଭିନ୍ନ ପ୍ରକାରର ଦେଶୀ ଓ ବିଦେଶୀ ଚୋରା ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୧୦୬/୨୬) ରୁଜୁ କରାଯାଇଛି।

# ସନ୍ଦିଗ୍ଧ ବାଂଲାଦେଶୀ ଚିହ୍ନଟ ଅଭିଯାନ ବନ୍ଦ, ବଢ଼ିଲା ଚର୍ଚ୍ଚା

**ଜଗତ୍‌ସିଂହପୁର, ୧୭।୪**
**(ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାରେ ୪ ମାସ ପୂର୍ବରୁ ସନ୍ଦିଗ୍ଧ ବାଂଲାଦେଶୀ ଚିହ୍ନଟ ଅଭିଯାନ ଜୋରଦାର କରାଯାଇଥିଲା। ଆରମ୍ଭରୁ ଲାଗିଥିଲା ଜିଲାରେ ଥିବା ସହସ୍ରାଧିକ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଚିହ୍ନଟ ସହ ସେମାନଙ୍କ କାର୍ଯ୍ୟକଳାପ ବିଷୟରେ ପୋଲିସ, ପ୍ରଶାସନ ବିସ୍ତୃତ ତଥ୍ୟ ସଂଗ୍ରହ କରିପାରିବ। ତା'ପରେ ଆବଶ୍ୟକ ପଦକ୍ଷେପ ନେବା ସମ୍ଭବ ହେବ। ବିଶେଷକରି ବେଆଇନ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ଉପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କିନ୍ତୁ ହଠାତ୍ ସନ୍ଦିଗ୍ଧ ବାଂଲାଦେଶୀ ଚିହ୍ନଟ ଅଭିଯାନ ବନ୍ଦ ହୋଇଯିବା ଆଲୋଚନାର ବିଷୟ ପାଲଟିଛି।

ଏ ସମ୍ପର୍କରେ କେତେଜଣ ବୁଦ୍ଧିଜୀବୀଙ୍କ କହିବା କଥା ହେଲା, ଭାରତ ଓ ବାଂଲାଦେଶ ମଧ୍ୟରେ ସେତେବେଳେ ତିକ୍ତତା ଥିବାରୁ ବେଆଇନ ଭାବେ ଭାରତରେ ବସବାସ ଓ କାରବାର ଆଦି କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ବାଂଲାଦେଶ ପଠାଯିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। କିନ୍ତୁ ବାଂଲାଦେଶରେ ସରକାର ବଦଳି ଯିବା ଏବଂ ଉଭୟ ଦେଶ ମଧ୍ୟରେ ସମ୍ପର୍କରେ ସୁଧାର ଆସିଥିବାରୁ ଭାରତ ସରକାର ସନ୍ଦିଗ୍ଧ ବାଂଲାଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେଉନାହାନ୍ତି। ବାସ୍ତବରେ କିନ୍ତୁ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୧୦ ହଜାର ବାଂଲାଦେଶୀ ଏରସମା, ବାଲିକୁଦା, କୁଜଙ୍ଗ ଓ ପାରାଦୀପ ପୌରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି। ଏପରି କି ଅନେକ ଆଧାର କାର୍ଡ ଆଦି କରି ସରକାରୀ ସୁବିଧା, ସୁଯୋଗ ପାଉଛନ୍ତି। କିନ୍ତୁ ସେମାନଙ୍କୁ ଚିହ୍ନଟ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଗତବର୍ଷ ନଭେମ୍ବର ୧୬ ରାତିରେ ଜଗତ୍‌ସିଂହପୁର ପୋଲିସ ଏହି ଥାନା ତରିକୁଣ୍ଡ ନିକଟ ବେହେରାମପୁରସ୍ଥିତ ସରକାରୀ ଜମିରେ ଥିବା ବସ୍ତିରେ ଚଢ଼ାଉ କଲାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ତିର ୨ ଜଣ ମହିଳାଙ୍କ ନେତୃତ୍ୱରେ ଏକାଧିକ ବ୍ୟକ୍ତି ପୋଲିସ ଉପରେ ଆକ୍ରମଣ କରିବାରୁ ଅତିରିକ୍ତ

### ୪ ମାସ ପୂର୍ବରୁ ହୋଇଥିଲା ବଡ଼ ଧରଣର ଚଢ଼ାଉ

ଏସ୍‌ପିଙ୍କ ସମେତ ଏକାଧିକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ସଦଳବଳ ପୋଲିସ ଓ ଫୋର୍ସ ସେଠାରେ ପହଞ୍ଚିବା ବେଳକୁ ମୁଖ୍ୟ ଅଭିଯୁକ୍ତ ତଥା ଧନିପୁର ଗ୍ରାମର ସିକନ୍ଦର ଆଲାମ ଓରଫ ସେଇକୋ, ତାଙ୍କ ସାନ ଭାଇ ଅବ୍ଦୁଲ ମୋତାଲିଫ ଓ ଅନ୍ୟମାନେ ସ୍ଥାନ ଛାଡି ଚାଲିଯାଇଥିଲେ। ଗଲାବେଳକୁ ସେମାନେ ସିସି କ୍ୟାମେରା ହାର୍ଡଡିସ୍କ ସହ ଅନ୍ୟ ମାରାତ୍ମକ ମାରଣାସ୍ତ୍ର ଓ କାଗଜପତ୍ର ନେଇ ପଳାଇଥିଲେ। ତଥାପି ମାରଣାସ୍ତ୍ର ଜବତ ହୋଇଥିଲା। ତା' ପରଦିନ ପୋଲିସ, ପ୍ରଶାସନ ପକ୍ଷରୁ ଏହି ଅସ୍ଥାୟୀ ୧୦ ବଖରା ଆଜବେଷ୍ଟସ୍ ଘର ଭାଙ୍ଗି ଦିଆଯାଇଥିଲା। ତା'ପରେ ଅର୍ଥାତ୍ ୨୧ ତାରିଖରେ ପୋଲିସ ସିକନ୍ଦରଙ୍କ ଘରେ ଚଢ଼ାଉ କରି କେତେକ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍ ଆଦି ଜବତ କରିଥିଲା। ବେହେରାମପୁରରେ ସିକନ୍ଦର ମଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରି କେଉଁଠୁ ପିଲାମାନେ ଆସୁଥିଲେ ତା'ଉପରେ ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ସିକନ୍ଦର ଓ ତାଙ୍କ ଭାଇଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ବଡ କଥା ହେଲା ଆତଙ୍କବାଦୀମାନଙ୍କ ସହ ସିକନ୍ଦରଙ୍କ ଲିଙ୍କ ଥିଲା କି ନାହିଁ ତା'ଉପରେ ପୋଲିସ ଗୁରୁତ୍ୱ ଦେଇ ତଦନ୍ତ କରିଥିଲା। ସିକନ୍ଦର ମର୍ଚାଣ୍ଟ ନ୍ୟାଭିରେ ଚାକିରି କରିଥିବାବେଳେ ସାଉଦିଆରବ, କୁଏଟ୍, କତାର, ବାଂଲାଦେଶ ଓ ପାକିସ୍ତାନର ବେଲୁଚିସ୍ତାନ ଆଦି ଅଞ୍ଚଳ ସହ ତାଙ୍କ ଲିଙ୍କ ଥିବା ସନ୍ଦେହ କରାଯାଉଛି। ଏଥିସହ ଚେନ୍ନାଇ, ମୁମ୍ବାଇ, ବାଙ୍ଗାଲୋର ଓ କଲିକତା ଆଦିରେ ତାଙ୍କର ବ୍ୟାଙ୍କ ଆକାଉଣ୍ଟ ଥିବା ମଧ୍ୟ କୁହାଯାଇଥିଲା। ତେଣୁ ଆପରାଧିକ କାର୍ଯ୍ୟ, ଅର୍ଥନୈତିକ ଫାଇଦା, ମାନବ ଚାଲାଣ ଆଦି ତମାମ ଦିଗକୁ ନେଇ ପୋଲିସ ଖୋଳତାଡ କରିଥିଲା। ବେହେରାମପୁରରେ ସିକନ୍ଦର ମଦ୍ରାସା ଚଳାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରି କେଉଁଠୁ ପିଲାମାନେ ଆସୁଥିଲେ ତା' ଉପରେ ତଦନ୍ତ କରିଥିଲା। ତା' ପରେ ତରିକୁଣ୍ଡ ମହାବିଦ୍ୟାଳୟ ନିକଟ ସରକାରୀ ଜମିରେ ଥିବା ବସ୍ତିରେ ଚଢ଼ାଉ ପରେ ଅନୁରୂପ ଭାବେ ଆଜବେଷ୍ଟସ ଘରଗୁଡିକୁ ଭାଙ୍ଗି ଦିଆଯାଇ ଏଥିରେ ଥିବା ଲୋକଙ୍କୁ ଆଶ୍ରୟସ୍ଥଳ ନିଆଯାଇଥିଲା। ସେତେବେଳେ ଆଶା କରାଯାଉଥିଲା ଜିଲାର ସବୁଠାରୁ ଅଧିକ ସଂଖ୍ୟକ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ସମୁଦ୍ର କୂଳବର୍ତ୍ତୀ ଏରସମା, ବାଲିକୁଦା, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌରାଞ୍ଚଳରେ ଚଢ଼ାଉ ହେବ। ବାସ୍ତବରେ କିନ୍ତୁ ସେଭଳି ହେଲାନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ସନ୍ଦିଗ୍ଧ ବାଂଲାଦେଶୀ ନାନା ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ସୁଦ୍ଧା ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଜଗତ୍‌ସିଂହପୁର ଜିଲାର ଅନେକ ପ୍ରକୃତ ବାସିନ୍ଦାଙ୍କୁ ସରକାରୀ ସହାୟତା ମିଳୁ ନ ଥିବାବେଳେ ଏହି ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ଦିଆଯାଉଥିବା ଅଭିଯୋଗ ହେଉଛି। ଏହା ଉପରେ ଜିଲାପାଳ ଜେ. ସୋନାଲଙ୍କ ସହ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

## ମଲିକେଶ୍ୱରୀଙ୍କ ବାର୍ଷିକୋତ୍ସବ ଉପଲକ୍ଷେ ୧୦୮ କଳସ ଯାତ୍ରା

**ରଘୁନାଥପୁର, ୧୭।୪**
**(ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମଲିକେଶ୍ୱରୀଙ୍କ ବାର୍ଷିକୋତ୍ସବ ଓ ଶ୍ରୀ ଶ୍ରୀ ଚିନ୍ତାମଣିଶ୍ୱରଙ୍କ ଦଶମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ରାମମନ୍ଦିର ନିକଟସ୍ଥ ମହାନଦୀ ଘାଟରୁ ଗ୍ରାମବାସୀ ପୂଜାର୍ଚ୍ଚନା କରି ୧୦୮ ପୂର୍ଣ୍ଣକୁମ୍ଭ କଳସକୁ ଶୋଭାଯାତ୍ରାରେ ଆଣି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଘଟ ସ୍ଥାପନ ପରେ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ପରେ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ମଙ୍ଗଳବାର ନଗର କୀର୍ତ୍ତନ ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରାମବାସୀଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସମସ୍ତ ଶ୍ରଦ୍ଧାଳୁ ପହଞ୍ଚି ବିଭୁ କୃପା ଲାଭ କରିଛନ୍ତି।


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନକୁ ସ୍ୱାଗତ


ଜଗତ୍‌ସିଂହପୁର ଜିଲା କଂଗ୍ରେସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଜନଜାଗରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ନେତା ଓ କର୍ମୀ।

**ଜଗତ୍‌ସିଂହପୁର, ୧୭।୪**
**(ପ୍ରମୋଦ କୁମାର ନାୟକ)**

ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଜନ ଜାଗରଣ ଅଭିଯାନ ନାମରେ ରଥ ରାଜ୍ୟବ୍ୟାପୀ ପରିକ୍ରମା କରୁଛି। ନିଶାଠାରୁ ଦୂରେଇ ରହିବା ପାଇଁ ସବୁ ଗାଁରେ ଏହି ଅଭିଯାନ ମାଧ୍ୟମରେ ସଚେତନତା କରାଯାଉଛି। ଏହି ରଥ ଜଗତ୍‌ସିଂହପୁରରେ ପହଞ୍ଚିଲା ପରେ ଜିଲା କଂଗ୍ରେସ କମିଟି (ଡିସିସି) ପକ୍ଷରୁ ସ୍ୱାଗତ କରାଯାଇଥିଲା। ଡିସିସି ସଭାପତି ଦେବ ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଜନ ଜାଗରଣ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତିର ଉପାଧ୍ୟକ୍ଷା ଜାନକୀ ମଲ୍ଲିକ ଓ ଜିଲା କଂଗ୍ରେସ ଅନୁସୂଚିତ ଜାତି ସଭାପତି ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଅନୁସୂଚିତ ଜାତି କଂଗ୍ରେସର ଅଧ୍ୟକ୍ଷ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ନିଶାମୁକ୍ତ ଓଡ଼ିଶା ଜନଜାଗରଣ ଅଭିଯାନ ରଥ ଆରମ୍ଭ କରାଯାଇଛି। ଏହି ରଥ ଓଡ଼ିଶାର ଦଳୀୟ ୩୫ଟି ସାଙ୍ଗଠନିକ ଜିଲା ଗସ୍ତ କରି ଜନ ସଚେତନତା କରାଇବା ଉଦ୍ଦେଶ୍ୟରେ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ଅର୍ଥାତ୍ ପୁରୀ ଜିଲା ସୁଆଣ୍ଡୋଠାରୁ ଗତ ୧୫ ତାରିଖରୁ ବାହାରିଛି।

### ସଂଘବଦ୍ଧ ଆକ୍ରମଣ ଅଭିଯୋଗ : ୫ ଗିରଫ

**ଏରସମା, ୧୭।୪ ( ଦୀପ୍ତି ଖଣ୍ଡୁଆଳ )**

ଏରସମା ଥାନା ଗଡ଼ହରିଶପୁର ପଞ୍ଚାୟତସ୍ଥିତ ପାଡୁଆ ଗ୍ରାମରେ ଗୋଟିଏ ପରିବାର ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଏନେଇ ଏରସମା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଥୁନ ଦାସଙ୍କ ପରିବାର ଓ ଅମରକୃଷ୍ଣ ଦାସଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗିଥିଲା । ଗତ ୧୫ ତାରିଖ ରାତିରେ ଏହା ଉଗ୍ରରୂପ ନେଇଥିଲା। ଗ୍ରାମର ମିଥୁନ ଦାସ, ପଙ୍କଜ ଦାସ, ସୁଶୀଲ ଦାସ, ଶିଶିର ଦାସ, ପ୍ରଦୀପ ଦାସ ମିଳିତ ଭାବେ ଅମରକୃଷ୍ଣ ଦାସଙ୍କ ପରିବାର ଲୋକଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଅମରଙ୍କ ସ୍ତ୍ରୀ ଆରତୀ ଥାନାରେ ଅଭିଯୋଗ କରିବା ପରେ ଶୁକ୍ରବାର ମାମଲା (ନଂ.୧୩୪ /୨୬) ରୁଜୁ କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମ୍ବିକା


@ ଅନିମେଶ


@ ଅଶ୍ୱିନୀ


@ ପ୍ରଭାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡାକ୍ତର ସେବାରେ ଯୋଗଦେବି: ଅଂଶୁମାନ



**ତିର୍ତ୍ତୋଲ, ୧୭।୪ ( ଗୌରାଙ୍ଗ ସ୍ୱାଇଁ )**

ଦୃଢ଼ ଇଚ୍ଛାଶକ୍ତି, ପ୍ରଚଣ୍ଡ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ହିଁ ସବୁ ସଫଳତାର ମୂଳମନ୍ତ୍ର। ଆଉ ଏହି ତିନୋଟି ମନ୍ତ୍ରଙ୍କୁ ପାଥେୟ କରି ଏହି ସଫଳତା ପାଇଛି ବୋଲି ସିବିଏସ୍‌ଇ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଅଂଶୁମାନ ପଣ୍ଡା କହିଛନ୍ତି। କଳିଙ୍ଗ ଇଂଲିଶ୍ ମିଡିୟମ୍ ସ୍କୁଲ କଳାରବାଙ୍କରେ ପାଠ ପଢୁଥିବା ମେଧାବୀ ଛାତ୍ର ଅଂଶୁମାନ ୫୦୦ରୁ ୪୮୫ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ଆଡୁ ପ୍ରଶଂସାର ସୁଅ ଛୁଟିଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ବିଶ୍ୱେଶରପୁରୁ ଗ୍ରାମର କମଳ କୁମାର ପଣ୍ଡା ଓ ଚିରସ୍ମିତା ମିଶ୍ରଙ୍କ ପୁଅ ହେଉଛନ୍ତି ଅଂଶୁମାନ। ପରୀକ୍ଷା ପାଇଁ ଦିନକୁ ସାତରୁ ଆଠ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି ସେ କହିଛନ୍ତି। ଏହାର ଶ୍ରେୟ ଠାକୁରଙ୍କ ସହ ମା', ବାପା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନମାନଙ୍କୁ ଅଂଶୁମାନ ଦେଇଛନ୍ତି। ଭବିଷ୍ୟତରେ ଡାକ୍ତର ସେବାରେ ଯୋଗଦେବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ଓଡ଼ିଶା ବିକାଶର ଅସଲ ବିନ୍ଧାଣି ଥିଲେ ବିଜୁବାବୁ

**ଜଗତ୍‌ସିଂହପୁର, ୧୭।୪**
**(ପ୍ରମୋଦ କୁମାର ନାୟକ)**

ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏନେଇ ସ୍ଥାନୀୟ ସାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ସଭାରେ ବିଜେଡି ନେତାମାନେ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଅଦମ୍ୟ ସାହସ ଓ ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ଦଳ ଜିଲା ଉପସଭାପତି ଦୀପ୍ତି କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଦଳ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ନାଉଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲୀପ ଲେଙ୍କା, ଉଭୟ ବ୍ଲକ ବିଜେଡି ସଭାପତି କାଳନ୍ଦୀ ପତି, ନିରଞ୍ଜନ ବେଉରା, ଜଗତ୍‌ସିଂହପୁର ପୌର ପରିଷଦ ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ରଙ୍କ ସମେତ ଏକାଧିକ ଜିଲା ପରିଷଦ ସଦସ୍ୟ, କାଉନ୍‌ସିଲର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ପ୍ରମୁଖ ସାମିଲ ହୋଇଥିଲେ।

**ପାରାଦୀପ (ଶରତ ରାଉତ)**

ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଓ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ମନ୍ଦିରରେ ପୂଜା, ବେଳାଭୂମି ସଫେଇ, ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ, ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରଦ୍ଧାଞ୍ଜଳି, ମହାନଦୀ ମୁହାଣରେ ତିଳତର୍ପଣ, ଜରାଶ୍ରମ ଅନ୍ତେବାସୀଙ୍କୁ ଅନ୍ନ ସେବା ଆଦି କରାଯାଇଥିଲା। ସନ୍ଧ୍ୟାରେ ନୂଆବଜାର ଟ୍ରଷ୍ଟ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜେଡି ସଭାପତି କୁମରବର ନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଦେଶ ସ୍ୱାଧୀନତା ପରେ ଯେଉଁ କେତେକ ପ୍ରଗତିଶୀଳ ପ୍ରକଳ୍ପ ହୋଇଛି ତା'ମଧ୍ୟରେ ପାରାଦୀପ ବନ୍ଦର ଅନ୍ୟତମ। ସେତେବେଳେ ବିଜୁବାବୁ ଯେଉଁ ସାହସର ସହ ଏହା କରିଥିଲେ ଏବେ ତାହା ଭାବିବାକୁ ପଡୁଛି। ବାସ୍ତବରେ ବିକଶିତ ଓଡ଼ିଶାର ଅସଲ ବିନ୍ଧାଣି ଥିଲେ ବିଜୁବାବୁ ବୋଲି ଅଧ୍ୟକ୍ଷ ବିଶ୍ୱାଳ ସଭାରେ କହିଥିଲେ।



ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତୃମଣ୍ଡଳୀ।

**ବାଲିକୁଦା, (ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ଅନ୍ତର୍ଗତ କରେଇ ହାଟରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦିବସରେ ବିଧାୟକ ସାରଦା ପ୍ରସନ୍ନ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷ ବାଲିକୁଦା ପ୍ରକାଶ ପ୍ରଧାନ, ଜିଲା ପରିଷଦ ସଭ୍ୟା ରାନୀ ଗୁଡ୍ଡୁ, ଡଲି ପଣ୍ଡା ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ନୀତି ଆଦର୍ଶକୁ ପ୍ରଶଂସା କରିଥିଲେ।

**କୁଜଙ୍ଗ, (ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମନୀନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ସକାଳୁ କର୍ମୀମାନେ କୁଜଙ୍ଗସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବିଜୁ ବାବୁଙ୍କର ରାଜ୍ୟ ଓ ଦେଶ ପ୍ରତି ଥିବା ସମର୍ପଣ ଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦଳ ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ କୁମାର ପରିଡ଼ା, ବିକ୍ରମ ରାଉତରାୟ, ଅରୁପ୍ରସାଦ ମହାନ୍ତି ଓ ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ବ୍ଲକ ବିଜେଡି ପକ୍ଷରୁ ବ୍ଲକ ଛକ ନିକଟସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ତାଙ୍କ ତିରୋଧାନ ଦିବସ ପାଳନ କରାଯିବା ସହ ଜଳଛତ୍ର ବଣ୍ଟନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ସମସ୍ତ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମବେତ ହୋଇଥିଲେ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ତ୍ରିପାଠୀ ବିଜୁବାବୁଙ୍କ ସ୍ମୃତିଚାରଣ କରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ, ରାଜ୍ୟ କର୍ମକର୍ତ୍ତା ଡ.ସୁରେନ୍ଦ୍ରନାଥ ମହାପାତ୍ର, ଜୋସେଫ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜଳଛତ୍ର ପ୍ରଦାନ କରାଯାଇଥିଲା।

### ତିରୋଧାନ ଦିବସରେ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ

**ତିର୍ତ୍ତୋଲ, (ଗୌରାଙ୍ଗ ଚରଣ ସାଇଁ)**

ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସରରେ ତିର୍ତ୍ତୋଲ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ମହାନ୍ ଜନନାୟକ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ବ୍ଲକ ସଭାପତି ତଥା ୪ନଂ.ଜୋନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବୈଠକରେ ପୂର୍ବତନ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ସୁଜାତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ସନ୍ଧ୍ୟାରାଣୀ ମହାନ୍ତି, ଜିଲା ଉପସଭାପତି ଅଶ୍ୱିନୀ କୁମାର ଦାସ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ଦେଶ ପ୍ରେମ ଏବଂ ଓଡ଼ିଶା ବିକାଶରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ନାଉଗାଁ, (ସୁଧା ବେହୁରା)**

ନାଉଗାଁ ବ୍ଲକରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏହି ଅବସରରେ ବ୍ଲକ ଛକ ଓ ଗଙ୍ଗଦାହାଟସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଛାତ୍ର ବିଜେଡି ରାଜ୍ୟ ଉପସଭାପତି ସୁନୀଲ ମାଟିଆ, ଜ୍ୟୋତିରଞ୍ଜନ ପରିଡା, କାହ୍ନୁ ସ୍ୱାଇଁ, ତରୁଣକାନ୍ତ ବାରିକ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ଗଠନ ଦିଗରେ ବିଜୁବାବୁଙ୍କ ଅବଦାନ ଓ ଅଦମ୍ୟ ସାହସ ଓ ତାଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ସେହିପରି ଗଙ୍ଗଦାହାଟରେ ଡେରିକି ସରପଞ୍ଚ ପ୍ରଶାନ୍ତ ଜେନା, ଆଦର୍ଶ ଜେନା, ମହାଦେବ ବିଶ୍ୱାଳ, ତ୍ରିଲୋଚନ ପାଳ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ନାଉଗାଁରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଜଙ୍ଗଲରେ ମାଟିପାତ୍ରରେ ପାଣି ବ୍ୟବସ୍ଥା

## ଉପରଡିକିରି, ପୁଟୁବାରୀ ଆଦି ୧୧ ଗାଁରେ ପକ୍ଷୀ, ବନ୍ୟପ୍ରାଣୀ ପ୍ରେମ


ଲୋକେ ପଶୁପକ୍ଷୀଙ୍କ ଲାଗି ଜଙ୍ଗଲକୁ ପାଣି ନେଇ ଥୋଇବାକୁ ଯାଉଛନ୍ତି।

**ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)**

ଗ୍ରୀଷ୍ମଋତୁର ପ୍ରକୋପ ବଢୁଥିବାବେଳେ ଜଙ୍ଗଲରେ ଖାଦ୍ୟ ଓ ପାଣି ସଙ୍କଟ ଦେଖାଦେଇଛି। ବନ୍ୟ ଜୀବଜନ୍ତୁ ପାଣି ଓ ଖାଦ୍ୟ ପାଇଁ ଗାଁ ଓ ସହର ମୁହାଁ ହେଉଥିବା ବେଳେ ଆଦିବାସୀ ମହିଳା ଓ ପୁରୁଷଙ୍କ ପକ୍ଷୀ ଓ ବନ୍ୟପ୍ରାଣୀ ପ୍ରେମ ଏକ ନିଆରା ପଦକ୍ଷେପ। ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଭୋଗବାଡି ପଞ୍ଚାୟତ ପୁଟୁବାରୀ, ନେଡିସାହି, ଟାଙ୍ଗିସାହି,ବୁଲୁଣ୍ଡା, ଟାକେରା ପଞ୍ଚାୟତର ବାଙ୍କତଇଲା, ମୁଣ୍ଡୁଳୀ, ପେହେଲାଜୁ, କୁଲୁରୁକୁମ୍ପା ପଞ୍ଚାୟତ ଉରଡିକିରି, ଗୁଣ୍ଡୁରିବାରି ଓ ଦୁଡିକିପାଜୁ ଆଦି ୧୧ ଗାଁ ଲୋକମାନେ ନିଜ ନିଜ ଜଙ୍ଗଲରେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ମାଟିପାତ୍ରରେ ପାଣି ରଖିବାର ବ୍ୟବସ୍ଥା କରିଛନ୍ତି। ବାଉଁଶ ବୁଦା ମୂଳ, ଗଛ କୋରଡ, ଗଛ ତଳେ ମାଟି ସରା, ପଲମ, କଳସ, ଆଟିକା ଓ ଘଡ଼ିରେ ପାଣି ରଖାଯାଇଛି।

ସୂଚନା ଅନୁସାରେ, ଦଣ୍ଡାପର୍ବତ, ମଧୁପାତଇଲା ଓ ବରତାପ ଜଙ୍ଗଲକୁ ବାଙ୍କତଇଲା ଗାଁର ଆଦିବାସୀମାନେ ସୁରକ୍ଷା ଦେଇ ୨୦୦୭ରୁ ଜଙ୍ଗଲ ଜଗୁଛନ୍ତି। ସେହିପରି ନେଡିସାହିର ଆଦିବାସୀମାନେ ଚଢ଼ିଆବଣ, ବିଲୁଆପଡ଼ା, ଅରକଡବା, ଗୁମୁଳିବାଡ଼ି, ହଳଦିଆପାହାଡ଼ ପରି ଜଙ୍ଗଲକୁ ୨୦୧୪ରୁ ଅନୁରୂପ ଭାବେ ଜଙ୍ଗଲ ଜଗି ତା'ର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ଧୁଡୁକିପାଜୁର ଆଦିବାସୀ ଲୋକମାନେ ରୁଗୁମୁ ପାହାଡ, କୁସୁମ କଣ, ବିଜାନଗର ପରି ପାହାଡକୁ ଅନୁରୂପ ଭାବେ ୨୦୧୭ରୁ ସୁରକ୍ଷା ଦେଉଛନ୍ତି। ଏହିପରି ଦଶପଲ୍ଲା ରେଞ୍ଜ ଅଞ୍ଚଳରେ ୪ ହଜାର ହେକ୍ଟର ଜଙ୍ଗଲକୁ ୩୩ଟି ଗାଁ ଲୋକ ଠେଙ୍ଗାପାଳିରେ ଜଙ୍ଗଲ ସୁରକ୍ଷା କରୁଛନ୍ତି। ଜଙ୍ଗଲ ସୁରକ୍ଷିତ ହେବା ପରେ ଆଦିବାସୀଙ୍କ ଜୀବନଜୀବିକା ବଦଳିବାରେ ଲାଗିଛି। ଗ୍ରୀଷ୍ମଋତୁରେ ସମ୍ପୃକ୍ତ ଜଙ୍ଗଲ ଗୁଡିକରେ ଖାଦ୍ୟ ଓ ପାନୀୟ ଅସୁବିଧା ହେବାରୁ ଜଙ୍ଗଲ ଜନ୍ତି ଗାଁ ମୁହାଁ ହୋଇଥାନ୍ତି। ଜଙ୍ଗଲଜନ୍ତୁଙ୍କୁ ଗାଁ ମୁହାଁରୁ ରୋକିବା ପାଇଁ ଜଙ୍ଗଲରେ ମାଟିପତ୍ରରେ ପାଣି ବ୍ୟବସ୍ଥା କରାଯାଇଛି। ଏନେଇ ପୁଟୁବାରୀ ଗାଁର ୧୮ ବର୍ଷର ଯୁବତୀ ରୁନୁ ଜାନୀ କୁହନ୍ତି, ଗତ ୬ ତାରିଖରେ ଗ୍ରାମସଭା ସମୂହ ଦଶପଲ୍ଲାଙ୍କ ନେତୃତ୍ୱ ଓ ତତ୍ତ୍ୱାବଧାନରେ ଉପରଡିକରି ଗାଁ ଜଙ୍ଗଲ ନିଆଁ ପ୍ରତିରୋଧକ ଶିବିର କରାଯାଇଥିଲା। ଜଙ୍ଗଲ ନିଆଁ ପରିଚାଳନା କ୍ଷେତ୍ରରେ ଗାଁ ମହିଳା ଓ ପୁରୁଷଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଜଙ୍ଗଲ ନିଆଁର ସୁପରିଚାଳନା ପରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ଶିବିରର ନିଷ୍ପତ୍ତି ଅନୁସାରେ ଜଙ୍ଗଲରେ ମାଟିପାତ୍ରରେ ପାଣି ରଖାଯାଇଛି। ସପ୍ତାହକୁ ୩ଦିନ ପାଣି ରଖାଯିବ। ଜଙ୍ଗଲକୁ ସୁରକ୍ଷା ଦେଉଥିବା ଲୋକ ଏହାକୁ ଅନୁଧ୍ୟାନ କରିବେ। ପାଣି ଶେଷ ହୋଇଗଲେ ପୁଣି ପାଣି ରଖିବାର ବ୍ୟବସ୍ଥା କରାଇବେ। ବାଙ୍କତଇଲା ଗାଁର ଲକ୍ଷ୍ମୀଧର ମୁଦୁଲି କୁହନ୍ତି, ପକ୍ଷୀଙ୍କ ଉଦ୍ଦେଶ୍ୟରେ ପାଣି ବ୍ୟବସ୍ଥା ଜଙ୍ଗଲରେ ହୋଇଛି। ତେବେ ପକ୍ଷୀଙ୍କ ଉଦ୍ଦେଶ୍ୟରେ ଥିବା ମାଟିପାତ୍ରରୁ ମଧ୍ୟ ଜୀବଜନ୍ତୁ ପିଇବାର ସମ୍ଭାବନା ରହିଛି। ଗ୍ରୀଷ୍ମଋତୁ ଯୋଗୁ ଜଙ୍ଗଲର ଜଳାଶୟ ଶୁଖିଗଲାଣି। ଏଣୁ ମାଟିପାତ୍ରର ପାଣି ପକ୍ଷୀଙ୍କ ସହ ଜୀବଜନ୍ତୁଙ୍କ କାମରେ ଲାଗୁଛି। ମାଟିପତ୍ର ଏପରି ରଖାଯାଇଛି ତାହା ସହଜରେ ଭାଙ୍ଗିବ ନାହିଁ। ଯଦି ଭାଙ୍ଗିଯିବ ତେବେ ଏହା ସ୍ଥାନରେ ଆଉ ଏକ ମାଟିପାତ୍ର ରଖାଯିବାର ବ୍ୟବସ୍ଥା କରାଯାଇଛି। ଆମ ଗାଁ ଜଙ୍ଗଲରେ ୩୨ ଟି ମାଟିପାତ୍ରରେ ପାଣି ରଖାଯାଇଛି ବୋଲି କହିଛନ୍ତି। ପେହେଲାଜୁ ଗାଁର ନୀଳାମ୍ବର ଜାନୀ କୁହନ୍ତି, ଜଙ୍ଗଲରେ ପାଣି ରଖିଲେ ଜୀବଜନ୍ତୁ ଗାଁମୁହାଁ ହେବା ବନ୍ଦ ହୋଇଯାଉଛି। ଗାଁ ମୁହଁ ବନ୍ୟପ୍ରାଣୀଙ୍କୁ ଶିକାର କରିବା ଶିକାରୀ ପାଉ ନାହିଁ। ଏଣୁ ଆମେ ପ୍ରତିବର୍ଷ ଜଙ୍ଗଲରେ ମାଟିପାତ୍ରରେ ପାଣି ରଖିବୁ ବୋଲି କହିଛନ୍ତି।

# ମା' ବ୍ରାହ୍ମଣୀ ଦେବୀଙ୍କୁ ଜମି ଦାନକଲେ ପୀତବାସ


ଜମି ଦାନ ବିଷୟରେ ଘୋଷଣା କରାଯାଉଛି।

**ଓଡ଼ଗାଁ, ୧୭।୪(ନାରାୟଣ ପାଣିଗ୍ରାହୀ)**

ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଗୋଡ଼ିପଲ୍ଲୀ ରାସ୍ତାର କୁସୁମୀ ନଦୀକୂଳରେ ବିରାଜିତ ମା'ବ୍ରାହ୍ମଣୀ ଦେବୀଙ୍କ ଉଦ୍ଦେଶ୍ୟରେ କୁରାଳର ବଦାନ୍ୟ ବ୍ୟକ୍ତି ପୀତବାସ ଖଟେଇ ଏବଂ ତାଙ୍କର ସୁପୁତ୍ର କାହ୍ନୁ ଚରଣ ଖଟେଇ ୩୨ ଡିସିମିଲ ଜମି ଦାନକରିଛନ୍ତି। ପଣାସଂକ୍ରାନ୍ତି ଦିନ ମା'ଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ଯାତ୍ରା ମଞ୍ଚରେ ଖଟେଇ ଜମି ଦାନକରିଥିବା କଥା ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଅନୁରୂପଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀ ମା' ବ୍ରାହ୍ମଣୀ ଦେବୀଙ୍କ ମନ୍ଦିର ସଂଲଗ୍ନ ତାଙ୍କର ଜମିକୁ ଠାକୁରାଣୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ବ୍ୟବହାର ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ କାର୍ଯ୍ୟରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ଜିଲା ପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ, ସାମ୍ବାଦିକ ଗଣେଶ୍ୱର ସାହୁ,ସାମାଜିକ କର୍ମୀ ପ୍ରଭାତ ପ୍ରଧାନ, ଅର୍ଜୁନ ସାହୁ, ସୁକାନ୍ତ ସ୍ୱାଇଁ, ଯଶୋବନ୍ତ ବଳିୟାରସିଂ ଓ କୈଳାସ ଖଟେଇଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ

**ଖଣ୍ଡପଡା,୧୭।୪**
**(ଅଜୟ କୁମାର ମହାରଣା)**

ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଯୋଗୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳବାସୀ ଗତ କିଛି ଦିନ ଧରି ଅସ୍ତବ୍ୟସ୍ତ ହୋଇ ପଡିଲେଣି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ରୌଦ୍ରତାପ ଯୋଗୁ ଖଣ୍ଡପଡା ଅଞ୍ଚଳର ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଜନ ଜୀବନକୁ ବିଶେଷ ଭାବେ ପ୍ରଭାବିତ କରୁଛି। ବିଭିନ୍ନ ସମୟରେ ଘଣ୍ଟା ଘଣ୍ଟା ଧରି ଲାଇନ ରହୁ ନ ଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସକାଳ ୮ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରୌଦ୍ରତାପର ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ରାତିରେ ଗୁଳୁଗୁଳି ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟରେ ଅଞ୍ଚଳବାସୀ ତ୍ରାହି ତ୍ରାହି ଡ଼ାକୁଛନ୍ତି। ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିବାରୁ ପାନୀୟ ଜଳ ଯୋଗାଣ ସହ ଜନଜୀବନ ଚଳଣିରେ କଣ୍ଟିଲୋ ବିଦ୍ୟୁତ୍ ବିଭାଗ ଅଧିନରେ ଥିବା ୭/୮ ଟିପଞ୍ଚାୟତର ଅଧିବାସୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହା ବ୍ୟତିତ ପ୍ରାୟ ପ୍ରତେକ ଦିନ ବିଭିନ୍ନ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏକ ପାହାଡ଼ିଆ ଓ ଜଳକ୍ଲିଷ୍ଟ ଅଞ୍ଚଳ ଭାବେ ପରିଗଣିତ ଖଣ୍ଡପଡ଼ା ବ୍ଲକର ଅଧିକାଂଶ ଗ୍ରାମରେ ଏବେ ପାନୀୟଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ସମୟାନୁକ୍ରମେ ତାପମାତ୍ର ବୃଦ୍ଧି ପାଇବା ସହ ବିଭିନ୍ନ ସ୍ଥାନରେ ଅବସ୍ଥିତ ଜଳଉସ ଗୁଡ଼ିକ ଶୁଖିବାରେ ଲାଗିଛି।

ସୂଚନାଯୋଗ୍ୟ, ଖଣ୍ଡପଡା ବିଦ୍ୟୁତ୍ ସବ୍ ଡିଭିଜନ ଅନ୍ତର୍ଗତ ଖଣ୍ଡପଡା, କଣ୍ଟିଲୋ, ବାଣପୁର, ପଥରଚକଡା, ସିଧାମୂଳା,ବନମାଳୀପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ଜଗନ୍ନାଥ ପ୍ରସାଦ, ରାଣୀଛେଲ୍ଲୀ ଓ ବେଣାଗାଡିଆ ଆଦି ପଞ୍ଚାୟତ ଅଞ୍ଚଳରେ ପ୍ରତି ଦିନ କିବା ରାତି ଓ ଦିନରେ ଘନଘନ ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାଙ୍କ ସମେତ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏସ୍‌ଡିଓ ଅନିଲ ସାହୁ କୁହନ୍ତି, ୪ ଦିନ ହେଲା ପଲ୍ଟ ଥିଲା। ତାହ ଧରାପଡିବା ପରେ ଠିକ୍ କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅମ୍ବିକା


@ ଅନିମେଷ


@ ଅଶ୍ୱିନୀ


@ ପ୍ରଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଘରକୁ ଘର ବୁଲି ଗଣନା କରିବେ ୩୩୬ କର୍ମଚାରୀ


ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ।

## ଗୃହ ଗଣନା, ଜନଗଣନା ଆରମ୍ଭ

**ଓଡ଼ଗାଁ, ୧୭।୪(ନାରାୟଣ ପାଣିଗ୍ରାହୀ)**

ଭାରତ ସରକାରଙ୍କ ଗୃହ ଗଣନା ଓ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୧ମାସ ଧରି ଚାଲିବ। ବ୍ଲକ୍‌ରେ ୨୧୨ ରାଜସ୍ୱ ଗ୍ରାମ ଥିବାବେଳେ ଏହି ଗଣନାକାରୀ ଓ ସୁପରଭାଇଜରମାନେ ଘରକୁ ଘର ବୁଲି ତାଲିକା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାସହ ଓ ଏନ୍‌ଏସିରେ ମଧ୍ୟ ଜନଗଣନା କାର୍ଯ୍ୟ ଆରମ୍ଭ କରାଯାଇଛି। ଓଡଗାଁ ବ୍ଲକ ପାଇଁ ୨୫୮ ଗଣନାକାରୀ ଓ ୪୩ ସୁପରଭାଇଜର ନିଯୁକ୍ତ ହୋଇଥିବା ବେଳେ ଏନ୍‌ଏସି ପାଇଁ ୩୧ଜଣ ଜନଗଣନାକାରୀ ଓ ୫ଜଣ ସୁପରଭାଇଜରଙ୍କୁ ନିଯୁକ୍ତି କରାଯାଇଛି। ଏହି କର୍ମଚାରୀମାନେ ୩୫୩ଟି ହାଉସ ଲିଷ୍ଟିଂ ବ୍ଲକ୍‌ରେ ଗୃହ ତାଲିକା ଓ ଗୃହଗଣନା ଘରକୁ ଘର ବୁଲି ପ୍ରସ୍ତୁତ କରିବେ। ଓ ତହସିଲଦାର ମାନସ ରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ମେ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଗଣନାକାରୀ ଓ ସୁପରଭାଇଜର ଘରକୁ ଘର ବୁଲି ଗୃହ ତାଲିକା ଓ ଗଣନା କରିବେ। ଏହାସହ ପ୍ରତ୍ୟେକ ଗାଁରେ ଥିବା ମଠ, ମନ୍ଦିର, ପୋଖରୀ, ନଦୀ, ଖେଳ ପଡିଆ ଓ କୋଠଘର ଆଦିର ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଏନ୍‌ଏସିରେ ୩୧ ଗଣନାକାରୀ ଓ ୫ ଜଣ ସୁପରଭାଇଜରଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇ ୮ ରାଜସ୍ୱ ଗ୍ରାମରେ ଥିବା ୩୩ ହାଉସ ଲିଷ୍ଟିଂ ବ୍ଲକ୍ ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନୀହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟ ଚାଲୁ ରହିଛି ବୋଲି ଜଣାପଡ଼ିଛି।

# ରାଜସ୍ୱ ଆଦାୟରେ ଓଡ଼ଗାଁ ସହରାଞ୍ଚଳ ରାଜ୍ୟରେ ୧ ନମ୍ବର

**ନୟାଗଡ଼, ୧୭।୪(ଲୋକନାଥ ମିଶ୍ର)**

ରାଜସ୍ୱ ଆଦାୟରେ ନୟାଗଡ଼ ଜିଲା ଓଡଗାଁ ଏନ୍‌ଏସି ରାଜ୍ୟରେ ୧ନଂ ସ୍ଥାନରେ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଆଦାୟର ଟାର୍ଗେଟ ୭୭ ଲକ୍ଷ ଥିବାବେଳେ ଏଠାରୁ ୧ କୋଟି ୨୩ ଲକ୍ଷ ୯୦ ହଜାର ଆଦାୟ ହୋଇଛି। ଏଠାରେ ୧୬୨ ପ୍ରତିଶତ ରାଜସ୍ୱ ଆଦାୟ ହୋଇଥିବାରୁ ଓଡଗାଁ ସହରାଞ୍ଚଳ ରାଜ୍ୟରେ ୧ନଂ ସ୍ଥିତିକୁ ଆସିଛି। ୨୦୧୭ ଅଗଷ୍ଟ ୧୭ରେ ଓଡଗାଁ ଏନ୍‌ଏସି ହୋଇଥିବା ବେଳେ ଏଠାରେ ଏଯାବତ ନିର୍ବାଚନ ହୋଇ ପାରିନାହିଁ। ଏଠାକାର ଲୋକମାନେ ଏଯାବତ ସହରାଞ୍ଚଳ ଭୋଟର ହୋଇ ନିଜ ସହର ପାଇଁ ଜନ ପ୍ରତିନିଧି ବାଛି ପାରି ନାହାନ୍ତି। ସେହିପରି ୯ବର୍ଷ ତଳୁ ସହରାଞ୍ଚଳ ହୋଇଥିଲେ ହେଁ ଗ୍ୟାସ୍ କ୍ଷେତ୍ରରେ ଗ୍ରାମାଞ୍ଚଳ ହୋଇ ରହିଛି। ସହରାଞ୍ଚଳ ଲୋକ ହୋଇବି ଓଡଗାଁ ଏନ୍‌ଏସିର ବାସିନ୍ଦା ୪୫ ଦିନ ପରେ ଗ୍ୟାସ୍ ବୁକିଂ କରୁଛନ୍ତି ବୋଲି ଅଭିଯୋଗ ଉଠୁଛି।

ଏନେଇ ଏନ୍‌ଏସିର ନୀହାର ରଞ୍ଜନ ବେହେରା କୁହନ୍ତି, ଗ୍ୟାସ୍ କ୍ଷେତ୍ରରେ କାହିଁକି ଓଡଗାଁ ସହରାଞ୍ଚଳ ହୋଇ ପାରିନି ସେ ସମ୍ପର୍କରେ ଯୋଗାଣ ବିଭାଗ ସହ ଆଲୋଚନା କରାଯାଇ ପଦକ୍ଷେପ ତୁରନ୍ତ ନିଆଯିବ ବୋଲି କହିଛନ୍ତି। ତେବେ ଓଡ଼ଗାଁ ଏନ୍‌ଏସି ରାଜସ୍ୱ ଆଦାୟରେ ଶତ ପ୍ରତିଶତରୁ ଅଧିକ ହୋଇ ୧୬୨ ପ୍ରତିଶତରେ ପହଞ୍ଚିଥିବାରୁ ରାଜ୍ୟରେ ୧ନଂ ସ୍ଥାନରେ ରହିଛି ବୋଲି କହିଛନ୍ତି।

# ୯ମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟର ୨ୟ ରାତ୍ରି

**ଖଣ୍ଡପଡ଼ା,୧୭।୪**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତି ଢୋଲମରା ଗ୍ରାମସ୍ଥିତ ବାପୁଜୀ ବିଦ୍ୟାପୀଠ ଖେଳପଡ଼ିଆରେ ଢୋଲମରା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନବମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ୧୫ ଓ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଗୁରୁବାର ଦ୍ୱିତୀୟ ମ୍ୟାଚରେ ୮ ଗୋଟି ଦଳ ଭାଗ ନେଇଥିବା ବେଳେ ସେଥିରୁ ଦଶପଲ୍ଲା, ବେଡାକି, ଢୋଲମରା 'ଏ' ଟିମ୍ ଓ ସିକ୍ରିଡା ଦଳ ଅନ୍ୟମାନଙ୍କୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ଅତିଥି ଭାବେ ନାରାୟଣ ପାଣିଗ୍ରାହୀ,ବିଦ୍ୟାଧର ସାହୁ,କିଶୋର ଚନ୍ଦ୍ର ସାହୁ, ନୀଳମଣି ପରିଡ଼ା,ସୁରେଶ ଚନ୍ଦ୍ର ସାହୁ,ବିଶ୍ୱରଞ୍ଜନ ସେଠୀ,ଅଜୟ କୁମାର ସେଠୀ ଓ କୁନା ଜେନା ଯୋଗଦେଇ ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଅନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନକରି ସମ୍ମାନିତ କରାଯାଇଥିଲା। ଗୁରୁବାର ଦ୍ୱିତୀୟ ରାତ୍ରିର ଖେଳକୁ ପ୍ରଭାତ କୁମାର ପାଳ, କମଳାକାନ୍ତ ସାହୁ ଓ ଜ୍ଞାନରଞ୍ଜନ ପରିଡ଼ା ପରିଚାଳନା କରିଥିବା ବେଳେ ସ୍ୱାଧୀନ ପରିଡ଼ା ଓ ହିମାଂଶୁ ଶେଖର ସାହୁ ସ୍କୋରର ଭାବେ ଗୁରୁଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ରଶ୍ମିରଞ୍ଜନ ସାହୁ ଓ ବିଭୂତି ଭୂଷଣ ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ ମ୍ୟାଚର ଗୁରୁବାର ଦ୍ୱିତୀୟ ରାତ୍ରିରେ ଆୟୋଜକ ଦଳ ଭାବେ ଢୋଲମରା କ୍ରିକେଟ ଆସୋସିଏଶନ ସମେତ, ଇଚ୍ଛାପୁର, କୁମ୍ଭାରପଡ଼ା, କେନ୍ଦୁପଲ୍ଲ, ସିକ୍ରିଡା, ଗୋପାଳପୁର ଓ ଅନ୍ଧାରଖଣିଆଦି ୮ ଗୋଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏ ସମସ୍ତ ଦଳକୁ ପରାଜିତ କରି ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିବା ଦଶପଲ୍ଲା ସହିତ ବେଡ଼ାକି ଏବଂ ଢୋଲମରା 'ଏ' ଟିମ୍ ସହିତ ସିକ୍ରିଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି। ଏହା ପରେ ଦଶପଲ୍ଲା ଓ ବେଡାକି ମଧ୍ୟରେ ବିଜେତା ସହିତ ଢୋଲମରା 'ଏ' ଟିମ୍ ଓ ସିକ୍ରିଡା ମଧ୍ୟରେ ବିଜେତା ଶୁକ୍ରବାର ଖେଳର ଅନ୍ତିମ ରାତ୍ରିରେ ଚିତ୍ତାକର୍ଷକ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ଦଳ ପକ୍ଷରୁ ସୂଚନା ମିଳିଛି।


ଅତିଥିଙ୍କ ସହ ଖେଳାଳୀ ।

# ଡକାୟତି ଉଦ୍ୟମ ପଣ୍ଡ, ୭ ଗିରଫ

**ଆସିକା,୧୭।୪(ସୁରେନ୍ଦ୍ର ନାଥ ସାହୁ)**

ଆସିକା କଳିଙ୍ଗା ରୋଡ ନିକଟରୁ ଗୁରୁବାର ରାତିରେ ସନ୍ଦେହଜନକ ଭାବେ ଥିବା ୭ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୫ ଜଣ ଉତ୍ତରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶର ହୋଇଥିବା ବେଳେ ୨ଜଣ ଗଞ୍ଜାମ ଜିଲାର ବୋଲି ଜଣାପଡିଛି। ଅଭିଯୁକ୍ତମାନେ ହେଲେ ଗାଜିଆବାଦର ଅଙ୍କିତ ଠାକୁର, ମନଫିଟ ଲାଖ, ଫରିଦାବାଦ ଅଞ୍ଚଳର ଅମନଦିପ ଚନ୍ଦ୍ର, ବିହାରର ଧର୍ମେନ୍ଦ୍ର କୁମାର, ମଧ୍ୟପ୍ରଦେଶର ଏମଡି ସାନୁ ଏବଂ କବିସୂର୍ଯ୍ୟନଗର ଅଞ୍ଚଳର ସଞ୍ଜୟ ସାହୁ ଓ ଶେରଗଡ ଅଞ୍ଚଳର ବାବୁ ବେହେରା । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଗୋଟିଏ କାର, ୩ଟି ଛଡ, ଗୋଟିଏ ଭୁଜାଲି, ୨ଟି ଛୁରି ଓ ନଗଦ ୧୯ହଜାର ଟଙ୍କା ଜବତ କରିଛି। ଏ ନେଇ ଆସିକା ଥାନାରେ ନଂ.୧୭୪/୨୬ରେ ମାମଲା ରୁଜୁ କରାଯାଇ ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କାର୍ଯ୍ୟରେ ଲାଗୁନି ଗାଁ କଲ୍ୟାଣ ସମିତି ଅର୍ଥ

**ଖଣ୍ଡପଡ଼ା,୧୭।୪**
**(ଅଜୟ କୁମାର ମହାରଣା)**

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ, ପରିମଳ ସେବା ଯୋଗାଇ ଦେବାର ଲକ୍ଷ୍ୟ ରଖି ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଜରିଆରେ ପ୍ରତ୍ୟେକ ରାଜସ୍ୱ ଗାଁରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଏହି ସମିତିରେ ଗାଁର ୱାର୍ଡ ସଭ୍ୟା, ସଭ୍ୟ, ଅଙ୍ଗନୱାଡି କର୍ମୀ, ରାଜସ୍ୱ ଗ୍ରାମର ଆଶା କର୍ମୀ, ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାର ସ୍ୱାବଲମ୍ବୀ କାରିଗର, ସର୍ବାଧିକ ସଞ୍ଚୟ ଥିବା ୩ ମହିଳା ସ୍ୱୟଂ ସହାୟକ ଦଳର ପ୍ରତିନିଧିଙ୍କୁ ସାମିଲ କରାଯାଇଛି। ଏହି ଗାଁ କଲ୍ୟାଣ ସମିତି ମୁଖ୍ୟ ଉଦ୍ଦେଶ୍ୟ ହେଲା ରାସ୍ତା ସଫେଇ, ନଳକୂପ ମରାମତି, ଅସହାୟ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା, ସ୍ୱାସ୍ଥ୍ୟ ସଚେତନତା ଆଦି ସୃଷ୍ଟି କରିବା। ଏପରିକି ପ୍ରତି ମାସ ଗୁରୁବାରରେ ଗାଁ କଲ୍ୟାଣ ସମିତି ପକ୍ଷରୁ ଗ୍ରାମ ସଭାମାନ କରାଯାଇ ସୁସ୍ଥ ବାତାବରଣ ତଥା ପରିବେଶ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଏପରି ଏକ ମହତ ଉଦ୍ଦେଶ୍ୟ ରଖି ଏହି ଯୋଜନା ୨୦୦୮-୦୯ ବର୍ଷରୁ ସାରା ରାଜ୍ୟରେ କାର୍ଯ୍ୟ କରିଆସୁଛି। ଯୋଜନା କ୍ରମେ ପ୍ରତି ଗାଁ କଲ୍ୟାଣ ସମିତିକୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ତରଫରୁ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏ ଅନୁଦାନ ରାଶି ସମିତି ବ୍ୟାଙ୍କ ଜମା ଖାତାରେ ପ୍ରଦାନ କରାଯାଉଛି। ମାତ୍ର କଲ୍ୟାଣରେ ଲାଗି ପାରୁନି ଏହି ଗାଁ କଲ୍ୟାଣ ସମିତି ଅର୍ଥ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟ ପକ୍ଷରେ ସମିତିକୁ ଆସୁଥିବା ଅର୍ଥ ବାଟ ମାରଣା କରାଯାଉଥିବାର ଅଭିଯୋଗ ହେଉଛି। ଫଳ ସ୍ୱରୁପ ସରକାରୀ ପ୍ରଦତ୍ତ ଏହି ଅର୍ଥ ସାମୁହିକ କଲ୍ୟାଣ କାର୍ଯ୍ୟରେ ନ ଲାଗି ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟରେ ବେଶୀ ଲାଗୁଛି ବୋଲି ଅନେକ ଅଭିଯୋଗ ହେଉଛି। କୌଣସି ଉନ୍ନତିମୂଳକ କାର୍ଯ୍ୟରେ ଗାଁ କଲ୍ୟାଣ ସମିତିର ଭୂମିକା ଜଣା ପଡୁନାହିଁ। ନାମକୁ ମାତ୍ର କାଁଭାଁ କେଉଁ ଗାଁରେ ୨, ୩ଟି, ଅଳିଆ ଆବର୍ଜନା ପକାଇବା ପାଇଁ ସିମେଣ୍ଟ କୁଣ୍ଡ ରଖି ସମିତି କାର୍ଯ୍ୟ ସମାପ୍ତ ହୋଇଗଲା ମନେକରି ଚୁପଚାପ ବସିଛି।

ସୂଚନାଯୋଗ୍ୟ, ଖଣ୍ଡପଡା ବ୍ଲକରେ ୧୬୬ଟି ଗାଁ କଲ୍ୟାଣ ସମିତି ଗଠନ କରା ଯାଇଥିବା ବେଳେ ଏ ସମ୍ପର୍କରେ ନୂଆଗଡିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍(ବ୍ଲକ ପ୍ରୋଗ୍ରାମ ମ୍ୟାନେଜର)ଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଉଥିଲେ ମଧ୍ୟ ଅନେକ ସମୟରେ ଫୋନ ସୁଇଚି ଅଫ ଥିବା ବେଳେ ମ୍‌ସେ ଫୋନ ଉଠାଉ ନାହାନ୍ତି। ତେବେ ବିଭିନ୍ନ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଗୋଟିଏ ଗୋଟିଏ ପଞ୍ଚାୟତର ଲୋକ ସଂଖ୍ୟା ୫ ହଜାରରୁ ଉର୍ଦ୍ଧ୍ୱ ହୋଇ ନ ଥିବା ବେଳେ ୧୦, ୧୨ ରାଜସ୍ୱ ଗ୍ରାମକୁ ନେଇ ପଞ୍ଚାୟତ ଗଠନ ହୋଇଥିବାରୁ ସେଠାରେ ସେହି ପରିମାଣର ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ଏପରିକି ପ୍ରାୟ ୭ ହଜାର ଜନ ସଂଖ୍ୟା ବିଶିଷ୍ଟ କୋଷକା ପଞ୍ଚାୟତରେ ୧୫ରୁ ଉର୍ଦ୍ଧ୍ୱ ଗାଁ କଲ୍ୟାଣ ସମିତି ଗଠନ ହୋଇଥିବା ବେଳେ ୧୫ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ରାଜସ୍ୱ ଗ୍ରାମକୁ ନେଇ ଗଠିତ କଣ୍ଟିଲୋ ପଞ୍ଚାୟତରେ ମାତ୍ର ଗୋଟିଏ ଗାଁ କଲ୍ୟାଣ ସମିତି ଗଠନ ହୋଇ ଥିବାରୁ ବର୍ଷକୁ ମାତ୍ର ୧୦ହଜାର ଟଙ୍କା ଅନୁଦାନ ଅର୍ଥ ଏଠାରେ ଆବଶ୍ୟକ ମୁତାବକ କାର୍ଯ୍ୟକ୍ରମ କରିବା ଅସମ୍ଭବ ହୋଇ ପଡିଥିବା ଜଣାପଡିଛି। ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥର ସଦୁପଯୋଗ କରାଯିବା ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ରାଜସ୍ୱ ଗ୍ରାମଗୁଡିକ ପାଇଁ ଅଙ୍ଗନୱାଡି କେନ୍ଦ୍ର ଓ ୱାର୍ଡ ସଦସ୍ୟଙ୍କ ଜରିଆରେ ଯୁଗ୍ମ ଆକାଉ ଖୋଲାଯିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ଗାଁ କଲ୍ୟାଣ ସମିତି ସଦସ୍ୟ ଭାବରେ ଆଶା କର୍ମୀମାନେ ମଧ୍ୟ ରହିଛନ୍ତି। ତାହା ସତ୍ତ୍ୱେ ମଧ୍ୟ ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥର ଠିକ ବିନିଯୋଗ କରାଯାଉ ନ ଥିବା ଅଭିଯୋଗ ହେଉଛି।

## ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣା: ୮ ମୃତ

ଜାକର୍ତ୍ତା,୧୭।୪ : ଇଣ୍ଡୋନେସିଆର ବୋର୍ନିଓ ଦ୍ୱୀପରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଜଣଙ୍କ ମୃତ୍ୟୁ ଘଟିଛି। ଏୟାରବସ୍ ଏଚ୍୧୩୦ ହେଲିକପ୍ଟର ଗୁରୁବାର ୱେଷ୍ଟ କାଲିମାଣ୍ଟାନ ପ୍ରଦେଶର ମେଲାୱି ଜିଲାରୁ ଉଡ଼ାଣ ଆରମ୍ଭ କରିବାର ୫ ମିନିଟ୍ ପରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଖୋଜାଖୋଜି ପରେ ସେକାଡାଉ ଜିଲାର ଘଞ୍ଚ ଜଙ୍ଗଲ ମଧ୍ୟରୁ ହେଲିକପ୍ଟରର ଭଗ୍ନାବଶେଷ ଏବଂ ୮ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ୬ ଜଣ ଯାତ୍ରୀ ଥିବାବେଳେ ୨ ଜଣ କ୍ରିଉ ସଦସ୍ୟ ଅଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ମାଲେସିଆ ନାଗରିକ ବୋଲି ଜଣାପଡ଼ିଛି।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। **(ଫଟୋ: ବିକାଶ ନାୟକ)**

# ବିଜୁଙ୍କ ସ୍ୱପ୍ନ ଭାଜପା ସରକାର ପୂରଣ କରିବେ: ମୁଖ୍ୟମନ୍ତ୍ରୀ

### ବିଧାନସଭା ପରିସରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର,୧୭।୪
(ରବିନାରାୟଣ ଜେନା)

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାର ବରପୁତ୍ର। ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ଗଢ଼ି ତୋଳିବା ପାଇଁ ତାଙ୍କର ଅନେକ ସ୍ୱପ୍ନ ରହିଥିଲା। ତାକୁ ପୂରଣ କରିବା ଲାଗି ଭାଜପା ସରକାର ଉଦ୍ୟମରତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭା ପରିସରରେ ମହାନ୍ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର ଏକ ବିକଶିତ ରାଜ୍ୟରେ ପରିଗଣିତ କରିବାପାଇଁ ଆମ ସରକାର ଏବେ କାର୍ଯ୍ୟ କରୁଛି ବୋଲି କହିଛନ୍ତି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ବିଜୁବାବୁ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଜୁବାବୁଙ୍କ ଜୀବନୀ ଆଧାରିତ ସଂଗୀତ ପରିବେଷିତ ହୋଇଥିଲା।



ବିଧାନସଭା ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧଦିବସ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ଉପସ୍ଥିତ ଅଛନ୍ତି।

# ଡାକ୍ତରଙ୍କୁ ସୁରକ୍ଷା ଦେବେ ସିକ୍ୟୁରିଟି ଅଫିସର

- **ମେଡିକାଲ କଲେଜରେ ରହିବ ସ୍ୱତନ୍ତ୍ର ପୋଲିସ ଫାଣ୍ଡି**
- **ଅତିରିକ୍ତ ଏସ୍‌ପି, ଡିଏସ୍‌ପି କିମ୍ବା ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଫିସରଙ୍କୁ ମିଳିବ ନିଯୁକ୍ତି**

ଭୁବନେଶ୍ୱର, ୧୭।୪(ବନ୍ଦନା ସେଠୀ)

ଡାକ୍ତରଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି ସରକାର। ଏଣିକି ଡାକ୍ତରମାନେ ଆଉ ଭୟର ସହିତ ରୋଗୀ ସେବା କରିବେ ନାହିଁ। ଡାକ୍ତରଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ଭାବେ ନିୟୋଜିତ ହେବେ ସିକ୍ୟୁରିଟି ଅଫିସର। ଏଥିପାଇଁ ରାଜ୍ୟର ୧୪ଟି ମେଡିକାଲ କଲେଜରେ ଅତିରିକ୍ତ ଏସ୍‌ପି, ଡିଏସପି କିମ୍ବା ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଫିସରଙ୍କୁ ନିଯୁକ୍ତି ମିଳିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ଇନ୍ସପେକ୍ଟର ର୍‍ୟାଙ୍କର ଅଫିସରଙ୍କୁ ଦାୟିତ୍ୱ ମିଳିବା ସହିତ ସମସ୍ତ ମେଡିକାଲ କଲେଜ କ୍ୟାମ୍ପସରେ ସ୍ୱତନ୍ତ୍ର ପୋଲିସ ଆଉଟ୍‌ପୋଷ୍ଟ ରହିବ। ଏନେଇ ଗତ ୧୨ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହ ଡାକ୍ତରଙ୍କ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଅଧିକାରୀମାନଙ୍କୁ ପ୍ରତିଷ୍ଠାନଗତ ଏଫ୍‌ଆଇଆର୍ ଦାଖଲ ସମ୍ପର୍କରେ ଏକ ଅନ୍‌ଲାଇନ ତାଲିମ ଅନୁଷ୍ଠିତ ହେବ। ଏଡିଜି (ଆଇନ ଏବଂ ଶୃଙ୍ଖଳା) ଏଥିପାଇଁ ବ୍ୟବସ୍ଥା କରିବେ। ଚିକିତ୍ସା ଅଧିକାରୀଙ୍କ ଏହି ତାଲିମ ଏପ୍ରିଲ ୩୦ ସୁଦ୍ଧା ଶେଷହେବ। ସମସ୍ତ ମେଡିକାଲ କଲେଜରେ ପୋଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା କରାଯିବ। ଆଉଟ୍‌ପୋଷ୍ଟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ କୋଠରି ଆବଣ୍ଟନ କରିବେ। ତେବେ ନୂଆ ମେଡିକାଲ କଲେଜଗୁଡ଼ିକରେ ଆଉଟ୍‌ପୋଷ୍ଟ ବ୍ୟବସ୍ଥାକୁ ମାଷ୍ଟର ପ୍ଲାନ୍‌ରେ ଅନ୍ତର୍ଭୁକ୍ତ କରାଯିବ।

ଏହାସହିତ ଭିଭିଆଇପିଙ୍କ ଗସ୍ତ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଆମ୍ବୁଲାନ୍ସର ଆବଶ୍ୟକତା ପାଇଁ ଏକ ପ୍ରୋଟୋକଲ ବିକଶିତ କରାଯିବ। ଏହି ପରିପ୍ରେକ୍ଷୀରେ ଏଡିଜି (ଆଇନ ଏବଂ ଶୃଙ୍ଖଳା)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏଥିରେ ଆଇଜି (ଅଗ୍ନିଶମ ସେବା) ଏବଂ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସଦସ୍ୟ ରହିବେ। ସେମାନେ ଗୋଟିଏ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବେ। ବର୍ତ୍ତମାନ କେବଳ ଭିଭିଆଇପି କାର୍ଯ୍ୟ ପାଇଁ ୧୫ଟି ଆମ୍ବୁଲାନ୍ସ କିଣାଯିବ ଏବଂ ସଂରକ୍ଷିତ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ବୈଠକରେ ଗୃହ ବିଭାଗର ଅତିରିକ୍ତ ସଚିବ, ପୋଲିସ ଡିଜି, ଅଗ୍ନିଶମ ବାହିନୀ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର କମ୍ ସେକ୍ରେଟାରି, ଅତିରିକ୍ତ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅନେକ ସମୟରେ ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ। ଅନ୍ୟପକ୍ଷରେ କର୍ମକ୍ଷେତ୍ରରେ ନିଜ ସୁରକ୍ଷା ଦାବି କରି ବହୁ ସମୟରେ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଉଥିବାରୁ ରୋଗୀ ସେବା ବ୍ୟାହତ ହୋଇଥାଏ। ତେଣୁ ଡାକ୍ତରଙ୍କ ସୁରକ୍ଷା ପ୍ରସଙ୍ଗକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇ ଏଭଳି ପଦକ୍ଷେପ ନେଇଛନ୍ତି।

# ପୋଲିସ ଉପସ୍ଥିତିରେ ମହିଳାଙ୍କୁ ଗାଁ ଦାଣ୍ଡରେ ମାଡ଼

**ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ**

ଢେଙ୍କାନାଳ,୧୭।୪(ରତନ ନାୟାର)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କାଣ୍ଡୋଲ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଦୁଇଟି ପୋଲିସ ଗାଡ଼ିରେ କେତେଜଣ ପୋଲିସ କର୍ମଚାରୀଙ୍କ ସହ ଅନ୍ୟକେତେକ ଯୁବକ ଆସି ଗାଳିଗୁଲଜ କରିବା ସହ ଗାଁଦାଣ୍ଡରେ ମାରପିଟ୍ ଓ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ନ୍ୟାୟ ପ୍ରଦାନ ପାଇଁ ପୀଡ଼ିତା ଶୁକ୍ରବାର ଢେଙ୍କାନାଳ ଏସ୍‌ପିଙ୍କୁ ଭେଟି ନିବେଦନ କରିଛନ୍ତି। ଘଟଣାର ତଦନ୍ତ ଦାୟିତ୍ୱ କାମାକ୍ଷାନଗର ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଥିବା ଏସ୍‌ପି କହିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ଗୁରୁବାର ରାତିରେ ଗ୍ରାମରେ ପଣା ସଂକ୍ରାନ୍ତି ପାଇଁ ନାଚ ହେଉଥିବା ବେଳେ ମହିଳାଙ୍କ ପରିବାର ସଦସ୍ୟମାନେ ନାଚ ଦେଖିବାକୁ ଯାଇଥିଲେ। ଘରେ ତାଙ୍କର ଛୋଟଛୁଆ ସହ ତାଙ୍କର ବୁଢ଼ୀ ମା' ଥିଲେ। ସେହି ସମୟରେ ଜଣେ ପ୍ରଭାବଶାଳୀ ଯୁବକ ନିଜର ସହଯୋଗୀମାନଙ୍କ ସହ ପରଜଙ୍ଗ ଥାନା ପୋଲିସକୁ ଧରି ଦୁଇଟି ଗାଡ଼ିରେ ଆସି ମହିଳାଙ୍କ ଘରେ ପହଞ୍ଚିଥିଲେ। ମହିଳାଙ୍କୁ ଗାଳିଗୁଲଜ କରିବା ସହ କବାଟ ଖୋଲିବା ପାଇଁ କହିଥିଲେ। ଏପରିକି କବାଟକୁ ବିଧା ଗୋଇଠା ମାରିଥିଲେ। ମହିଳାଜଣକ ଘଟଣା ଜାଣିବା ପାଇଁ କବାଟ ଖୋଲିବାରୁ ପୋଲିସ ସହ ସମ୍ପୃକ୍ତ ଯୁବକମାନେ ଘର ଭିତରକୁ ଧସେଇ ପଶିଥିଲେ। ଜଣେ ପୋଲିସ ଅଧିକାରୀ ମହିଳାଙ୍କୁ ଗୋଇଠା ମାରିବାରୁ ସେ ଓ ତାଙ୍କର ଛୁଆ ତଳେ ପଡ଼ିଯାଇଥିଲେ। ଏହାପରେ ତାଙ୍କ ସହିତ ଆସିଥିବା ଯୁବକମାନେ ମାରଣାସ୍ତ୍ର ଧରି ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। କିଛି ସମୟ ପରେ ମହିଳାଙ୍କ ଭାଇମାନେ ଆସି ପହଞ୍ଚିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ମହିଳାଙ୍କୁ ଘୋସାରି ନେଇ ଗାଁଦାଣ୍ଡରେ ପକାଇ ତାଙ୍କ ଛୁଆକୁ ତାଙ୍କଠାରୁ ଛଡ଼ାଇନେବା ସହ ତାଙ୍କୁ ବିଧା ଗୋଇଠା ମାରିଥିଲେ। ପରେ ଅସଦାଚରଣ କରି ପଳାଇଥିଲେ ବୋଲି ପୀଡ଼ିତା ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଏସ୍‌ପିଙ୍କୁ ଲିଖିତ ଦାବି କରିଥିବା ବେଳେ ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ମାନବାଧିକାର କମିଶନ ଓ ମହିଳା କମିଶନ ନିକଟକୁ ପଠାଇଥିବା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଅଭିଯୋଗ ପାଇଛୁ। ଘଟଣା ରାତିରେ କିଛି ଗଣ୍ଡଗୋଳ ହୋଇଥିଲା। ବୁଝାମଣା ବି ହୋଇଥିଲା। ଘଟଣାର ସତ୍ୟାସତ୍ୟ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଏ ସଂକ୍ରାନ୍ତରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁଙ୍କୁ ମୋବାଇଲ ନଂ. ୮୨୪୯୪୬୫୯୧୯ରେ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା। ମହିଳାଙ୍କ ଅଭିଯୋଗ ଉପରେ ତଦନ୍ତ ପାଇଁ କାମାକ୍ଷାନଗର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ପି କହିଛନ୍ତି।

# ସୁବର୍ଣ୍ଣପୁର, ବଲାଙ୍ଗୀରରେ ଶିକ୍ଷାନୁଷ୍ଠାନ ଛୁଟି

ସୋନପୁର/ବଲାଙ୍ଗୀର,୧୭।୪
(ମୃତ୍ୟୁଞ୍ଜୟ ଶତପଥୀ/ବୀରେନ୍ଦ୍ର କୁମାର ଝାଙ୍କର)

ସୁବର୍ଣ୍ଣପୁର, ବଲାଙ୍ଗୀର ଜିଲାରେ ତାତି ଅସମ୍ଭାଳ। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ୧୮ତାରିଖ ଶନିବାରଠାରୁ ଆସନ୍ତା ୨୨ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରଠାରୁ ଆରମ୍ଭକରି ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଛୁଟି ରହିବ ବୋଲି ଜିଲାପାଳ ଡ. ସାହୁ ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ପରୀକ୍ଷା ଥିଲେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ସକାଳୁଆ କରିବା ସହ ଆବଶ୍ୟକ ସୁରକ୍ଷା ଓ ପାନୀୟଜଳ ବ୍ୟବସ୍ଥା ସହିତ ସମ୍ପନ୍ନ କରିବାକୁ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ପ୍ରଶାସନିକ ନିଷ୍ପତ୍ତି ଅନୁସାରେ ବଲାଙ୍ଗୀର ଜିଲାର ଅଙ୍ଗନୱାଡି କେନ୍ଦ୍ର, ସମସ୍ତ ସ୍କୁଲ, କଲେଜ ଓ ବୈଷୟିକ ପ୍ରତିଷ୍ଠାନଗୁଡିକୁ ଶନିବାରଠାରୁ ଆସନ୍ତା ୨୧ ତାରିଖ ଯାଏ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଏସ୍‌ଓପି ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ପରିଚାଳନା ସମୟରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ସହ ଆବଶ୍ୟକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ତାତି ଅସମ୍ଭାଳ**

# ପ୍ରେମ ପାଇଁ ଗଲା ୩ ଜୀବନ

## ପ୍ରେମିକା ଗାଁରେ ପ୍ରେମିକଙ୍କ ଝୁଲନ୍ତା ମୃତଦେହ

ନୀଳଗିରି,୧୭।୪
(ପ୍ରଶାନ୍ତ କୁମାର ବିଶ୍ୱାଳ)

**ହତ୍ୟା ଅଭିଯୋଗ ଆଣିଲେ ଯୁବକଙ୍କ ବାପା**



ଅଜୟ

ପରସ୍ପରକୁ ବହୁତ ଭଲ ପାଉଥିଲେ। ପୁଅ ଘର ଲୋକ ଏକଥା ଜାଣିଥିଲେ। ଉଭୟଙ୍କ ମଧ୍ୟରେ ଥିଲା ନିବିଡ଼ ସମ୍ପର୍କ। ଗୁରୁବାର ରାତିରେ ଫୋନ୍ କଲ୍ ପାଇ ପରିବାର ଲୋକଙ୍କ ବାରଣ ସତ୍ତ୍ୱେ ଯୁବକଜଣକ ନିଜ ବାଇକ୍ ଧରି ପହଞ୍ଚିଥିଲେ ପ୍ରେମିକାଙ୍କ ଗାଁରେ। ହେଲେ ଶୁକ୍ରବାର ସକାଳ ହେବା ବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ଯୁବକଙ୍କ ମୃତଦେହ ପ୍ରେମିକାଙ୍କ ଗ୍ରାମରେ ଝୁଲୁଥିବାର ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ନୀଳଗିରି ପୋଲିସ ପହଞ୍ଚି ମୃତଦେହ ନୀଳଗିରି ମେଡିକାଲକୁ ଆଣି ବ୍ୟବଚ୍ଛେଦ କରାଇଛି।

ମୃତକ ହେଲେ ବାଲେଶ୍ୱର ଜିଲା ରେମୁଣା ଥାନା ପତ୍ରିପାଳ ପଞ୍ଚାୟତ ନାଲାପାଟଣା ଗ୍ରାମର ଅଜୟ ସିଂ(୨୬)। ତାଙ୍କ ବାପା ରବୀନ୍ଦ୍ର ସିଂ ଝିଅ ଘର ଲୋକେ ପୁଅକୁ ମାରି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ତେବେ ଏତେ ରାତିରେ ଯୁବକଙ୍କୁ କିଏ ଫୋନ୍ କରିଥିଲେ, ରାତିରେ ସେ ରଶି କେଉଁଠୁ ଆଣିଲେ ତାହା ଏବେ ପୋଲିସ ତଦନ୍ତ ପରିସରରେ। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ପୋଲିସ ଘଟଣାସ୍ଥଳରୁ ଯୁବକଙ୍କ ଜୋତା ଓ ବାଇକ(ନଂ.ଓଡି୦୧ଏ ଏକ୍ସ ୮୫୭୭) ଜବତ କରିଛି। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧୮୮/୨୬) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

## ଗୋଟିଏ ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

ଠାକୁରମୁଣ୍ଡା,୧୭।୪(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ତାଳପଦା ପଞ୍ଚାୟତର କାଳିଆପୋଷି ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ପ୍ରେମରେ ବିଫଳହୋଇ ପ୍ରେମୀ ଯୁଗଳ ଗୋଟିଏ ଗଛରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପ୍ରେମିକ ଜଣକ କରଞ୍ଜିଆ ଥାନା ଅଧୀନ କୁଲିପୋଷି ଗ୍ରାମପଞ୍ଚାୟତ ସୁନାପୋଷି ଗ୍ରାମର ଶ୍ରୀଧର ମୁର୍ମୁଙ୍କ ପୁଅ ପଞ୍ଚୁ (୧୯) ହୋଇଥିବାବେଳେ ପ୍ରେମିକା କାଳିଆପୋଷି ଗ୍ରାମର ଜଣେ ୧୫ବର୍ଷୀୟା ନାବାଳିକା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପଞ୍ଚୁ ଛୋଟବେଳୁ କାଳିଆପୋଷି ଗ୍ରାମରେ ଥିବା ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିଲେ। ସେ ଭଦ୍ରକର ଏକ ମହାବିଦ୍ୟାଳୟରେ +୨ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗୁରୁବାର ସେ ଭଦ୍ରକରୁ କାଳିଆପୋଷି ଆସିଥିଲେ। ନାବାଳିକା ଜଣକ ରାତିରେ ଖାଇସାରି ତାଙ୍କ ବଡ଼ ବାପାଙ୍କ ଘରକୁ ଶୋଇବା ପାଇଁ ଯାଇଥିଲେ। ଶୁକ୍ରବାର ସକାଳେ ଏକ କରଞ୍ଜଗଛରେ ପଞ୍ଚୁ ଓ ଉକ୍ତ ନାବାଳିକାଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ଏସ୍‌ଡିପିଓ ନବକୃଷ୍ଣ ନାୟକ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏଏସ୍‌ଆଇ ଅନିତା ସ୍ୱାଇଁ, ଏସ୍‌ଏଇ ଅମରେଶ ବାରିକ ଏବଂ ମାଜିଷ୍ଟ୍ରେଟ୍ ଭାବେ ଠାକୁରମୁଣ୍ଡା ତହସିଲଦାର ସମ୍ବିତ କୁମାର କର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୬) ରୁଜୁ ହୋଇଛି।

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 282 of 2017**

**Odisha Grameen Bank** .....Plaintiff
Versus
**Ashwini Kumar Samal & others** .....Defendants

To,
1. **Ashwini Kumar Samal,** aged about 37 years, son of Rahas Bihari Samal, Prop.: M/s Pallai Syndicate-13 Basanti Colony, Rourkela-769012, P.S.: Uditnagar, District: Sundargarh, **PAN-ADJPS5952K.**
2. **Bikas Bal,** aged about 33 years, son of B. Bal resident of E-40, Basanti Colony, Rourkela-769012, P.S.: Uditnagar, District: Sundargarh, Occupation-Service.

Whereas, Utkal Grameen Bank now Odisha Grameen Bank, Koelnagar Branch, Rourkela-769014, has instituted a suit against you for **Rs.98,000/-** (Rupees Ninety Eight Thousand) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **08th day of May, 2026** at **7:00 O'clock** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **07th day of March of 2026.**

Sd/-
**Senior Civil Judge, Rourkela**

**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 382 of 2016**

**Odisha Grameen Bank** .....Plaintiff
Versus
**Santanu Kumar Barik & others** .....Defendants

To,
1. **Santanu Kumar Barik,** aged about 54 years, son of Sudhir Chandra Barik, Prop.: Simuli Fast Food, At: Hilltop Market, Sector-2, Jhirpani, resident of Plot No.: 107/42, Old Plant Office Line, At/PO/P.S.: Jhirpani, District: Sundargarh.
2. **Usha Rani Barik,** aged about 45 years, Wife of Santanu Kumar Barik, resident of At/PO/P.S.: Jhirpani, District: Sundargarh, Occupation-Business.
3. **Kuntanu Kumar Barik,** son of not known Adult, Occupation-Business, resident of At/PO/P.S.: Jhirpani, resident of Tulsitola, At/PO/P.S.: Jhirpani, District: Sundargarh.

Whereas, Utkal Grameen Bank, Koelnagar Branch (Now Odisha Grameen Bank) At: Koelnagar, Rourkela-14, P.S.: Jhirpani, District: Sundargarh, has instituted a suit against you for **Rs.88,440.00** (Rupees Eighty Eight Thousand Four Hundred Forty) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **27th day of July, 2026** at **10:30 O'clock** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **04th day of April of 2026.**

Sd/-
**Senior Civil Judge, Rourkela**

## ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଳତ, କଟକ

24001/38/2627

**ନୋଟିସ୍**

ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା-୧୯୦୮ ଅନୁଯାୟୀ
**ଏଲ.ଏ. କେସ୍ ନଂ.୪୯/୨୦୨୩**

**୧. ଭୂମି ଅଧିଗ୍ରହଣ ମଣ୍ଡଳ ଅଧିକାରୀ, ଖୋର୍ଦ୍ଧା ରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳ ଧାରଣା ପ୍ରକଳ୍ପ, ନୟାଗଡ଼**
**୨. ଡେପୁଟି ଚିଫ୍ ଇଞ୍ଜିନିୟର (କନଷ୍ଟ୍ରକସନ), ଇଷ୍ଟ କୋଷ୍ଟ ରେଲୱେ, ରେଳ ଭବନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର....... ଆବେଦନକାରୀମାନେ ।**

ବନାମ

**୧.କାଏମା ପ୍ରଧାନ, ପିତା-ପାରେଶ୍ୱର ମଲ୍ଲିକ, ୨.ଅଯୋଧ୍ୟା ମଲ୍ଲିକ, ସ୍ୱାମୀ-ଗୋଲେଖ ମଲ୍ଲିକ, ୩. ପିତାମ୍ବର ମଲ୍ଲିକ, ୪.ସାବିତ୍ରୀ ମଲ୍ଲିକ, ୫. ଭାମା ମଲ୍ଲିକ, ପିତା-ଗୋଲେଖ ମଲ୍ଲିକ, ୬. ଦେବରାଜ ମଲ୍ଲିକ, ପିତା-ଧନେଶ୍ୱର ମଲ୍ଲିକ, ୭. ରମେଶ ଚନ୍ଦ୍ର ମଲ୍ଲିକ, ୮. ଶିଶୁଳା ମଲ୍ଲିକ, ପିତା-ଖଗେଶ୍ୱର ମଲ୍ଲିକ, ୯.ଦାମୋଦର ମଲ୍ଲିକ, ସ୍ତ୍ରୀ-ତିଳ ମଲ୍ଲିକ, ଏ ସମସ୍ତଙ୍କ ଗ୍ରାମ/ପୋଷ୍ଟ- ଟାକାରା, ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ପିନ-୭୫୨୦୮୪....... ବିରୋଧୀପକ୍ଷମାନେ ।**

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଖୋର୍ଦ୍ଧାରୋଡ ବଲାଙ୍ଗୀର ନୂତନ ଓସାରିଆ ରେଳ ଧାରଣା ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ, ଭୂ-ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, ସି.ବି.-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ୍ ନଂ.- ୪୯/୨୦୨୩ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା-ନୟାଗଡ଼, ତହସିଲ/ଥାନା-ଦଶପଲ୍ଲା, ମୌଜା-ଟାକାରା, ଖାତା ନଂ.-୨୧, ପ୍ଲଟ ନଂ.-୨୭, ରକବା ଏ ୦.୧୫୦ ଡି, କିସମ- ଶାରଦଦୁଇ ଅଟେ । ଉକ୍ତ ବିରୋଧୀପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ଧାର୍ଯ୍ୟ ତା.୧୮.୦୬.୨୦୨୬ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ,କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା.୦୬.୦୪.୨୦୨୬ ରିଖ ।

Draft notice is approved. Petitioner to get it published in any of the four most widely circulated odia daily newspapers namely The Samaja, The Sambad, The Prameya and The Dharitri within 15 (fifteen) days of its receipt.

**ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର**
**ଭୂ-ଅର୍ଜନ ଥଇଥାନ ଏବଂ**
**ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

**OIPR-24001/24333/3/26-27/0002**



ବିଏସ୍‌ଇ ସେନ୍‌ସେକ୍ସ
୭୮,୪୯୩ (+୫୦୪.୮୬)



୧ ଡଲାର = ୯୨.୪୮ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୮୨.୯୦ ଡଲାର

# ଅକ୍ଷୟ ତୃତୀୟା ପୂର୍ବରୁ ସୁନାରୁପା ଆମଦାନୀରେ ଅନିଶ୍ଚିତତା

ନୂଆଦିଲ୍ଲୀ,୧୭।୪

ଅକ୍ଷୟ ତୃତୀୟା ପର୍ବ ଆସୁଥିବା ସମୟରେ ଭାରତର ସୁନା ଓ ରୁପା ବଜାରରେ ଉତ୍ସାହ ଦେଖାଯାଉଥିବା ବେଳେ ଆମଦାନୀ ନେଇ ଏକ ବଡ଼ ଅନିଶ୍ଚିତତା ସୃଷ୍ଟି ହୋଇଛି। ଭାରତୀୟ ବ୍ୟାଙ୍କଗୁଡ଼ିକ ବିଦେଶରୁ ସୁନା ଓ ରୁପା ଆମଦାନୀରେ ଅସ୍ଥାୟୀ ରୋକ ଲଗାଇଛନ୍ତି। ଏହାଦ୍ୱାରା ପ୍ରାୟ ୫ ଟନ୍ ସୁନା ଓ ୮ ଟନ୍ ରୁପା କଷ୍ଟମରେ ଫସି ରହିଛି। ଏହି ପରିସ୍ଥିତି ଅକ୍ଷୟ ତୃତୀୟା ପର୍ବକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅକ୍ଷୟ ତୃତୀୟାରେ ସୁନାରୁପା କିଣିବା ଅତ୍ୟନ୍ତ ଶୁଭ ବିବେଚନା କରାଯାଉଥିବାବେଳେ ଯଦି ଆମଦାନୀ ପ୍ରତିବନ୍ଧକ ଜାରି ରହେ ତେବେ ଘରୋଇ



ବଜାରରେ ଯୋଗାଣ କମିବ ଏବଂ ଦର ବଢ଼ିପାରେ। ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା ବିଦେଶ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) ପ୍ରତି ଆର୍ଥିକ ବର୍ଷର ଆରମ୍ଭରେ ସୁନାରୁପା ଆମଦାନୀ ପାଇଁ ଅଧିକୃତ ବ୍ୟାଙ୍କଗୁଡ଼ିକର ତାଲିକା ପ୍ରକାଶ କରେ। ପୂର୍ବ ଆଦେଶ ୨୦୨୫ରେ ଜାରି ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ବୈଧ ଥିଲା। ନୂଆ ଆର୍ଥିକ ବର୍ଷ ଆରମ୍ଭ ହୋଇଥିବାରୁ ବ୍ୟାଙ୍କଗୁଡ଼ିକ ନୂଆ ଡିଜିଏଫ୍‌ଟି ନିର୍ଦ୍ଦେଶର ଅପେକ୍ଷା କରିଛନ୍ତି। ଏହି ବିଳମ୍ବ ଯୋଗୁ ନୂଆ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଆମଦାନୀ ସ୍ଥଗିତ ରହିଛି। ଭାରତ ସୁନା, ରୁପାର ଏକ ବଡ଼ ଉପଭୋକ୍ତା ହୋଇଥିବାରୁ ଆମଦାନୀ ରୋକ ଘରୋଇ ବଜାରକୁ ପ୍ରଭାବିତ କରିପାରେ। ଏହା ଯୋଗୁ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଦର ପ୍ରଭାବିତ ହେବା ଆଶଙ୍କା ରହିଛି। ଯଦି ପରିସ୍ଥିତି ଶୀଘ୍ର ସମାଧାନ ନ ହୁଏ ତେବେ ଅକ୍ଷୟ ତୃତୀୟା ଦିନ ସୁନାରୁପା ଦର ବଢ଼ିପାରେ। ଏହା କେବଳ ବଜାର ଉପରେ ନୁହେଁ, ସାଧାରଣ ଲୋକଙ୍କ ପକେଟ ଉପରେ ମଧ୍ୟ ଚାପ ପକାଇପାରେ। ତେବେ ସରକାରୀ ସ୍ତରରେ ଶୀଘ୍ର ନିର୍ଦ୍ଦେଶ ଜାରି ହେବା ଆଶା କରାଯାଉଛି।

# ନିୟମ ପାଳନ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଛି



ଇଂ. ମନୋଜ କୁମାର ନାୟକ

**କଳିଙ୍ଗ ବାୟୋମେଡିକାଲର ପ୍ରତିଷ୍ଠାତା ଇଂ. ମନୋଜ କୁମାର ନାୟକ ଭଦ୍ରକ ଜିଲାରେ ଜନ୍ମଗ୍ରହଣ କରିଥିଲେ ଏବଂ ରାଉରକେଲାରେ ସ୍କୁଲ ପଢ଼ା ସାରିଥିଲେ। ପରେ ବ୍ରହ୍ମପୁରର ୟୁସିପିଇଏସ୍‌ରେ ଯୋଗଦେଇ ବାୟୋଟେକ୍‌ରେ ଡିପ୍ଲୋମା କରିଥିଲେ ଏବଂ ଭୁବନେଶ୍ୱରର ଏମ୍‌ଆଇଇଟିରୁ ବାୟୋମେଡିକାଲ ଇଞ୍ଜିନିୟରିଂରେ ବି.ଟେକ୍ କରିଥିଲେ। କ୍ରମେ ଉଦ୍ୟୋଗ ଜଗତରେ ପାଦ ଦେଇ ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଥିବା ଇଂ. ନାୟକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର- ମେଡିକାଲ ଇକ୍ୱିପ୍‌ମେଣ୍ଟ ବ୍ୟାପାର ଓ ବଣ୍ଟନ ଶିଳ୍ପ କେଉଁ କେଉଁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି?**

ଉ- ନିୟମାବଳୀ ପାଳନ କ୍ଷେତ୍ରରେ ବିଭିନ୍ନ ଚ୍ୟାଲେଞ୍ଜ ଥାଏ ବିଶେଷକରି ଏମ୍‌ସ୍, ଓଏସ୍‌ଏମ୍‌ସିଏଲ, ଜିଇଏମ୍ ଆଦିରେ କ୍ରୟ କ୍ଷେତ୍ରରେ ଏହି ସବୁ ଚ୍ୟାଲେଞ୍ଜ ଦେଖାଯାଏ। ୟୁଏସ୍‌ଏଫ୍‌ଡିଏ, ମେକ୍ ଇନ୍ ଇଣ୍ଡିଆ ଧାରା, ସିଡିଏସ୍‌ସିଓ ଲାଇସେନ୍ସ ଆଦି ମଧ୍ୟ ଗୋଟିଏ ଗୋଟିଏ ଚ୍ୟାଲେଞ୍ଜ । ନିୟମାବଳୀ ଓ ପାଳନ ଦୃଷ୍ଟିରୁ ମେଡିକାଲ ଇକ୍ୱିପମେଣ୍ଟଗୁଡ଼ିକ ବୃତ୍ତିଗତ ବ୍ୟକ୍ତିଙ୍କ ଦ୍ୱାରା କାରବାର ହେବା ଉଚିତ୍, ଯାହା ରୋଗୀଙ୍କ ସୁରକ୍ଷା ପାଇଁ ଜରୁରୀ। ମୂଲ୍ୟ କଥା କହିଲେ, ନୂଆ ଜିଏସ୍‌ଟି ନିୟମ ଅନୁଯାୟୀ ଟ୍ୟାକ୍ସ ସ୍ଲାବ୍ ୧୮% ରୁ ୫%କୁ କମିଥିବାରୁ ଏହା ବର୍ତ୍ତମାନ ଅଧିକ ସୁବିଧାଜନକ ହୋଇଛି।

**ପ୍ର- କୋଭିଡ୍ ମହାମାରୀ ପରେ ସ୍ୱାସ୍ଥ୍ୟ ସେବା ବଢ଼ିବା ଫଳରେ କ୍ରିଟିକାଲ କେୟାର ଓ ଘରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକର ଚାହିଦା ବଢ଼ିଛି କି ?**

ଉ- ହଁ। କୋଭିଡ୍ ମହାମାରୀ କ୍ରିଟିକାଲ କେୟାର ଏବଂ ଘରେ ବ୍ୟବହାର ହେଉଥିବା ଜିନିଷଗୁଡ଼ିକର ଗୁରୁତ୍ୱ ଦେଖାଇଦେଲା । ବିଶେଷ କରି ଅକ୍ସିଜେନ କନ୍‌ସେଣ୍ଟ୍ରେଟର, ମାସ୍କ, ପଲ୍ସ ଅକ୍ସିମିଟର ଆଦି । ଅନେକ ଅଣ-ମେଡିକାଲ କମ୍ପାନୀ ମଧ୍ୟ ଏସବୁ ଆମଦାନି କରି ଏବେ ସଫଳ ମେଡିକାଲ କମ୍ପାନୀ ହୋଇଗଲେ।

**ପ୍ର- ଏକ ପ୍ରତିଯୋଗିତାମୂଳକ ଡାଇଗ୍ନୋଷ୍ଟିକ୍ ଏବଂ କ୍ରିଟିକାଲ୍ କେୟାର ଉପକରଣ ଶିଳ୍ପରେ ଆପଣ ଆପଣଙ୍କର ଉପକରଣଗୁଡ଼ିକ କିପରି ସ୍ୱତନ୍ତ୍ର କରିପାରିଛନ୍ତି?**

ଉ-ଆମେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ଉପକରଣ ଯୋଗାଇବା ପାଇଁ ଏକ ଦୃଷ୍ଟିକୋଣ ସହିତ କଳିଙ୍ଗ ବାୟୋମେଡିକାଲ୍ ଆରମ୍ଭ କରିଥିଲୁ। ପ୍ରଫେସନାଲ ବାୟୋମେଡିକାଲ୍ ଇଞ୍ଜିନିୟରମାନଙ୍କ ଏକ ଟିମ୍ ଦ୍ୱାରା ପରିଚାଳିତ ହୋଇ ଆମେ ପାରମ୍ପରିକ ଯୋଗାଣକାରୀମାନଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିପାରିଛୁ। ମାନବ ଶରୀର ଗଠନ ବିଷୟରେ ଆମର ଜ୍ଞାନକୌଶଳ, ଡାକ୍ତର ଏବଂ ହସ୍ପିଟାଲ ମାଲିକଙ୍କ ସମେତ ଆମର ଗ୍ରାହକମାନଙ୍କୁ ପ୍ରଭାବଶାଳୀ, କଷ୍ଟମାଇଜ୍ ସମାଧାନ ପ୍ରଦାନ କରିବାରେ ସକ୍ଷମ କରିଥାଏ।

**ପ୍ର- ଆଗକୁ ଓଡ଼ିଶାରେ ବିକ୍ରି ବୃଦ୍ଧି କରିବେ ନା ରାଜ୍ୟ ବାହାରକୁ ବ୍ୟବସାୟ ସମ୍ପ୍ରସାରଣ କରିବେ?**

ଉ- କେବଳ ରାଜ୍ୟ ଭିତରେ ସାରା ଦେଶରେ ବ୍ୟବସାୟ ସମ୍ପ୍ରସାରଣ କରିବା ଆମର ଦୀର୍ଘକାଳୀନ ଯୋଜନା ରହିଛି। ଅନ୍ୟ ରାଜ୍ୟଗୁଡ଼ିକୁ ଅଧିକ ଓଡ଼ିଶାରେ ଉତ୍ପାଦନ ହୋଇଥିବା ମେଡିକାଲ ଉପକରଣ ଯୋଗାଇବା ଲକ୍ଷ୍ୟ ରହିଛି।

**ପ୍ର- ଆପଣଙ୍କର ଔଦ୍ୟୋଗିକ ଯାତ୍ରା କିପରି ଆରମ୍ଭ ହୋଇଥିଲା ଓ ଏହି କ୍ଷେତ୍ରରେ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଯେତେବେଳେ ମୁଁ ଅନ୍ୟ ଯୋଗାଣକାରୀ କମ୍ପାନୀ ଓ ଏମ୍‌ଏନ୍‌ସି କମ୍ପାନୀରେ କାମ କରୁଥିଲି, ମୁଁ ଦେଖିଲି ଯେ ମେଡିକାଲ ଯନ୍ତ୍ର ବ୍ୟବସାୟରେ ବୃତ୍ତିଗତତା କମ୍ ଅଛି । ଗ୍ରାହକଙ୍କୁ ଯନ୍ତ୍ର ବିଷୟରେ ଠିକ୍ ଜ୍ଞାନ ଦେବା ଦରକାର, ଯାହା ପାଇଁ ସେ ଟଙ୍କା ଖର୍ଚ୍ଚ କରନ୍ତି। ଏହା ମୋତେ ପ୍ରେରଣା ଦେଲା ଯେ ମୋର ବାୟୋମେଡିକାଲ ଜ୍ଞାନ ବ୍ୟବହାର କରି ସେହି ଅଭାବ ପୂରଣ କରି ଅଧିକ ଲୋକଙ୍କୁ ସାହାଯ୍ୟ କରିବା । ଯୁବୋଦ୍ୟୋଗୀଙ୍କୁ ମୋର ପରାମର୍ଶ ହେଉଛି ଯଦି ଆପଣ ମେଡିକାଲ ଡିଭାଇସ୍ ଏବଂ ହ୍ୟୁମାନ୍ ଆନାଟୋମିକୁ ଭଲ ପାଆନ୍ତି ତେବେ ଏହି କ୍ଷେତ୍ରରେ ଆପଣ ଆପଣଙ୍କ ସ୍ୱପ୍ନର ବଡ଼ କମ୍ପାନୀ ତିଆରି କରିପାରିବେ ।

# ଯାତ୍ରୀସେବାରେ ପୂର୍ବତଟ ରେଳପଥର ପ୍ରଗତି

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଅନେକ ପ୍ରଗତି କରିଛି। ଟ୍ରାକ୍ ସୁରକ୍ଷିତ କରିବା, ଟ୍ରେନ୍ ଗତି ବଢ଼ାଇବା ଏବଂ ଯାତ୍ରୀଙ୍କ ପାଇଁ ଅଧିକ ସୁବିଧା ଯୋଗାଇବା କ୍ଷେତ୍ରରେ ଏହି ଜୋନ୍ ରେକର୍ଡ ସ୍ତରର କାର୍ଯ୍ୟ କରିଛି। ଯାତ୍ରୀଙ୍କ ସୁବିଧା ବଢ଼ାଇବା ପାଇଁ ୭୩ଟି ପ୍ଲାଟ୍‌ଫର୍ମରେ କଂକ୍ରିଟ ପୃଷ୍ଠ ଲଗାଯାଇଛି। ଏହି ଅବଧି ମଧ୍ୟରେ ୬୯ଟି ଉଚ୍ଚସ୍ତରୀୟ ପ୍ଲାଟ୍‌ଫର୍ମ ନିର୍ମାଣ କରାଯାଇଛି, ଯାହା ଯାତ୍ରୀଙ୍କୁ ଟ୍ରେନ୍‌ରେ ସହଜରେ ଚଢ଼ିବା ଓ ଓହ୍ଲାଇବାରେ ସାହାଯ୍ୟ କରିବ। ଏଥିସହ ୩୮ଟି ଷ୍ଟେଶନରେ ଆଶ୍ରୟସ୍ଥଳୀ ବଢ଼ାଯାଇଛି ଏବଂ



୧,୦୭୩ଟିରୁ ଅଧିକ ବେଞ୍ଚ ଲଗାଯାଇଛି। ଯାତ୍ରୀଙ୍କ ସୁରକ୍ଷା ପାଇଁ ୨୦ଟି ନୂଆ ଫୁଟ୍ ଓଭର ବ୍ରିଜ୍ ତିଆରି ହୋଇଛି। ଅମୃତ ଭାରତ ଷ୍ଟେଶନ ଯୋଜନା ଅନ୍ତର୍ଗତ ୪ଟି ଷ୍ଟେଶନକୁ ଆଧୁନିକ ଓ ସୁନ୍ଦର କରାଯାଇଛି। ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ସମାବେଶୀ ବ୍ୟବସ୍ଥା ମଧ୍ୟ ବଢ଼ାଯାଇଛି। ୪୧ଟି ଷ୍ଟେଶନକୁ ଦିବ୍ୟାଙ୍ଗ ସ୍ୱାବଲମ୍ବୀ କରାଯାଇଛି। ସେମାନଙ୍କ ପାଇଁ ର୍‍ୟାମ୍ପ, ସ୍ୱର୍ଣ୍ଣିତ ପଥ ଏବଂ ସୁଗମ ଶୌଚାଳୟ ନିର୍ମାଣ କରାଯାଇଛି। ଟ୍ରେନ୍ ଚଳାଚଳକୁ ଶୀଘ୍ର ଓ ସୁଗମ କରିବା ପାଇଁ ଅନେକ କାମ ହୋଇଛି। ୨୩୬ କିଲୋମିଟର ରେଳପଥକୁ ୧୩୦ କି.ମି. ପ୍ରତି ଘଣ୍ଟା ବେଗରେ ଚଳାଯିବା ପାଇଁ ଉନ୍ନତ କରାଯାଇଛି ଏବଂ ୨୬୬ କିଲୋମିଟର ରେଳପଥ ୧୧୦ କି.ମି. ପ୍ରତି ଘଣ୍ଟା ବେଗ ପାଇଁ ପ୍ରସ୍ତୁତ କରାଯାଇଛି। ଏଥି ସହ ୯ଟି ଷ୍ଟେଶନରେ ଲୁପ୍ ଲାଇନ ଗତି ବଢ଼ାଯାଇଛି ଏବଂ ୨୨ଟି ସ୍ଥାୟୀ ଗତି ପ୍ରତିବନ୍ଧକ ହଟାଯାଇଛି। ସୁରକ୍ଷା କ୍ଷେତ୍ରରେ ବହୁ ଧ୍ୟାନ ଦିଆଯାଇଛି। ୨୮,୧୪୬ ଟ୍ରାକ୍ କିଲୋମିଟରରେ ଅଲ୍ଟ୍ରାସୋନିକ ପରୀକ୍ଷା କରାଯାଇଛି। ୩୯୦ କି.ମି. ରେଲ, ୫୬୭ କି.ମି. ସ୍ଲିପର ଏବଂ ୫୪୪ କି.ମି. ଫାଷ୍ଟେନିଂ ନୂଆ କରାଯାଇଛି। ଏହା ବ୍ୟତୀତ ୨୩୯ଟି ସେତୁ ମରାମତି ଏବଂ ୬୪ଟି ସେତୁ ଆପ୍ରୋଚ୍ ସୁଦୃଢ଼ କରାଯାଇଛି। କର୍ମଚାରୀ ଓ ପରିବେଶ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି। ୧୦୩ଟି ନୂଆ କ୍ୱାର୍ଟର ନିର୍ମାଣ କରାଯାଇଛି, ୧,୩୫୪ କର୍ମଚାରୀଙ୍କ ପାଇଁ ପିରିଓଡିକ୍ ମେଡିକାଲ ଚେକ୍-ଅପ୍ କରାଯାଇଛି। ୬୫ଟି ସ୍ଥାନରେ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଏହା ସହ ୩୯,୦୦୦ ମେଟ୍ରିକ ଟନ ସ୍କ୍ରାପ୍ ବିକ୍ରିକରି ୬୭.୩୦ କୋଟି ଟଙ୍କା ଆୟ ହୋଇଛି।

# ସିଟି ଜୁଏଲର୍ସରେ ସ୍ୱତନ୍ତ୍ର ଅଫର




ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଭୁବନେଶ୍ୱର ରାଜମହଲସ୍ଥିତ ସିଟି ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ୧୦ ଗ୍ରାମ୍ ସୁନା ଦର ଉପରେ ଫ୍ଲାଟ୍ ୨୦୦୦ ଟଙ୍କାର ରିହାତି ସହ ୨୦% ମୂଲ୍ୟ ଦେଇ ସୁନା ଦର ଲକ୍ କରିବାର ସୁଯୋଗ ରହିଛି । ସେହିପରି ସୁନା ଅଳଙ୍କାର ଗଢ଼ା ମଜୁରି ୪.୯%ରୁ ଆରମ୍ଭ ହୋଇଛି। ରୁପା ଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ରହିଛି। ହୀରା ଗହଣାର ଗଢ଼ା ମଜୁରିରେ ମଧ୍ୟ ଫ୍ଲାଟ୍ ୫୦ % ରିହାତି ରହିଛି। ଏହି ଅଫରଗୁଡ଼ିକ ଏପ୍ରିଲ ୨୬ ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ସାହୁ କହିଛନ୍ତି, ସିଟି ଜୁଏଲର୍ସରେ ପ୍ରଥମଥର ପାଇଁ ଗ୍ରାହକ ଇଟାଲିୟନ୍ ବ୍ୟାଙ୍ଗେଲ, ଦୁବାଇ ନେକ୍‌ଲେଶ୍, ଆଣ୍ଟିକ୍ ଓ ପାରମ୍ପରିକ ବିବାହ ଗହଣା ପାଇପାରିବେ। ସୁନାଗହଣାର ସୁନାର ମାନ ପରଖିବା ତଥା ପୁରୁଣା ଗହଣାର ଉଚିତ ମୂଲ୍ୟ ଦେବା ପାଇଁ ଗୋଲ୍ଡ ଟେଷ୍ଟିଂ ମେଶିନ ବ୍ୟବହାର କରାଯାଉଛି। ସେହିପରି ଗହଣା ଉପରେ ଲାଇଫ୍ ଟାଇମ୍ ରିପ୍ୟାରିଂ ସେବା ପ୍ରଦାନ କରାଯାଉଥିବା ସଞ୍ଜୀବ କହିଛନ୍ତି।

# ଆକୃଷ୍ଟ କରୁଛି ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା



ଭୁବନେଶ୍ୱର, ୧୭।୪ (ଅନୁରାଧା ମହାରଣା)

ଭୁବନେଶ୍ୱର ଜନତା ମଇଦାନଠାରେ ଚାଲିଥିବା ୧୩ ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଛି । ଏଥର ଅଧିକାଂଶ ଜିନିଷ ଉପରେ ୩୦-୭୦% ପର୍ଯ୍ୟନ୍ତ ରିହାତି ମିଳୁଛି । ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନର କଲେକ୍ସନ ଯେମିତିକି ହସ୍ତତନ୍ତ, ହ୍ୟାଣ୍ଡଲୁମ୍‌ର ଶାଢ଼ି ଏବଂ ଡ୍ରେସ୍ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରି, ଆଣ୍ଟିକ୍ ସାମଗ୍ରୀ ଆଦିର ସମ୍ଭାର ଲାଗିଛି। ଆଧୁନିକ ଘରସଜ୍ଜା ଜିନିଷ ପ୍ରତି ଗ୍ରାହକ ରୁଚି ପ୍ରକାଶ କରୁଛନ୍ତି। ପ୍ରଦର୍ଶକ ଏବଂ ଗ୍ରାହକଙ୍କ ସୁବିଧା ପାଇଁ ସିସିଟିଭି ସହ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସବୁ ତିଆରି କରା ଯାଇଛି। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକ କିଣାକିଣି କରୁଛନ୍ତି। ବିଭିନ୍ନ ସ୍ଥାନର ଖାଦ୍ୟ ସହ ଚମ୍ପାରନ୍ ମଟନରେ ବିଶେଷ ଭିଡ଼ ଦେଖିବାକୁ ମିଳିଛି। ଅଟୋମୋବାଇଲ ଏବଂ ବିଲ୍ଡର ପାଭିଲିଆନ ଗ୍ରାହକଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

# ମହାରାଷ୍ଟ୍ରରେ ଏକୀକୃତ ଷ୍ଟିଲ୍ ପ୍ଲାଣ୍ଟ କରିବ ଶ୍ୟାମ ଷ୍ଟିଲ୍



ଭୁବନେଶ୍ୱର,୧୭।୪
(ଅନୁରାଧା ମହାରଣା)

କୋଲକାତାର ଶ୍ୟାମ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମହାରାଷ୍ଟ୍ର ସରକାରଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାର ଗୋଣ୍ଡପିମ୍ପରୀ ତାଲୁକାରେ ଏକ ବିଶାଳ ଏକୀକୃତ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରାଯିବ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୦,୧୧୫ କୋଟି ଟଙ୍କାର ବିନିଯୋଗ କରାଯିବ ବୋଲି ଜଣାପଡ଼ିଛି। ଏହା ମହାରାଷ୍ଟ୍ରର ଔଦ୍ୟୋଗିକ କ୍ଷେତ୍ରରେ ଏକ ବଡ଼ ଉନ୍ନତି ଆଣିବ ଏବଂ ଆଞ୍ଚଳିକ ଅର୍ଥନୀତିକୁ ବଳବତ୍ତର କରିବ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ପ୍ରାୟ ୮,୦୦୦ରୁ ଅଧିକ ଲୋକଙ୍କୁ ସିଧାସଳଖ ରୋଜଗାର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛ। ଏହି ଅବସରରେ ଶ୍ୟାମ୍ ଷ୍ଟିଲ ପକ୍ଷରୁ ପ୍ରିନ୍ସିପାଲ୍ ସେକ୍ରେଟାରୀ (ଉଦ୍ୟୋଗ, ବିନିଯୋଗ ଓ ସେବା)ଡ଼. ପି. ଅନବଲଗନ ଡାଇରେକ୍ଟର ପୁରୁଷୋତ୍ତମ୍ ବେରିୱାଲା, ଡାଇରେକ୍ଟର ସିଦ୍ଧାର୍ଥ ବେରିୱାଲା, ପ୍ରେସିଡେଣ୍ଟ ଦୀପକ୍ ଚୌଧରୀ ଓ ସିଇଓ ୟୁ.କେ. ରାଣା ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ବିଆଇ କାର୍ଯ୍ୟାଳୟରେ ଫାୟାର ଇଭାକ୍ୟୁଏଶନ ଡ୍ରିଲ୍

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱରସ୍ଥିତ ପ୍ରଧାନ କାର୍ଯ୍ୟାଳୟ ଦ୍ୱାରା ନ୍ୟାଶନାଲ ବିଲ୍ଡିଂ କୋଡ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଫାୟାର ସେଫ୍ଟି ନିୟମ ଅନୁଯାୟୀ ଫାୟାର ଇଭାକ୍ୟୁଏଶନ ଡ୍ରିଲ୍ କରାଯାଇଛି। ଏଥିରେ ଫ୍ଲୋର ମାର୍ଶାଲ ଏବଂ ରେସ୍କ୍ୟୁ ଟିମ୍ ସଦସ୍ୟଙ୍କ ସାହାଯ୍ୟରେ ମକ୍ ଡ୍ରିଲ୍ କରାଯାଇଥିଲା। ଏହି ଅବସରରେ ମହାପ୍ରବନ୍ଧକ ବନ୍ଦନା ଅଗ୍ରୱାଲ ଅଗ୍ନି ନିରାପତ୍ତା ପଦକ୍ଷେପ ଇଭାକ୍ୟୁଏଶନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଲ୍ଡିଂରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ପାଇଁ ଏହି ଡ୍ରିଲ୍ ଅତ୍ୟନ୍ତ ଉପଯୋଗୀ ବୋଲି ସେ କହିଥିଲେ। ବ୍ୟାଙ୍କର ଉପ ମହାପ୍ରବନ୍ଧକ ତଥା ମଣ୍ଡଳ ବିକାଶ ଅଧିକାରୀ ଶ୍ୟାମଦେନ୍ ଦୋର୍ଜୀ ଲାମା ଏବଂ ସହାୟକ ମହାପ୍ରବନ୍ଧକ ଆଲୋକ କୁମାର ନାଗ, ମଣ୍ଡଳ ଅଗ୍ନିଶମ ଅଧିକାରୀ କୁଳଦୀପ ଶ୍ରୀବାସ୍ତବ (ଏସ୍‌ବିଆଇ) ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରାଇମ୍ଫ୍ ୩୫୦ ସିସି ବାଇକ୍‌ର ବଜାର ପ୍ରବେଶ

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଟ୍ରାଇମ୍ଫ୍ ଇଣ୍ଡିଆ ପକ୍ଷରୁ ୩୫୦ ସିସି କ୍ଷମତା ବିଶିଷ୍ଟ ବାଇକ୍‌ର ବଜାର ପ୍ରବେଶ କରାଯାଇଛି। ଶୁକ୍ରବାର କଟକ ଗଣ୍ଡରପୁରସ୍ଥିତ ଏମ୍‌ଏସ୍‌ବି ଟ୍ରାଇମ୍ଫ୍ ଶୋ'ରୁମ୍‌ରେ ଟ୍ରାକର ୪୦୦, ସ୍ପିଡ୍ ୪୦୦,ସ୍ପିଡ୍ ଟି ୪, ସ୍କ୍ରାମ୍ବଲର ୪୦୦ ଏବଂ ଥ୍ରକସ୍‌ଟନ୍ ୪୦୦ ମଡେଲର ବଜାର ପ୍ରବେଶ କରାଯାଇଛି। ଟ୍ରାଇମ୍ଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଏଏସ୍‌ଏମ୍ (ସର୍ଭିସ୍) ଆଶିଷ ଷଡ଼ଙ୍ଗୀ, ଜିଏମ୍ (ସେଲ୍‌ସ) ରାଜେନ୍ଦ୍ର ମିଶ୍ର, ଜିଏମ୍ (ସର୍ଭିସ୍) ଦୀପକ ମହାପାତ୍ର, ଶୋ'ରୁମ୍ ପରିଚାଳକ ପ୍ରସନ୍ନଜିତ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




# ମାଲାବାରର ଅକ୍ଷୟ ତୃତୀୟା ଅଫର ଘୋଷଣା



ଭୁବନେଶ୍ୱର,୧୭।୪
(ଅନୁରାଧା ମହାରଣା)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଗହଣା କଲେକ୍ସନ 'ଚିତ୍ରାଙ୍ଗୀ'ର ଉନ୍ମୋଚନ କରାଯାଇଛି। ଶୁକ୍ରବାର ସମ୍ବଲପୁରସ୍ଥିତ ଷ୍ଟୋରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ ସହ ଅକ୍ଷୟ ତୃତୀୟା ଅଫର ମଧ୍ୟ ଘୋଷଣା କରାଯାଇଛି। ପୂର୍ବ ଭାରତୀୟ ଐତିହ୍ୟରୁ ଅନୁପ୍ରାଣିତ 'ଚିତ୍ରାଙ୍ଗୀ' କଲେକ୍ସନରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଅଳଙ୍କାର ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ପାରମ୍ପରିକ ଓ ଆଧୁନିକ ଛାପ ଏହି ଅଳଙ୍କାରରେ ଦେଖିବାକୁ ମିଳୁଛି। ସୁନାଗହଣା, ଅନ୍‌କଟକ ଏବଂ ଜେମ୍‌ଷ୍ଟୋନ୍ ଜୁଏଲେରିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ଘୋଷଣା କରାଯାଇଥିବାବେଳେ ଡାଇମଣ୍ଡ ଭାଲ୍ୟୁ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ରହିଛି। କାର୍ଯ୍ୟକ୍ରମରେ ଷ୍ଟୋରର ଏସ୍‌ଏମ୍ ଆଶୁତୋଷ ସୁନା ଏବଂ ମାର୍କେଟିଂ ଏକ୍ସିକ୍ୟୁଟିଭ୍ ଲିଙ୍କନ୍ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଦିନ ରେଳରେ ୨ କୋଟି ଯାତ୍ରୀ ପରିବହନ

ଭୁବନେଶ୍ୱର,୧୭।୪(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପ୍ରତିଦିନ ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ଜଟିଳ ରେଳ ନେଟୱାର୍କରେ ଦୁଇ କୋଟିରୁ ଅଧିକ ଯାତ୍ରୀ ପରିବହନ କରିଥାଏ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଜାତୀୟ ପ୍ରକାଶନରେ ଲେଖିଛନ୍ତି ଯେ ବିଶ୍ୱ ସ୍ତରରେ, ରେଳ ସୁରକ୍ଷାକୁ ପ୍ରତି ବିଲିୟନ ଯାତ୍ରୀ-କିଲୋମିଟରରେ ମୃତ୍ୟୁ କିମ୍ବା ଦୁର୍ଘଟଣା ମାଧ୍ୟମରେ ମାପ କରାଯାଏ। ସୁରକ୍ଷା ପ୍ରଥମେ ଏବଂ ୨୦୧୪ ମସିହାରୁ, ଭାରତୀୟ ରେଳବାଇ ଏହାର ସୁରକ୍ଷା ଇକୋସିଷ୍ଟମରେ ଏକ ବ୍ୟାପକ, ବୈଷୟିକ ନେତୃତ୍ୱାଧୀନ, ନିରନ୍ତର ପାଣ୍ଠି ଯୋଗାଣ ପରିବର୍ତ୍ତନ କରିଛି । କେନ୍ଦ୍ରମନ୍ତ୍ରୀ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ୟୁରୋପୀୟ ୟୁନିଅନରେ, ଯାହାକୁ ବ୍ୟାପକ ଭାବେ ଏକ ମାନଦଣ୍ଡ ଭାବେ ବିବେଚନା କରାଯାଏ।




ବଲିଉଡ୍ ଅଭିନେତ୍ରୀ ଏବଂ ବ୍ରାଣ୍ଡ ଆମ୍ବାସାଡର କାଜଲ ଦେବଗନ ଅଷ୍ଟ୍ରେଲିଆର ମେଲ୍‌ବୋର୍ନରେ ଜୟଆଲୁକ୍କାସ୍ ଶୋ'ରୁମ୍ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଦକ୍ଷିଣ-ପୂର୍ବ ମେଟ୍ରୋପଲିଟନ୍ ଅଞ୍ଚଳ ପାଇଁ ଲେବର ସଦସ୍ୟ ଲି ଟାର୍ଲାମିସ୍, ଭାରତର କନ୍‌ସୁଲ ଜେନେରାଲ ଅନିଶ୍ ରାଜନ, କାସାନ୍ଦ୍ରା ଫର୍ନାଣ୍ଡୋ, ଜିମ୍ ମେମେଟିଙ୍କ ସମେତ ଜୟଆଲୁକ୍କାସ୍‌ର ସିଇଓ ଜନ୍ ପଲ୍ ଆଲୁକ୍କାସ୍ ଓ ନିର୍ଦ୍ଦେଶକ(ଇଣ୍ଟରନ୍ୟାଶନାଲ ଅପରେଶନନ୍ସ)ର ଆଲୁକ୍କାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲିପ୍ସା, କାଜଲଙ୍କ ଅର୍ଦ୍ଧଶତକ: ଯାଜପୁରର ସହଜ ବିଜୟ

**ଆନ୍ତଃଜିଲା ମହିଳା ଟି୨୦**

କଟକ,୧୭।୪(କୁମାରଶ୍ରୀ)

ଓସିଏ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଯାଜପୁର ୧୨୨ରନରେ ବୌଦ୍ଧକୁ ପରାସ୍ତ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଟସ୍ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରିଥିଲା। ଅଲିପ୍ସା ବିଶ୍ୱାଳ ୪୫ବଲରୁ ୯୩ ଏବଂ କାଜଲ ଜେନା ୩୦ବଲରୁ ୫୩ରନର ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଯାଜପୁର ୩ ଉଇକେଟ ବିନିମୟରେ ୨୧୦ରନ କରିଥିଲା। ବୌଦ୍ଧର ରଶ୍ମିତା ପ୍ରଧାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୨୧୧ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୯ ଉଇକେଟ ହରାଇ ମାତ୍ର ୮୮ରନ ସଂଗ୍ରହ କରିପାରିଥିଲା। ଶତକରୁ ବଞ୍ଚିତ ହୋଇଥିବା ଅଲିପ୍ସା ୪ରନ ବ୍ୟୟ କରି ଗୋଟିଏ ଉଇକେଟ ଦଖଲ କରିବା ସହ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ଲୋସ୍କୋରିଂ ମ୍ୟାଚ୍‌ରେ ଭୁବନେଶ୍ୱର ୧୦ ଉଇକେଟରେ ପାରାଦୀପକୁ ହରାଇଛି। ପାରାଦୀପ ୩୭ରନରେ ଅଲଆଉଟ ହୋଇଥିବା ବେଳେ ଭୁବନେଶ୍ୱର ୫.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟୀ ହୋଇଛି। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସୋନପୁର ୧୨ରନରେ କେନ୍ଦ୍ରାପଡ଼ାକୁ, ବାଲେଶ୍ୱର ୯ ଉଇକେଟରେ ଖୋର୍ଦ୍ଧାକୁ, ଢେଙ୍କାନାଳ ୫ ଉଇକେଟରେ ପୁରୀକୁ, ଝାରସୁଗୁଡ଼ା ୭୧ରନରେ ସମ୍ବଲପୁରକୁ ପରାସ୍ତ କରିଛି।

# କିଟ୍‌ରେ ପିକଲବଲ କୋର୍ଟ ଉଦ୍‌ଘାଟିତ


ପିକଲବଲ୍ କୋର୍ଟ ଉଦ୍‌ଘାଟନ ଅବସରରେ ଖେଳାଳି ଓ ଅନ୍ୟମାନଙ୍କ ସହ ଅତିଥିବୃନ୍ଦ।

ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)

ଭାରତରେ ପିକଲବଲ୍‌ର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ପିକଲବଲ୍ କୋର୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଟାଇମ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଭିନିତ ଜୈନ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ୟାମ୍ପସ-୮ରେ ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। ଫେମିନା ମିସ୍ ଇଣ୍ଡିଆର ୬୧ତମ ସଂସ୍କରଣରେ ଯୋଗ ଦେବାପାଇଁ ଭିନିତ ଜୈନ ସମ୍ପ୍ରତି ଓଡ଼ିଶାରେ ଅଛନ୍ତି। ଏହି ଅବସରରେ ସେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଛନ୍ତି। କ୍ରୀଡ଼ାର ବିକାଶ ପାଇଁ ଅଚ୍ୟୁତଙ୍କ ଦୃଷ୍ଟିଭଙ୍ଗୀକୁ ସେ ପ୍ରଶଂସା କରିଛନ୍ତି। ପିଲାମାନଙ୍କ ସହ ଭାବ ବିନିମୟ କରିବା ସହ କିଟ୍‌ର ଛାତ୍ରଙ୍କ ସହ ପିକଲବଲ୍ ଖେଳିଛନ୍ତି।

କ୍ରିକେଟ ପରେ ପିକଲ୍ ବଲ୍‌କୁ ଭାରତର ସବୁଠାରୁ ଲୋକପ୍ରିୟ ଖେଳ ମଧ୍ୟରୁ ଗୋଟିଏ କରିବା ପାଇଁ ତାଙ୍କର ଦୃଷ୍ଟିକୋଣ ଉପରେ ଜୈନ ଆଲୋକପାତ କରିଥିଲେ। ସଂରଚିତ ଲିଗ୍, ଗଣମାଧ୍ୟମ ସମର୍ଥନ, ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ ଏବଂ ତୃଣମୂଳ ସ୍ତରରେ ପଦକ୍ଷେପ ମାଧ୍ୟମରେ ଏହି ଖେଳ ସାରା ଦେଶରେ ବିଶେଷକରି ଯୁବପିଢ଼ି ଏବଂ ସ୍କୁଲ ପିଲାମାନଙ୍କ ମଧ୍ୟରେ ଦ୍ରୁତ ଲୋକପ୍ରିୟତା ହାସଲ କରିପାରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଅଚ୍ୟୁତ କହିଛନ୍ତି ଯେ, ଭାରତରେ ଦ୍ରୁତ ବିକଶିତ ହେଉଥିବା କ୍ରୀଡ଼ା ମଧ୍ୟରୁ ପିକଲବଲ ଅନ୍ୟତମ। ଏହାକୁ ସମସ୍ତ ବୟସବର୍ଗରେ ଖେଳାଯାଇପାରୁଛି। କିଟ୍‌ରେ ଉଦ୍‌ଘାଟିତ ୮ଟି ପିକଲବଲ୍ କୋର୍ଟ ଓଡ଼ିଶାର ଯୁବ ପ୍ରତିଭାଙ୍କ ପାଇଁ ଉପାଦେୟ ହେବ ଏବଂ ସେମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଂଶଗ୍ରହଣ କରି ଭଲ ପ୍ରଦର୍ଶନ କରିପାରିବେ। ନିକଟ ଅତୀତରେ ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପିକଲବଲ ଟୁର୍ନାମେଣ୍ଟ ଆୟୋଜନ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

# ହାଭିଶ-ସ୍ୱପ୍ନିଲଙ୍କୁ ଡବଲ୍ସ ଟାଇଟଲ

**ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ**

ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)

ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ ଆନୁକୂଲ୍ୟରେ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ରିସର୍ଟରେ ଚାଲିଥିବା ୧୬ ବର୍ଷରୁ କମ୍ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ବାଳକ ଡବଲ୍ସ ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଯୋଡ଼ି ହାଭିଶ ବଂଶଲ ଓ ସ୍ୱପ୍ନିଲ ଘୋଷ ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ ଆସାମର ସମ୍ପିତ ବୋରା ଓ କର୍ଣ୍ଣାଟକର ଅର୍ଜୁନ ଶାସ୍ତ୍ରୀଙ୍କୁ ୬-୨, ୭-୬ (୭/୪) ସେଟ୍‌ରେ ପରାସ୍ତ କରିଛନ୍ତି। ସ୍ୱର୍ଗତ ସନ୍ଦୀପଙ୍କ ବାପା ଜଗଦାନନ୍ଦ ମହାପାତ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବାଳିକା ଓ ବାଳକ ବିଭାଗର ସିଙ୍ଗଲ୍ସ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ବାଳିକା ଫାଇନାଲରେ ଓଡ଼ିଶାର ସଂରଚନା ଦାସ ଉତ୍ତର ପ୍ରଦେଶର ଆଶି ଶମଶେରୀଙ୍କୁ ଭେଟିବେ। ସେହିପରି ବାଳକ ବର୍ଗରେ ଦୁଇ ପଶ୍ଚିମବଙ୍ଗ ଖେଳାଳି ରିଶବ କୁମାର ପ୍ରସାଦ ଓ ହାଭିଶ ବଂଶଲ ପରସ୍ପରର ସମ୍ମୁଖୀନ ହେବେ।


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ହାଭିଶ ବଂଶଲ ଓ ସ୍ୱପ୍ନିଲ ଘୋଷ।


# Classified Everyday

0674-2580101, 9692975378



## REAL ESTATE

**SALE**

**Plot Sale Near Sundarpada OEC College with Boundary wall- 6372670155.** D-30

ପୂର୍ବମୁହାଁ ଘରବାରୀ 01 ଗୁଣ୍ଠ ପ୍ଲଟ୍ ବିକ୍ରିହେବ, ହାଟ ରୋଡ୍, କାଲଟାକ୍ସ, ଢେଙ୍କାନାଳ, ମୋବାଇଲ ନମ୍ବର- 9861722609/ 9438112793. D-84

**3BHK Flat 1500sqft., 500 meter from Gate-1, Kalinga Stadium, 3years 6 months old, North facing, 2 Balcony with Pujaroom for sale. Price- 1.45 crores (Negotiable). 8984896487. Brokers not allowed.** D-139

**Ready to move apartment Sale Near Hanspal, Rasulgarh, Bhubaneswar. 9777433701.** D-29

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250




All types of physiotherapy and massage. Contact: 9556924059 / 7656969134. D-109

Newly opening full body massage. Best therapist, Good Looking: 7205888795. D-135

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

## AFFIDAVIT

By virtue of an affidavit before Notary Public, Khariar, dtd.- 23.08.2025 that before marriage I known as Game Parabhue, D/o.- Tunku Parabhue of Village- Pakhanmunda, P.O.- Kuibahal, P.S.- Turekela, Dist.- Bolangir which is mentioned in my S.B. Account of Bank of Baroda, Kantabanji branch and Aadhaar Card but after marriage to Duryodhan Lohar of Village/P.O.- Duajhar, P.S.- Khariar, Dist.- Nuapada I known as Game Lohar, W/o.- Duryodhan Lohar which is mentioned in my S.B. Account of SBI, Khariar Azad Chowk Branch whereas Game Parabhue and Game Lohar, W/o.- Duryodhan Lohar is same and one person. D-136

By virtue of an affidavit sworn before the Executive Magistrate, Nuapada, No.271, Dtd.- 15.4.26, I, SETBAI PANDEY, W/o.- NIMICHAND PANDEY, R/o. At/P.O.- Amalidadar, P.S.- Jonk, Dist.- Nuapada, Odisha, PIN- 766104 declare that I have changed my name from CHHEDABAI PANDEY to SETBAI PANDEY. Henceforth, I shall be known as SETBAI PANDEY for all purposes.
SETBAI PANDEY D-132

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Kaibal Patel, At- Biramal, P.O.- Mahichala, Dist.- Kalahandi, Odisha- 766023 declare by this affidavit No.- 74AA 623672, dated 21.08.2025 that now onwards I shall be known as KAIBALYA PATEL for all future purposes. D-134

By virtue of an affidavit sworn before Executive Magistrate Bhubaneswar, dated 02.02.2026, I, Banjit Rout, Address: At- Plot No. 433, Raghunathpur, Nandankanan Road, P.O.- KIIT, P.S.- Nandankanan, Bhubaneswar- 751024 declare that I have changed the name of my son from Biswarup Rout to Tanmaya Rout. Henceforth, he shall be known as Tanmaya Rout for all purposes.
Banjit Rout D-131

By virtue of an affidavit in the Court of Executive Magistrate, Khaira I declare that in my Aadhaar card & Bank Passbook my name has been mentioned as Dibakar Barik. But in LIC certificate (Policy No. 586551361) my name has been recorded as Pratap Kumar Barik. Both the above names belongs to one & same person. D-140

I, Prativa Ranjan Samantara, S/o- Late Jayahari Samantara, born on 10.01.1953, residing at Andarpur, Dula Dei Road, P.O.- Kalyani Nagar, P.S.- Madhupatna, Dist.- Cuttack- 753013 have changed my name to Prativa Ranjan Samantaray vide affidavit dated 10.04.2026 at Cuttack. D-138

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LEGAL NOTICE

Letter No.- 599, dtd.- 15.04.2026

ଅତିରିକ୍ତ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର ୨୯୬/୨୦୨୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ପ୍ରବୋଧ କୁମାର ସାମନ୍ତରାୟ ଏବଂ ଶ୍ରୀ ମିହିରକାନ୍ତ ସାମନ୍ତରାୟ ........ବାଦୀ
ବନାମ
ଗୋକୁଳାନନ୍ଦ ମିଶ୍ର ଏବଂ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ୩. ବ୍ରଜମୋହନ ପରିଡ଼ା, ପିତା- ଦୀନବନ୍ଧୁ ପରିଡ଼ା, ଗ୍ରାମ- ବିରିବାଡିଆ, ପି.ଓ./ପି.ଏସ୍.- ବ୍ରହ୍ମପୁର, ଗଞ୍ଜାମ, ୪. ଲକ୍ଷ୍ମଣ ମାଝି, ପିତା- ଧୋବେଇ ମାଝି, ୫. କୁମୁଦିନୀ ବେୱା, ସ୍ୱାମୀ- ଶତ୍ରୁଘ୍ନ ମାଝୀ, ୬. ପଞ୍ଚାନନ ମାଝି, ପିତା- ଦିଗମ୍ବର ମାଝୀ, ପ୍ରତିବାଦୀ ୪ ରୁ ୬ଙ୍କ ଠିକଣା: ଗ୍ରାମ- ଚକେଇସିଆଣି, ପି.ଏସ୍.- ସହିଦନଗର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀମାନେ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୨୫।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ନୂତନ କ୍ୟାପିଟାଲ୍, ମୌଜା: ଗାଡ଼କଣ
ସାବକ: ଖାତା ନମ୍ବର- ୭୦୪, ୭୦୫, ପ୍ଲଟ୍ ନମ୍ବର- ୩୩୩୮/୫୧୭୭, ୩୩୩୯, ରକବା- ମୋଟ ଏ ୦.୯୧ ଡି., ମୋଟ ଏ ୧.୫୫ ଡି., ସ୍ୱତ୍ୱ- ସ୍ଥିତିବାନ୍, ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୩୧୮୭, ପ୍ଲଟ୍ ନମ୍ବର- ୬୦୭୮, ରକବା- ମୋଟ ଏ୦.୧୩୫ଡି.ରୁ ଏ୦.୦୪୦ଡି., ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.୧୫।୦୪।୨୦୨୬ ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୧୨୯

Letter No.- 617, dtd.- 17.04.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. କେସ୍ ନମ୍ବର ୨୧୮/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ନିବାଶ ଶ୍ରୀଚନ୍ଦନ ଓ ଅନ୍ୟମାନେ ..........ବାଦୀ
ବନାମ
ଓଡ଼ିଶା ରାଜ୍ୟ ସରକାର ଓ ଅନ୍ୟମାନେ ..........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.୪. ରାମଚନ୍ଦ୍ର ନାୟକ, ପିତା- ସ୍ୱର୍ଗତ ମୁଲି ନାୟକ, ଗ୍ରାମ/ପୋଷ୍ଟ- ସିନାପାଦ, ଥାନା- ଖଣ୍ଡପଡ଼ା, ଜିଲ୍ଲା- ନୟାଗଡ଼, ୫. ପ୍ରତାପ କୁମାର ବେହେରା, ପିତା- ଉଗ୍ରସେନ ବେହେରା, ଗ୍ରାମ- ପଥରଗାଡ଼ିଆ, ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୬. କୃଷ୍ଣ ଶ୍ରୀଚନ୍ଦନ, ୭. ବ୍ରହ୍ମଚାରୀ ଶ୍ରୀଚନ୍ଦନ, ୮. ରାମଚନ୍ଦ୍ର ଶ୍ରୀଚନ୍ଦନ, ପ୍ରତିବାଦୀ ନଂ. ୬ ରୁ ୮ଙ୍କ ପିତା- ସ୍ୱର୍ଗତ ଅନାଥବନ୍ଧୁ ଶ୍ରୀଚନ୍ଦନ, ୯. ହୃଷୀକେଶ ଶ୍ରୀଚନ୍ଦନ, ୧୦. ବିଚିତ୍ରା ଶ୍ରୀଚନ୍ଦନ, ୧୧. ସୁଚିତ୍ରା ଶ୍ରୀଚନ୍ଦନ, ୧୨. ସୁରେଖା ଶ୍ରୀଚନ୍ଦନ, ପ୍ରତିବାଦୀ ନଂ. ୯ ରୁ ୧୨ଙ୍କ ପିତା- ସ୍ୱର୍ଗତ ବାଜା ଶ୍ରୀଚନ୍ଦନ, ୧୩. ପ୍ରୀତି ପରମିତା ଶ୍ରୀଚନ୍ଦନ, ପିତା- ସ୍ୱର୍ଗତ ପିତବାସ ଶ୍ରୀଚନ୍ଦନ, ୧୪. ରଜନୀ ଶ୍ରୀଚନ୍ଦନ, ୧୫. ସୁବଶ୍ରୀ ଶ୍ରୀଚନ୍ଦନ, ସମସ୍ତଙ୍କର ଗ୍ରାମ- ଯୁଝାଗଡ଼ା, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୮।୦୫।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ପଥରଗାଡ଼ିଆ, ସାବକ ଖାତା ନମ୍ବର- ୨୩୦, ପ୍ଲଟ୍ ନମ୍ବର- ୮୯୨, ରକବା ଏ୦.୫୬୦ଡେସିମିଲରୁ ଏ୦.୦୪୦ଡେସିମିଲ, ହାଲ୍ ଖାତା ନମ୍ବର- ୯୯୫, ପ୍ଲଟ୍ ନମ୍ବର- ୩୯୭୭, ରକବା ଏ୦.୧୦୦ଡେସିମିଲରୁ ଏ୦.୦୪୦ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୧୪୧

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



√ମଞ୍ଜୁଳା ମହାନ୍ତି
ବୈଶାଖ ଶୁକ୍ଳପକ୍ଷ ପ୍ରତିପଦ
ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ସବୁ ସମୟରେ ତୁମର ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଅଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।
-:ଶୋକସନ୍ତପ୍ତ:-
ନନା, ନୂଆବୋଉ, ଅପା, ଭାଇ, ଅଞ୍ଜୁ, ଶୋଭନ, ରମା, ସଞ୍ଜୁ, ବାପି, ପାପୁ, ତପୁ, ଟିଟି, ପାପୁ, ତୁତୁଲୁ, ଆନିଆ।
ଧ-୧୩୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ 18.04.26**



√Prasant Kumar Barik
Satya Nagar, BBSR
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର- ଗୁଲୁଲ, ସୁଲୁଲ ଏବଂ ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୩୩

**ଏକାଦଶାହ ଉପଲକ୍ଷେ**



√ସୁମିତ୍ରା ମିଶ୍ର(ଜୁଲି)
ସ୍ୱାମୀ-ସ୍ୱର୍ଗତ ସୁରେଶ ଚନ୍ଦ୍ର ମିଶ୍ର
ଆବିର୍ଭାବ: ୨୯.୦୭.୧୯୫୦
ତିରୋଧାନ : ୦୯.୦୪.୨୦୨୬
ଆଜି ତୁମର ଏହି ଏକାଦଶାହ ପୁଣ୍ୟତିଥି ଅବସରରେ, ଆମେ ସମସ୍ତ ପରିବାରବର୍ଗ ଓ ଆତ୍ମୀୟ-ସ୍ୱଜନ ଭାରାକ୍ରାନ୍ତ ହୃଦୟରେ ତୁମକୁ ସ୍ମରଣ କରୁଛୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଆମର ଏତିକି ପ୍ରାର୍ଥନା, ତୁମର ପବିତ୍ର ଆତ୍ମାକୁ ଚିର ଶାନ୍ତି ଓ ସଦ୍‌ଗତି ମିଳୁ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସତ୍ୟଜିତ୍, ଶ୍ରାବଣୀ, ସୁସ୍ମିତ୍, ଚିନ୍ମୟୀ, ପାର୍ଥ, ବିନ୍ଦୁ ଓ ମିଶ୍ର ପରିବାରବର୍ଗ
ଧ-୩୧

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM BHARAT INTERFACE FOR MONEY | UPI UNIFIED PAYMENTS INTERFACE

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# କିଛି କ୍ଳେଶ, କିଛି କୃତଜ୍ଞତା: ଅରୁନ୍ଧତୀ ରାୟଙ୍କ ସ୍ମୃତିକଥା



୨୦୨୫ରେ ପ୍ରକାଶିତ ବୁକର୍ ବିଜୟିନୀ ଅରୁନ୍ଧତୀ ରାୟଙ୍କ ସ୍ମୃତିକଥା "Mother Mary Comes To Me" ଆତ୍ମଜୀବନୀ ବର୍ଗରେ ଲାଭ କରିଛି ୨୦୨୬ର ସମ୍ମାନଜନକ "ନ୍ୟାଶନାଲ୍ ବୁକ୍ କ୍ରିଟିକ୍ସ ସର୍କଲ (ଏନ୍‌ବିସିସି) ଆୱାର୍ଡ। ଏହି ବହି ପାଇଁ ପୁଣି ଅରୁନ୍ଧତୀଙ୍କୁ ମିଳିଛି ୨୦୨୬ର 'ମାତୃଭୂମି ବୁକ୍ ଅଫ୍ ଦ ଇୟର୍ ପୁରସ୍କାର'। 'ମହିଳା ଅଣକଥା ପୁରସ୍କାର-୨୦୨୬' ପାଇଁ ବହିଟି ସଂକ୍ଷିପ୍ତ ତାଲିକାଭୁକ୍ତ ହୋଇଛି। 'ନ୍ୟୁୟର୍କ ଟାଇମ୍ସ', 'ଗାର୍ଡିଆନ୍' ଓ 'ନ୍ୟୁୟୋର୍କର' ସମେତ ବିଶ୍ୱର ଆଗଧାଡ଼ିର ପତ୍ରପତ୍ରିକା ବହିଟିର ଭୂୟସୀ ପ୍ରଶଂସା କରିଛନ୍ତି। ଅରୁନ୍ଧତୀ କହିଛନ୍ତି: "ମୁଁ ଆଜି ପର୍ଯ୍ୟନ୍ତ ଲେଖିଥିବା ବହିଗୁଡ଼ିକ ମଧ୍ୟରେ ଏହା ହେଉଛି ମୋର ସବୁଠୁଁ ଶ୍ରମସାଧ୍ୟ ରଚନା'। ଅରୁନ୍ଧତୀଙ୍କ ସ୍ମୃତିକଥାକୁ ନେଇ ଏଇ ଆଲେଖ୍ୟ।

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

"ମଦର ମେରୀ କମ୍ସ ଟୁ ମି"ର ମୁଖ୍ୟ ଚରିତ୍ର ମେରୀ ରାୟ, ଅରୁନ୍ଧତୀଙ୍କ ମାଆ। ଆମ ସମାଜ ବ୍ୟବସ୍ଥା 'ମା' ଶବ୍ଦଟି ସହ ଆତ୍ମତ୍ୟାଗକୁ ମିଶାଇ ଯେଉଁ ଦେବୀର ରୂପ ଦିଏ, ଅରୁନ୍ଧତୀ ତାଙ୍କ ବହିରେ ସେପରି କୌଣସି ଦେବୀର ଆରାଧନା କରିନାହାନ୍ତି, ବରଂ ଆଙ୍କିଛନ୍ତି ରକ୍ତମାଂସର ବିସ୍ମୟକର ଚିତ୍ର। ମେରୀ ରାୟ ପିତୃତନ୍ତ୍ରର ଶିକୁଳି କାଟି ଆକାଶ ଛୁଇଁବାକୁ ଚାହିଁଛନ୍ତି ଯେତିକି, ବିଦ୍ରୋହର ନିଆଁରେ ସ୍ୱଜନ-ପରିବାରକୁ ସିଝାଇଛନ୍ତି ସେତିକି। ଆଲୋଚ୍ୟ ପୁସ୍ତକରେ ଅରୁନ୍ଧତୀ ପାଠକଙ୍କୁ ପାଛୋଟି ନେଇଛନ୍ତି ତାଙ୍କ ବ୍ୟକ୍ତିଗତ ଜୀବନର ନିଭୃତ କକ୍ଷକୁ। ମା' ମେରୀ ରାୟ ଯେତିକି କରୁଣାମୟୀ, ସେତିକି କରାଳ। ଖାଲି ମା'ଙ୍କ କଥା ନୁହେଁ, ବହିରେ ରହିଛି କେରଳରେ ବିତିଥିବା ଅସ୍ୱଚ୍ଛନ୍ଦ ଶୈଶବରୁ ଆରମ୍ଭ କରି ସାହିତ୍ୟିକ ଖ୍ୟାତି ଓ ସାମାଜିକ କ୍ରିୟାଶୀଳତା ଯାଏଁ ଲେଖିକାଙ୍କ ଜୀବନଯାତ୍ରାର କ୍ଳେଶ ଓ କାରୁଣ୍ୟମିଶା କାହାଣୀ। ଗୋଟିଏ ଝିଅ ତା' ମାଆକୁ ନୂଆ କରି ଚିହ୍ନିବାର ଉଦ୍ୟମ, ପିତୃତାନ୍ତ୍ରିକ କଟକଣା ବିରୁଦ୍ଧରେ ଆଜୀବନ ସଂଗ୍ରାମର ଦଲିଲ୍ ଏ ସ୍ମୃତିକଥା।

ମେରୀ ରାୟଙ୍କ ଉଦ୍ଦମଚଡ଼କା ଜୀବନର ସୂତ୍ର ଧରି ବହିଟିର ଘଟଣାବଳୀ ଗତିଶୀଳ। ୧୯୩୦ ଦଶକରେ କେରଳର ଏକ ରକ୍ଷଣଶୀଳ ସିରିୟାନ୍ ଖ୍ରୀଷ୍ଟିଆନ୍ ପରିବାରରେ ତାଙ୍କର ଜନ୍ମ ଓ ଲାଳନ। ସେତେବେଳର ସମାଜ ଥିଲା ଚରମ ପୁରୁଷକୈନ୍ଦ୍ରିକ। କୀଟତତ୍ତ୍ୱବିତ୍ ମାତାଲୀ ବାପାଙ୍କର ଅତ୍ୟାଚାର କବଳରୁ ତ୍ରାହି ପାଇବା ପାଇଁ ମେରୀ ବିବାହ କରନ୍ତି ଜଣେ ବଙ୍ଗାଳୀ ହିନ୍ଦୁ ଯୁବକଙ୍କୁ। ଆସାମ ଚା' ବଗିଚାର ସେ ପଦାଧିକାରୀ, କର୍ମ ଅବଳକୁ ସେ ବି ମଦ୍ୟପ। ସୁତରାଂ ଅଳ୍ପଦିନରେ ମେରୀଙ୍କ ବୈବାହିକ ଜୀବନର ଅନ୍ତ ଘଟେ। ପୁଅ ଲଲିଥ ଓ ଝିଅ ଅରୁନ୍ଧତୀଙ୍କୁ ନେଇ ମେରୀ ଫେରିଯା'ନ୍ତି ବାପଘର କେରଳକୁ। ଅରୁନ୍ଧତୀ ମାଆଙ୍କ କଥା କହିବାକୁ ଯାଇ କହିଛନ୍ତି କିପରି ଜଣେ ନିଃସଙ୍ଗ ନାରୀକୁ ନିଜ ପରିବାର ଓ ସମାଜର ଗଞ୍ଜଣା ସହିବାକୁ ପଡ଼େ। ମଥା ଗୁଞ୍ଜିବାକୁ ଜାଗା ଟିକେ ପାଇଁ ବାର ହିନସ୍ତା ହେବାକୁ ହୁଏ। 'ଗୃହହୀନତାବୋଧ' ମେରୀଙ୍କୁ ଜଣେ ଲଢୁଆ ମଣିଷରେ ପରିଣତ କରିଛି।



ବହିର ସିଂହଭାଗ ଦଖଲ କରି ବ୍ୟାପୀ ରହିଛି ମେରୀ ରାୟଙ୍କର ସେହି ଐତିହାସିକ ଲଢ଼େଇ, ଯାହା ଭାରତର ଆଇନ ଇତିହାସରେ 'ମେରୀ ରାୟ ମାମଲା' (୧୯୮୬) ଭାବେ ଜଣାଶୁଣା।

କେରଳରେ ସେତେବେଳେ ରୀତି ଥାଏ ବାପଘର ସମ୍ପତ୍ତିରେ ଝିଅ ପାଇବ ନାହିଁ ଅଧିକାର। ମେରୀ ରାୟ ଏହି ବୈଷମ୍ୟପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ି କୋର୍ଟରେ ଜିତାପଟ ନେଲେ। ଅରୁନ୍ଧତୀ ଦର୍ଶାଇଛନ୍ତି, ମୋ' ମାଆଙ୍କର ଏ ଲଢ଼େଇ କେବଳ ଅର୍ଥ ପାଇଁ ବା ଆପଣା ସ୍ୱାର୍ଥ ସିଦ୍ଧି ପାଇଁ ଲଢ଼େଇ ନ ଥିଲା, ଥିଲା ନାରୀର ଅସ୍ତିତ୍ୱ ଓ ମର୍ଯ୍ୟାଦାର ପ୍ରତିଷ୍ଠା। ବହିର ସବୁଠାରୁ ଶକ୍ତିଶାଳୀ ଦିଗଟି ହେଉଛି ମାଆ-ଝିଅ-ସମ୍ପର୍କର ପକ୍ଷପାତହୀନ ଅବତାରଣା। ଅରୁନ୍ଧତୀ କହିଛନ୍ତି- "ତାଙ୍କ ମାଆ ଆଧିପତ୍ୟକାମୀ, ଖାମଖିଆଲି ଓ ଆଶାତୀତ ଭାବେ କଠୋର।" ପିଲାବେଳେ କିପରି ସେ ଏକ ପକ୍ଷରେ ମାଆଙ୍କ ତାଡ଼ନାରେ ଜଡ଼ ପାଲଟି ଯାଉଥିଲେ ଓ ଅନ୍ୟ ପକ୍ଷରେ ମାଆଙ୍କ ସାହସିକତାରୁ ଲେଖକ-ସତ୍ତା ପାଇଁ ରସଦ ସଂଗ୍ରହ କରୁଥିଲେ, ସେହି ଦ୍ୱୈତ ସ୍ଥିତିର ଅକୁଣ୍ଠ ଅବତାରଣା କରିଛନ୍ତି ଲେଖିକା।

ବହିଟିକୁ ମନଲଗେଇ ପଢ଼ିଲେ ସବୁଠୁଁ ବିଚିତ୍ର ଓ ବିସ୍ମୟକର ଯେଉଁ ଚରିତ୍ରଟି ପାଠକଙ୍କୁ ବିବ୍ରତ କରେ, ସେ ମେରୀ ରାୟ। ମହିଳାଙ୍କ ସଶକ୍ତୀକରଣ ପାଇଁ ତେଣେ କମରସମୁଟା ଯୁଦ୍ଧ, ଏଣେ ନିଜ ଘରେ ଜନ୍ମିତ ସନ୍ତାନଙ୍କୁ ଦୂର୍‌ଦୂର୍, ଫିଙ୍ଗ୍‌ଫିଙ୍ଗ୍। ଘରୁ ମନମରା ଝିଅଟି ଅକୁହା ଅବୋଲା ପଳେଇଯାଏ ଦିଲ୍ଲୀ, ଅଥଚ ବର୍ଷବର୍ଷ ଧରି ତା'ର ଖୋଜ୍ ନିଏ ନାହିଁ ମାଆ। ଜୀବନରେ ବାପଘର କି ଶାଶୁଘର ସୁଖ ଚାଖିନଥିବା ନାରୀଟିଏ କିପରି ଧୀରେଧୀରେ ସ୍ୱଜନ-ପୀଡ଼ନର ପୁତ୍ତଳିକା ପାଲଟିଯାଏ, ମାଆଙ୍କର ସେହି ଦୁଃଖଦ ଗାଥା ଅରୁନ୍ଧତୀଙ୍କ ଆତ୍ମକଥାରେ ପିଞ୍ଜି ହେଇ ରହେ। ଦିନରେ ତାଣ୍ଡବ ରଚି, ରାତିରେ ଏକାକିନୀ-ମାଆଟି ଯେଉଁ କାନ୍ଦ କାନ୍ଦେ, ତାକୁ କ'ଣ ଖାଲି ଆଖିରେ ଦେଖିହୁଏ? ଅରୁନ୍ଧତୀଙ୍କ ସ୍ମୃତିକଥା ବିଶ୍ଳେଷଣ ଅବସରରେ ବହୁ ବିଶିଷ୍ଟ ସମୀକ୍ଷକ ତାଙ୍କ ସମୀକ୍ଷାଦୃଷ୍ଟିକୁ ଗୋଟିପଣେ ମେରୀ ରାୟଙ୍କ ନିଷ୍ଠୁରତାରେ ନିବଦ୍ଧ ରଖିଛନ୍ତି, ଫଳରେ ମାଆର ଯେଉଁ ରୁଦ୍ର ସୁନ୍ଦର ସାମଗ୍ରିକ ରୂପଟିକୁ ମାଆଙ୍କ ମୃତ୍ୟୁପରେ ଅରୁନ୍ଧତୀ ତାଙ୍କ ମାନସଲୋକରେ ଆଙ୍କିଛନ୍ତି, ତାହା ସେମାନଙ୍କ ଆଖିରୁ ଖସିଯାଇଛି।

ଦିଲ୍ଲୀରେ ବାସ୍ତୁକଳା ଅଧ୍ୟୟନର ତୃତୀୟ ବର୍ଷ। ମାଆଙ୍କ ସହ ଅରୁନ୍ଧତୀଙ୍କର ପୂରା ଛାଡ଼ବାଡ଼ ହୋଇଯାଇଥାଏ। ଜୀବନରେ କେବେ ଆଉ ମା'ମୁହଁକୁ ଅନେଇବେ ନାହିଁ, ମନେମନେ ଏହି ସଂକଳ୍ପ ନେଇ ସାରିଥା'ନ୍ତି ସେ। ଲେଖିଛନ୍ତି ଅରୁନ୍ଧତୀ: "I left my mother not because I didn't love her, but inorder to be able to continue to love her." ମା' ସହ ମୋର ସମ୍ପର୍କକୁ ନେଇ କେବେ କେବେ ଭାବିଛି ଓ ଏଇ ସିଦ୍ଧାନ୍ତରେ ପହଞ୍ଚିଛି ଯେ, ଯେମିତି ମା'ଙ୍କ ସହ ବିତିଥିବା ମୋର ଦିନଗୁଡ଼ିକ ଥିଲା ଖଣ୍ଡାଧାରରେ ବାଟ ଚାଲିବା। ସେ ଏପରି ଏକ ସମ୍ପର୍କ, ଯେଉଁଠି ପ୍ରଶ୍ନ ପଚାରିବା ମନା, କେବଳ ଚୁପ୍‌ଚାପ୍ ଆଜ୍ଞାପାଳନ।

ବାସ୍ତବରେ ଖୁବ୍ ଅଜବ ଅରୁନ୍ଧତୀଙ୍କ ମାଆ! ଝିଅକୁ ଶିଖାନ୍ତି ଉଚ୍ଚ ଭାବନା, ଅଥଚ ଭାବି ବସିଲେ ମୁହଁ ଫୁଲାନ୍ତି। ସ୍ୱାଧୀନ ଚଳଣି ଶିଖାନ୍ତି, ଅଥଚ ସ୍ୱାଧୀନ ହେଇ ଉଠିଲେ ଗରଗର ହୁଅନ୍ତି। ଲେଖିବା ଶିଖାନ୍ତି, ଅଥଚ ଲେଖିବସିଲେ ଛାଟି ଦିଅନ୍ତି ମୁହଁ। ନିଜ ହାତଗଢ଼ା ପ୍ରୋଜେକ୍ଟ-ସ୍କୁଲ୍ ପ୍ରତି ଅତି ମମତା ନିଜ ପିଲାଙ୍କ ସହ ଶ୍ରୀମତୀ ରାୟଙ୍କ ସମ୍ପର୍କକୁ ତିକ୍ତ କରିଦିଏ। ଅରୁନ୍ଧତୀ ଲେଖନ୍ତି: "ମୋତେ ଲାଗେ ଯେ ମୁଁ ଯେମିତି ମୋ' ମାଆର ଝିଅ ନୁହେଁ, ଛାତ୍ରୀ।" ଢେର୍ ଦିନ ପରେ ମୋର ଜ୍ଞାନ ପଶିଲା ଯେ, ମୋ' ମାଆର ଆମେ ଦୁଇ ନୁହେଁ, ତିନୋଟି ସନ୍ତାନ। ମଝିଆଁ ମୁଁ। ମୋ' ଉପରେ ମୋ' ବଡ଼ ଭାଇ ଓ ମୋ' ତଳେ ଆଉ ଗୋଟିଏ ଭାଇ, ମୋ' ମାଆର ସ୍କୁଲ୍।

ବହିର ଶେଷ ଅଂଶରେ ଅରୁନ୍ଧତୀ ବର୍ଣ୍ଣନା କରୁଛନ୍ତି ମାଆଙ୍କ ବାର୍ଦ୍ଧକ୍ୟ ଓ ଅସୁସ୍ଥତାର କଥା। ଲୁହ ଛଳଛଳ ଆଖି। ଜଣେ ପ୍ରଚଣ୍ଡ ଶକ୍ତିଶାଳୀ ନାରୀ ସ୍ମୃତିଭ୍ରଂଶର ଶିକାର। ନିଜ ଦେହ ପାଖରେ ନିଜେ ନାଚାର। ସରିସରି ଆସୁଥାଏ ଜୀବନଦୀପରୁ ତେଲ। ମେରୀ ଝିଅ ପାଖକୁ ମନକଥା ଲେଖି ପଠାନ୍ତି: "ଏ ଦୁନିଆରେ ମୋର ଆଉ କିଏ ଅଛି ଯେ ଯାହାକୁ ମୁଁ ତୋ'ଠୁଁ ବଳି ଭଲପାଆନ୍ତି!" ଏଥିରୁ ଅବୁଝା ରହେନାହିଁ ଅରୁନ୍ଧତୀ କାହିଁକି କହନ୍ତି: "ମାଆ ମୋର ଯେତିକି ଝଡ଼, ସେତିକି ଆଶ୍ରୟ।" ଜର୍ମାନ୍ ଦାର୍ଶନିକ ଫ୍ରେଡ୍‌ରିକ୍ ନୀତ୍‌ସେ କହିଥିଲେ: "Live dangerously" ଓ ଫରାସୀ ଲେଖକ ଆଲ୍‌ବେୟାର୍ କାମ୍ୟୁ କହିଥିଲେ: "Create dangerously". ଅରୁନ୍ଧତୀ ଓ ତାଙ୍କ ମା' ମେରୀ ରାୟଙ୍କ ଜୀବନ ଏଇ ଦୁଇ କଥାର ଅସାମାନ୍ୟ ସମନ୍ୱୟ।

ମୋ: ୯୮୫୩୨୮୭୭୫୫

## ପୁସ୍ତକ ପରିଚୟ

### ମହାମନ୍ତ୍ର




**ଲେଖକ:** କ୍ଷୀରୋଦ ଦାସ
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୯/-

୧/୮ ଡିମେଇ ସାଇଜ୍‌ରେ ବହିର ପାଠ୍ୟାଂଶ ୧୧୪ ପୃଷ୍ଠା। କଳେବର ଦୃଷ୍ଟିରୁ ଉପନ୍ୟାସଟିକୁ ଛୋଟ ବା ବଡ଼ ଉପନ୍ୟାସ କହିହେବ ନାହିଁ। ଉପନ୍ୟାସଟି ଆକାର ଦୃଷ୍ଟିରୁ ପାଠକଙ୍କ ମନମାଫି। କ୍ଷୀରୋଦଙ୍କ ପ୍ରାୟ ଲେଖା ଯେପରି ଆକସ୍ମିକତାରୁ ଆରମ୍ଭ ହୁଏ, ଏ ଉପନ୍ୟାସ ମଧ୍ୟ ସେହିପରି ଆରମ୍ଭ ହୋଇଛି। ସୁନୟନା ଗୋଟିଏ ବାସି ଫୁଲତୋଡ଼ା ଝରକା ସେପଟକୁ ଫିଙ୍ଗି ଦେଉଛନ୍ତି, ଯାହାକୁ ତାଙ୍କ କବି-ସ୍ୱାମୀ ସତ୍ୟବ୍ରତ ଏକ ସଭାକୁ ଅତିଥିଭାବେ ଯାଇ ଆଣିଥିଲେ। ସ୍ୱାମୀ କବିତା ଲେଖନ୍ତୁ, ସଭା ସମିତି ଯା'ନ୍ତୁ- ଏହା ହୁଏତ ସୁନୟନାଙ୍କ ପସନ୍ଦ ନୁହେଁ। ସେ ତାଙ୍କ ପୁଅଝିଅଙ୍କୁ ବାପାଙ୍କର ଏ ସାହିତ୍ୟ-ଝୁଙ୍କ୍ ବିଷୟରେ ନକାରାତ୍ମକ ଧାରଣା ଦିଅନ୍ତି। ସବୁ ଗୃହସ୍ଥଙ୍କ ପରି ସତ୍ୟବ୍ରତ ଘର କରନ୍ତି, ସଂସାର ପାଳନ୍ତି। ଅବସରର ଦେଢ଼ବର୍ଷ ପରେ ସୁନୟନାଙ୍କ ପରଲୋକ ହୁଏ। ପିଲାମାନେ ଯେ ଯୁଆଡ଼େ ଚାଲିଯା'ନ୍ତି। ସତ୍ୟବ୍ରତଙ୍କ ଜୀବନରେ ଶୁକଦେବ ଆସନ୍ତି, ଯାହାଙ୍କୁ ଆତ୍ମହତ୍ୟା ମୁହୂର୍ତ୍ତରେ ସତ୍ୟବ୍ରତ କହନ୍ତି: 'ଯିବ ମୋ ସାଙ୍ଗରେ!' ସତ୍ୟବ୍ରତଙ୍କର ଏଇ କଥାପଦକ ଶୁକଦେବଙ୍କୁ ମନ୍ତ୍ରଧ୍ୱନି ପରି ଲାଗେ। ଅପୂର୍ବ ବୟନକଳାର ଉପଯୋଗ କରି ଉପନ୍ୟାସର ପ୍ରତିଟି ଚରିତ୍ରକୁ ଲେଖକ ଗଢ଼ିଛନ୍ତି। ପ୍ରତିଭା ଅନୁଷ୍ଠାନର ସ୍ୱତ୍ୱାଧିକାରୀ ବ୍ରଜକିଶୋର ହୁଅନ୍ତୁ କି ଡାକ୍ତର ଶିଶିରକାନ୍ତ ମହାପାତ୍ର ହୁଅନ୍ତୁ, ସବୁ ଚରିତ୍ର ଉପନ୍ୟାସରେ ସମାନ ନ୍ୟାୟ ପାଇଛନ୍ତି। ଜୀବନର ବିବିଧ ଅନୁଭୂତି, ଆଶା ଓ ଆଶା ଭଙ୍ଗର ରୂପକାର କ୍ଷୀରୋଦଙ୍କୁ ଜୀବନର ଗଭୀରତମ ବିଷାଦ ଦୃଶ୍ୟ ହୁଏ। ଦଶମୀ ତିଥିର ବୁଡ଼ିଯାଉଥିବା ଜହ୍ନ ତାଙ୍କୁ କାନ୍ଦୁରା ଦିଶେ ଓ ସେ କହନ୍ତି: "ସବୁ ବିଦାୟର ବେଳା ବୋଧହୁଏ ଦୁଃଖଦ" (ପୃ:୫୭)। 'ମୃତ୍ୟୁର ଉପତ୍ୟକା'ରେ 'ଜୀବନର ସଂଗୀତ' ଶୁଣାଏ "ମହାମନ୍ତ୍ର"।

### ଜଣେ ଅସ୍ପୃଶ୍ୟର ଦିନଲିପି




**କବି:** ଦେବେନ୍ଦ୍ରନାଥ କର
**ପ୍ରକାଶକ:** ବନଫୁଲ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୭୫/-

ଶ୍ରୀୟା ଚଣ୍ଡାଳୁଣୀଙ୍କ ଜୀବନକୁ ଆଧାର କରି ଆଲୋଚ୍ୟ 'କାବ୍ୟ' ବା 'ଖଣ୍ଡକାବ୍ୟ'ର ପରିକଳ୍ପନା। କାବ୍ୟରେ ମୋଟ ୬୫ଟି ଭାଗ। 'କୃତି ତର୍ପଣ' ଗଦ୍ୟଲେଖ (ଯାହା ପୁସ୍ତକର ଆଦ୍ୟରେ ସଂଯୋଜିତ)ରେ କବି ଲେଖିଛନ୍ତି- "ବଳରାମ ଦାସ 'ଲକ୍ଷ୍ମୀ ପୁରାଣ'ରେ ଶ୍ରୀୟା ବିଷୟରେ ତା'ର ପରିସ୍ଥିତି ସମ୍ବନ୍ଧରେ, ମା' ଲକ୍ଷ୍ମୀ ମନ୍ଦିରରୁ ବହିଷ୍କାର ହେବା ଶ୍ରୀୟା ଉପରେ ପକାଇଥିବା ପ୍ରଭାବ, ନୀଚ ଜାତିର ଲୋକଙ୍କୁ ମନ୍ଦିର ପ୍ରବେଶ ନିଷେଧ ଦ୍ୱାରା ହତୋତ୍ସାହିତ ମହିଳାଙ୍କ ସମ୍ବନ୍ଧରେ ବିଶେଷ କିଛି ଲେଖିନାହାନ୍ତି।" ସୁତରାଂ ଶ୍ରୀୟାର ମନସ୍ତତ୍ତ୍ୱକୁ ନେଇ ଆଲୋଚ୍ୟ କାବ୍ୟର ନିର୍ମାଣ କରିଛନ୍ତି କବି। ଲକ୍ଷ୍ମୀତଦ୍‌ଗତା ଶ୍ରୀୟାଙ୍କ ମନକଥା: "ସଂସାରର ସବୁ ଦୁଃଖ ମୋତେ ତ ଦେଇଛ/ ଆଉ ଯାହା ଆଗକୁ ଘଟିବ ତାକୁ ଏବେ/ ଦେଇଦିଅ, ସବୁ ସୁଖ ଯାହା ସମୟ ପେଡ଼ିରେ/ ମୋ' ପାଇଁ ରଖିଛ,/ ମୋ' ଅଜ୍ଞାତେ ଛଡ଼ାଇ ବି ନିଅ/ ଆଉ କିଛି ଚାହେଁ ନାହିଁ, ପ୍ରତିବଦଳରେ/ ସବୁବେଳେ ତୁମେ ମୋର/ ପାଖେ ପାଖେ ଥାଅ।" (ପୃ:୯୭)। ଲକ୍ଷ୍ମୀ ଶ୍ରୀମନ୍ଦିରକୁ ଫେରି ଆସିଛନ୍ତି। ଜାତି ନିର୍ବିଶେଷରେ ଏକା ପଙ୍ଗତରେ ବସି ଏଣିକି ମହାପ୍ରସାଦ ଖାଇବେ ଭକ୍ତ। ଶ୍ରୀୟା ମନରେ ସଂଶୟ: "ପରମ୍ପରା ବାହାନାରେ/ ଯେତେ ସବୁ ବେଢ଼ି ସତେ କ'ଣ ଖୋଲିଯିବ?" ସଂଶୟ ବି ସ୍ଥାୟୀ ହେଉନି। ଶ୍ରୀୟା ପୁଣି କହୁଚି: "ବହଳ ନିଦରେ ଯେବେ ଦୁନିଆ ଶୋଇବ/ କିଏ ତାକୁ ଉଠାଇବ ତୁମ ବିନା ଆଉ/ ଆସିଲାଣି ସେଇମିତି ଦିନ/ ସବୁ ବଦଳି ତ ଯିବ ସମୟ ସୁଅରେ/ ଦେଖିବାକୁ ଯାହା ମୁଁ ନଥିବି/ ତୁମେ ରହିଥିବ।" (ପୃ:୧୧୭)। 'ଲକ୍ଷ୍ମୀ ପୁରାଣ'ର ଅକୁହା କଥା "ଜଣେ ଅସ୍ପୃଶ୍ୟର ଦିନଲିପି"। ଆଶା, ବହିଟିର ଭିନ୍ନ ଦୃଷ୍ଟିକୋଣକୁ ପାଠକେ ମୂଲ୍ୟ ଦେବେ।

## କାଳକାଳକୁ



"ଅନ୍ଧାର ଅନ୍ଧାରକୁ ଦୂରେଇପାରେନା,
ଦୂରାଏ ଆଲୁଅ।
ଘୃଣା ଘୃଣାକୁ ହଟାଇପାରେନା,
ହଟାଏ ପ୍ରେମ।"

– ସାର୍ଲୋଟ୍ ବ୍ରୋଣ୍ଟି

**ସାର୍ଲୋଟ୍ ବ୍ରୋଣ୍ଟିଙ୍କ** ଜନ୍ମ ୨୧ ଏପ୍ରିଲ ୧୮୧୬ରେ ଓ ପରଲୋକ ୩୧ ମାର୍ଚ୍ଚ ୧୮୫୫ରେ, ଇଂଲଣ୍ଡରେ। ସେ ଏକାଧାରରେ କବିତା ଓ ଉପନ୍ୟାସ ଲେଖନ୍ତି। 'Jane Eyre'(୧୮୪୭) ବ୍ରୋଣ୍ଟିଙ୍କ ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ। 'କୁସେର୍ ବେଲ୍' ଛଦ୍ମନାମରେ ଏହା ପ୍ରଥମେ ପ୍ରକାଶ ପାଇଥିଲା। 'ଶିର୍ଲେ' (୧୮୪୯), 'ଭିଲେଟ୍ଟେ' (୧୮୫୩) ଓ 'ଦ ପ୍ରଫେସର' (୧୮୫୭) ତାଙ୍କର ଅନ୍ୟ ଚର୍ଚ୍ଚିତ ରଚନା। 'Jane Eyre'କୁ ଇଂଲିଶ୍ ସାହିତ୍ୟରେ ଧ୍ରୁପଦ ସୃଷ୍ଟି ଭାବେ ବିବେଚନା କରାଯାଏ। ବ୍ରୋଣ୍ଟି କହନ୍ତି: "ମୋତେ ରାତି ଭଲଲାଗେ, କାରଣ ରାତିରେ ହିଁ ତାରାମାନେ ଦେଖାଯା'ନ୍ତି।"



### ଏଇମିତି ବିତୁଥାଉ

ପ୍ରତିଭା ପରିଡ଼ା

ଆଲୁଅରେ ତୁ,
ଅନ୍ଧାରରେ ତୁ,
ମୋର ବିଶ୍ୱାସରେ ତୁ,
ମୋର ବଞ୍ଚନାରେ ତୁ-
ମୋର ବେସାହାରାପଣର ସାକ୍ଷୀ ତୁ,
ମୋର ମାହେନ୍ଦ୍ର ଲଗ୍ନର ପୂର୍ଣ୍ଣ କଳସ ତୁ-
ତୁ ବେଢ଼ିଯାଇଛୁ ମୋର ଅନନ୍ତ ସମୟକୁ...
ପୁଣି ମୋର ଟଳମଟଳ ନୀଳସ୍ୱପ୍ନର ମାଟିକୁ-

ଭଙ୍ଗା ଦେହଟେ ମୁଁ,
ଦଣ୍ଡେ ନିରେଖିବାକୁ ତୋତେ,
ପ୍ରାଣାନ୍ତକ ହୋଇପଡୁଛି...
ଆଉ ଲୁହ ରକ୍ତ ଝାଳରେ
ଫେଣ୍ଟି ହୋଇଯାଉଛି-
ଖରା ଗଡ଼ିଲାଣି...
ନଈ ମଝିରେ
ଆଖିଯାଏ ପାଣି ଚରିଲାଣି-
ପଦ୍ମ ଘୁଞ୍ଚିଯାଉଛି ଦୂରକୁ ଦୂରକୁ...
ତୁ' ଖସିଯାଉଛୁ ହାତପାହାନ୍ତାରୁ
ଆହୁରି ଦୂରକୁ,
ଅପହଞ୍ଚ ଲଗ୍ନକୁ-

କଣ୍ଟାରେ ଲହୁଲୁହାଣ ହେବାରେ
ସ୍ୱାଦ ଥାଏ ନା!
ରାସ୍ତା ମଝିରେ ଝୁଣ୍ଟିପଡ଼ିବାରେ
ମୋହ ଥାଏ ନା!

କେତେ ଜନ୍ମରେ ମାପ ହୁଏ ଜୀବନ?
କେତୋଟି ମୃତ୍ୟୁରେ ଗଢ଼ାହୁଏ ମରଣ?

ଏଇମିତି ବିତୁଥାଉ...
ଏଇମିତି ସବୁକାଳେ ଖୋଜା ଚାଲିଥାଉ...
ଏଇମିତି ତୋର ଟିକେ ଛୁଆଁ ପାଇଁ
ମୋର ଦେହ ମନ
ବାରବାର ବାଟ ହୁଡୁଥାଉ...।

ମୋ: ୮୯୧୭୬୦୩୪୪୨

### ଜୀବନର ପରିଭାଷା

ବ୍ରହ୍ମମୟୀ ମିଶ୍ର

ସେଇ ସାମାନ୍ୟ କଥନରୁ ଆରମ୍ଭ
ଜୀବନର ଜଟିଳ ଉପପାଦ୍ୟ
ଯାହାର ଶେଷ ସିଦ୍ଧାନ୍ତ ସେବେଠୁ ନିରୁଦ୍ଦିଷ୍ଟ।
ତଥାପି ଖୋଜିବାର କେଉଁ ଏକ ଅଦମ୍ୟ ପ୍ରଚେଷ୍ଟା
ଯାହା ତୋତେ ମୋତେ ଉନ୍ମୁକ୍ତ କରେ
ସେହି ନିଦ୍ରାବିହୀନ ରାତିର ଗାଢ଼ ଅନ୍ଧାରରେ
ସେହି ରଙ୍ଗବିହୀନ ସ୍ୱପ୍ନର ପ୍ରଜାପତି ଡେଣାରେ
ଅଶ୍ରୁଜ୍ୱାଳା ଯନ୍ତ୍ରଣାର ପରିବ୍ୟାପ୍ତିରେ
ଆଉ ଆକାଶେ ଅଭିମାନର ଆନ୍ତରିକ ଅଭିବ୍ୟକ୍ତିରେ।

ନା ଥାଏ କେବେ କିଛି ପାଇବାର ଆଶା
ନିରାଶା ବି କେବେ ପଥରୋଧ କରେ ନାହିଁ
ପଢ଼ିବାକୁ ଏକ ବ୍ୟର୍ଥ ମନର ପରିଭାଷା।
ପୃଥିବୀରେ ଯୁଦ୍ଧ ପରି ଅହରହ ଚାଲିଥାଏ
ଜୀବନର ବାଲୁକା ଶଯ୍ୟାରେ ଦୁଃଖର କ୍ଷେପଣାସ୍ତ୍ର ମାଡ଼
ଆଖିର ଆଳତିରେ ନିତି ଦିଶିଯାଏ ଚାରିଆଡ଼େ
ବିଚ୍ଛୁରିତ ସେଇ ପ୍ରେମ ଫଗୁଣର ମାଂସ ଆଉ ହାଡ଼
ନିଦାଘର ଦାଉରେ ଦାହ ହେଉହେଉ ବଞ୍ଚିଯାଏ ଦେହ
ତଣ୍ଟି ପାଟି ଅଠାଅଠା ତଥାପି ବି ମରେନାହିଁ
ବାଟରେ ପଡୁଥିବା ସେଇ ମନୋହାରୀ ଦୋକାନର ମୋହ।
ପାଣି ଟୋପେ ଖୋଜୁ ଖୋଜୁ ମିଳିଯାଏ ଜଳଭର୍ତ୍ତି କୂଅ
ମନ ଭରିଗଲା ପରେ ସବୁ ମୂଲ୍ୟହୀନ
ବିଧବା ନଈପଠାର ସେ ଧାରେ ମାତ୍ର ସୁଅ
ତେବେ ଚୁପ୍ ରୁହ ନାହିଁ ଥରେମାତ୍ର ମୁହଁ ଖୋଲି କୁହ!

ସହିବାକୁ ଏତେ ଶକ୍ତି କୋଉଠୁ ପାଇବି
ଯଦି ଯନ୍ତ୍ରଣା ଜୁଇରେ ନିତି ମୁଁ ଜଳିବି...
କେଉଁ ଶବ୍ଦକୋଷରୁ ଶବ୍ଦ ଖୋଜିବି
ଯଦି ନିତି ନୂଆ କବିତାର ପଂକ୍ତି ମୁଁ ଲେଖିବି।

– ଜଗତ୍‌ସିଂହପୁର
ମୋ: ୯୪୩୭୮୫୩୬୩୭

ଗୀତି-କବିତା

### ଜିଇଛି

ସୁଜିତ୍ କୁମାର ମିଶ୍ର

ବୟସ ବନକୁ ଫଗୁଣ ଛୁଉଁନି
ପଛକୁ ଫେରିବି କାହିଁ?
ସ୍ମୃତି ଲେଉଟାଇ ସମୟକୁ କ'ଣ
ପାରିବି କି ନ୍ୟାୟ ଦେଇ?

ଝରକା କବାଟ ବନ୍ଦ କୋଠରିରେ
ବନ୍ଦ ଏଠି ଜହ୍ନରାତି,
ଭାବନା ନଈରେ ଭାବ ଆଉ ନାହିଁ
ବଢ଼ି ବଇଶାଖ ତାତି।

ପୁରୁଣା ସହର ବଦଳିଯାଇଛି
ପ୍ଲାଷ୍ଟିକ ଫୁଲର ବାସେ,
ଦିନସବୁ ଏଠି ପାସୋରା ପ୍ରବଣ
ପାଶ୍ଚାତ୍ୟର ଉଗ୍ର ରସେ।

ହଜିଛି ବୋଲି ତ ହୃଦୟରୁ ମୋର
ସୁନା ହରିଣୀର ଗପ,
ଜିଇଛି ଛୁଇଁକି ନବଜାତକକୁ
ଆପଣେଇ ଅଭିଶାପ।

ମୋ: ୭୬୮୩୮୬୭୭୪୨

# ମାଆ

ଲଘୁଗଳ୍ପ
ସନ୍ତୋଷ ମିଶ୍ର

ସୁବୋଧ ପରିବା ଓ ସଉଦାପତ୍ର ଦେଇସାରିବା ପରେ ମାଆ କହିଲେ- ଚାଉଳ ପାଛୁଡ଼ା ହୋଇ ରହିଛି। ନବା ପାଇଁ ବ୍ୟାଗ୍ ଆଣିଚୁ ତ। ସୁବୋଧ କହିଲା- ହଁ, ଅରୁଆ, ଉଷୁନା ଅଲଗା ଅଲଗା ନେବା ପାଇଁ ଦୁଇଟା ବ୍ୟାଗ୍ ଆଣିଚି। ମାଆ ବ୍ୟାଗ୍‌ରେ ଚାଉଳ ଭର୍ତ୍ତି କରିସାରିବା ପରେ ସୁବୋଧ ପଚାରିଲା- ମା' ଚାଉଳ ଏମିତି ଭାଙ୍ଗିଯାଇଛି କାହିଁକି?

ମାଆ ହସିହସି କହିଲେ- ଆରେ, ସେଗୁଡ଼ା ଅରୁଆଚାଉଳ। ପିଠା କରିବା ପାଇଁ ଦେଇଛି। ଅଭଙ୍ଗା ଚାଉଳ ଉଷୁନା ଭାତ ରାନ୍ଧି ଖାଇବା ପାଇଁ। ଛାଡ଼, ତୁ ସେ କଥା ବୁଝିପାରିବୁ ନାହିଁ। ବୋହୂକୁ କହିବୁ। ସେ ବୁଝେଇଦେବ। ସୁବୋଧ କହିଲା- ତୁ କହିଲୁ ପରା! ମୁଁ କ'ଣ ବୁଝିପାରୁନି! ଗୋଟାଚାଉଳ ହେଲା ଉଷୁନା। ଆଉ ଭଙ୍ଗାଚାଉଳ ଅରୁଆ। ପିଠା ପାଇଁ।

ଥରେ ବଡ଼ଭାଇ ପୁଅର ବ୍ରତୋପନୟନ ଉପଲକ୍ଷେ ସପରିବାର ବାରିପଦା ଯାଇଥିଲା ସୁବୋଧ। ଲକ୍ଷ୍ୟକଲା ବ୍ରତଘର ବେଦି ଉପରେ ବସି ବ୍ରାହ୍ମଣ ଅରୁଆଚାଉଳ ବରାଦ କରନ୍ତେ ଭାଉଜ ଗୋଟାଚାଉଳ ଦେଉଛନ୍ତି। ବେଦି ପାଖରୁ ଭାଉଜ ଚାଲିଯିବା ପରେ ସୁବୋଧ ପଚାରିଲା- ଭାଉଜ! ତୁମେ ଅରୁଆଚାଉଳ ବଦଳରେ ବ୍ରାହ୍ମଣକୁ ଉଷୁନାଚାଉଳ ଦେଉଛ କାହିଁକି? ଭାଉଜ ହସିଲେ। କହିଲେ- ସେଗୁଡ଼ାକ ଅରୁଆଚାଉଳ। ମାଆ ଗାଁରୁ ପଠାଇଛନ୍ତି।

ଭାଉଜଙ୍କୁ ଅନାଇ ନିର୍ବୋଧଙ୍କ ଭଳି ହସୁଥିଲା ସୁବୋଧ।

(ଦୁଇ)

ବେଳେବେଳେ ମାଆ ଛାତିରେ ହାତ ପିଟି କହୁଥିଲେ- ମୋର ଦୁଇ ଆଖି ହେଲେ ଦୁଇ ପୁଅ। ଛେଳିବିକା ଟଙ୍କାଠୁଁ ଧାନବିକା ଟଙ୍କା, ସବୁ ଦୁଇଭାଗ ହେବ। ହେଲେ ମାଡ଼କୁ ମହାଦେବଙ୍କ ଡର। କିଛିଦିନ ପରେ ମାଆ, ବଡ଼ଭଉଣୀ, ବଡ଼ପୁଅ ଗାଁକୁ ଆସି ମାଆଙ୍କ ନାଁରେ ଗ୍ରାମ୍ୟ ବ୍ୟାଙ୍କ୍‌ରେ ଗଚ୍ଛିତ ଥିବା ସମସ୍ତ ଟଙ୍କା କାଢ଼ିନେଇ ଚାଲିଗଲେ।

ପୁଅ କହିଲା- ମାଆର ଚିକିତ୍ସା ବାବଦକୁ ଖର୍ଚ୍ଚ ମିଳିଗଲା।

ମାଆ କହିଲେ- ଜମିବାଡ଼ି ବିକି, ଘର ବନ୍ଧାପକେଇ ପୁଅକୁ ଡାକ୍ତରକଲି। ଭଲ ଫଳ ମିଳିଲା। ଆଉ ଗୋଟେ ପୁଅ ପ୍ରତି ଯୋଉ ଅନ୍ୟାୟ, ଅବିଚାର କଲି; ତା'ର ଫଳ ଭୋଗିବାକୁ ପଡ଼ିବ। ତା'ପରେ ଈଶ୍ୱରଙ୍କୁ ପ୍ରଣିପାତ କରି କହିଲେ- ପ୍ରଭୁ! ମୋତେ କ୍ଷମା କର!

(ତିନି)

ମାଆଙ୍କ ଅସୁସ୍ଥତା ଖବର ପାଇ ଡାକ୍ତରଖାନାରେ ପହଞ୍ଚିଲା ସୁବୋଧ। ଦେଖିଲା ଆଖିବୁଜି ନିଶ୍ଚଳ ହୋଇ ଶୋଇ ରହିଛନ୍ତି ମାଆ। ପୁଅ, ବୋହୂ ଆଉ ବଡ଼ଝିଅ ଟିକିଏ ଦୂରରେ ବସିଥିଲେ। ମାଆ ପାଖରେ ବସି ସୁବ୍ରତ ଡାକିଲା- ମାଆ! ଯେମିତି ଅପେକ୍ଷା କରି ରହିଥିଲେ ମାଆ। ସାମାନ୍ୟ ଆଖି ଖୋଲି ଚାହିଁଲେ। ସୁବ୍ରତ କହିଲା- ମାଆ, ଭଲ ଲାଗୁଚି ତ! ମାଆ କିଛି କହିଲେନି। ସୁବ୍ରତ ଲକ୍ଷ୍ୟ କଲା ମାଆ ଗାଲରେ ରକ୍ତାକ୍ତ ନଖଚିହ୍ନ। ଆଶ୍ଚର୍ଯ୍ୟ ହୋଇ ପଚାରିଲା- ଆରେ, ମାଆ ଗାଲରେ ରକ୍ତ କେମିତି ଲାଗିଲା। ସମସ୍ତେ ନିରୁତ୍ତର। ତା'ପରେ ଦେଖିଲା ମାଆ ପିନ୍ଧିଥିବା ସୁନା ଗହଣା- ହାର, କାନଫୁଲ, ଚୁଡ଼ି ଇତ୍ୟାଦି କିଛି ହେଲେ ନାହିଁ। କେବଳ ହାତରେ ଦୁଇଟି ମୁଦି। ପଚାରିଲା- ମାଆର ଗହଣା କୁଆଡ଼େଗଲା। ସମସ୍ତେ ମୂକ, ନିର୍ବାକ୍। ସୁବ୍ରତ ମାଆ ମୁହଁକୁ ଚାହିଁଲା। ମାଆର ଆଖି ଦୁଇଟି ବନ୍ଦ ହୋଇଯାଇଛି। ଆଖିକୋଣ ଦେଇ ବହିଆସୁଚି ଧାରଧାର ଲୁହ। ସୁବ୍ରତ ପୁଣି ଡାକିଲା- ମାଆ, ମାଆ... କ'ଣ ହେଲା ଆଖି ଖୋଲୁନି କାହିଁକି।

କିଛି ଦୂରରେ ବସିଥିବା ଡାକ୍ତର ପୁଅ ଦୌଡ଼ି ଆସି ମାଆକୁ ପରୀକ୍ଷା କରି କହିଲା- ମାଆ ଆଉ ନାହିଁ।

ସୁବ୍ରତ କହିଲା- ମାଆ ତ ଏଇ କିଛି ସମୟ ଆଗରୁ ଚାହିଁଥିଲା। ନାହିଁ ପୁଣି କ'ଣ!

ଡାକ୍ତର ପୁଅ ଗମ୍ଭୀର ହୋଇ କହିଲା- ତା' ଦେହ ସିନା ଏଠି। ହେଲେ ଆତ୍ମା ଆରପାରିରେ।



ବଡ଼ବୋହୂ ବ୍ୟସ୍ତ ହୋଇ ଉଠିଆସିଲା। ମାଆ ଡାହାଣ ହାତ ଆଙ୍ଗୁଠିରୁ ସୁନାମୁଦି କାଢ଼ି ନେଇ କହିଲା- ମାଆଙ୍କର ବହୁତ ସେବା କରିଥିଲି ତ। କହିଥିଲେ- ମଲା ପରେ ମୋ' ମୁଦିଟା ତୁ ନେବୁ। ସୁବ୍ରତ ମନେମନେ ଭାବୁଥିଲା- ତମେ ତ ସେବା କରିବା କଥା ଆମେ ଦେଖିନୁ, ଜାଣିନୁ କିମ୍ବା ଶୁଣିନୁ। ତା'ଛଡ଼ା ସେବା ପାଇଁ ସାମାନ୍ୟ ମୁଦି କ'ଣ ତମେ ତ ନୋବେଲ ପ୍ରାଇଜ୍ ପାଇବା କଥା। ତା'ପରେ ବଡ଼ଝିଅ ମାଆ ହାତରୁ ଆଉ ଗୋଟିଏ ମୁଦି କାଢ଼ିନେଇ କହିଲା- ଏଇଟା ମୋ' ମାଆର ସନ୍ତକ। ସ୍ମୃତି ଚିହ୍ନ!

ସୁବ୍ରତ ଚିତ୍କାର କରିବାକୁ ଯାଉଥିଲା- ଆରେ ଲୋକଟା ଠିକ୍‌ରେ ମରିନାହିଁରେ। ଟିକେ ଅପେକ୍ଷା କର। ଭଲଭାବେ ମରିସାରୁ। ତା'ପରେ ନବ। ତା'ର ସବୁ ଟଙ୍କା, ସୁନା ଗହଣା ତ ହଡ଼ପ କରିସାରିଚ। ଆଉ ଯାହା ଅବଶେଷ... ତମେ ନବନି ତ ଆଉ ନବ କିଏ? ଯେତେ ଚେଷ୍ଟା କଲେ ବି ଆଉ କ'ଣ କେହି ନେଇପାରିବ! ତମେ ପରା ମଲାବେଳେ ସବୁ ସାଙ୍ଗରେ ନେଇକି ଯିବ! ହେଲେ ସୁବୋଧ ପାଟିରୁ ପଦଟିଏ ବି କଥା ବାହାରିଲାନି। ସବୁ ପେଟ ଭିତରେ ମିଳେଇ ଗଲା!

– ଉଦଳା, ମୟୂରଭଞ୍ଜ
ମୋ: ୯୪୩୯୨୯୫୦୦୯

# ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୮/୨୦୨୬ Bhubaneswar, Saturday, April 18/ 2026







## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ଦିଲ୍ଲୀ**
ସ୍ଥାନ: ବେଙ୍ଗାଲୁରୁ
ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ ବନାମ ଚେନ୍ନାଇ**
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଆରମ୍ଭ

**ଭୁବନେଶ୍ୱର, ୧୭।୪ (ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍ ଶୁକ୍ରବାର ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଆରମ୍ଭ ହୋଇଛି। ଆସୋସିଏଶନ ସମ୍ପାଦକ ସମୀର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ୬ ପକେଟ୍ସ କ୍ଲବ ମାଲିକ ଚେତନ ଆନନ୍ଦ ଏବଂ ଖେଳାଳିଙ୍କ ଉପସ୍ଥିତିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୩୬ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଟ୍ରଫି ସହ ଚାମ୍ପିୟନଙ୍କୁ ୧୫୦୦୦, ରନରଅପ୍‌ଙ୍କୁ ୭୫୦୦, ସେମିଫାଇନାଲିଷ୍ଟଙ୍କୁ ୫୦୦୦ ଓ ସର୍ବାଧିକ ବ୍ରେକ୍ ପଏଣ୍ଟ ପାଇଁ ୨୫୦୦ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚଗୁଡ଼ିକ ମଧ୍ୟରେ ରାକେଶ ରୋଶନ ପ୍ରଧାନ ୨-୦ରେ ନସରୁର ରହିମ, ଶିବପ୍ରସାଦ ସେଠୀ ୨-୦ରେ ସୁଦୀପ୍ତ ଦାଶ, ଜ୍ଞାନ ଦାସ ୨-୦ରେ ଆଦିତ୍ୟ ନାରାୟଣ, ନିଶାନ୍ତ ବିଶ୍ୱାଳ ୨-୦ରେ ଶୁଭାଶିଷ ସେଠୀ, ଚେତନ ଆନନ୍ଦ ୨-୦ରେ ନିଶି ପ୍ରକାଶ ଦାସ, ସମୀର ମିଶ୍ର ୨-୦ରେ ଚିରଞ୍ଜୀବ ସିଂ, ଆରୋନ ଆନିୟାନ ୨-୦ରେ ଅମିତ ସିଂ, ଗୋବିନ୍ଦ ଶର୍ମା ୨-୧ରେ ସାଇ କ୍ରିଷ୍ଣା ଲେଙ୍କା, ଶ୍ୟାମ ଅଗ୍ରୱାଲ ୨-୦ରେ ସୟଦ ଅଲତାଫ ଅଲୀ, ଜୀତେଶ ଷଡ଼ଙ୍ଗୀ ୨-୦ରେ ଅବିନାଶ ମହାପାତ୍ର ଏବଂ ବିଶେଷ ସିଂହଲ ୨-୦ରେ ଉଦୀପ୍ତ ରଥଙ୍କୁ ପରାସ୍ତ କରିଛନ୍ତି।

# ଓଡ଼ିଶା ଏଫ୍‌ସି-ମହମ୍ମଡ଼ାନ ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୭।୪ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଏବଂ ମହମ୍ମଡ଼ାନ ଏସ୍‌ସି ମଧ୍ୟରେ ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ଏକ ମ୍ୟାଚ ୧-୧ ଗୋଲ୍‌ରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମାର୍ଦ୍ଧ ଖେଳରେ ବଲ୍‌କୁ ଅଧିକାଂଶ ସମୟ ନିଜ ଅକ୍ତିଆରରେ ରଖିଥିବା ଓଡ଼ିଶା ଦଳ ଭି.ପି. ସୁହେର (୪୦ତମ ମିନିଟ)ଙ୍କ ଗୋଲ୍ ବଳରେ ୧-୦ରେ

**ଇଣ୍ଡିଆନ ସୁପର ଲିଗ୍**

ଅଗ୍ରଣୀ ଲାଭ କରିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ମହମ୍ମଡ଼ାନ ଏସ୍‌ସି ମ୍ୟାଚକୁ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ୫୭ତମ ମିନିଟରେ ଆଡିସନ ସିଂଙ୍କ ଗୋଲ୍‌ରେ ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚରେ ଓଡ଼ିଶା ଦଳକୁ ୮ ଏବଂ ମହମ୍ମଡ଼ାନ ଏସ୍‌ସିକୁ ୨ କର୍ନର ସୁଯୋଗ ମିଳିଥିଲା। ଶୁକ୍ରବାରର ଏହି ମ୍ୟାଚ ପରେ ଓଡ଼ିଶା ୭ଟି ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ମହମ୍ମଡ଼ାନ ଏସ୍‌ସି ୮ଟି ମ୍ୟାଚରୁ ମାତ୍ର ୧ ପଏଣ୍ଟ ସହ ପଏଣ୍ଟ ଟେବୁଲ ଅନ୍ତିମ ଅର୍ଥାତ ୧୪ତମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚେନ୍ନାଇଠାରେ ଖେଳାଯାଇଥିବା ଆଇଏସ୍ଏଲ୍‌ର ଅନ୍ୟ ଏକ ମ୍ୟାଚରେ ଚେନ୍ନାଇନ ଏଫ୍‌ସି ୧-୦ ଗୋଲ୍‌ରେ ଏସ୍‌ସି ଦିଲ୍ଲୀକୁ ହରାଇ ଦେଇଛି। ଦଳ ତରଫରୁ ଫାରୁଖ ଚୌଧରୀ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଚେନ୍ନାଇନ ଦଳ ୮ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଥିବା ବେଳେ ଦିଲ୍ଲୀ ସମାନ ୮ ପଏଣ୍ଟ ସହ ଗୋଲ୍ ବ୍ୟବଧାନ ଭିତ୍ତିରେ ୯ମ ସ୍ଥାନରେ ଅଛି।



ଗୋଲ ସ୍କୋର ପରେ ଭି.ପି. ସୁହେର। (ଫଟୋ: ବିକାଶ ନାୟକ)

# ଗୁଜରାଟକୁ ଜିତାଇଲେ ଗିଲ୍

**ଅହମଦାବାଦ, ୧୭।୪**

ଅଧିନାୟକ ଶୁବମନ ଗିଲ୍ ଚମତ୍କାର ବ୍ୟାଟିଂ କରି ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟାନ୍ସକୁ ବିଜୟୀ କରିଛନ୍ତି। ଗିଲ୍‌ଙ୍କ ୮୬ (୫୦ ବଲ, ୮ ଚୌକା, ୪ ଛକା) ରନ ବଳରେ ଗୁଜରାଟ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ପରାସ୍ତ କରିଛି। କାମେରନ ଗ୍ରୀନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ କୋଲକାତା ୨୦ ଓଭରରେ ୧୮୦ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଗୁଜରାଟ ୧୯.୪ ଓଭରରେ ୫ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରି ନେଇଥିଲା। ୫ ମ୍ୟାଚରୁ ଗୁଜରାଟର ଏହା ତୃତୀୟ ବିଜୟ ହୋଇଥିବାବେଳେ ୬ ମ୍ୟାଚରୁ କୋଲକାତାର ୫ମ ପରାଜୟ। ଟସ୍ ଜିତି ବ୍ୟାଟିଂ ନେଇଥିବା କୋଲକାତା ମାତ୍ର ୩୨ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। କାଗିସୋ ରାବାଡ଼ା ଓ ମହମ୍ମଦ ସିରାଜ ଆରମ୍ଭରେ ଚମତ୍କାର ବୋଲିଂ କରି ଏହି ବିପର୍ଯ୍ୟୟ ଘଟାଇଥିଲେ। ମଧ୍ୟଭାଗରେ ବ୍ୟାଟରମାନେ ଭଲ ବ୍ୟାଟିଂ କରିଥିଲେ। ତେବେ ଗୋଟିଏ ପଟରେ କାମେରନ ଗ୍ରୀନ୍ ଲଢ଼େଇ ଜାରି ରଖିଥିଲେ ମଧ୍ୟ ଅନ୍ୟ ପଟରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ନାଇଟ ରାଇଡର୍ସ ସ୍କୋର ୧୮୦ରେ ସୀମିତ ରହି ଯାଇଥିଲା। ଥରେ ଜୀବନଦାନ ପାଇଥିବା ଗ୍ରୀନ୍ ୫୫ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୪ ଛକା ସହାୟତାରେ ୭୯ ରନକରି ଶେଷ ବଲ୍‌ରେ ଆଉଟ ହୋଇଥିଲେ। କୋଲକାତାର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ରୋଭମାନ ପାୱେଲ ୨୭ ରନର ଯୋଗଦାନ ଦେଇଥିଲେ। ଗୁଜରାଟ ଦଳ ପକ୍ଷରୁ କାଗିସୋ ରାବାଡ଼ା ସର୍ବାଧିକ ୩ଟି, ମହମ୍ମଦ ସିରାଜ ଓ ଅଶୋକ ଶର୍ମା ୨ଟି ଲେଖାଏ ଏବଂ ପ୍ରସିଦ୍ଧ କ୍ରିଷ୍ଣା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୮୦/ଅଲ୍‌ଆଉଟ (କାମେରନ ଗ୍ରୀନ୍-୭୯, ରୋଭମାନ ପାୱେଲ-୨୭, କାଗିସୋ ରାବାଡ଼ା-୩/୨୯, ମହମ୍ମଦ ସିରାଜ-୨/୨୩, ଅଶୋକ ଶର୍ମା-୨/୪୫, ପ୍ରସିଦ୍ଧ କ୍ରିଷ୍ଣା-୧/୩୨, ରଶିଦ ଖାଁ-୧/୪୪)। ଗୁଜରାଟ ଟାଇଟାନ୍ସ ୧୯.୪ ଓଭରରେ ୧୮୧/୫ (ଶୁବମନ ଗିଲ୍-୮୬, ଜୋଶ ବଟଲର-୨୫, ବରୁଣ ଚକ୍ରବର୍ତ୍ତୀ-୨/୩୪, ସୁନୀଲ ନାରିନ-୧/୨୮, ବୈଭବ ଆରୋରା-୧/୩୫, ରମଣଦୀପ ସିଂ-୧/୫)।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

# ତଦନ୍ତ କରୁଛି ଆଇସିସିର ଦୁର୍ନୀତି ନିବାରଣ ଶାଖା

**ନୂଆଦିଲ୍ଲୀ, ୧୭।୪ (ପି.ଟି.)**

କ୍ରିକେଟ କାନାଡା ଦୁର୍ନୀତି ନିବାରଣ ଆଚରଣ ସଂହିତାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଦୁର୍ନୀତି ନିବାରଣ ଶାଖା (ଏସିୟୁ) ତରଫରୁ ଏହାର ତଦନ୍ତ କରାଯାଉଛି। ଫେବୃଆରୀ ୧୭ରେ ଚେନ୍ନାଇରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ମ୍ୟାଚରେ ଏହି ଦଳର ପରାଜୟକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଚେପକ୍‌ରେ ଅନୁଷ୍ଠିତ ଏହି ମ୍ୟାଚରେ କାନାଡା ୮ ଉଇକେଟରେ ପରାଜିତ ହୋଇଥିଲା। ସଦ୍ୟ ପ୍ରସାରିତ ଏକ ଡକ୍ୟୁମେଣ୍ଟାରିରେ

**ନ୍ୟୁଜିଲାଣ୍ଡ-କାନାଡା ଟି୨୦ ବିଶ୍ୱକପ୍ ମ୍ୟାଚ**

ଦୁର୍ନୀତି ଅଭିଯୋଗ ଆସିବା ପରେ ଆଇସିସିର ଦୁର୍ନୀତି ନିବାରଣ ଶାଖା ଦ୍ୱାରା ଯାଞ୍ଚ ପରିସରକୁ ଆସିଛି। ମ୍ୟାଚରେ କାନାଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫.୧ ଓଭରରେ ୭ ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଗ୍ଲେନ ଫିଲିପ୍ସ (୩୯ ବଲ୍‌ରୁ ୫୯ ନଟଆଉଟ) ଓ ରାଚିନ ରବୀନ୍ଦ୍ର ୩୬ ବଲ୍‌ରୁ ଅପରାଜିତ ୭୬ ରନ) ଚମତ୍କାର ବ୍ୟାଟିଂ କରି ସୁପର-୮ରେ ନ୍ୟୁଜିଲାଣ୍ଡର ସ୍ଥାନ ପକ୍କା କରିଥିଲେ। କ୍ରିକେଟ କାନାଡା ବିପକ୍ଷରେ ବିରୋଧରେ ଆଗତ ଏକାଧିକ ଦୁର୍ନୀତି ଅଭିଯୋଗର ତଦନ୍ତ ଚାଲିଛି। କେବଳ ଅନ୍ତର୍ଜାତୀୟ ସ୍ତରରେ ନୁହେଁ ଘରୋଇ ସ୍ତର କ୍ରିକେଟରେ ମଧ୍ୟ ଦୁର୍ନୀତି ଚାଲିଛି। ଗତ ଶୁକ୍ରବାର କାନାଡିଆନ ବ୍ରଡକାଷ୍ଟିଂ ସର୍ଭିସ (ସିବିଏସ୍)ରେ ' ଦି ଫିଫ୍ଥ ଇଷ୍ଟେଟ' ଶୀର୍ଷକ ଏକ ୪୩ ମିନିଟର ଡକ୍ୟୁମେଣ୍ଟାରି ପ୍ରଦର୍ଶିତ ହୋଇଥିଲା। ଏଥିରେ କ୍ରିକେଟ କାନାଡା କିପରି ଦୁର୍ନୀତିରେ ବୁଡ଼ି ରହିଛି ସେ ବିଷୟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହକୁ ଭିତ୍ତିକରି ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍‌ମ୍ୟାଚ୍‌ରଯାଞ୍ଚକରାଯାଉଛି।

# ରେକର୍ଡ ଲକ୍ଷ୍ୟରେ ୭ ବର୍ଷୀୟ ଇଶାଙ୍କ

**ରାଞ୍ଚି, ୧୭।୪**

ରାଞ୍ଚିର ୭ ବର୍ଷୀୟ ବାଳକ ଇଶାଙ୍କ ଶ୍ରୀଲଙ୍କାରୁ ଭାରତ ପର୍ଯ୍ୟନ୍ତ ପହଁରି ବିଶ୍ୱ ରେକର୍ଡ ସ୍ଥାପନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ୩୦ କିଲୋମିଟର ସମୁଦ୍ର ଯାତ୍ରା କରିବା ପାଇଁ ସେ ପ୍ରତିଦିନ କଠିନ ପରିଶ୍ରମ କରି ଅଭ୍ୟାସ କରୁଛନ୍ତି। ରାମେଶ୍ୱରମ୍‌ରୁ ଆରମ୍ଭ ହେଉଥିବା ଏହି ମିଶନ ମାଧ୍ୟମରେ

**ଶ୍ରୀଲଙ୍କାରୁ ପହଁରି ଭାରତ ଫେରିବେ**

ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲିପିବଦ୍ଧ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୭ ବର୍ଷ ବୟସରେ ସମୁଦ୍ର ତରଙ୍ଗକୁ ଜୟ କରିବାର ସ୍ୱପ୍ନ ସାଧାରଣତଃ ଦୁରୂହ ବ୍ୟାପାର। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଦ୍ୱାରା ଇଶାଙ୍କ ଶ୍ରୀଲଙ୍କାର ତଲାଇମନ୍ନାରରୁ ଭାରତକୁ ପହଁରିବା ପାଇଁ ଏକ ମିଶନ ଆରମ୍ଭ କରିଛନ୍ତି। ତାଙ୍କର ଲକ୍ଷ୍ୟ କେବଳ ଏହି କଷ୍ଟକର ସମୁଦ୍ର ପଥକୁ ଜୟ କରିବା ନୁହେଁ ବରଂ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ପାଇଁ ସ୍ଥାନ ସୁରକ୍ଷିତ କରିବା। ସେ ସମ୍ପ୍ରତି ଡିଏଭି ଶ୍ୟାମଳୀରେ ତୃତୀୟ ଶ୍ରେଣୀର ଛାତ୍ର। ଲକ୍ଷ୍ୟ ହାସଲ ପାଇଁ କଠୋର ତାଲିମ ନେଉଥିବା ଇଶାଙ୍କ ପାଣିରେ ଘଣ୍ଟା ଘଣ୍ଟା ଅଭ୍ୟାସ କରୁଛନ୍ତି। ତାଙ୍କର ଦୁଃସାହସିକ ଯାତ୍ରା ଏପ୍ରିଲ ୨୯ରେ ରାମେଶ୍ୱରମ୍‌ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ଅଛି। ଏଥିପାଇଁ ସେ ଏପ୍ରିଲ ୨୨ରେ ରାମେଶ୍ୱରମ୍ ଯିବେ। ଏପ୍ରିଲ ୩୦ରେ ତାଙ୍କ ପରିବାର ଏବଂ ସୁଇମିଂ ଟିମ୍ ରାମେଶ୍ୱରମ୍‌ରୁ ଶ୍ରୀଲଙ୍କାର ତଲାଇମନ୍ନାର ଅଭିମୁଖେ ଜାହାଜରେ ଯାତ୍ରା କରିବେ। ସେହି ୩୦ ତାରିଖରେ ଆନୁଷ୍ଠାନିକ ଭାବରେ ତଲାଇମନ୍ନାରରୁ ଅଭିଯାନ ଆରମ୍ଭ କରିବେ ଇଶାଙ୍କ। ୨୭ କିଲୋମିଟର ଦୂରତା ଅତିକ୍ରମ କରି, ଇଶାଙ୍କ ସମୁଦ୍ର ପାର ହୋଇ ଭାରତର ଧନୁଷକୋଡିରେ ପହଞ୍ଚିବେ। ବଡ଼ ଲକ୍ଷ୍ୟ ହାସଲ ପାଇଁ ଇଶାଙ୍କ ସମ୍ପ୍ରତି ଧୁରୱା ଡ୍ୟାମ୍‌ରେ ୪ରୁ ୫ ଘଣ୍ଟା ଅଭ୍ୟାସ କରୁଛନ୍ତି। ଏହି ଅବସରରେ ସେ ପ୍ରତିଦିନ ୧୫ ରୁ ୨୦ କିଲୋମିଟର ଦୂରତା ପହଁରୁଥିବା ତାଙ୍କ ମା' ମନୀଷା ପ୍ରକାଶ କରିଛନ୍ତି। ଇଶାଙ୍କଙ୍କ ପ୍ରଶିକ୍ଷକ ଅମନ କୁମାର ଜୟସୱାଲ ଓ ବଜରଙ୍ଗ କୁମାର ତାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ବାପା ସୁନୀଲ କୁମାରଙ୍କ ମାର୍ଗ ଦର୍ଶନରେ ଇଶାଙ୍କ ଅଢ଼େଇ ବର୍ଷରୁ ପହଁରି ଆସୁଥିବା ମନୀଷା କହିଛନ୍ତି। ଇଶାଙ୍କ ପୂର୍ବରୁ ଅନେକ ଜାତୀୟ ସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରମାଣିତ କରିସାରିଛନ୍ତି। ଫେବୃଆରୀ ୨୨ରେ 'ଗେଟୱେ ଅଫ୍ ଇଣ୍ଡିଆ' ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେଠାରେ ସେ ଆରବ ସାଗରରେ ଅନୁଷ୍ଠିତ ୧ କିଲୋମିଟର ସନ୍ତରଣ ରେସ୍‌ରେ ଭାଗ ନେଇଥିଲେ। ଏହା ବ୍ୟତୀତ ଜିଲା ସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ କ୍ରମାଗତଭାବେ ଉତ୍କୃଷ୍ଟ ପ୍ରଦର୍ଶନ କରି ଆସୁଛନ୍ତି।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ Business queries: <advt@dharitri.com>